# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 www.odishabhaskar.com


Published Simultaneously from Bhubaneswar, Angul & Berhampur.

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୩୦ | Vol. 22 No-30 | 30 APRIL 2025 WEDNESDAY BHUBANESWAR

ବୁଧବାର, ୩୦ ଏପ୍ରିଲ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ଉଚ୍ଚସ୍ତରୀୟ ବୈଠକରେ ମୋଦୀଙ୍କ ସଂକେତ

# ସେନାକୁ ପୂର୍ଣ୍ଣ କ୍ଷମତା



- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ
- ଆତଙ୍କବାଦୀଙ୍କୁ ଜବାବ ଦେବା ଦୃଢ ସଂକଳ୍ପ
- ସେନା ଉପରେ ଭରସା ରଖିଛି: ମୋଦୀ
- ୩ ସେନା ମିଳିତ ଭାବେ ନେବେ ନିଷ୍ପତ୍ତି
- ମୋଦୀଙ୍କୁ ଭେଟିଲେ ମୋହନ ଭଗବତ, ଶାହ

ନୂଆଦିଲ୍ଲୀ,୨୯।୪: ଜାମ୍ମୁକାଶ୍ମୀର ପହଲଗାମରେ ଆତଙ୍କୀ ଆକ୍ରମଣ ପରେ ଭାରତ ସରକାର ପାକିସ୍ତାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ତତ୍ପର ହୋଇ ଉଠିଛନ୍ତି। ଘନ ଘନ ଜରୁରି ବୈଠକ ବସି ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯାଉଛି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ତାଙ୍କ ସରକାରୀ ବାସଭବନ ୭ ଲୋକକଲ୍ୟାଣ ମାର୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ଦେଢଘଣ୍ଟା ଧରି ଏହି ବୈଠକ ଚାଲିଥିଲା। ବୈଠକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଓ ସିଡିଏସ୍ ଜେନେରାଲ ଅନୀଲ ଚୌହାନଙ୍କ ସମେତ ୩ ସେନାର ପ୍ରମୁଖ ଉପସ୍ଥିତ ରହିଥିଲେ। ବୈଠକରେ ୩ ସେନାଙ୍କୁ ପୂର୍ଣ୍ଣ କ୍ଷମତା ହସ୍ତାନ୍ତର କରାଯାଇଛି। ଆତଙ୍କବାଦୀଙ୍କ ବିରୁଦ୍ଧରେ ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୋଦୀ ଗ୍ରୀନ୍ ସିଗନାଲ ଦେଇଛନ୍ତି। ମୋଦୀ କହିଛନ୍ତି ଯେ ୩ ସେନା ମିଳିତ ଭାବେ ବସି ଆକ୍ରମଣର ଶୈଳୀ, ଲକ୍ଷ୍ୟ ଓ ସମୟ ନିର୍ଦ୍ଧାରଣ କରିବେ। ମୋଦୀ ଆହୁରି କହିଛନ୍ତି ଯେ ସେନା ଉପରେ ମୋର ସଂପୂର୍ଣ୍ଣ ଭରସା ରହିଛି। ଏଥିପୂର୍ବରୁ ଗୃହ ମନ୍ତ୍ରଣାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବୈଠକରେ କେନ୍ଦ୍ର ଗୃହସଚିବ ଗୋବିନ୍ଦ ମୋହନ, ବିଏସ୍ଏଫ, ଆସାମ ରାଇଫଲ୍ସ, ସିଆରପିଏଫ, ସିଆଇଏସ୍ଏଫ ଏବଂ ଏନଏସଜିର ଡିଜିଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଜାମ୍ମୁକାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣରେ ୨୬ ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ପରେ • ପୃଷ୍ଠା ୫ ଦେଖନ୍ତୁ





ପବିତ୍ର ଅକ୍ଷୟ ତୃତୀୟା
ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

 କୃଷିଭିତ୍ତିକ ପର୍ବ ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀଙ୍କୁ, ବିଶେଷ କରି ଆମର ଚାଷୀ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି। ଚାଷୀ ଭାଇଙ୍କ ଅକ୍ଷି ମୁଠି ଅନୁକୂଳ ଶୁଭଙ୍କର ହେଉ। ଚଳିତ ବର୍ଷ ଚାଷୀ ଭାଇଭଉଣୀମାନଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS- OIPR 15001/13/0611/2526





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ପବିତ୍ର ଅକ୍ଷୟ ତୃତୀୟା ଅବସରରେ





ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଖରିଫ୍ ୨୦୨୫-୨୬

ସି ଏମ୍ କିଷାନ ସହାୟତା

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ
ସହାୟତା ରାଶି ହସ୍ତାନ୍ତର

୫୦ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାର ଉପକୃତ

୧୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ହସ୍ତାନ୍ତର



୩୦ ଏପ୍ରିଲ ୨୦୨୫ । ଶୈକ୍ଷିକ କୃଷି ଫାର୍ମ ଓୟୁଏଟି, ବରମୁଣ୍ଡା, ଭୁବନେଶ୍ୱର



କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

DSPL - 47

OIPR 01102/13/0022/2526




ଛତ୍ରପୁର(ଭାସ୍କର ନ୍ୟୁଜ୍):ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଛତ୍ରପୁର ବ୍ଲକର ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଛି। ପରେ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ଦିଆଯାଇଥିଲା ପ୍ରାରମ୍ଭରେ ଲକ୍ଷ୍ମଣ ଭବନ ଠାରୁ ଏକ ରାଲି ବାହାରି ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଦାବୀଗୁଡିକ ମଧ୍ୟରେ ନିତ୍ୟ ବ୍ୟବହୃତ ଦ୍ରବ୍ୟର ଦରଦାମ ବୃଦ୍ଧିର ହ୍ରାସ,ସମସ୍ତ ଚାଷୀଙ୍କ ଉପରୁ କୃଷିରଣ ଛାଡ଼,ବାଦ ପଡ଼ିଥିବା ହିତାଧିକାରୀଙ୍କୁ ରେସନ୍ କାର୍ଡ଼ ପ୍ରଦାନ, ପରିବାରର ସମସ୍ତ ସଭ୍ୟଙ୍କୁ ଆୟୁଷ୍ମାନ ଭାରତରେ ସଂଯୁକ୍ତ କରାଯାଉ ଏବଂ ଆୟୁଷ୍ମାନ୍ କାର୍ଡ଼ର ତ୍ରୁଟି ସଂଶୋଧନ ପର୍ଯ୍ୟନ୍ତ ବି. ଏସ୍.କେ.ୱାଇ କାର୍ଡ କାର୍ଯ୍ୟକାରୀ ବଳବତ୍ତର ରଖିବା,୬୦ ବର୍ଷରୁ ଉର୍ଦ୍ଧ୍ୱ ଚାଷୀ, ମୂଲିଆ ଓ ବୃଦ୍ଧ, ବୃଦ୍ଧାଙ୍କୁ ୩୫୦୦ ଟଙ୍କା ଭତା , ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ, ତୁରନ୍ତ ଶୀତଳ ଭଣ୍ଡାର ନିର୍ମାଣ,୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ମାଗଣା, କରାତଳୀ ତାମ୍ରରାକୁ ଆନ୍ଧ୍ର ମାଫିଆଙ୍କ କବଳରୁ ମୁକ୍ତ କରି ତୁରନ୍ତ ପୁନଃଉଦ୍ଧାର କରିବା ଆଦି ରହିଛି । ଏହି ବିକ୍ଷୋଭରେ ସିଏଚ. ଜନାର୍ଦ୍ଦନ ରେଡିଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ଏନ. ନାରାୟଣ ରେଡି , ଛତ୍ରପୁର ଜୋନ ସମ୍ପାଦକ ଡି. ଆଦୀନାରାୟଣ ରେଡି,ସହ ସମ୍ପାଦକ ଦୁର୍ଯ୍ୟୋଧନ ପରିଡା, ଗୁରୁନାଥ ପାତ୍ର,ନାରୀ ନେତ୍ରୀ ଭାନୁମତି ରେଡି, ସୀମାଞ୍ଚଳ ସାହୁ,ମାଗୁଣି ବିଶୋଇ,ମଥୁରା ସୁବୁଦ୍ଧି,ମୁନା ପାତ୍ର,ସନ୍ତୋଷ ଗୌଡ଼,ସନ୍ୟାସ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ

### ।।। ବିଧାୟକଙ୍କ ସମୀକ୍ଷା ବୈଠକ ।।।

# ଯୋଜନାବଦ୍ଧ ବିଦ୍ୟୁତ୍ କାଟ୍,ଚାଲିପାରିଲାନି ଜେନେରେଟର

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ପ୍ରକୃତ ପାରିବାପଣିଆ ପୁଣି ଥରେ ପଦାରେ ପଡିଛି। କଟକ ସଦର ବିଧାୟକଙ୍କ ସମୀକ୍ଷା ବୈଠକକୁ ଭଣ୍ଡୁର କରିବା ନିମନ୍ତେ ଯୋଜନାବଦ୍ଧଭାବେ ବିଦ୍ୟୁତ କାଟ୍ କରିଦିଆଯାଇଥିଲା। ବ୍ଲକ ପ୍ରଶାସନ ତରଫରୁ ଜେନେରେଟର ଚାଲିପାରିନଥିଲା। ଫଳରେ ଅନ୍ଧାର ଘେରରେ ବିଧାୟକ ସମୀକ୍ଷା ବୈଠକ କରିବାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ ୧୪ଟି ପଂଚାୟତର ଏକ ସମୀକ୍ଷା ବୈଠକ କରିଥିଲେ। ତେବେ ବୈଠକ ଆରମ୍ଭର କିଛି ସମୟ ପରେ ଯୋଜନାବଦ୍ଧଭାବେ ସମୀକ୍ଷା ବୈଠକକୁ ଭଣ୍ଡୁର କରାଇବା ନିମନ୍ତେ ବିଦ୍ୟୁତକାଟ କରି ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି। ହଠାତ ଲାଇନ କଟିଯିବା ଓ ବ୍ଲକର ଜେନେରେଟର ନଚାଲିବା କାରଣରୁ ଅନ୍ଧାରରେ ଉଭୟ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ



ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ବିଧାୟକ ଶ୍ରୀ ସେଠୀ ବ୍ଲକରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ପଂଚାୟତର ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରସ୍ତାବକୁ କ୍ରିୟାଶୀଳ କରାଇବା ପାଇଁ ବ୍ଲକ ପ୍ରଶାସନକୁ କଡା ନିର୍ଦ୍ଦେଶ ଦେଇଥିଲେ। ଏମଜିଏନଆରଜିଏସ , ପାର୍କ,ମଣ୍ଡପ ସମେତ ବହୁ ଜନ କଲ୍ୟାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକସ୍ଥଳେ ବିଧାୟକ ପାଣ୍ଠି ଦିଆଯିବ ବୋଲି ବିଧାୟକ ପ୍ରସ୍ତାବ ଦେଇଥିଲେ।ତେବେ ବନ୍ଧୁପୁର. କଳମିଶ୍ରୀ, ଜନାର୍ଦ୍ଦନପୁର ପ୍ରମୁଖ ପଂଚାୟତ ଗୁଡିକରେ କିଭଳି ଉନ୍ନୟନ ମୂଳକ କାର୍ଯ୍ୟକୁ ଗତିଶୀଳ ଓ କ୍ରିୟାଶୀଳ କରାଯିବ ସେନେଇ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଏମ୍‌ପିଙ୍କ ପ୍ରତିନିଧି ମଳୟ ଘଡେଇ, କଟକ ଡିଆରଡିଏ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ନାୟକ, ବିଡିଓଙ୍କ ସମେତ ବ୍ଲକର ଯନ୍ତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ତେବେ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ସଦର ବିଧାୟକଙ୍କୁ ବ୍ୟବସ୍ଥିତ ଢଙ୍ଗରେ ବ୍ଲକରେ ସ୍ୱାଗତ ନକରିବା, ସମୀକ୍ଷା ବୈଠକ ପୂର୍ବରୁ ବିଦ୍ୟୁତକାଟ୍ ହେବା,ଜେନେରେଟର ନଚାଲିବା ଘଟଣାକୁ ନେଇ ବିଧାୟକଙ୍କ ସହ ଆସିଥିବା ଭାଜପା କର୍ମୀମାନେ ଦୃଢ ବିରୋଧ କରିଥିଲେ। ଏପିରିକି ସମୀକ୍ଷା ହେଉଥିବା କକ୍ଷକୁ ଯାଇ ବିଡିଓଙ୍କ ବଦଳି ଦାବି କରିବା ସହ ଏହାର ବିଧିବଦ୍ଧ ତଦନ୍ତ କରିବା ପାଇଁ ବିଧାୟକଙ୍କୁ ନିବେଦନ କରିଥିଲେ। ଉଭୟ ସହକାରୀ ଯନ୍ତ୍ରୀ ଓ ବିଡିଓ ବ୍ଲକରେ ପାତରଅନ୍ତର ନୀତି କରୁଥିବା କର୍ମୀମାନେ ବିଧାୟକଙ୍କୁ ଜଣାଇ ଥିଲେ। ଏହି ଘଟଣାକୁ ନେଇ ବ୍ଲକ ପରିସରରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ତେବେ କଟକ ସଦର ବିଧାୟକଙ୍କୁ ଏହି ବ୍ଲକରେ ଅଣଦେଖା କରାଯିବା ସହ ଯୋଜନାବଦ୍ଧଭାବେ ତାଙ୍କୁ ବଦନାମ କରାଯିବା ନିମନ୍ତେ ମସୁଧା କରାଯାଉଥିବାର ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

# ଲୋକପ୍ରତିନିଧିଙ୍କୁ ଦୁର୍ବ୍ୟବହାର !

## ଅଭିଯୁକ୍ତକୁ ଗିରଫ କରିବାକୁ ଥାନା ଆଗରେ ବିଜେପିର ଧାରଣା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ଲୋକ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର, ନ୍ୟାୟ ପାଇଁ ଥାନାଅଧିକାରୀ ଙ୍କ କାର୍ଯ୍ୟାଳୟ ପରିସରରେ ବିଜେପି କର୍ମୀଙ୍କ ଧାରଣା। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଅସ୍ତରଙ୍ଗ ଗ୍ରାମ ପଂଚାୟତରେ ୨୭ତାରିଖ ରବିବାର ରାତ୍ର ୧୦ ଘ ୨୦ମିନିଟ ସମୟରେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସହଯୋଗୀ ତଥା ପୂର୍ବତନ ସରପଞ୍ଚ ଦିବାକର ଛାଟୋଇ, ରାଜକିଶୋର ପ୍ରଧାନ ଓ ଗଣମାଧମ ପ୍ରତିନିଧି ବିପିନି ବିହାରୀ ଦାସ ଏକ ବିବାହ ଭୋଜି କୁ ଯାଇଥିବାବେଳେ ଅସ୍ତରଙ୍ଗ ପଂଚାୟତ ଅଧୀନ ଝାରିଆ ଗ୍ରାମର ଚିତ୍ରସେନ ପ୍ରଧାନ ସରପଞ୍ଚଙ୍କୁ ଜାତିଆଣା ଆକ୍ଷେପ କରି ଗାଳି ଗୁଲଜ କରିବା ସହ ସରପଞ୍ଚଙ୍କ ସହ ଯାଇଥିବା ସହଯୋଗୀମାନଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ କରି ମାରିଦେବାକୁ ଧମକ ଦେଇଥିଲେ। ଏହାସହ ବିଭିନ୍ନ କଟୁ ବାକ୍ୟ କହି ମାନ ସମ୍ମାନ ହାନୀ କରିଥିଲେ ଚିତ୍ରସେନ ପ୍ରଧାନ ବୋଲି ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଲିଖିତ ଅଭିଯୋଗରେ



ଦର୍ଶାଇଛନ୍ତି।ଅସ୍ତରଙ୍ଗ ଥାନା ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଉଥିବାବେଳେ ସୋମବାର ଦିନ ମଧ୍ୟାହ୍ନ ୧୨ଘ ୪୬ମିନିଟ ସମୟରେ ବିଜେପିର ଏକ ଟିମ୍ ଅସ୍ତରଙ୍ଗ ଥାନାରେ ପହଞ୍ଚି ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସହଯୋଗୀ ଦିବାକର ଛାଟୋଇ ଓ ଗଣମାଧ୍ୟମ ପ୍ରତିନିଧି ବିପିନି ବିହାରୀ ଦାସଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିବା ଅଭିଯୋଗ ରାତିରେ ହୋଇ ଥିଲା। ଏହା ସହ ଅସ୍ତରଙ୍ଗ ଥାନା ପରିସରରେ ବିଭିନ୍ନ ସମୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ବ୍ୟକ୍ତି ବସୁଥିବା ନେଇ ବିଜେପି ଟିମ୍ ଅସ୍ତରଙ୍ଗ ଥାନା ଅଧିକାରୀଙ୍କୁ ପଚାରିଥିଲେ। କିନ୍ତୁ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂଙ୍କ ଉତ୍ତରରେ ସନ୍ତୋଷ ଜନକ ଅନୁଭବ ନକରି ବିଜେପି କର୍ମୀ ଥାନା ପରିସରରେ ଥାନା ଅଧିକାରୀ କାର୍ଯ୍ୟାଳୟ ମଧ୍ୟରେ ଦୀର୍ଘ ୩ ଘଣ୍ଟା ଧରି ଧାରଣାରେ ବସିଥିଲେ ଓ ଦାବୀ ରଖିଥିଲେ। ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବା ପାଇଁ। ଥାନାରେ ବିଜେପି ଟିମ୍ ଧାରଣା ଦେଇଥିବା ଖବର ପାଇଁ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ପହଞ୍ଚି ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ ସହ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନ ଯାଞ୍ଚ କରିଥିଲେ। ଏହା ସହ ଅସ୍ତରଙ୍ଗ ଥାନା କେଶ ନମ୍ବର ୮୪/୨୫ରେ ମାମଲା ରୁଜୁ ସହ ଚିତ୍ରସେନ ପ୍ରଧାନଙ୍କୁ ଧରିବାକୁ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ କରାଯାଇଛି। ଅନ୍ୟ ପଟେ ବିଜେପି ତରଫରୁ ଦାବି ରହିଛି ଯେ, ସରପଞ୍ଚ ଙ୍କୁ ଅସଭ୍ୟ ବାକ୍ୟ ସହ ଜାତିଆଣା ଆକ୍ଷେପ କରିଥିବା ବ୍ୟକ୍ତି ଙ୍କୁ ୨୪ଘଣ୍ଟା ମଧ୍ୟରେ ଗିରଫ ନହେଲେ ଆଗାମୀ ଦିନରେ ଥାନା ଘେରାଉ କରାଯିବ।

# ଦିଗନ୍ତ ବିଦ୍ୟାଳୟର ବାର୍ଷିକ ଉତ୍ସବ




ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦେବୀକନ୍ଦଳ ଦୀପାଞ୍ଚଳ ଅନ୍ତର୍ଗତ କସର୍ଦା ପଂଚାୟତସ୍ଥିତ ପତ୍ରକଣା ଠାରେ ଥିବା ସଂକଳ୍ପ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ଦିଗନ୍ତ ଆବାସିକ ବିଦ୍ୟାଳୟର ଚତୁର୍ଦ୍ଦଶ ତମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିରୂପେ ଜନଜାତି କଲ୍ୟାଣ ଏବଂ ଜଳଶକ୍ତି ବିଭାଗର ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବିଶ୍ୱେଶ୍ୱର ଟୁଡୁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଜନଜାତି ବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ରୂପେ ଓଡ଼ିଶାର ସୁନାମଧନ୍ୟ ଓଡ଼ିଆ ପତ୍ରିକା ସୁବାର୍ତ୍ତା ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ ଯୋଗ ଦେଇ ଓଡ଼ିଆମାନଙ୍କ ଗର୍ବ ଓ ଗୌରବ ବିଷୟରେ ଆଲୋଚନା କରିଥିଲେ। ଏହି ସଭାରେ ସମ୍ମାନିତ ଅତିଥିଭାବେ ଦିଗନ୍ତ ଆବାସିକ ବିଦ୍ୟାଳୟ, ଆପେକ୍ସ ଆଇଟିଆଇ ଏବଂ ଆପେକ୍ସ ଇଞ୍ଜିନିଅରିଙ୍ଗ କଲେଜର ସହ ପ୍ରତିଷ୍ଠାତା ପ୍ରଫେସର ଗିପିକା ମୁଦୁଲି ଏବଂ ଇଂ ପ୍ରତୀକ ମୁଦାଲୀ, ଛାତ୍ର ଅଭିଭାବକ ସୁବା ରାଓ କେଣ୍ଡୁକା ଯୋଗ ଦେଇଥିଲେ। ସଂକଳ୍ପର ସଭାପତି ଚକ୍ରଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି ସଭାରେ ବିଦ୍ୟାଳୟର ଅଧ୍ୟକ୍ଷା ଏ. ଜୟଲକ୍ଷ୍ମୀ ସ୍କୁଲର ରିପୋର୍ଟ କାର୍ଡ ପଠନ କରିଥିଲେ। ସଙ୍କଳ୍ପର ସମ୍ପାଦକ ମିହିର କାନ୍ତ ମହାପାତ୍ର ସଂକଳ୍ପର ଲକ୍ଷ୍ୟ ଅଭିମୁଖ୍ୟ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ। ସଙ୍କଳ୍ପ ର ଉପସଭାପତି ଜୟକୃଷ୍ଣ ଚମ୍ପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଉକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ନୃତ୍ୟ, ଗୀତ ଏବଂ ସଚେତନତା ଧର୍ମୀ ସାମାଜିକ ନାଟକ ପରିବେଷଣ କରାଯାଇଥିଲା। ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯିବା ସହ ଦିଗନ୍ତ ଆବାସିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବବିନା ସୁବୁଦ୍ଧିଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁ ଶିକ୍ଷା ସାଧକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବକୁ ବିଦ୍ୟାଳୟ ର ଶିକ୍ଷକ ସଙ୍କଳ୍ପ ମହାନ୍ତି, ସଂଜୟ ପରିଡା, ବିଶ୍ୱନାଥ ଓଝା,ସାରଥୀ ମଲିକ, ହୃଷିକେଶ ଜେନା, କୁଞ୍ଜ ବିହାରୀ ଜେନା, ନିତିସ କୁମାର ଆଚାର୍ଯ୍ୟ, ଶିକ୍ଷୟିତ୍ରୀ ସ୍ମୃତିରେଖା ମହାପାତ୍ର, ସୁଜ୍ଞାନ ପାଢ଼ୀ, ସ୍ୱର୍ଣ୍ଣପ୍ରଭା ଚୌଧୁରୀ, ବବିନା ସୁବୁଦ୍ଧି, ଶୁଚିସ୍ମିତା ବିଶ୍ୱାଳ, ଗାୟତ୍ରୀ ନାୟକ, ରୋମାଲି ମଧୁସ୍ମିତା ଆଚାର୍ଯ୍ୟ, ମମତା ମହାପାତ୍ର, ଜୟଶ୍ରୀ ରାଉତରାୟ, ଶୁଚିସ୍ମିତା ବେହେରା, ରବୀନ୍ଦ୍ର ପ୍ରଧାନ, ବିଶ୍ୱରଂଜନ ବେହେରା, ସୁଜନ ମୁଦୁଲି, ସଂଜୟ ମହାନ୍ତି, ସନ୍ତୋଷ ବେହେରା, ରମେଶ ନାୟକ, ସୁମିତ ମାଇଟି, ଧନେଶ୍ୱର ବେହେରା, ସୁବାସ ବେହେରା, ମଞ୍ଜୁଲତା ମୁଦୁଲି,ସିଙ୍ଗା ହାଜ୍ରା, ବିନତା ମଲିକ, ଅଞ୍ଜନ ମଲିକ, ସୋମନାଥ ମଲିକ ପ୍ରମୁଖ ସହଯୋଗ କରିଥିଲେ।

# ସେଣ୍ଟ୍ ଜାଭିୟର ସ୍କୁଲର ବାର୍ଷିକ ଉତ୍ସବ

ଯାଜପୁର(ଭାସ୍କର ନ୍ୟୁଜ୍): ଯାଜପୁର ସହର ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ସେଣ୍ଟ ଜାଭିୟର ସ୍କୁଲର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ସ୍କୁଲର ନିର୍ଦ୍ଦେଶକ ସୁଶାନ୍ତ କୁମାର ଜେନା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ପ୍ରକାଶଚନ୍ଦ୍ର ବଳ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ।ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଡକ୍ଟର ଶ୍ରୀ ହରି ଧଳ ଓ ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ଯୋଗ ଦେଇ ପିଲାମାନଙ୍କ ଭବିଷ୍ୟତ ଗଠନ ନିମନ୍ତେ ଶିକ୍ଷାନୁଷ୍ଠାନ ର ଉତ୍ତମ ଶିକ୍ଷାଦାନ ସହିତ ସଂସ୍କାର ନିହାତି ଆବଶ୍ୟକ ବୋଲି କହିଥିଲେ। ସେହିପରି ପିଲାଙ୍କୁ ସୁନାଗରିକ ଭାବେ ଗଢିବାକୁ ହେଲେ ପିତା, ମାତାଙ୍କ ସହ ଗୁରୁଙ୍କର ଗୁରୁ ଦାୟିତ୍ୱ ରହିଛି ବୋଲି ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନ ଶିକ୍ଷକ ତରୁଣ କୁମାର ନାୟକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଅନସୂୟା ମହାରଣା ଓ ଅପର୍ଣ୍ଣା ମହାନ୍ତି ସଂଯୋଜନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା ।




# ସ୍ୱାଭିମାନ ଦିବସ ପାଳିତ




ତିହିଡ଼ି(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ସମ୍ବାଦ ସାହିତ୍ୟଘର ପକ୍ଷରୁ ରବିବାର ପୂର୍ବାହ୍ନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜନ୍ମଜୟନ୍ତୀ ଓ ସ୍ୱାଭିମାନ ଦିବସ ତିହିଡ଼ି ଗ୍ରାମରେ ପାଳିତ ହୋଇଯାଇଛି। ଏହି ଅବସରରେ ସମ୍ବାଦ ସାହିତ୍ୟଘର ଅବାହକ ପ୍ରଭାତ କୁମାର ରାଉଳଙ୍କ ଆବାହକତ୍ୱ ଓ ସଭାପତି ସମାଜସେବୀ ସଚିକାନ୍ତ ନାୟକଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ତିହିଡ଼ି କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସଂଯୁକ୍ତା ଭାରତୀ, ପ୍ରବଚକ ସୁଧାକର ଧନୀ ପ୍ରମୁଖ ଯୋଗ ଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ ଥିଲେ ଜଣେ ସ୍ୱାଭିମାନୀ ମଣିଷ। ପ୍ରତ୍ୟେକଟି ଓଡ଼ିଆ ସ୍ୱାଭିମାନକୁ ନେଇ ବଂଚି ପାରିଲେ ମଧୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିବାବେଳେ ତାଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କବି ସଂଜିତ୍ କୁମାର ବଳ, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, କବିଶ୍ରୀ ଗୋଲକ ପ୍ରସାଦ ବୟାରୀ, ନିର୍ମଳ ଚନ୍ଦ୍ର ଦଳେଇ, ଦେବେନ୍ଦ୍ର ମହାଲିକ, ପ୍ରଫୁଲ୍ଲ ପାଢ଼ୀ, ସୁଧାରଂଜନ ମହାନ୍ତି, ନିରଂଜନ ବାରିକ, ନରହରି ନାୟକ, ପି.ହୃଷିକେଶ, ସୁବାସ ମହାନ୍ତି, ପୁଷ୍ପାଞ୍ଜଳି ତ୍ରିପାଠୀ, ରୀନାରାଣୀ ପାତ୍ର, ନାରାୟଣ କବି, ଜଗବନ୍ଧୁ ମହାନ୍ତି, ବିଶ୍ୱମୈତ୍ରୀ ନାୟକ, ମୁକୁନ୍ଦଦେବ ନାୟକ, ବାବୁରାମ ରାଉତ, ଶଶିକାନ୍ତ ବେହେରା, ଆଶୁତୋଷ କରଣ, ରୁବିଲତା ଦାସ, ଶୁଭଲକ୍ଷ୍ମୀ ଦାସ, ଶାନ୍ତିଲତା ଗିରି, ଧ୍ରୁବଚରଣ ସାମନ୍ତ ମହାପାତ୍ର, ବେଣୁଧର ଦାସ, ବସନ୍ତ କୁମାର ଦାସ, ହରିହର ମଳିକ ଲକ୍ଷ୍ମୀକାନ୍ତ ଗିରି ପ୍ରମୁଖ ଯୋଗ ଦେଇଥିଲେ। ସମ୍ବାଦ ସାହିତ୍ୟଘର ସମ୍ପାଦକ କୈଳାସ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କବି ନୀଳମାଧବ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁବ୍ରତ ମିଶ୍ର ମଂଚ ଆହ୍ୱାନ କରିଥିବା ବେଳେ କବି ବିସ୍ମୟ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସମ୍ବାଦ ସାହିତ୍ୟଘର ଆବାହକ ପ୍ରଭାତ କୁମାର ରାଉଳଙ୍କ ମା'ସଚ୍ଚିମଣି ରାଉଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ତିହିଡ଼ି ସଂଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ରଂଜନ ନାୟକ ଓ ଛାତ୍ରୀମାନେ ମଧୁସଂଗୀତ ଗାନ କରିଥିଲେ।

## ବାଦିପାଲା ଉଦ୍‌ଯାପିତ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଏହି ବ୍ଲକର ଷୋଳମପୁର ପ୍ରାଚୀନ ପାଲାପୀଠରେ ବାର୍ଷିକ ସତ୍ୟନାରାୟଣ ବାଦୀପାଲା ସୋମବାର ପ୍ରତ୍ୟୁଷରେ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ପାଲାଗାୟକ ପରିଷଦ ସାଂସ୍କୃତିକ ସମ୍ପାଦକ ଗାୟକ ବାଚସ୍ପତି ବନବିହାରୀ ଗ୍ରହାଚାର୍ଯ୍ୟ ଓ ସାଥି ଏବଂ ରାଜ୍ୟ ପାଲାଗାୟକ ପରିଷଦ ସଭାପତି ଗାୟକ ସିଦ୍ଧାନ୍ତଦର୍ଶୀ ମଦନ ମୋହନ ଜେନା ଓ ସାଥି ପାଲା ପରିବେଷଣ କରିଥିଲେ। ଚାରିକୃଷ୍ଣ, ୪୨ ତାଲା, ବ୍ରହ୍ମଜ୍ଞାନୀ ଶୁକ, ମହାଭାରତ ସମୀକ୍ଷା, ଆନନ୍ଦା ଶବର, ଭାଗବତ ମୋକ୍ଷ, ସେତୁବନ୍ଧ ନିର୍ମାଣ, ବିଲ୍ୱ ମଙ୍ଗଳ ବିଷୟରେ ପାଲା ପରିବେଷିତ ହୋଇଥିଲା। ଲୋକପ୍ରିୟ କାବ୍ୟ ପଂକ୍ତି, ସଂସ୍କୃତ ଶ୍ଳୋକ, ଚଉପଦୀ, ନଦିଆ ସଙ୍କୀର୍ତ୍ତନ, ଶିବତାଣ୍ଡବ ଆଦି ପରିବେଷିତ ହୋଇ ଦର୍ଶକମାନଙ୍କ ମନୋରଞ୍ଜନ କରିଥିଲା। ପାଲା କମିଟି ସଭାପତି ପ୍ରଶାନ୍ତ ନାୟକ, ସମ୍ପାଦକ ଦିପ୍ତିରଞ୍ଜନ ରାଉତ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ଜେନା, ନିର୍ମଳ ଘଡାଇ, ଅଜୟ କୁମାର ଜେନା, ବାସୁଦେବ ନାୟକ, ବିଦ୍ୟାଧର ଖଟୁଆ, ରଞ୍ଜନ ରାଉତ, ରାଜେଶ ସାମଲ, ଶିବପ୍ରସାଦ ପଲାଇ, ନନ୍ଦକିଶୋର ବେହୁରିଆ, ଗଦାଧର ଖଟୁଆ, ପତିତପାବନ ଜେନା, ଚିତ୍ତରଞ୍ଜନ ପଣ୍ଡା, ଗୋକୁଳାନନ୍ଦ ସାମଲ, ଗୁରୁଚରଣ ନାୟକ ପ୍ରମୁଖ ପାଲା ପରିଚାଳନା କରିଥିଲେ।

# ଶ୍ରମିକ ମଜୁରି ବୃଦ୍ଧି, ସୁରକ୍ଷା ଓ ହକ୍ ଦାବିରେ ଧର୍ମଘଟ ଡାକରା

ମାଲକାନଗିରି(ଭାସ୍କର ନ୍ୟୁଜ୍): ଶ୍ରମିକ ମଜୁରୀ ବୃଦ୍ଧି, ସୁରକ୍ଷା ଓ ହକ ଦାବିରେ ଧର୍ମଘଟ ଡାକରା ଦିଆଯାଇଛି। ଜିଲ୍ଲାପାଳଙ୍କ ଅଫିସ ଘେରାଓ ଓ ଧର୍ମଘଟ ପାଇଁ ଏହି ଡାକରା ଦେଇଛି ଏଆଇଟିୟୁସି। ଏନେଇ ମାଲକାନଗିରି ଜିଲ୍ଲା ଶାଖା ପକ୍ଷରୁ ଏକ ଜରୁରୀ କାଳୀନ ବୈଠକରେ ଏହା ନିଷ୍ପତି ନିଆଯାଇଛି। ସର୍ବନିମ୍ନ ମଜୁରୀ ହାର ବୃଦ୍ଧି ଦାବିରେ ମେ ୫ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ସେହିପରି ଶ୍ରମିକଙ୍କ ହକ ପୂରଣ ଏବଂ ଅଧିକାର ସୁରକ୍ଷା ଦାବିରେ ମେ ୨୦ତାରିଖରେ ଦେଶବ୍ୟାପି ଧର୍ମଘଟ କରାଯିବ ଓ ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ମେ ପହିଲା ଶ୍ରମିକ ଦିବସ ପାଳନ କରାଯିବା ପାଇଁ ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ ପକ୍ଷରୁ ମାଲକାନଗିରି ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଏଆଇଟିୟୁସିର ଓଡିଶା ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ମାଲକାନଗିରି ଜିଲ୍ଲା ସଭାପତି ମହାନନ୍ଦ ଦୁର୍ଗା, ଓଡିଶା ରାଜ୍ୟ ପାଚିକା ଜିଲ୍ଲା ସଭାପତି ଦୟାମଣୀ ସମରଥ, ଉପସଭାପତି ଉତ୍ତମ ମଲ୍ଲିକ, ଅଙ୍ଗନବାଡି ସଭାପତି ଭାନି ପୂଜାରୀ, କୁମାର ଅନୁଗୁଳିଆ, ବିଦ୍ୟୁତ ସଂଘର ସନ୍ତୋଷ ପଣ୍ଡା, ମାଥିଲି ବ୍ଲକର ଶ୍ରମିକ ସଭାପତି ମଦନ ଓଝା, ସିପିଆଇର ହରି ଓଡ଼ି ପ୍ରମୁଖ ଉପସ୍ଥିତି ଥିଲେ।

# ପ୍ରଦୀପଙ୍କ ପାଇଁ ଆତ୍ମହତ୍ୟା କରିଥିଲେ ଉଦୟନାଥ

## ଜିଲ୍ଲାପାଳଙ୍କୁ ଗୁହାରୀ କଲେ ମୃତ ଉଦୟଙ୍କ ପତ୍ନୀ ମୀନା

କେନ୍ଦ୍ରାପଡ(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଶ୍ରମ କାର୍ଯ୍ୟାଳୟରେ ପୂର୍ବରୁ ଜିଲ୍ଲା ଶ୍ରମ ଅଧିକାରୀ ଥିବା ପ୍ରଦୀପ ବାବୁଙ୍କ ପାଇଁ ଉଦୟନାଥ ମଲ୍ଲିକ ନାମକ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିଲେ। ଉଦୟନାଥ ହେଉଛନ୍ତି ଆଳି ବ୍ଲକ ଅଧିନ ସିଙ୍ଗିରି ଗ୍ରାମପଞ୍ଚାୟତର ଅଳିହା ଗ୍ରାମର ବାସିନ୍ଦା। ଗତ୨୦୦୯ ମସିହାରେ ପ୍ରଦୀପ ବାବୁ ନାମକ ଜଣେ ବ୍ୟକ୍ତି କେନ୍ଦ୍ରାପଡ଼ା ଶ୍ରମ କାର୍ଯ୍ୟାଳୟରେ ଜିଲ୍ଲା ଶ୍ରମ ଅଧିକାରୀ ଥିଲେ। ଏହି ସମୟରେ ପ୍ରଦୀପବାବୁ ଉଦୟନାଥଙ୍କ ମାଧ୍ୟମରେ ଡାଟା ଏଣ୍ଟ୍ରୀ ଅପରେଟର ପଦରେ ବିଭିନ୍ନ ଚାକିରୀ ଆଶାୟୀ ଯୁବକ ଓ ଯୁବତୀମାନଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ ୧୨ ଲକ୍ଷ ଟଙ୍କା ନେଇ ଯାଇଥିଲେ। ଆଳି ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟ କେତେକ ଅଞ୍ଚଳର ଯୁବକ ଯୁବତୀ ଡାଟା ଏଂଟ୍ରି ପଦବୀରେ ଚାକିରୀ କରିବା ପାଇଁ ଆଶାୟୀ ଥିଲେ। ସେମାନେ ଉଦୟଙ୍କ ଜରିଆରେ ପ୍ରଦୀପ ବାବୁଙ୍କୁ ୧୨ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଯେଉଁମାନେ ଏହି ଟଙ୍କା ଦେଇଥିଲେ ସେମାନେ




ଚାକିରୀ ପାଇ ନଥିଲେ। ପରବର୍ତ୍ତୀ ସମୟରେ ଅନ୍ୟମାନେ ଚାକିରୀ ପାଇଥିଲେ। ଫଳରେ ଟଙ୍କା ଦେଇଥିବା ଯୁବକଯୁବତୀମାନେ ଟଙ୍କା ଫେରି ପାଇବା ପାଇଁ ଉଦୟଙ୍କୁ କହିଥିଲେ। ଉଦୟ ମଧ ଟଙ୍କା ଫେରାଇବା ପାଇଁ ପ୍ରଦୀପ ବାବୁଙ୍କୁ କହିଥିଲେ। ହେଲେ ପ୍ରଦୀପ ବାବୁ ତାଙ୍କୁ ଧରାଛୁଆଁ ଦେଇ ନଥିଲେ। ଫଳରେ ଉଦୟ ପ୍ରଦୀପଙ୍କୁ କହିଥିଲେ ଯେ ଟଙ୍କା ନ ଫେରାଇବାରୁ ଯୁବକଯୁବତୀମାନେ ତାଙ୍କ ଘରେ ଧାରଣା ଦେଉଛନ୍ତି। ଏହାଦ୍ୱାରା ତାଙ୍କ ସାମାଜିକ ସ୍ଥିତି ଦୋହଲିଯାଉଛି। ତେଣୁ ସେ ବାଧ ହୋଇ ଆତ୍ମହତ୍ୟା କରିବେ ଓ ଏଥିପାଇଁ ପ୍ରଦୀପ ବାବୁ ଦାୟୀ ରହିବେ। ଏହା ଜାଣିବା ପରେ ମଧ ପ୍ରଦୀପ ବାବୁ କୌଣସି ପଦକ୍ଷେପ ନେଲେ ନାହିଁ କି ଉଦୟଙ୍କ ଠାରୁ ନେଇଥିବା ୧୨ ଲକ୍ଷ ଟଙ୍କା ଫେରାଇଲେ ନାହିଁ। ତେଣୁ ଉଦୟ ବାଧହୋଇ ୨୦୧୨ ମସିହାରେ ଆତ୍ମହତ୍ୟା କରିଦେଲେ। ଏ ନେଇ ଉଦୟଙ୍କ ପତ୍ନୀ ପ୍ରଦୀପଙ୍କୁ ଦାୟୀ କଲେ। ଫଳରେ ଗିରଫ ଭୟରେ ପ୍ରଦୀପ ଧରାଧରି କରି ନିଜର ବଦଳି ଜଗତସିଂହପୁର ଜିଲ୍ଲାକୁ କରାଇନେଲେ। ଏ ନେଇ ଉଦୟଙ୍କ ପତ୍ନୀ ମୀନା ମଲ୍ଲିକ କେନ୍ଦ୍ରାପଡ଼ା କୋର୍ଟରେ ଏକ ମାମଲା ଦାୟର କରିଥିଲେ। ମାମଲା କୋର୍ଟରେ ଚାଲିଥିବା ବେଳେ ପ୍ରଦୀପଙ୍କ ଚାକିରୀ ପ୍ରତି ଆଞ୍ଚ ଆସିଲା। ଫଳରେ ସେ ଉଦୟଙ୍କ ସାନଭାଇ ତଥା ମୀନାଙ୍କ ଦିଅରକୁ ହାତକରି ଏକ ସାଧା କାଗଜରେ ସ୍ୱାକ୍ଷର କରାଇନେଲେ। ସେ ଏହାର ବିରୋଧ କରିବାରେ ତାକୁ ପ୍ରଦୀପବାବୁ ଧମକ ଦେଇଥିଲେ। ଏହାଦ୍ୱାରା କୋର୍ଟରେ ଚାଲିଥିବା ମାମଲା ବନ୍ଦ ହୋଇ ଯାଇଥିଲା। କିନ୍ତୁ ଯେଉଁମାନେ ଟଙ୍କା ଦେଇଥିଲେ ସେମାନେ ଏବେ ଜୁଲମ କରୁଛନ୍ତି ଟଙ୍କା ଫେରି ପାଇବା ପାଇଁ। ମୀନାଙ୍କୁ କହୁଛନ୍ତି ଜମିବାଡି ଘରଦ୍ୱାର ବିକ୍ରି କରି ଟଙ୍କା ଦେବା ପାଇଁ। ତେଣୁ ବାଧହୋଇ ମୀନା ଏବେ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କହିଛନ୍ତି ଉକ୍ତ ମାମଲାର ରି-ଓପନ୍ କରି ଦୋଷୀ ପ୍ରଦୀପଙ୍କୁ ଦଣ୍ଡ ଦେବା ପାଇଁ। ଏସମ୍ପର୍କରେ ପ୍ରଦୀପବାବୁଙ୍କୁ ପଚାରିବାରେ ସେ କହିଲେ ଯେ ମୋର ସେକଥା ମନେପଡୁନି । ଏହାର ତଦନ୍ତ କରାଗଲେ ସେ ସହଯୋଗ କରିବେ ବୋଲି କହିଛନ୍ତି।

# ଗରିବ ହିତାଧିକାରୀଙ୍କ ପିଡିଏସ୍ ଚାଉଳ ବାଟମାରଣା

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଗରିବ ସୀମାରେଖା ତଳେ ରହୁଥିବା ହିତାଧିକାରୀଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ପିଡ଼ିଏସ ଚାଉଳ ଯୋଗାଣ କରୁଥିବାବେଳେ ଗରିବଙ୍କ ପେଟକୁ ମାରି ଚାଉଳ ବାଟମାରଣା ହୋଇ ବେପାରୀ ଙ୍କୁ ବିକ୍ରି ହୋଇଥିଲା। ଅସ୍ତରଙ୍ଗ ମୁଖ୍ୟ ବଜାରରେ ଚାଉଳ ବୋଝେଇ ମିନିଟ୍ରକ ସହ ଚାଉଳ ଜବତ କଲା ଯୋଗାଣ ବିଭାଗ। ଖବର ମୁତାବକ ସୋମବାର ମଧ୍ୟାହ୍ନ ସମୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ମୁଖ୍ୟ ବଜାରରେ ଯାଉଥିବା ଏକ ୪୦୭ନାମକ ମିନିଟ୍ରକ (ଓ ଆର ୦୨ଜେଡ ୬୧୫୨) ରେ ଜରି ଅଖାରେ ଚାଉଳ ଯାଉଥିଲା। ସ୍ଥାନୀୟ ଅଞ୍ଚଳ ଲୋକ ଉକ୍ତ ଗାଡିକୁ ଅଟକାଇ ଥିବାବେଳେ ହଠାତ ଘଟଣା ସ୍ଥଳରୁ ଗାଡି ଚାଳକ ଫେରାର ହୋଇଯାଇଥିଲେ। ଖବର ପାଇଁ ଅସ୍ତରଙ୍ଗ ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତି ପହଂଚି ଉକ୍ତ ଗାଡ଼ିରେ ଚାଉଳ କୁ ଯାଞ୍ଚ କରି ଜାଣିଥିଲେ ଚାଉଳ ପ୍ୟାକେଟ ଗୁଡିକ ବଦଳାହୋଇ ଜରି ପ୍ୟାକେଟ ରେ କେଉଁ ସ୍ଥାନକୁ ଚାଲାଣ ହେଉଥିଲା। ଉକ୍ତ ପିଡ଼ିଏସ ଚାଉଳ କେଉଁ ସ୍ଥାନରୁ ଆସିଲା କେଉଁ ସ୍ଥାନକୁ ଯାଉଥିଲା ତାହା ସ୍ୱଷ୍ଟ ପ୍ରମାଣ ନ ମିଳିଥିବା ବେଳେ ଯୋଗାଣ ବିଭାଗ ତରଫରୁ ସୂଚନା ମିଳିନାହିଁ। ଯୋଗାଣ ନିରୀକ୍ଷକ ଙ୍କ ଅଭିଯୋଗ କ୍ରମେ ଘଟଣା ସ୍ଥଳରେ ଅସ୍ତରଙ୍ଗ ପୁଲିସ ପହଂଚି ପିଡ଼ିଏସ ଚାଉଳ ବୋଝେଇ ଗାଡିକୁ ଅସ୍ତରଙ୍ଗ ଥାନାମଧ୍ୟକୁ ଆଣିଥିଲେ। ଏହା ସହ ଉକ୍ତ ପିଡ଼ିଏସ ଚାଉଳକୁ କରଞ୍ଜିପୁର ଡିଲରଙ୍କୁ ହସ୍ତାନ୍ତର କରାଯାଇଥିଲା। ମିନିଟ୍ରକରେ ୪୪ଟି ପ୍ୟାକେଟରେ ୨୧କୁଇଣ୍ଟାଲ ୭୪କିଗ୍ରା ୯ଶହ ଗ୍ରାମ ଚାଉଳ ଜବତ କରିବା ସହ ମିନିଟ୍ରକଟି ଅସ୍ତରଙ୍ଗ ଥାନାରେ ଅଟକ ରହିଛି। କିନ୍ତୁ ଯାହା ଯୋଗାଣ ବିଭାଗ ତରଫରୁ ସୂଚନା ମିଳିଛି ପିଡ଼ିଏସ ସାମଗ୍ରୀ କେଉଁ ସ୍ଥାନକୁ କେଉଁ ସ୍ଥାନକୁ ଯାଉଥିଲା ତାହା ସ୍ୱଷ୍ଟ ପ୍ରମାଣ ମିଳିନାହିଁ। ଯାହା ସାଧାରଣରେ ଚର୍ଚ୍ଚା ଯେଉଁ ହିତାଧିକାରୀଙ୍କର ଜମି ଅଛି ସେମାନେ ପିଡ଼ିଏସ ସାମଗ୍ରୀକୁ ବ୍ୟବସାୟୀଙ୍କୁ ବିକ୍ରି କରିଦେଉଛନ୍ତି।

MANAPPURAM FINANCE LTD.
CIN : L65910KL1992PLC006623
Registered Office: W - 4/ 638A, Manappuram House, P.O. Valapad, Thrissur - 680 567, Kerala, India

ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 16.05.2025 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବକିଦାର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜିକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ ।

ବନ୍ଧକ ସୂଚୀ :

ଅନୁଗୁଳ, ବାଇ ପାସ୍ ଛକ, ତାଳଚେର, 13342070003768, ବଲାଙ୍ଗିର , କଣ୍ଟାବାଞ୍ଜି, 13791078000114, ବାଲେଶ୍ୱର, ଜଲେଶ୍ୱର, 13499070036018, ମୋତିଗଞ୍ଜ ବଜାର, ବାଲେଶ୍ୱର, 13453070031740, ନୀଳଗିରି ସନତ, ଓଡ଼ିଶା, 12681070005192, ପୋଲିସ୍ ଲାଇନ୍ ଛକ, 11234070007526, ଭଦ୍ରକ, ଚରମ୍ପା, ଭଦ୍ରକ ଟାଉନ୍, 13460070004362, କଚେରୀ ବଜାର, 111990730071024, କଟକ, ବକ୍ସି ବଜାର, 108780700034272, ନିଆଳୀ, 135000700049483, ଗଞ୍ଜାମ, ଆସ୍କା ରୋଡ୍, 110540700051152, ଜଗତସିଂହପୁର, ଜଗମରା, ଓଡ଼ିଶା, 133300700040576, ଯାଜପୁର, ଚଣ୍ଡିଖୋଲ, ଓଡ଼ିଶା, 116880700049991, କେନ୍ଦ୍ରାପଡ଼ା, କେଶପୁର ବଜାର, କେନ୍ଦ୍ରାପଡ଼ା, 138450700004725, କେନ୍ଦୁଝର, ଯୋଡ଼ା (ଜୋଡ଼ା), 138380700006403, କେନ୍ଦୁଝର, 137430700007379, ଖୋର୍ଦ୍ଧା, ବାଣପୁର, 138210700009278, ମୟୂରଭଞ୍ଜ, କେସି ସର୍କଲ୍, 111710700036231,

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 8089292353 ନମ୍ବରକୁ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ମଣପ୍ପୁରମ୍ ଫାଇନାନ୍ସ ଲିମିଟେଡ ଉଦ୍ଦେଶ୍ୟରେ



କଟକ(ଭାସ୍କର ନ୍ୟୁଜ): କଳା ବିକାଶ କେନ୍ଦ୍ର ଠାରେ ନେତାଜୀ ପବ୍ଲିକ ସ୍କୁଲର ୨୮ତମ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଅଛି । ଏହି ଉତ୍ସବରେ ଡ଼ଃ ରମେଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଡ଼ା ସତ୍ୟନାରାୟଣ ରାଉତରାୟ, ସମ୍ମାନିତ ଶ୍ରୀଯୁକ୍ତ ମାନସ ରଂଜନ କର, ଆଇନଜିବୀ ଗଦାଧର ସାହୁ, ଅତିଥିରୁପେ ଯୋଗଦେଇ ଉକ୍ତ ପବ୍ଲିକ ସ୍କୁଲର ପଢୁଥିବା ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ବର୍ତମାନର ଶିକ୍ଷାର ମାନ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ନେତାଜୀ ପବ୍ଲିକ ସ୍କୁଲ ପକ୍ଷରୁ ପ୍ରଫେସର ଡ଼ଃ ବିକାଶ ଚନ୍ଦ୍ର ରାଉତଙ୍କୁ ଉପଢ଼ୌକନ ଓ ମାନପତ୍ର ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଯୋଗେନ୍ଦ୍ରନାଥ ବସ୍ତିଆ , ଉଦଘାଟକଙ୍କ ଅଭିଭାଷଣ ଦେଇଥିବା ବେଳେ ସ୍କୁଲର ଅଧ୍ୟକ୍ଷା କବିତା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଗୀତାଳି ଗୁରୁମା ଅତିଥି ପରିଚୟ ଦେଇଥିବା ବେଳେ , ଶିବାନୀ ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ବାର୍ଷିକ ଉତ୍ସବରେ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ବାତ୍ୟା ପ୍ରସ୍ତୁତି ବୈଠକ

# ସଜାଗ ରହିବା ପାଇଁ ବିଭାଗଗୁଡ଼ିକୁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ବାତ୍ୟା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୨୦୧୯ ମସିହା ମଇ ମାସରେ ଗ୍ରୀଷ୍ମକାଳୀନ ବାତ୍ୟା 'ଫନୀ'ର ଅଭିଜ୍ଞତାକୁ ଭିତି କରି ରାଜ୍ୟରେ ଗ୍ରୀଷ୍ମକାଳୀନ ବାତ୍ୟା ପରିଚାଳନା ନେଇ ବୈଠକରେ ବିଭିନ୍ନ ବିଭାଗର ପ୍ରସ୍ତୁତି ସଂପର୍କରେ ଆଲୋଚନା ହୋଇଥିଲା । ସ୍ଥାନୀୟ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ସମୀକ୍ଷା କରି ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ପ୍ରସ୍ତୁତି କରିବାକୁ ସଂପୃକ୍ତ ବିଭାଗଗୁଡ଼ିକୁ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଥିଲେ । ବର୍ତ୍ତମାନ ରାଜ୍ୟରେ ବାତ୍ୟା ନେଇ କୌଣସି ସୂଚନା ନଥିବାବେଳେ ଯେକୌଣସି ବିପର୍ଯ୍ୟୟର ସମ୍ମୁଖୀନ କରିବା ପାଇଁ ପ୍ରତି ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ କହିଥିଲେ । ଏତଦବ୍ୟତୀତ ବାତ୍ୟା ସୂଚନା ତଳ ସ୍ତରରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ଖୁବ୍ ଶୀଘ୍ର ପହଂଚାଇବା ପାଇଁ ଥିବା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ



ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କୁ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ପ୍ରାରମ୍ଭରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓ ରଞ୍ଜନ କୁମାର ସିଂହ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସଂପର୍କରେ ସୂଚନା ଦେଇଥିଲେ । ଓସ୍‌ଡମା ପକ୍ଷରୁ ବାତ୍ୟା ପ୍ରସ୍ତୁତି ସଂପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯାଇଥିଲା । ପାଣିପାଗର ପୂର୍ବାନୁମାନ ସ୍ଥିତି ସଂପର୍କରେ ଅବଗତ କରି ବାତ୍ୟା କିମ୍ବା ପାଣିପାଗ ସତର୍କ ସୂଚନା ପ୍ରସାରଣ ପାଇଁ ବର୍ତମାନର ବ୍ୟବସ୍ଥା, ଡିଜିଟାଲ ବ୍ୟବସ୍ଥା ମାଧ୍ୟମରେ ସତର୍କ ସୂଚନା ଜାରି ଏବଂ ଗୋପାଳପୁର ଓ ପାରାଦ୍ୱୀପଠାରେ ଡପଲର ଡ୍ୱେଦର ରାଡାର ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯାଇଥିବା ସଂପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଏଥି ସହ ବାଲେଶ୍ୱର ଓ ସମ୍ବଲପୁରଠାରେ ଡପଲର ଡ୍ୱେଦର ରାଡାର ଷ୍ଟେସନ୍ ପ୍ରତିଷ୍ଠା ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଓସ୍‌ଡମା ପକ୍ଷରୁ କୁହାଯାଇଥିଲା । ସେହିଭଳି ଅଗ୍ନିଶମ ସେବାର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ବିଭାଗର ପ୍ରସ୍ତୁତି ସଂପର୍କରେ ପ୍ରକାଶ କରିବା ସହ ବାତ୍ୟା ସମୟରେ ଟେଲି ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଭାସି ମାଧ୍ୟମରେ ଯୋଗ ଦେଇଥିବା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର ଓଡ୍ରାଫ୍ ବାହିନୀର ବିଭିନ୍ନ ସ୍ଥାନକୁ ମୁତୟନ ପ୍ରସ୍ତୁତି ସଂପର୍କରେ ଅବଗତ କରାଇଥିଲେ । ସେହିଭଳି ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଆର.କେ. ଶର୍ମା ବିଭିନ୍ନ ପ୍ରସ୍ତୁତି ସଂପର୍କରେ ମଧ୍ୟ ବୈଠକରେ ମତ ଦେଇଥିଲେ । ଅନ୍ୟ ପକ୍ଷରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ କହିଲେ ଯେ ୟୁନିଫାଇଡ୍ କମାଣ୍ଡ ସିଷ୍ଟମ୍ ସୁଦୃଢ଼ୀକରଣ କରାଯାଇ ବିପର୍ଯ୍ୟୟ ପରବର୍ତୀ ସମୟରେ ତ୍ୱରିତ ସେବା ପ୍ରଦାନ କରାଯାଇପାରିବ । ଏଥି ନିମନ୍ତେ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିବା ସହ ନିତାନ୍ତ ଆବଶ୍ୟକ କରୁଥିବା ସେବା ଉପରେ ପ୍ରାଥମିକ ଭିତିରେ ଗୁରୁତ୍ୱାରୋପ କରିବାକୁ ସେ ମତ ଦେଇଥିଲେ । ଏଥି ସହ ସହରାଞ୍ଚଳରେ ବନ୍ୟା ଜଳ ନିଷ୍କାସନ ପ୍ରସ୍ତୁତି ସଂପର୍କରେ ମହାନଗର ନିଗମ ପ୍ରଶାସନ ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ ମତାମତ ଦେଇଥିଲେ । ସମ୍ଭାବ୍ୟ ବାତ୍ୟା ସମୟରେ ମୋବାଇଲ୍ ଟାୱାର ସୁଦୃଢ଼ୀକରଣ ଓ ତ୍ୱରିତ ବିଦ୍ୟୁତ ସଂଯୋଗ ଆଦି ଉପରେ ବୈଠକରେ ଆଲୋଚନା ହୋଇଥିଲା । ଏତଦ୍‌ବ୍ୟତୀତ ବାତ୍ୟା ଆଶ୍ରୟ ସ୍ଥଳୀ, ସ୍ଥାନୀୟ ବ୍ଲକ୍ ପ୍ରଶାସନ, ସରପଞ୍ଚ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗତାରେ କାର୍ଯ୍ୟ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଏତଦ୍‌ବ୍ୟତୀତ ଜଳସମ୍ପଦ, ଖାଦ୍ୟଯୋଗାଣ, ଡ୍ରେନେଜ୍ ବ୍ୟବସ୍ଥା, ଡାକ୍ତରୀ ସେବା, ମହିଳା ଓ ଶିଶୁ ବିକାଶ ଆଦି ପ୍ରସ୍ତୁତି ସଂପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓସ୍‌ଡମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ କମଳ ଲୋଚନ ମିଶ୍ର, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ, ଟିପିସିଓଡିଏଲ୍ ର ସିଇଓ ଅରବିନ୍ଦ ସିଂହ, ଓଡ଼ିଶା ବନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ପ୍ରେମ କୁମାର ଝା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡଃ ନୀଳକଣ୍ଠ ମିଶ୍ର,ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକ ସଂଜୀବ ଦ୍ୱିବେଦୀ, ଓସ୍‌ଡମାର ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା, ସ୍ମିତା ଚମ୍ପତିରାୟ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଖେଳ, ମନୋରଞ୍ଜନ ମାଧ୍ୟମରେ ଦିଆଯିବ ଶିକ୍ଷା

# ଛୋଟ ପିଲାଙ୍କ ପାଇଁ ଯାଦୁପେଡ଼ି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଛୋଟ ଛୋଟ ସ୍କୁଲ ପିଲାଙ୍କୁ ଦିଆଯିବ ଯାଦୁପେଡ଼ି । ଶିଶୁବାଟିକା, ପ୍ରଥମ ଓ ଦ୍ୱିତୀୟଶ୍ରେଣୀ ପିଲାମାନଙ୍କ ଶିକ୍ଷାପାଇଁ ଏହି ଯାଦୁପେଡ଼ି ଯୋଗାଇ ଦିଆଯିବ । ଏନସିଇଆରଟି ଦ୍ୱାରା ପ୍ରସ୍ତୁତ ଏହି କିଟ୍‌କୁ ରାଜ୍ୟର ୪୫ ହଜାର ସ୍କୁଲକୁ ଯୋଗାଇ ଦିଆଯିବ । ଏଥିପାଇଁ ୯୦ କୋଟି ଟଙ୍କା ବ୍ୟୟ କରାଯିବ । ପିଲାଙ୍କୁ ପାଠ ପ୍ରତି ଆକୃଷ୍ଟ କରିବା ପାଇଁ ଏହା ଖୁବ୍ ଉପଯୋଗୀ ହେବ ବୋଲି କହିଛନ୍ତି ମୋହନ ଚରଣ ମାଝୀ । ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକସେବା ଭବନଠାରେ ଶିଶୁବାଟିକା ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଯାଦୁପେଡ଼ି ଦେଖିବା ସହ ପିଲାମାନଙ୍କ ପାଇଁ ଏହାର ଉପାଦେୟତା ବିଷୟରେ ବୁଝିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଯାଦୁପେଡ଼ି ଭିତରେ ଥିବା ବିଭିନ୍ନ ସାମଗ୍ରୀ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପେଡ଼ି ଭିତରେ ଥିବା ସାମଗ୍ରୀ ଦେଖି ଖୁସିବ୍ୟକ୍ତ କରିବା ସହ କହିଥିଲେ ଯେ ଛୋଟ ଛୋଟ ପିଲାମାନେ ନିଜ ପାରିପାର୍ଶ୍ୱିକ ଅଞ୍ଚଳରେ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଏହାର ଉପଯୋଗିତା ବିଷୟରେ ଯାଦୁପେଡ଼ିରେ ଥିବା ଖେଳଣାରୁ ଶିଖିପାରିବେ । ଶିଶୁମାନଙ୍କୁ ଏହି ଯାଦୁପେଡ଼ିର ଖେଳଣାଗୁଡ଼ିକ ଶିଖିବା ସହିତ ପାଠପ୍ରତି ଆକୃଷ୍ଟ କରିବ । ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଛୋଟଛୋଟ ପିଲାଙ୍କ ପାଇଁ ଏହି ଯାଦୁପେଡ଼ିର କଳ୍ପନା କରାଯାଇଛି ।

## ବନ୍ଦ ନିର୍ଦ୍ଦେଶ ସତ୍ତ୍ୱେ ଖୋଲୁଥିବା ସ୍କୁଲକୁ ତାଗିଦ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଘରୋଇ ଶିକ୍ଷାନୁଷ୍ଠାନକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଗିଦ୍ କରିଛନ୍ତି । ଗ୍ରୀଷ୍ମ ପ୍ରବାହ ପାଇଁ ସ୍କୁଲ ବନ୍ଦ ନିର୍ଦ୍ଦେଶ ସତ୍ତ୍ୱେ ସ୍କୁଲ୍ ଖୋଲାଯାଉଥିବା ଅଭିଯୋଗ ହୋଇଛି । ଏହାକୁ ଅନୁଧ୍ୟାନ କରିବା ସହ ଶିକ୍ଷା ବିଭାଗ ଶକ୍ତ ଆଭିମୁଖ୍ୟ ନେଉଛି । ନିୟମ ଭାଙ୍ଗି ସ୍କୁଲ ଖୋଲା ହେଉଥିଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ । ପିଲାଙ୍କ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ।

## ୨ରୁ ଓଜେଇଇ ପରୀକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଜେଇଇ ପରୀକ୍ଷା ପାଇଁ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ମେ' ୨ରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ପରୀକ୍ଷା । ରାଜ୍ୟ ଭିତରେ ୩୦ଟି ଓ ରାଜ୍ୟ ବାହାରେ ୩ଟି କେନ୍ଦ୍ରରେ ତିନିଟି ସିଫ୍ଟରେ ପରୀକ୍ଷା ହେବ । ସାଢ଼େ ୮ଟାରୁ ସାଢ଼େ ୧୦ଟା, ସାଢ଼େ ୧୨ଟାରୁ ସାଢ଼େ ୨ଟା, ଏବଂ ସାଢ଼େ ୪ଟାରୁ ସାଢ଼େ ୬ଟା ଯାଏ ଏହି ପରୀକ୍ଷା ଚାଲିବ । ସେହିପରି ୨ରେ ତିନିଟି ସିଫ୍ଟରେ ବି.ଫାର୍ମା ପରୀକ୍ଷା ହେବ ।

## ସ୍ୱର୍ଣ୍ଣ ବିଜେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନୂଆଦିଲ୍ଲୀ ସ୍ଥିତ ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡ଼ିୟମରେ ଆୟୋଜିତ ୨ୟ ଏସୀୟ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା ୨୦୨୫ରେ ଓଡ଼ିଶାର ନିବେଦିତା ସାହୁ ବରିଷ୍ଠ ଟ୍ରାଡିସନାଲ ବର୍ଗରେ ଏବଂ ଓମ କୁମାର ପାତ୍ର ଉପ-କନିଷ୍ଠ ରିଦିମିକ ଓ ଆର୍ଟିଷ୍ଟିକ୍ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ସେମାନଙ୍କ କଠିନ ପରିଶ୍ରମ, ନିଷ୍ଠା ଏବଂ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ନିବେଦିତା ଏବଂ ଓମଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ।

## ଶ୍ରମିକଙ୍କ ସର୍ବନିମ୍ନ ଦୈନିକ ମଜୁରୀରେ ୧୦ ଟଙ୍କା ବୃଦ୍ଧି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରମିକ ମାନଙ୍କ ପାଇଁ ସର୍ବନିମ୍ନ ଦୈନିକ ମଜୁରୀରେ ୧୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି । ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଆଜି ମଞ୍ଜୁରୀ ଦେଇଛନ୍ତି । ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ସୁନାମ ଅର୍ଜନ କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶ୍ରମିକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ମଜୁରୀ ବୃଦ୍ଧି କରିଛନ୍ତି । ଏହି ନିଷ୍ପ୍ତି ଅନୁଯାୟୀ ଅଣକୁଶଳୀ ଶ୍ରମିକମାନଙ୍କର ସର୍ବନିମ୍ନ ଦୈନିକ ମଜୁରୀ ୪୫୨ ଟଙ୍କାରୁ ୪୬୨ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ଅର୍ଦ୍ଧକୁଶଳୀ ଶ୍ରମିକ ମାନଙ୍କ ମଜୁରୀ ୫୦୨ ଟଙ୍କାରୁ ୫୧୨ ଟଙ୍କା, କୁଶଳୀ ଶ୍ରମିକ ମାନଙ୍କ ଦୈନିକ ମଜୁରୀ ୫୫୨ ଟଙ୍କାରୁ ୫୬୨ ଟଙ୍କା ଏବଂ ଉଚ୍ଚ-କୁଶଳୀ ଶ୍ରମିକ ମାନଙ୍କର ସର୍ବନିମ୍ନ ଦୈନିକ ମଜୁରୀ ୬୦୨ ଟଙ୍କାରୁ ୬୧୨ ଟଙ୍କାକୁ ବୃଦ୍ଧି ପାଇଛି । ଏହି ବର୍ଦ୍ଧିତ ମଜୁରୀ ପିଛିଲା ଭାବେ ଏପ୍ରିଲ ପହିଲା ଠାରୁ ଲାଗୁ ହେବ ।


## ଜନ୍ମଦିନର ଶୁଭେଚ୍ଛା



ପ୍ରଦୀପ୍ତ ବେହେରା
ସମାଜସେବୀ
ଆଗ୍ରାହାଟ ପଞ୍ଚାୟତ


## ଶୀତଳ ଭଣ୍ଡାର ପାଇଁ ଆର୍ଥିକ ସହାୟତା ଯୋଜନା ନିମନ୍ତେ ପାଣ୍ଠି ବ୍ୟବସ୍ଥା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚାଷୀମାନଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଏକ ନୂତନ ରାଜ୍ୟ ଯୋଜନା ନ୍ତଶୀତଳ ଭଣ୍ଡାର ପାଇଁ ଆର୍ଥିକ ସହାୟତାନ୍ତ ଯୋଜନା ନିମନ୍ତେ ପାଣ୍ଠି ବ୍ୟବସ୍ଥାର ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଶୀତଳ ଭଣ୍ଡାର ପାଇଁ ଆର୍ଥିକ ସହାୟତା" ଯୋଜନାରେ ରାଜ୍ୟର ୫୮ ଟି ଉପଖଣ୍ଡ ରେ ଅତି କମରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି ।ଏହା ଦ୍ୱାରା ଚାଷୀମାନେ ନିଜ ଫସଲକୁ ସଂରକ୍ଷିତ କରି ରଖିବା ସହିତ ପରବର୍ତୀ ସମୟରେ ବଜାରରେ ଏହାକୁ ବିକ୍ରି କରି ଉଚିତ ମୂଲ୍ୟ ପାଇପାରିବେ ଓ ଶୀତଳ ଭଣ୍ଡାରରେ ବିଭିନ୍ନ ପନିପରିବା ଓ ଫଳ ସରଂକ୍ଷିତ ହୋଇ ରହିବା ଫଳରେ ବଜାର ମୂଲ୍ୟରେ ନିୟନ୍ତ୍ରଣ ଆସିପାରିବ । ଏହି ଯୋଜନା ଉନ୍ନତ ବଜାର ଦର ସୁଯୋଗ, କୃଷି ଓ ଉଦ୍ୟାନ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ଦ୍ରବ୍ୟର ମୂଲ୍ୟ-ଯୋଗ ଏବଂ ପ୍ରକ୍ରିୟାକରଣ, ଅମଳ ପରବର୍ତୀ ଫସଲ କ୍ଷୟକ୍ଷତି ଓ ଅମଳ ହୋଇଥିବା ଫସଲର ଅଭାବୀ ବିକ୍ରି ହ୍ରାସ ଏବଂ ଶୀତଳ ଭଣ୍ଡାର ମାଧ୍ୟମରେ ମଧ୍ୟମ ଅବଧି ସଂରକ୍ଷଣ ସୁବିଧା ଯୋଗାଇ କୃଷକମାନଙ୍କ ପାଇଁ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ । ଏହି ଯୋଜନାଟିର ସୁପରିଚାଳନା ନିମନ୍ତେ ୫ବର୍ଷ ଅବଧି (୨୦୨୫-୨୬ ରୁ ୨୦୨୯-୩୦) ପାଇଁ ୨୫୨.୦୦କୋଟି ଟଙ୍କାର ବଜେଟ୍ ଅନୁମୋଦନ କରାଯାଇଛି । ଏହି ଯୋଜନାରେ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ମହିଳା/ ତୃତୀୟ ଲିଙ୍ଗ ହିତାଧିକାରୀ ଏବଂ ଅନୁସୂଚିତ ଅଞ୍ଚଳର ହିତାଧିକାରୀଙ୍କୁ ସ୍ଥାୟୀ ପୁଞ୍ଜି ବ୍ୟୟର ୬୦% ବା ସର୍ବାଧିକ ୬.୫୦କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯିବ ଏବଂ ଅନ୍ୟାନ୍ୟ ହିତାଧିକାରୀ ଙ୍କୁ ସ୍ଥାୟୀ ପୁଞ୍ଜି ବ୍ୟୟର ୫୦% ବା ସର୍ବାଧିକ ୬.୦୦ କୋଟି ଟଙ୍କା ସବସିଡି ପ୍ରଦାନ କରାଯିବ । ସ୍ଥାୟୀ ପୁଞ୍ଜି ଉପରେ ୬% ସୁଧରେ ଆର୍ଥିକ ସହାୟତା ପ୍ରଦାନ କରାଯିବ । କାର୍ଯ୍ୟକାରୀ ପୁଞ୍ଜିର ଋଣ ଉପରେ ଲାଗୁ ହେଉଥିବା ସୁଧ ଉପରେ ମଧ୍ୟ ଫେରସ୍ତର ପ୍ରଓବଧାନ କରାଯାଇଛି । ନୂତନ ଶୀତଳ ଭଣ୍ଡାର, ପୁରାତନ ଶୀତଳ ଭଣ୍ଡାର ଏବଂ ଭବିଷ୍ୟତରେ ପୁନଃରୁଦ୍ଧଓର ହେବାକୁ ଥିବା ଶୀତଳ ଭଣ୍ଡାରର ବିଦ୍ୟୁତ ଶୁଳ୍କ ଉପରେ ୭ ବର୍ଷ ପର୍ଯ୍ୟନ୍ତ ୫୦% ରିହାତିର ସୁବିଧା ରହିଛି ଓ ଅଣକାର୍ଯ୍ୟକ୍ଷମ ଶୀତଳ ଭଣ୍ଡାରର ପୁନଃରୁଦ୍ଧଓର ପାଇଁ ସର୍ବାଧିକ ୧.୫ କୋଟି ଟଙ୍କା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଆର୍ଥିକ ପ୍ରଓବଧାନ ରହିଛି । ଆଗ୍ରହୀ ବ୍ୟକ୍ତି, ସମୂହ ପଞ୍ଜୀକୃତ ଚାଷୀ (କୃଷକ ଉତ୍ପାଦକ ଗୋଷ୍ଠୀ, ଆଗ୍ରହୀ କୃଷକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ସମବାୟ ସମିତି), ପଞ୍ଜିକୃତ ଗୋଷ୍ଠୀ ଆଧାରିତ ସଂସ୍ଥା, ଶିଳ୍ପ ସଂଘ ଏବଂ ଘରୋଇ ଉଦ୍ୟୋଗୀମାନେ ଆବଶ୍ୟକ ପ୍ରମାଣପତ୍ର ସହିତ ରାଜ୍ୟ ସରକାରଙ୍କ ଗୋ-ସୁଗମ ପୋର୍ଟାଲରେ ଆବେଦନ କରିପାରିବେ । ଅଧିକ ସୂଚନା ପାଇଁ ଆଗ୍ରହୀ ବ୍ୟକ୍ତି ଓ ଘରୋଇ ଉଦ୍ୟୋଗୀ ନିକଟସ୍ଥ ଉଦ୍ୟାନକୃଷି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ । ରାଜ୍ୟରେ ବିଭିନ୍ନ ଜିଲ୍ଲାରୁ ଅଦ୍ୟାବଧି ୨୧ ଜଣ ଉଦ୍ୟୋଗୀ ଏହି ଯୋଜନାରେ ଗୋ- ସୁଗମ ପୋର୍ଟାଲରେ ଆବେଦନ କରିଛନ୍ତି ।

## କୃଷି କ୍ଷେତ୍ରର ରୂପାନ୍ତରଣ ପାଇଁ ଐତିହାସିକ ସହଭାଗିତା ଗଠିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୁସ୍ଥାୟୀ କୃଷି ନିମନ୍ତେ ଏକ ଐତିହାସିକ ବିକାଶ ଜନିତ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଗେଟ୍ସ ଫାଉଣ୍ଡେସନ ମଧ୍ୟରେ ଆଜି ରାଜ୍ୟର କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ କୃଷିକୁ ସାମଗ୍ରିକ ରୂପାନ୍ତରଣ କରିବା ଦିଗରେ ସହଯୋଗ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହା ଦ୍ୱାରା କୃତ୍ରିମ ବୃଦ୍ଧିମତା, ଜଳବାୟୁ ଅନୁକୂଳ ଆନୁଷଙ୍ଗିକ କୃଷି ଏବଂ ଯଥା ଯଥ କୃଷି ପଦ୍ଧତି ଦ୍ୱାରା କୃଷି, ମତ୍ସ୍ୟ ଓ ଗୋପାଳନର ଉତ୍ପାଦକତା ବୃଦ୍ଧି ଘଟି ପାରିବ । କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ଆନୀତ ଏହି ଦୀର୍ଘକାଳୀନ ସହଭାଗିତା, ଗବେଷଣା,ବୈଷୟିକ ସହାୟତା ଏବଂ ଜଳବାୟୁ ଅନୁକୂଳ କୃଷିକୁ ରାଜ୍ୟରେ ପ୍ରୋତ୍ସାହିତ କରିବ । ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି ଯେ ଗେଟ୍ସ ଫାଉଣ୍ଡେସନ ସହିତ ବୁଝାମଣାପତ୍ର ଓଡ଼ିଶାକୁ ଭବିଷ୍ୟତ କୃଷିର ଉତଥାନ ନିମନ୍ତେ ପ୍ରସ୍ତୁତ କରିବ । ରାଜ୍ୟର ଚାଷୀମାନଙ୍କୁ ଲାଭ ପହଞ୍ଚାଉଥିବା ଜ୍ଞାନ, ନବସୃଜନ ଏବଂ ସହଭାଗିତାରେ ନିବେଶ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ଅଲକେଶ ୱାଧୱାନୀ, ନିର୍ଦ୍ଦେଶକ, ଦାରିଦ୍ର୍ୟତା ହ୍ରାସ ବିଭାଗ, ଗେଟ୍ସ ଫାଉଣ୍ଡେସନ କହିଲେ ଯେ, ଓଡ଼ିଶା ସହ ସହଭାଗିତାରେ କାର୍ଯ୍ୟ କରି ଆମେ ଖୁସି, ବିଶେଷକରି କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ । ସହଭାଗିତାକୁ ଆଗକୁ ବଢାଇବାକୁ ଆମେ ଉତ୍ସୁକ । ଫାଉଣ୍ଡେସନ ଓଡିଶାରେ କୃଷି ସହନଶୀଳ ପଦ୍ଧତିକୁ ଆଧାର କରି ପ୍ରଚଳିତ ବୈଷୟିକ ଜ୍ଞାନର ସଂଗ୍ରହ ସହିତ ଏହା କିପରି କୃଷକଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିବ ଏବଂ ରାଜ୍ୟରେ କୃଷି କ୍ଷେତ୍ରର ଅଭିବୃଦ୍ଧି ସହିତ ନବସୃଜନକୁ ପ୍ରୋତ୍ସାହିତ କରିବ, ସେ ଦିଗରେ ଯଥା ସମ୍ଭବ ପ୍ରଚେଷ୍ଟା କରିବ ।

## ୱଣ୍ଡରଲା ଭୁବନେଶ୍ୱର ପକ୍ଷରୁ ଚମତ୍କାର ଗ୍ରୀଷ୍ମ ଅଫର ସହ ୨ ନୂଆ ଆକର୍ଷଣ ଉନ୍ମୋଚିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ ଆମ୍ୟୁଜମେଣ୍ଟ ପାର୍କ ଶୃଙ୍ଖଳା ୱଣ୍ଡରଲା ହଲିଡେଜ ଲିମିଟେଡ ପକ୍ଷରୁ ଆଜି ଏହାର ଭୁବନେଶ୍ୱର ପାର୍କରେ ଦୁଇଟି ନୂଆ ଆକର୍ଷଣ 'ଫଙ୍କି ମଙ୍କି' ଓ 'ୱଣ୍ଡରଲା ବାମ୍ବା'ର ଶୁଭାରମ୍ଭ କରାଯାଇଛି । ଏସବୁକୁ ମିଶାଇ ୱଣ୍ଡରଲା ଭୁବନେଶ୍ୱରରେ ଏବେ ୨୩ଟି ଭୂପୃଷ୍ଠ ଓ ଜଳ ଆକର୍ଷଣ ରହିଛି ଏବଂ ଏହା ଓଡ଼ିଶାର ସର୍ବବୃହତ ଆମ୍ୟୁଜମେଂଟ ପାର୍କ ଭାବେ ନିଜର ସ୍ଥାନ ସୁଦୃଢ଼ କରିଛି । ଲୋକପ୍ରିୟ ଅଭିନେତା ତଥା ଗାୟକ ବାବୁଶାନ ମହାନ୍ତିଙ୍କ ସହ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ଏମଡି ଅରୁଣ କେ ଚିତିଲପିଲି, ସିଓଓ ଧୀରନ ଚୌଧୁରୀ ଓ ଭୁବନେଶ୍ୱର ପାର୍କ ମୁଖ୍ୟ କଳ୍ପତରୁ ନାୟକଙ୍କ ଉପସ୍ଥିତିରେ ପାର୍କରେ ଏହି ଉନ୍ମୋଚନ ଉତ୍ସବ ପାଳିତ ହୋଇଥିଲା । ଏହି ଉନ୍ମୋଚନ ଅବସରରେ ୱଣ୍ଡରଲା ହଲିଡେଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ଏମଡି ଅରୁଣ କେ ଚିତିଲାପିଲି କହିଛନ୍ତି ଯେ, ଆମ ଭୁବନେଶ୍ୱର ପାର୍କରେ ଦୁଇଟି ପାରିବାରିକ ଯାତ୍ରା ଯୋଡ଼ିବା ସବୁ ବୟସ ବର୍ଗ ପାଇଁ ବିବିଧ, ଉଚ୍ଚମାନର ଆମୋଦ ପ୍ରଦାନ ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଆମେ ଜାତୀୟ ସ୍ତରରେ ବିସ୍ତାର କରିବା ସହିତ ଭୁବନେଶ୍ୱର ଏକ ପ୍ରମୁଖ ବଜାର ଭାବରେ ଉଭା ହୋଇଛି ଏବଂ ଏଠାରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବାକୁ ଆମେ ଉତ୍ସାହିତ । ଏହି ନୂତନ ଆକର୍ଷଣଗୁଡିକ ଆମର ରାଇଡ୍ ପୋର୍ଟଫୋଲିଓକୁ ବଢ଼ାଇଛି ଏବଂ ଉଭୟ ଯୁବ ପରିବାର ଏବଂ ରୋମାଞ୍ଚ ଖୋଜୁଥିବା ଲୋକଙ୍କ ଆବଶ୍ୟକତା ପୂରଣ କରିବ । ଆମର ସମସ୍ତ ସ୍ଥାନରେ ଆନନ୍ଦ, ସୁରକ୍ଷିତ ଏବଂ ସ୍ମରଣୀୟ ଅନୁଭୂତି ପହଞ୍ଚାଇବା ଉପରେ ଆମେ ଧ୍ୟାନ ଦେଉଛୁ । ଭୁବନେଶ୍ୱର ପାର୍କ- ଅନଲାଇନ୍ ବୁକିଂ ପୋର୍ଟାଲ: https:/ bookings.wonderla.com । ଯୋଗାଯୋଗ -୦୬୭୪ - ୬୬୪୦୩୦୦ ।

## ବୋଷ ଶିକ୍ଷାନୁଷ୍ଠାନରେ ଅତ୍ୟାଧୁନିକ ପ୍ରୟୋଗଶାଳା ଉଦ୍‌ଘାଟିତ



କଟକ(ଭାସ୍କର ନ୍ୟୁଜ): ବୈଷୟିକ ଶିକ୍ଷା ଏବଂ ଦକ୍ଷତା ବିକାଶ ଦିଗରେ ଓଡ଼ିଶା ଏବେ ନେତୃତ୍ୱ ନେଉଛି । ପୂର୍ବରୁ ଛାତ୍ରୀଛାତ୍ରମାନଙ୍କୁ ବୈଷୟିକ ଶିକ୍ଷା ପାଇଁ ଓଡ଼ିଶା ଛାଡ଼ିବାକୁ ପଡୁଥିଲା । କିନ୍ତୁ ଏବେ ଅନ୍ୟ ରାଜ୍ୟରୁ, ଏପରିକି ଦେଶର ବିଭିନ୍ନ ପ୍ରାନ୍ତରୁ ଗୁଣାତ୍ମକ ଶିକ୍ଷା ହାସଲ କରିବା ପାଇଁ ଛାତ୍ରୀଛାତ୍ରମାନେ ଓଡ଼ିଶା ଆସୁଛନ୍ତି । ବୋଷ ଦକ୍ଷତା ଏବଂ ପ୍ରଯୁକ୍ତିବିଦ୍ୟା ବିକାଶର ନୂତନ ଯୁଗ ଆରମ୍ଭ କରିଛି । ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ ଇଞ୍ଜିନିୟରିଂ (ବୋଷ)ର ନୂତନ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ସହ ଅତ୍ୟାଧୁନିକ ପ୍ରୟୋଗଶାଳାଗୁଡ଼ିକର ଉଦ୍‌ଘାଟନ କରି ଏହି ମତବ୍ୟକ୍ତ କରିଛନ୍ତି । ବୋଷରେ ଉଦଘାଟିତ ହୋଇଥିବା ଫେଷ୍ଟୋ ଇଣ୍ଡିଅଳ ଦ୍ୱାରା ଅତ୍ୟାଧୁନିକ ମେକାଟ୍ରୋନିକ୍ସ ଲ୍ୟାବ ଏବଂ ହେକ୍ସାଗନ ଜିଓସିଷ୍ଟମ୍ସ ଇଣ୍ଡିଆ । ଦ୍ୱାରା ଜିଓଡେଟିକ ରିସର୍ଚ୍ଚ ଲ୍ୟାବ ଛାତ୍ରୀଛାତ୍ରଙ୍କ ବୈଷୟିକ ଅଧ୍ୟୟନରେ ବିଶେଷ ଭାବେ ଉପଯୋଗୀ ହେବ । ଭିତିପ୍ରସ୍ତର ସ୍ଥାପନ ହୋଇଥିବା ଏକାଡେମିକ ବ୍ଲକ ବିଲଡିଂ (ଜି+୪) ଏବଂ ୧୫୦ ଆସନ ବିଶିଷ୍ଟ ମହିଳା ଛାତ୍ରୀ ନିବାସ ବିଲଡିଂ ଜି+୪ର ଶିକ୍ଷାନୁଷ୍ଠାନକୁ ଆହୁରି ଆଗକୁ ନେବ ବୋଲି ମନ୍ତ୍ରୀ ସ୍ୱାଇଁ ଆଶାବ୍ୟକ୍ତ କରିଛନ୍ତି । ସମ୍ମାନିତ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ, ମେୟର ସୁବାସ ଚନ୍ଦ୍ର ସିଂହ ଓ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଉପସ୍ଥିତ ଥିଲେ । ବୋଷ ଅଧ୍ୟକ୍ଷ ଡ. ହୃଷୀକେଶ ମହାନ୍ତି ବିବରଣୀ ପ୍ରଦାନ କରି ଅନୁଷ୍ଠାନର ପରିବର୍ତନ ଏବଂ ଏହାର ଅଗ୍ରଣୀ ମଡେଲ ଡିଜାଇନ, ଏନଗେଜ, ଆଡପ୍ଟ ଉପରେ ଆଲୋକପାତ କରିଥିଲେ । ଫେଷ୍ଟୋ ଇଣ୍ଡିଆର ଅଧିକାରୀ ହରିଶ ନାଚନାନି ଓ ହେକ୍ସାଗନ ଇଣ୍ଡିଆ ।ର ବିକ୍ରୟ ବିଭାଗର ଉପାଧ୍ୟକ୍ଷ କୌସ୍ତବ ଜଗତ ରାୟ ଉପସ୍ଥିତ ଥିଲେ । ଏକାଡେମିକ ବ୍ଲକ ପାଇଁ ୧୧.୪୯ କୋଟି ଟଙ୍କା ଏବଂ ଆ ।ଧୁନିକ ମହିଳା ଛାତ୍ରୀ ନିବାସ ପାଇଁ ୧୦.୦୩ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିବା ଜଣାଯାଇଛି ।

### ବିଶ୍ୱ ଟିକାକରଣ ସପ୍ତାହ ପାଳିତ

# ୯୦.୫% ଟିକାକରଣ ସହିତ ଓଡ଼ିଶା ଦେଶରେ ଶୀର୍ଷ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡିଶା ଜନସ୍ୱାସ୍ଥ୍ୟକୁ ସମ୍ପୂର୍ଣ୍ଣ ସୁଦୃଢ଼ କରିବା ଏବଂ ଭବିଷ୍ୟତ ପିଢ଼ିର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ମଙ୍ଗଳବାର ରାଜ୍ୟରେ ମିଳିମିଳା ଏବଂ ରୁବେଲା (ଏମଆର) ନିରାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏକ ବିସ୍ତୃତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ସାମଗ୍ରୀର ଉନ୍ମୋଚନ କରିଛନ୍ତି । ଅପ୍ରେଲ ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳନ କରାଯାଉଥିବା ବିଶ୍ୱ ଟୀକାକରଣ ସପ୍ତାହ ୨୦୨୫ର ଉତ୍ସବର ଏକ ଅଂଶ ଭାବରେ ଆଜି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ଏହି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୨୦୨୬ ସୁଦ୍ଧା ମିଳିମିଳା ଏବଂ ରୁବେଲାକୁ ସମ୍ପୂର୍ଣ୍ଣ ରୂପେ ପରାହତ କରିବା ପାଇଁ ଓଡ଼ିଶା ସଂକଳ୍ପବଦ୍ଧ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ଃ



ମହାଲିଙ୍ଗ ପ୍ରକାଶ କରିଛନ୍ତି । ଡ଼ଃ ମହାଲିଙ୍ଗ କହିଥିଲେ ଯେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍-୫) ଅନୁଯାୟୀ ଓଡିଶା ୯୦.୫% ଟୀକାକରଣ କଭରେଜ୍ ହାସଲ କରିପାରିଛି, ଯାହା ସମସ୍ତ ଭାରତୀୟ ରାଜ୍ୟ ମାନଙ୍କ ମଧ୍ୟରେ ସର୍ବାଧିକ । ଟୀକାକରଣ ଦ୍ୱାରା ପ୍ରତିରୋଧ କରି ହେଉଥିବା ରୋଗ ଠାରୁ ଶିଶୁମାନଙ୍କୁ ଦୂରେଇ ରଖିବା ସହ ଶାରିରୀକ ଅସୁସ୍ଥତା ଓ ମୃତ୍ୟୁହାର ହ୍ରାସ କରିବା ନିମନ୍ତେ ରାଜ୍ୟରେ ସର୍ବଦା ମହିଳା ଓ ଶିଶୁମାନଙ୍କର ଟୀକାକରଣକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରାଯାଇଛି । ଏହା ଏକ ପ୍ରମାଣିତ ସତ୍ୟ ଯେ , ଟୀକାକରଣ ହେଉଛି ସବୁଠାରୁ ସଫଳ ଏବଂ ସ୍ୱଳ୍ପଖର୍ଚ୍ଚରେ କାର୍ଯ୍ୟକାରୀ ହେଉଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା । ଆମେ ସମସ୍ତେ ମିଳିମିଶି ନିଶ୍ଚିତ କରିବା ଦରକାର ଯେ ରାଜ୍ୟର କୌଣସି ଶିଶୁ ଯେମିତି ଟୀକାକରଣରୁ ବଂଚିତ ନ ହୁଅନ୍ତୁ, ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସୂଚନା ଓ ଲୋକସମ୍ପର୍କ ଭଳି ଏକାଧିକ ସରକାରୀ ବିଭାଗର ପରସ୍ପର ସହଯୋଗୀ ଆଭିମୁଖ୍ୟ ଉପରେ ଏମଆର ନିରାକରଣ ମିଶନର ସଫଳତା ନିର୍ଭର କରେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଟୀକାକରଣ ସଚେତନତାକୁ ତୃଣମୂଳସ୍ତରରେ ଏକ ଆନ୍ଦୋଳନରେ ପରିଣତ କରିବା ପାଇଁ ଅଭିଭାବକ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସ୍ୱାସ୍ଥ୍ୟ କର୍ମୀ, ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟ, ସ୍ୱେଚ୍ଛାସେବୀ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସଚେତନ ନାଗରିକ ସମାଜକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଅନୁରୋଧ କରିଛନ୍ତି । ଉଲ୍ଲେଖନୀୟ ଯେ, ଟୀକାକରଣ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ଯୋଗୁଁ, ୧୯୭୭ ମସିହାରେ ଭାରତରୁ ବସନ୍ତ ରୋଗର ବିଲୋପ, ମାର୍ଚ୍ଚ ୨୦୧୪ ମସିହାରୁ ଭାରତ ପୋଲିଓ ମୁକ୍ତ ଏବଂ ମେ ୨୦୧୫ ମସିହାରୁ ମାତୃ ଏବଂ ନବଜାତ ଶିଶୁ ଟିଟାନସ୍ ମୁକ୍ତ ଘୋଷଣା କରାଯାଇଛି । ଏହି ଉଦଘାଟନୀ ଉତ୍ସବରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ରାଜ୍ୟ ଟୀକାକରଣ ଅଧିକାରୀ ଡା. ତାପସ କୁମାର ପାତ୍ର, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ବିନୋଦ ବିହାରୀ ଦାସଙ୍କ ସମେତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



## ଅନ୍‌ଲାଇନ୍ ଗେମ୍‌ର ବିଭୀଷିକା

# ଅକାଳରେ ଝଡୁଛି ଅମୂଲ୍ୟ ଜୀବନ

ଆମ ଦେଶରେ ସବୁବର୍ଗର ଲୋକଙ୍କ ପାଇଁ ଏବେ ଦୁଇଟି ବଡ଼ ବିପଦ ଘନେଇ ଆସିଥିବାର ଲକ୍ଷ୍ୟ କରାଯାଉଛି । ଗୋଟିଏ ପଟେ ସାଇବର ଠକେଇ କାୟାବିସ୍ତାର କରି ମାଡ଼ି ଚାଲିଥିବା ବେଳେ ଏବଂ କନିଷ୍ଠଙ୍କ ଠାରୁ ଆରମ୍ଭ କରି ବରିଷ୍ଠଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାର ଶିକାର ହୋଇ ଆର୍ଥିକ କ୍ଷେତ୍ରରେ ସର୍ବସ୍ୱାନ୍ତ ହେଉଥିବା ସମୟରେ ଅନ୍ୟପଟେ ଅନ୍‌ଲାଇନ୍ ଗେମ୍‌ର ନିଶା ଯୁବଗୋଷ୍ଠୀ ଲାଗି ଘାତକ ସାବ୍ୟସ୍ତ ହୋଇଛି । ଅନ୍‌ଲାଇନ୍ ଗେମ୍ ଖେଳି ଅଧିକ ଅର୍ଥ ଉପାର୍ଜନ କରିବାକୁ ଯୁବକମାନେ ଏଭଳି ବ୍ୟାକୁଳ ହୋଇ ଉଠିଛନ୍ତି ଯେ ଖେଳରେ ହାରିବା ପରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବା ପାଇଁ ପଛାଉ ନାହାନ୍ତି । ମୋଟାମୋଟି ଭାବରେ ସମଗ୍ର ଦେଶ ବିଶେଷ କରି ଆମ ରାଜ୍ୟ ଓଡ଼ିଶାରେ ଅନ୍‌ଲାଇନ୍ ଗେମ୍ ବିଭୀଷିକା ସୃଷ୍ଟି କରି ବହୁ ନିରୀହ ଯୁବକଙ୍କ ଜୀବନ ଅକାଳରେ ଲୁଟି ନେଉଥିବାର ଦୁଃଖଦ ତଥ୍ୟ ସାମ୍ନାକୁ ଆସିଛି । ରାତାରାତି କୋଟିପତି ହେବା ଲୋଭରେ ସେମାନେ ସର୍ବସ୍ୱ ହରାଉଛନ୍ତି । ଶେଷରେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ରାସ୍ତା ବାଛି ନେଉଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଓଡ଼ିଶାରେ ଗତ ତିନିବର୍ଷରେ ୬୦ରୁ ଅଧିକ ଯୁବକ ଅନ୍‌ଲାଇନ୍ ଗେମ୍‌ରେ ହାରିଯିବା ଯୋଗୁଁ ଆତ୍ମହତ୍ୟା କରିଥିବାବେଳେ ଅନେକ ନାବାଳକ ଆତ୍ମହତ୍ୟା ଉଦ୍ୟମ କରି କୌଣସିମତେ ବଞ୍ଚି ଯାଇଛନ୍ତି । ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ଖୋର୍ଦ୍ଧା, କଟକ ଓ ପୁରୀରେ ଅଧିକ ସଂଖ୍ୟକ ଯୁବକ ଆତ୍ମହତ୍ୟା କରିଥିବାର ପରିସଂଖ୍ୟାନରୁ ଜଣାପଡିଛି । ଅଳ୍ପଦିନ ପୂର୍ବେ ଆଇ.ପି.ଏଲ୍ କ୍ରିକେଟ୍ ପ୍ରତିଯୋଗିତା ଚାଲିଥିବା ସମୟରେ ଯାଜପୁର, କେନ୍ଦୁଝର ଓ ପୁରୀ ଜିଲ୍ଲାର କେତେକ ଯୁବକ ଅନ୍‌ଲାଇନ୍ ଗେମ୍‌ରେ ଟଙ୍କା ଖଟାଇ ହଠାତ୍ କୋଟିପତି ହୋଇଗଲେ । ସେମାନେ ବିପୁଳ ଲାଭବାନ୍ ହୋଇଥିବା ଖବର ବିଦ୍ୟୁତ୍ ବେଗରେ ପ୍ରଚାରିତ ହେବା ମାତ୍ରେ ରାଜ୍ୟର ଅନ୍ୟ ଅଞ୍ଚଳର ଯୁବକମାନେ ଏଥିପ୍ରତି ଆକୃଷ୍ଟ ହେବାରେ ଲାଗିଲେ । ମାତ୍ର ସମସ୍ତଙ୍କ ଭାଗ୍ୟ ସମାନ ନୁହେଁ ଓ ଏହି ଖେଳ ଅନ୍ୟମାନଙ୍କ ପାଇଁ ଯେ କାଳ ସାଜିବ, ଏହା ବୁଝିବାକୁ ସେମାନେ ଅକ୍ଷମ ହେଲେ । ଗତ ସପ୍ତାହରେ ଖୋଦ୍ ରାଜଧାନୀର ଲକ୍ଷ୍ମୀସାଗର ଅଞ୍ଚଳରେ ଜଣେ ଯୁବକ ସାତଲକ୍ଷ ଟଙ୍କା କ୍ଷତି ସହିବା ପରେ ଆତ୍ମହତ୍ୟା କରିବାକୁ ପଛାଇ ନାହାନ୍ତି । ସେହିପରି ବାଲେଶ୍ୱରରେ ଜଣେ ଇଞ୍ଜିନିୟର୍ ଅନ୍‌ଲାଇନ୍ ଗେମ୍‌ରେ ସାତଲକ୍ଷ ଟଙ୍କା ହରାଇ ଆତ୍ମହତ୍ୟା ଉଦ୍ୟମ କରିଥିବାର ଖବର ମିଳିଛି । ଦୁଇବର୍ଷ ତଳେ କେନ୍ଦୁଝରର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଫ୍ରି ଫାୟାର୍ ଗେମ୍ ଖେଳି ଟଙ୍କା ହରାଇବା ପରେ ଆତ୍ମହତ୍ୟା କରିଥିଲେ । ସେହିପରି କୋରାପୁଟରେ ଜଣେ ୧୩ ବର୍ଷର ବାଳକକୁ ତା'ର ବାପା-ମା' ଅନ୍‌ଲାଇନ୍ ଗେମ୍ ଖେଳିବାକୁ ମନା କରିଦେବାରୁ ସେ ଆତ୍ମହତ୍ୟାର ରାସ୍ତା ବାଛି ନେଇଥିଲା । ଜଗତସିଂହପୁର ଅଞ୍ଚଳର ଜଣେ ବ୍ୟବସାୟୀ ଖେଳରେ ଲକ୍ଷାଧିକ ଟଙ୍କା ହରାଇ ଆତ୍ମହତ୍ୟା କରିଥିବା ସ୍ଥଳେ କେନ୍ଦ୍ରାପଡ଼ାର ଜଣେ ଯୁବକ ସମାନ କାରଣରୁ ଜୀବନ ହରାଇଥିଲେ । ପ୍ରାୟ ବର୍ଷକ ପୂର୍ବେ ପବ୍‌ଜୀ ଗେମ୍‌ରେ ଲକ୍ଷଲକ୍ଷ ଟଙ୍କା ହରାଇ ବାଲେଶ୍ୱରର ଜଣେ ଯୁକ୍ତ ୩ ଛାତ୍ର ଆତ୍ମହତ୍ୟା କରିଥିବାର ଅଭିଯୋଗ ଆସିଥିଲା । ଏଭଳି ଅନ୍‌ଲାଇନ୍ ଗେମ୍ ଦ୍ୱାରା ଠକାମୀ ବଢ଼ୁଥିବାରୁ ଭାରତ ସରକାର ୨୦୨୨ ମସିହାରେ ବ୍ୟକ୍ତିଗତ ଗୋପନୀୟତା ଓ ଡାଟା ଚୋରି ଅଭିଯୋଗରେ ଫ୍ରି ଫାୟାର୍ ଭଳି ୫୩ଟି ଆପ୍‌କୁ ବ୍ଲକ କରିଥିଲେ । ଏହା ସତ୍ତ୍ୱେ ଅନ୍‌ଲାଇନ୍ ଗେମ୍‌ର ବିଭୀଷିକା କମିବାର ନାମଗନ୍ଧ ଧରୁନାହିଁ । ଏହି ବ୍ୟାଧିକୁ ରୋକିବା ଦିଗରେ ଅଧିକ କଠୋର ଆଇନ୍‌ର ଆବଶ୍ୟକତା ଅନୁଭୂତ ହେଉଛି ।



## ନୀତିବାଣୀ

**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ଅକ୍ଷୟ ତୃତୀୟା ପର୍ବର ଅନୁଚିନ୍ତା



**ଇଂ. ଅଭୟ ସୂତାର**
*ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ*
*ଭଦ୍ରକ, ମୋ: ୯୪୩୭୩୭୬୯୬୭*

ବୈଶାଖମାସ ଶୁକ୍ଳପକ୍ଷ ତୃତୀୟା ତିଥିକୁ ଅକ୍ଷୟ ତୃତୀୟା ଦିବସ ଭାବେ ଓଡ଼ିଶାରେ ପାଳନ କରାଯାଏ । ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଏହି ଦିବସ ନାନା ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ । ଏହି ଦିନରେ ବର୍ଷର ପ୍ରଥମ କୃଷି ପର୍ବ ପାଳିତ ହୁଏ । କୃଷକମାନେ ମାନେ ବିହନ ବୁଣିବା ଆରମ୍ଭ କରନ୍ତି । ଏହାକୁ ଅକ୍ଷିମୁଠି ଚାଳନା କୁହାଯାଏ । ଓଡ଼ିଶାର ଶତକଡ଼ା ୮୬ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି ଓ ଏମାନେ ପ୍ରାୟ ସମସ୍ତେ କୃଷି ଉପରେ ନିର୍ଭରଶୀଳ । ତେଣୁ ଏହି ଲୋକଙ୍କ ପାଇଁ ଅକ୍ଷୟ ତୃତୀୟା ହେଉଛି ବର୍ଷର ପ୍ରଥମ କୃଷିପର୍ବ । ଏହି ପର୍ବରେ ପ୍ରତ୍ୟେକ କୃଷକ ପରିବାରରେ ଆନନ୍ଦ ଉତ୍ସବ ଦେଖାଯାଏ । କୃଷକ ଗୃହିଣୀ ପର୍ବ ପାଳନ ପାଇଁ ଘରଦ୍ୱାରକୁ ଲିପା ପୋଛା କରନ୍ତି । କୋଠଘରେ ଚିତା ପକାନ୍ତି । ବିହନ ଟୋକେଇକୁ ଧୋଇ ସେଥିରେ ଚିତା ଲେଖନ୍ତି । ପରିବାର ପାଇଁ ପିଠାପଣା ବା ନାନା ପ୍ରକାର ଖାଦ୍ୟ ପ୍ରସ୍ତୁତ କରନ୍ତି । କୃଷକ ମାହେନ୍ଦ୍ର ବା ଅମୃତ ବେଳାରେ ହଳ, ବିହନ, ଭୋଗସାମଗ୍ରୀ, ଫୁଲ ଓ ଧୂପଦୀପ ନେଇ ନିଜର ଅକ୍ଷି ମୁଠି କିଆରିରେ ବସୁମାତାଙ୍କୁ ପୂଜା କରି କୃଷକ ବିହନ ବୁଣା ଆରମ୍ଭ କରେ ଓ ବିଲକୁ ଚଷି ବିହନକୁ ମାଟିରେ ଘୋଡ଼ାଇ ଦିଏ । ଅକ୍ଷି ମୁଠିର ଅର୍ଥ - ଅନୁକୂଳ ବା ପ୍ରଥମ ଥର ପାଇଁ ବୁଣାଯାଉଥିବା ଧାନ ମୁଠା ଅକ୍ଷୟ ହେଉ, ଅର୍ଥାତ୍ କୌଣସି ପରିସ୍ଥିତିରେ ଏହାର କ୍ଷୟ ନ ଘଟୁ । ସେହିପରି ପ୍ରତି କୃଷକର ଅକ୍ଷି ମୁଠି ଚାଳନା ପାଇଁ ଏକ ସ୍ୱତନ୍ତ୍ର କିଆରି ଥାଏ । ଏହି କିଆରିରେ ପ୍ରତିବର୍ଷ ବସୁମାତାଙ୍କୁ ପୂଜା କରି କୃଷକ ବିହନ ବୁଣା ଆରମ୍ଭକରେ । ଏହାକୁ ଅକ୍ଷିମୁଠି କିଆରି କୁହାଯାଏ । କୌଣସି ପରିସ୍ଥିତିରେ ଏହି କିଆରିକୁ କୃଷକ ବିକ୍ରି କରେ ନାହିଁ । ଏହାକୁ ବିକ୍ରି କଲେ ଲକ୍ଷ୍ମୀଛଡ଼ା ହୋଇଯାଏ ବୋଲି କୃଷକ ମନରେ ନୈରାଶ୍ୟ ଦେଖାଯାଏ । ବିହନ ବୁଣା ହେବା ପରେ ବସୁମାତାଙ୍କ ଉଦ୍ଦେଶ୍ୟରେ ହୋଇଥିବା ଭୋଗୁ ପିଲାଙ୍କ ମଧ୍ୟରେ ବଣ୍ଟାଯାଏ ଓ କୃଷକ ପରିବାରରେ ସେ ଦିନ ଭଲ ଖାଦ୍ୟ ଖାଇ ଆନନ୍ଦ ଉତ୍ସବ କରାଯାଏ ।

ଏହି ଦିନଠାରୁ ଶ୍ରୀଜଗନ୍ନାଥଙ୍କର ଚନ୍ଦନ ଯାତ୍ରା ଆରମ୍ଭ ହୁଏ । ପୁରୀରେ ଚନ୍ଦନଯାତ୍ରା ନରେନ୍ଦ୍ର ପୋଖରୀରେ ଅନୁଷ୍ଠିତ ହୁଏ । ଶ୍ରୀମନ୍ଦିରରୁ ତିନି ଠାକୁର ପଟୁଆର କରି ନାବକ୍ରୀଡ଼ା ଉଦ୍ଦେଶ୍ୟରେ ନରେନ୍ଦ୍ର ପୋଖରୀକୁ ଆସନ୍ତି । ସେଠାରେ ହଜାର ହଜାର ଭକ୍ତ ଉପସ୍ଥିତ ରହି ଏହି ଦିବ୍ୟ ଉତ୍ସବକୁ ଉପଭୋଗ କରନ୍ତି । ଏହି ନାବ କ୍ରୀଡ଼ା ୨୧ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅଷ୍ଟମୀ ଦିନ ଶେଷ ହୁଏ ଓ ଠାକୁରମାନେ ପୂର୍ବପରି ପଟୁଆର ସହ ଶ୍ରୀ ମନ୍ଦିରକୁ ଫେରି ଆସନ୍ତି । ପୁରୀ ଛଡ଼ା ଓଡ଼ିଶାର ଅନେକ ସ୍ଥାନରେ ଚନ୍ଦନ ଯାତ୍ରା ମଧ୍ୟ ଅନୁଷ୍ଠିତ ହୁଏ ।

ଅକ୍ଷୟ ତୃତୀୟା ଦିନଠାରୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ ଆରମ୍ଭ ହୁଏ । ଏହି ଦିନ ତିନି ଠାକୁରଙ୍କ ନିକଟରୁ ରଥ ନିର୍ମାଣ ପାଇଁ ଆଜ୍ଞାମାଳ ଆସେ । ତିନିଜଣ ପୂଜାପଣ୍ଡା ତିନି ଠାକୁରଙ୍କ ଶ୍ରୀ ଅଙ୍ଗରୁ ମାଳ ଆଣି ତିନିରଥ ନିର୍ମାଣର ଦାୟିତ୍ୱରେ ଥିବା ତିନି ମହାରଣାଙ୍କୁ ପ୍ରଦାନ କରନ୍ତି । ଉପବାସରେ ରହି ମହାରଣାମାନେ ସେ ଦିନ ଆଜ୍ଞାମାଳ ଗ୍ରହଣ କରନ୍ତି । ତା' ପରେ କାଠ ଉପରେ ନଡ଼ିଆ ଭାଙ୍ଗି ନୂଆ କୁରାଡ଼ିରେ ଅନୁକୂଳ କରି ଚୋଟ ଦିଅନ୍ତି । ଏହି ସମୟରେ ଶ୍ରୀମନ୍ଦିର ତରଫରୁ ରଥ ନିର୍ମାଣ ପାଇଁ ନିଯୁକ୍ତ ବଢ଼େଇ, ଭୋଇ, ରୂପକାର, ଚିତ୍ରକାର ଆଦିଙ୍କ ମୁଣ୍ଡରେ ଶାଢ଼ି ବନ୍ଧାଯାଏ ଓ ଏହାପରେ ରଥ ତିଆରି କାର୍ଯ୍ୟ ଆରମ୍ଭ ହୁଏ । ଏହି ଦୃଶ୍ୟଗୁଡ଼ିକ ଅତିବ ମନୋମୁଗ୍ଧକର ଓ ଆଧାତ୍ମିକ ଭାବଧାରାରେ ପରିପୂର୍ଣ୍ଣ । ଓଡ଼ିଶାର ଯେଉଁ ସ୍ଥାନମାନଙ୍କରେ ରଥ ନିର୍ମାଣ କରାଯାଏ, ସେ ଦିନ ଏହିପରି ବିଧି ବ୍ୟବସ୍ଥା ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ ।

ପୌରାଣିକ ତଥ୍ୟ ଅନୁସାରେ ଏହି ଦିନରେ ସତ୍ୟଯୁଗ ଆରମ୍ଭ ହୋଇଥିଲା । ସ୍ୱର୍ଗରୁ ଦେବତାମାନେ ଆସି ପୃଥିବୀରେ ବୀଜବପନ କରିଥିଲେ । ସ୍ୱୟଂ ଇନ୍ଦ୍ରଜମିକୁ କର୍ଷଣ କରିବା ପାଇଁ ହଳ ଧରିଥିଲେ । ଏହି କର୍ଷଣ ଓ ବୀଜ ବପନର ଉଦ୍ଦେଶ୍ୟ ଥିଲା- ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟ ଜୀବମାନଙ୍କ କ୍ଷୁଧା ନିବାରଣ ପାଇଁ ଖାଦ୍ୟ ଉତ୍ପାଦନର ଧାରା ପ୍ରବର୍ତ୍ତନ କରିବା । ସେହିଦିନ ଠାରୁ ଏପର୍ଯ୍ୟନ୍ତ ପୃଥିବୀରେ ଜମି କର୍ଷଣ କରିବା ପାଇଁ ହଳ ଧରିଥିଲେ । ଏହି କର୍ଷଣ ଓ ବୀଜବପନର ଉଦ୍ଦେଶ୍ୟ ଥିଲା - ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟି ଜୀବମାନଙ୍କ କ୍ଷୁଧା ନିବାରଣ ପାଇଁ ଖାଦ୍ୟ ଉତ୍ପାଦନର ଧାରା ପ୍ରବର୍ତ୍ତନ କରିବା । ସେହିଦିନ ଠାରୁ ଏପର୍ଯ୍ୟନ୍ତ ପୃଥିବୀରେ ଜମି କର୍ଷଣ ଓ ବୀଜବପନ ପ୍ରକ୍ରିୟା ରହିଅଛି । ଏହି ପ୍ରକ୍ରିୟା ଅକ୍ଷୟ ହୋଇଥିବାରୁ ଏହାକୁ ଅକ୍ଷୟ ତୃତୀୟା କୁହାଯାଏ ।

ଅକ୍ଷୟ ତୃତୀୟା ଦିବସଟି ଓଡ଼ିଶାବାସୀଙ୍କ ପାଇଁ ଏକ ଶୁଭ ଦିବସ । ଏହି ଦିବସରେ କୂପ ଖନନ, ଗୃହ ନିର୍ମାଣ, ମନ୍ଦିର ନିର୍ମାଣ ଇତ୍ୟାଦି ପାଇଁ ଶୁଭ ଦିଆଯାଏ ବା ନିର୍ମାଣ ଶେଷ ହୋଇଥିଲେ ପ୍ରତିଷ୍ଠା କରାଯାଏ । ବିବାହ ପାଇଁ ସମ୍ବନ୍ଧ ସ୍ଥାପନ, ବ୍ୟବସାୟ ଆରମ୍ଭ, ଦୂର ଦେଶକୁ ଯାତ୍ରା, ବିଦ୍ୟାରମ୍ଭ ଇତ୍ୟାଦି ଅନେକ କାର୍ଯ୍ୟକୁ ଭବିଷ୍ୟତରେ ଶୁଭଦେବା ପାଇଁ ଏହି ଦିନ କରାଯାଏ ।

ଅକ୍ଷୟ ତୃତୀୟା ଦିନ ଧାନ ବୁଣା ଆରମ୍ଭକରି ପ୍ରଥମ କୃଷିପର୍ବ ପାଳନ କରିବାର ବୈଜ୍ଞାନିକ କାରଣ ହେଲା - ଓଡ଼ିଶାରେ ମୌସୁମୀ ବାୟୁ ବର୍ଷା ଆଷାଢ଼ ମାସ ଆରମ୍ଭରୁ ଅର୍ଥାତ୍ ରଜ ପରଠାରୁ ହୋଇଥାଏ । ଏହି ବର୍ଷା ହେଲେ ଗହୀର ଓ ପାଟ ଜମିରେ ପାଣି ଜମିଯାଏ । ତେଣୁ ଏଭଳି ଜମିରେ ଆଉ ଧାନ ବୁଣାଯାଇ ପାରେନାହିଁ । ଅଧିକ ପାଣି ଜମି ଯାଉଥିବାରୁ ତଳି ପ୍ରସ୍ତୁତ କରି ରୋଇବା ମଧ୍ୟ ସମ୍ଭବ ହୁଏନାହିଁ । ତେଣୁ ମୌସୁମୀ ବାୟୁଜନିତ ବର୍ଷା ଆରମ୍ଭ ହେବା ପୂର୍ବରୁ ଏଭଳି ଜମିରେ ବିହନ ବୁଣା କାମକୁ ଯେକୌଣସିମତେ ଶେଷ କରିବାକୁ ପଡ଼େ । ମାଘ ମାସର ଶେଷ ବା ଫାଲଗୁନ ମାସରେ ଯେଉଁ ଅସିରିକିଆ ବର୍ଷା ହୁଏ, ସେଥିରେ ଏହି ଜମିକୁ ଚାଷ କରାଯାଏ । ଅକ୍ଷୟ ତୃତୀୟାଠାରୁ ରଜ ପର୍ଯ୍ୟନ୍ତ ଦିନଗୁଡ଼ିକରେ ଏହି ଜମିରେ ଧାନ ବୁଣାଯାଏ । ଖରାରେ ଜମିର ମାଟି ତାତି ତାତି ରହିଥାଏ । ଏଥିରେ ପ୍ରାକ୍ ମୌସୁମୀବାୟୁ ଜନିତ ବର୍ଷାପାଣି ପଡ଼ିବା ଯୋଗୁଁ ମାଟିରୁ ଯବକ୍ଷାରଜାନ ବାହାରେ । ଏହି ଯବକ୍ଷାରଜାନକୁ ଗ୍ରହଣକରି ଧାନଗଛ ଖୁବ୍‌ଶୀଘ୍ର ବଢ଼େ ଓ କଳା ଛନଛନ ହୁଏ । ବର୍ଷା ଅଧିକ ହେଲେ ମାଟିରୁ ଯବକ୍ଷାରଜାନ ବାହାରିବା ହ୍ରାସ ପାଏ । ମୌସୁମୀ ବାୟୁଜନିତ ବର୍ଷା ପୁରା ଦମ୍‌ରେ ଲାଗି ରହିଲେ, ଏହି ଜମିରେ ପାଣି ଲାଗେ । ତେଣୁ ବୁଣାଧାନକୁ ବେଉଷଣ କରାଯାଏ । ଏହିସବୁ ଦୃଷ୍ଟିକୋଣରୁ ଅକ୍ଷୟ ତୃତୀୟା ଦିନଠାରୁ ଦାନ ବୁଣା ଆରମ୍ଭ କରି ରଜ ପୂର୍ବରୁ ଶେଷ କରିବା ଉଭୟ ତାତ୍ତ୍ୱିକ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ଯଥାର୍ଥ ବୋଲି ବିଚାର କରାଯାଏ ।

ଅକ୍ଷୟ ତୃତୀୟା ଦିବସଟିକୁ ଓଡ଼ିଶା ସରକାର କୃଷକ ଦିବସ ରୂପେ ଅନେକ ବର୍ଷ ହେଲା ପାଳନ କରି ଆସୁଛନ୍ତି । ଏହି ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ସଭା ସମିତି କରାଯାଇ କୃଷକମାନଙ୍କୁ ନୂଆ ନୂଆ ବିହନ, ସାର, କୃଷି ଯନ୍ତ୍ରପାତି ଇତ୍ୟାଦି ସମ୍ପର୍କରେ ଅବଗତ କରାଯାଉଅଛି । ସେମାନଙ୍କୁ ଉନ୍ନତ ପ୍ରଣାଳୀର କୃଷି ଅବଲମ୍ବନ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଅଛି । ସଫଳତା ଅର୍ଜନ କରିଥିବା ଚାଷୀମାନଙ୍କୁ ପୁରସ୍କୃତ କରାଯାଉଛି ଇତ୍ୟାଦି, ମାତ୍ର ଏସବୁ କାର୍ଯ୍ୟ ନୀତି ନିୟମ ଦୃଷ୍ଟିରୁ କରାଯିବା କଥା ବୋଲି କରାଯାଉଅଛି, କିନ୍ତୁ ଏଥିରେ ବିଶେଷ ଆଗ୍ରହ, ନିଷ୍ଠା ବା ଦକ୍ଷତା ନାହିଁ । ଏହା ଥିଲେ - ସମଗ୍ର ଭାରତ ବର୍ଷରେ ଓଡ଼ିଶା ଆଜି ଏକ ଅନୁନ୍ନତ ରାଜ୍ୟ ଭାବରେ ରହି ନଥାଆନ୍ତା । ଏହି ରାଜ୍ୟରେ ଉତ୍ତରରେ ପଶ୍ଚିମ ବଙ୍ଗ ଓ ଦକ୍ଷିଣରେ ଆନ୍ଧ୍ରପ୍ରଦେଶ କୃଷି ଉତ୍ପାଦନ କ୍ଷେତ୍ରରେ ଅଭୂତପୂର୍ବ ଉନ୍ନତି କରିଥିବା ବେଳେ, ମଝିରେ ଓଡ଼ିଶା କାହିଁକି ଏକ ଦରିଦ୍ର ରାଜ୍ୟ ଭାବେ ପଡ଼ିଥାଆନ୍ତା ? ଆମର ଉର୍ବର ଜମିଅଛି । ଜଳସେଚନ ପାଇଁ ଭୂପୃଷ୍ଠ ଓ ଭୂତଳ ଜଳ ଯଥେଷ୍ଟ ପରିମାଣରେ ରହିଅଛି । ଅନୁକୂଳ ଜଳବାୟୁ ଅଛି ଓ ପରିଶ୍ରମୀ କୃଷକ ଅଛନ୍ତି । ମାତ୍ର ଆମେ ଆଜି ରାତି ପାହିଲେ ଭିକ୍ଷାଥାଳ ଧରି ଭିକ୍ଷା କରୁଛୁ । ଏମିତି ଅବସ୍ଥା ଆମର କେତେ ଦିନ ରହିବ ?

"ପ୍ରଜାପାଳି ସୁଖେ ବାବୁ ଭୋଗକର ରାଜ୍ୟ
ପ୍ରଜା କଲ୍ୟାଣେ ରାଜାର ବଡ଼ଇ ଐଶ୍ୱର୍ଯ୍ୟ ।
କୃଷି କର୍ମ କରି ପ୍ରଜା ଯଦି ହୁଏ ଦୁଃଖି
ସେମାନଙ୍କୁ ପାଳି ରାଜା ହୋଇବ କି ସୁଖି ?"

ଆଜି ଆମର ଠିକ୍ ଏଇ ଅବସ୍ଥା ଘଟିଛି । କୃଷି ଓ କୃଷକଙ୍କୁ ଅବହେଳା କରାଯାଉଥିବାରୁ, ସେମାନଙ୍କ ନିଃଶ୍ୱାସରେ କୌଣସି ସରକାର ତିଷ୍ଠି ପାରୁନାହାନ୍ତି । ଆମକୁ ମନେ ରଖିବାକୁ ହେବ, ସେହି ନିରୀହ କୃଷକଙ୍କ ପାଟି ଫିଟୁ ନାହିଁ । ସେମାନେ ଅସଂଗଠିତ, ମାତ୍ର ସେମାନଙ୍କର ଦୀର୍ଘଶ୍ୱାସ ଠିକ୍ ନାଗ ସାପର ନିଃଶ୍ୱାସ ଭଳି । ରାଜ୍ୟର କିଛି କୃଷକଙ୍କର ଘର ନାହିଁ, ଖାଇବାକୁ ଦାନା ନାହିଁ, ଚାଷ କରିବାକୁ ହଳେ ବଳଦ ନାହିଁ । ଘରେ ବିହନ ନାହିଁ, ଦିହରେ ବଳ ନାହିଁ । ଏହି ନାହିଁ ନାହିଁ ମଧ୍ୟରେ ସେମାନେ ଚାଷକରି ଆମ ପାଇଁ ଖାଦ୍ୟଶସ୍ୟ ଉତ୍ପାଦନ କରିବେ କେମିତି ?

ଯେଉଁ ଦିବସକୁ ସରକାର କୃଷକ ଦିବସ ଭାବରେ ପାଳନ କରୁଛନ୍ତି, ସେହି ଦିବସରେ ଅବହେଳିତ କୃଷକଙ୍କର ସୁରକ୍ଷା ଉଦ୍ଦେଶ୍ୟରେ ସରକାର କେତେକ ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସଂକଳ୍ପ କରନ୍ତୁ ।

ସବୁ କୃଷକଙ୍କୁ ଆବଶ୍ୟକତା ଅନୁସାରେ ଯଥାଶୀଘ୍ର ବିହନ ଯୋଗାଇ ଦିଆଯାଉ । ବିହନ ଅଭାବରେ କୌଣସି ଜମି ପଡ଼ିଆ ରହିବ ନାହିଁ । ପ୍ରତ୍ୟେକ ପଞ୍ଚାୟତରେ ବିହନ, ସାର, କୀଟନାଶକ ଔଷଧ ବିକ୍ରୟ କେନ୍ଦ୍ର ଖୋଲାଯାଉ ।

ଗ୍ରାମ୍ୟ କୃଷି କର୍ମଚାରୀ, କୃଷି ସଂପ୍ରସାରଣ ଅଧିକାରୀ, କୃଷି ବିଶେଷଜ୍ଞମାନେ ଗାଁକୁ ଗାଁ ବୁଲି କୃଷକମାନଙ୍କ ସହିତ ପ୍ରତ୍ୟେକ୍ଷ ସଂପର୍କ ରଖନ୍ତୁ । ସେମାନଙ୍କୁ ଅତ୍ୟାଧୁନିକ କୃଷି ପ୍ରଣାଳୀ ସଂପର୍କରେ ଅବଗତ କରାନ୍ତୁ । ନୂଆ ପ୍ରଣାଳୀରେ ଚାଷକରି ଅଧିକ ଉତ୍ପାଦନ କରିବାକୁ ସାହାଯ୍ୟ ଓ ସହଯୋଗ କରନ୍ତୁ । ଯେଉଁ କୃଷକମାନଙ୍କର ବଳଦ ନଥିବ, ସେମାନଙ୍କର ଫସଲ ଚାଷ ପାଇଁ ସ୍ଥାନୀୟ କୃଷି ଅଫିସରଙ୍କ ସୁପାରିଶ ଅନୁସାରେ ସରକାର ଟ୍ରାକ୍ଟର ବା ପାୱାରଟିଲର ଯେତିକି ସମୟ ଆବଶ୍ୟକ, ସେତିକି ସମୟ ପାଇଁ ଯୋଗାଇ ଦିଅନ୍ତୁ । ସଂପୃକ୍ତ କୃଷକଙ୍କୁ ଋଣ ଆକାରରେ ଯଥାଶୀଘ୍ର ବଳଦ ଯୋଗାଇ ଦିଆଯାଉ । ଫଳଗଛ ଓ ଜାଳେଣୀ କାଠର ଗଛ ରୋପଣ ପାଇଁ ପ୍ରତ୍ୟେକ ଗ୍ରାମରେ ବିନାମୂଲ୍ୟରେ ଚାରା ବିତରଣ କରାଯାଉ । ପ୍ରତ୍ୟେକ କୃଷକ ଯେପରି ଆସନ୍ତା ବର୍ଷା ଋତୁରେ ଖୁବ୍ କମ୍‌ରେ ଦଶଟି ଚାରା ରୋପଣ କରିବେ ସେଗୁଡ଼ିକର ଯତ୍ନ ନିଆଯାଉ । ସେଥିପ୍ରତି ସ୍ଥାନୀୟ କୃଷି କର୍ମଚାରୀ ଦୃଷ୍ଟି ଦେବେ । ଯେଉଁମାନେ ଚଳିତ ବର୍ଷ ନେଇଥିବା ଚାରାଗଛକୁ ବଞ୍ଚାଇ ରଖିବେ, ସେମାନଙ୍କୁ ଆସନ୍ତା ବର୍ଷ ମଧ୍ୟ ଦଶଟି ଚାରାଗଛ ବିନା ମୂଲ୍ୟରେ ଦିଆଯିବ ।

ସମସ୍ତ ପୁଷ୍କରିଣୀ, କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ଯୋଜନାଗୁଡ଼ିକର ବନ୍ଧବାଡ଼ ଓ କେନାଲ ବନ୍ଧମାନ ଆସନ୍ତା ବର୍ଷାଋତୁ ପୂର୍ବରୁ ମରାମତି ହେଉ । ଯେପରିକି ମରୁଡ଼ିର ମୁକାବିଲା ପାଇଁ ଜଳ ଯୋଗାଣ ତ୍ୱରାନ୍ୱିତ ହୋଇପାରିବ । ଗୋ ସଂପଦର ବିକାଶ ପାଇଁ କୃତ୍ରିମ ପ୍ରଜନନ ଓ ଘାସ ଚାଷ କରିବା ଦିଗରେ କୃଷକମାନଙ୍କୁ ସବୁ ପ୍ରକାରର ସାହାଯ୍ୟ ଓ ସହଯୋଗ କରାଯାଉ । ଏ ବର୍ଷର ଫସଲ ଉତ୍ପାଦନ ପାଇଁ କୃଷକମାନଙ୍କୁ ଆବଶ୍ୟକ ହେଉଥିବା ଋଣ ଯୋଗାଇ ଦିଆଯାଉ । ଏହି କାର୍ଯ୍ୟଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ ସଂପାଦନ ପାଇଁ ସରକାର ଦୃଢ଼ ପରିକର ହେଲେ ଗ୍ରାମାଞ୍ଚଳର ବହୁ କୃଷକ ପରିବାର ବଞ୍ଚିଯିବେ । ତେଣୁ ସରକାର ବର୍ତ୍ତମାନଠାରୁ ଏହି କାର୍ଯ୍ୟଗୁଡ଼ିକ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ, ଅକ୍ଷୟ ତୃତୀୟା ଦିବସର ସଂକଳ୍ପ କେତେଦୂର କାର୍ଯ୍ୟକାରୀ ହେବ, ତାହା ଭବିଷ୍ୟତ ହିଁ କହିବ ।

# ତୃଷାର୍ତ୍ତଙ୍କୁ ଜଳଦାନ କରନ୍ତୁ...



**ପୁଷ୍ପମିତ୍ର ମହାପାତ୍ର**
**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋ: ୯୪୩୭୨୨୫୬୮୯**

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟାକୁ 'ଅକ୍ଷୟ ତୃତୀୟା' କୁହାଯାଏ । ଏହି ଦିନରୁ ସତ୍ୟଯୁଗ ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ ରହିଛି, ତେଣୁ ଏହିଦିନ ବିଭିନ୍ନ ଦାନ, ଧର୍ମ କରି ପ୍ରଭୁଙ୍କର ଅର୍ଚ୍ଚନା କରାଯାଏ । ପ୍ରଭୁ ଜଗନ୍ନାଥଙ୍କର ରଥଗଢ଼ା ଏଇ ଦିନରୁ ଆରମ୍ଭ ହୁଏ । ପ୍ରଭୁ ଜଗନ୍ନାଥଙ୍କର ରଥଗଢ଼ା ଏଇ ଦିନରୁ ଆରମ୍ଭ ହୁଏ । ଚନ୍ଦନଯାତ୍ରା ମଧ୍ୟ ଏଇ ଦିନରୁ ଆରମ୍ଭ ହୁଏ । ଏହିସବୁ କାରଣରୁ ଏହିଦିନଟିକୁ ଶୁଭଦିନ ରୂପେ ପରିଗଣିତ କରାଯାଇ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୋଇଥାଏ । କୃଷକ ଏ ଦିନ ତା' ସ୍ତ୍ରୀ ଠାରୁ ହଳଦି, ଚନ୍ଦନ, ସିନ୍ଦୂର ଲେପିତ ବିହନ - ଧାନପୂର୍ଣ୍ଣ ନୂତନ ଗଉଣୀକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠାନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରିର ଇଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠା ମୁଠା ବିହନ କିଆରିରେ ବୁଣେ । ଏହାକୁ ଅକ୍ଷିମୁଠି କହନ୍ତି । ସଧବା ସ୍ତ୍ରୀମାନେ ଏ ଦିନ 'ଷଠୀଦେବୀ'ଙ୍କର ପୂଜା କରନ୍ତି । ଏଇ ତିଥିରେ ଯେଉଁ ଧର୍ମ ଅର୍ଜନ କରାଯାଏ, ତାହାର କ୍ଷୟ ନାହିଁ । କୃଷକ ନିଜ କିଆରିରେ 'ଅକ୍ଷିମୁଠି' ବିହନ ବୁଣି ଲକ୍ଷ୍ମୀଦେବୀଙ୍କୁ ପ୍ରାର୍ଥନା କରି କହେ - 'ହେ ଠାକୁରାଣୀ ! ମୋ' ଶସ୍ୟ କ୍ଷୟ ନ ହେଉ' । ତେଣୁ ଏହାର ନାମ ଅକ୍ଷୟ ତୃତୀୟା ।

ଅକ୍ଷୟ ତୃତୀୟା ଏକ ସର୍ବ ଭାରତୀୟ କୃଷି ଭିତ୍ତିକ ମୁଖ୍ୟ ପର୍ବ । ଆମ ଉତ୍କଳୀୟ ଜନଜୀବନରେ ସମସ୍ତ ପ୍ରକାର ଶୁଭକାର୍ଯ୍ୟ ଆରମ୍ଭର ଦିନ ହେଉଛି ଅକ୍ଷୟ ତୃତୀୟା । ଏହି ଦିବସରେ ସତ୍ୟଯୁଗର ଆରମ୍ଭ ହେବା ସହ ଦେବତାମାନେ ଏହି ଦିନ ଆରମ୍ଭ କରି ମର୍ତ୍ତ୍ୟବାସୀ ମାନବମାନଙ୍କୁ କୃଷି ଶିକ୍ଷା ପ୍ରଦାନ କରିଥିଲେ । ପରମ ବିଷ୍ଣୁଙ୍କର ଷଷ୍ଠ ଅବତାର ଶ୍ରୀ ପର୍ଶୁରାମଙ୍କର ତଥା ପରମ ବିଷ୍ଣୁଭକ୍ତ ବିଶ୍ୱବିଦିତ ଭକ୍ତଗ୍ରନ୍ଥ ଗୀତଗୋବିନ୍ଦର ରଚୟିତା ପବିତ୍ର ପ୍ରାଚୀ ଅବବାହିକାରେ ଜନ୍ମିତ ଶ୍ରୀ ଜୟଦେବଙ୍କର ଜୟନ୍ତୀ ଉତ୍ସବ ମଧ୍ୟ ଉକ୍ତ ଦିବସରେ ପାଳିତ ହୋଇଥାଏ । କଥାରେ ଅଛି ଯେ କୌଣସି ଶୁଭକାର୍ଯ୍ୟ ଏହି ଦିବସରେ ଆରମ୍ଭ କରାଗଲେ ବିନା ବିଘ୍ନରେ କାର୍ଯ୍ୟଟି ସମ୍ପାଦିତ ହୋଇଥାଏ । ଉତ୍କଳୀୟଙ୍କର ପ୍ରାଣ



ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ରଥ ନିର୍ମାଣ କାର୍ଯ୍ୟ, ଚନ୍ଦନ ଉତ୍ସବ, ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କର ରଥକାର୍ଯ୍ୟ ତଥା ରେବତୀ ମା'ଙ୍କ ସହ ତାଙ୍କର ବିବାହ ଉତ୍ସବ, କୃଷକମାନଙ୍କ ଅକ୍ଷିମୁଠି ଅନୁକୂଳ ଆଦି ସମସ୍ତ ମାଙ୍ଗଳିକ କାର୍ଯ୍ୟ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ପାଳିତ ହୋଇଥାଏ । ପ୍ରତ୍ୟେକ କୃଷକ ପରିବାରର ଏହା ଆଦ୍ୟ କୃଷିପର୍ବ । କୃଷକର ବିହନ ମୁଠାକ ମା' ଧରିତ୍ରୀ କୋଳରେ ଅକ୍ଷୟ ଭାବରେ ଧାରଣ କରି ଉତ୍ତମ ଉତ୍ପାଦନ ପ୍ରଦାନ ପାଇଁ ପ୍ରତ୍ୟେକ କୃଷିଜୀବୀ ପରିବାର ଉକ୍ତ ଦିବସରେ ନିଷ୍ଠାର ସହ ସ୍ୱତନ୍ତ୍ର ଭାବେ ଭୂମି ପୂଜନ କରିଥାନ୍ତି । ଧାନ ଆମ ପ୍ରଦେଶର ମୁଖ୍ୟ ଫସଲ ହୋଇଥିବାରୁ ଅକ୍ଷିମୁଠି ହିସାବରେ ଧାନକୁ ମହାଲକ୍ଷ୍ମୀଙ୍କ ସ୍ୱରୂପ ଭାବେ ଗ୍ରହଣ କରାଯାଇ ସେହି ଧାନରେ ହିଁ ମୁଠି ଅନୁକୂଳ କରାଯାଏ । ଧାନ ବିହନ ବୁଣିବାର ପ୍ରକୃତ ସମୟ ହେଉଛି ବୈଶାଖ ଶୁକ୍ଳ ତୃତୀୟା ଠାରୁ ସାବିତ୍ରୀ ଅମାବାସ୍ୟା ପର୍ଯ୍ୟନ୍ତ ।

ଅକ୍ଷୟ ତୃତୀୟା ପର୍ବ ପାଳନର ବିଧି ପର୍ବ ଦିନ ରାତ୍ରରୁ କୃଷକ ଓ କୃଷକ ଗୃହିଣୀ ଉଭୟେ ପବିତ୍ରତା ପାଳନ ପୂର୍ବକ ଅନୁକୂଳ ବେଢ଼ା ଓ ଗୌଣୀକୁ ଧୋଇ ଶୁଖାଇ ପିଠଉ ଚିତାରେ ଚିତ୍ରିତ କରନ୍ତି ଓ ହଳ, ଜୁଆଳିରେ ମଧ୍ୟ ଚିତା ଦିଅନ୍ତି । ସକାଳୁ କୁଆ କା କା କରିବା କ୍ଷଣି କୃଷକ ଶୌଚ ହୋଇ ନୂତନ ଶ୍ୱେତବସ୍ତ୍ର ପରିଧାନ ପୂର୍ବକ ଠେକାଭିଡ଼ି ଇଷ୍ଟ ସ୍ମରଣ କରି ଧାନ ବିହନ ଅଳିଆରୁ ମୁଠି ଅନୁକୂଳ ପାଇଁ ଉଦ୍ଦିଷ୍ଟ ଶ୍ୱେତ ଧାନ ବିହନ ଚିତାଲଗା ଅନୁକୂଳ ବେତାକୁ ଗାଳିଥାଆନ୍ତି । ଧାନବେତା ମଧ୍ୟରେ ଧାନବିହନ ପୂର୍ଣ୍ଣ ଗୌଣୀଟି ରଖି ଏକ ଶ୍ୱେତବସ୍ତ୍ର ଦ୍ୱାରା ଆବୃତ କରି ମୁଣ୍ଡରେ ମୁଣ୍ଡାଇ ଅନୁକୂଳ କରିବାର ବିଧି ଅଛି । ଏହି ଧାନବେତା ମଧ୍ୟରେ ଚାଷ ଅନୁକୂଳ ପାଇଁ ଏକ ଲଙ୍ଗଳ ଲୁହା, ଏକ ଥାନ ସ୍ୱର୍ଣ୍ଣ ଅଳଙ୍କାର, ଏକ ଥାନ ସିନ୍ଦୂର, ଘୋରା ଚନ୍ଦନ, ଗୋଟାଗୁଆ, ନଡ଼ିଆ, ଶ୍ୱେତପୁଷ୍ପ, ଘିଅଦୀପ, କିଛି କଞ୍ଚା କ୍ଷୀର, ଭୋଗ ସରଞ୍ଜାମ ପୂଜାପାତ୍ରରେ ସଜାଇ ରଖାଯାଏ । କୃଷକ ଗୃହିଣୀର ହୁଳହୁଳି ଓ ଶଙ୍ଖଧ୍ୱନି ମଧ୍ୟରେ କୃଷକ ସମସ୍ତ ଅନୁକୂଳ ଦ୍ରବ୍ୟ ମୁଣ୍ଡରେ ମୁଣ୍ଡାଇ ହଳବଳଦ ସହ ପୂର୍ବାମୁଖୀ ହୋଇ ମାହେନ୍ଦ୍ର ବେଳାରେ ମୁଠି ଅନୁକୂଳ ପାଇଁ ନିର୍ଦ୍ଧାରିତ କ୍ଷେତ ଅଭିମୁଖେ ଗମନ କରେ । କ୍ଷେତର ପୂର୍ବ ଦିଗରେ ଲଙ୍ଗଳ ଲୁହା, ସ୍ୱର୍ଣ୍ଣ ଅଳଙ୍କାର ରଖି ପାଣିଛିଞ୍ଚି ବସୁଧା ମାତାର ପୂଜନ କରାଯାଏ । ପରେ ପରେ ଧୂପ, ଦୀପ, ପୁଷ୍ପ, ନୈବେଦ୍ୟ ପ୍ରଦାନ କରି ନଡ଼ିଆ ଭାଙ୍ଗି ମାଟି ମାଆକୁ ନାରିକେଳ ଜଳ ଓ କଞ୍ଚାକ୍ଷୀର ଅର୍ପଣ କରାଯାଏ । ବସୁଧା ମାତାଙ୍କ ସହ ଅନ୍ନଦାତ୍ରୀ ମା'ଲକ୍ଷ୍ମୀ, ଜଳକୁମାଇନ୍ଦ୍ର ଓ ସୂର୍ଯ୍ୟାଦି ଦଶ ଦିଗପାଳଙ୍କ ଉଦ୍ଦେଶ୍ୟରେ ପୂଜାସ୍ଥାନ ପରି ମାଟିକରି ଐଶାନ୍ୟ କୋଣରେ ୩ ମୁଠା ଅକ୍ଷିମୁଠି ବପନ କରାଯାଏ । ମା'ଙ୍କୁ ପୁନଃ ପ୍ରଣାମ ପୂର୍ବକ କୃଷକ ଗୃହକୁ ପ୍ରତ୍ୟାଗମନ କରି ଗୃହିଣୀ କୃଷକ ଘରକୁ ଫେରିଲେ ଅପେକ୍ଷାରତ କୃଷକର ସାଦକୁ ସମସ୍ତ ପଦାର୍ଥ ସଜାଡ଼ି ରଖି ଆନୀତ ମୁଠି ଅନୁକୂଳ ପିଠାପଣା ଗ୍ରାମର ଶିଶୁମାନଙ୍କୁ ବିତରଣ ପୂର୍ବକ ପ୍ରସ୍ତୁତ ପିମ୍ପେଦଙ୍କୁ ପ୍ରଦାନ କରନ୍ତି । ଅକ୍ଷୟ ତୃତୀୟା ଦିବସ ପ୍ରସନ୍ନତା ଓ କୃଷକ ପରିବାର ପାଇଁ ଏକ ପବିତ୍ରତା, ଆଶା ଆକାଂକ୍ଷାର ପର୍ବ । ଉକ୍ତ ଦିବସ ନୂତନଗୃହ, ମନ୍ଦିର, କୂପ, ଜଳାଶୟାଦି ପ୍ରାରମ୍ଭ, ପ୍ରତିଷ୍ଠାର ଦିନ ତଥା ବିଦ୍ୟାରମ୍ଭ, ବ୍ୟବସାୟ ଆରମ୍ଭ, ବିବାହାଦି ନିର୍ବନ୍ଧ ପାଇଁ ସର୍ବଶ୍ରେଷ୍ଠ ସମୟ ।

# ଅସୀମ ସଫଳତାର ଦିନ ଅକ୍ଷୟ ତୃତୀୟା



**ଲଳିତ ମୋହନ ମିଶ୍ର**
**କୁରାଳ, ନୟାଗଡ଼**
**ମୋ: ୯୪୩୭୯୮୫୮୬୬**

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟାକୁ ଅକ୍ଷୟ ତୃତୀୟା କୁହାଯାଏ । ପବିତ୍ର ଅକ୍ଷୟ ତୃତୀୟା ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ, ଏହି ପର୍ବ ପ୍ରତିଟି ଓଡ଼ିଆଙ୍କ ଆସ୍ଥାର ପ୍ରତୀକ । ଆଜିର ଦିନରେ ଚାଷୀ ଅଖିମୁଠି ଅନୁକୂଳ କରି କୃଷି କାର୍ଯ୍ୟର ଶୁଭାରମ୍ଭ କରିଥାଏ । ତେଣୁ ଏହାକୁ କୃଷିଭିତ୍ତିକ ପର୍ବ ବା କୃଷକଙ୍କ ପର୍ବ ବୋଲି କୁହାଯାଏ । କୃଷକମାନେ ବଡ଼ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ଏହାର ପାଳନ କରିଥାନ୍ତି । ଚାଷୀମାନେ କ୍ଷେତରେ ମୁଠାମୁଠା ବିହନ ବୁଣିଥାନ୍ତି, ଯାହାକୁ ଅଖିମୁଠି କହିଥାନ୍ତି । ଆଉ ଆଜିଠାରୁ ଚାଷ କାମ ଆରମ୍ଭ ହୋଇଥାଏ । ସବୁ କାମର ଅନୁକୂଳ ପାଇଁ ଏହି ଦିନଟି ବେଶ୍ ବଳ ଓ ଶୁଭ ହୋଇଥିବାରୁ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ଆଦି ଶୁଭକର୍ମ ଅନୁଷ୍ଠିତ ହୋଇଥାଏ ।

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣର ଅନୁକୂଳ ହୁଏ । ବିଧି ଅନୁସାରେ, ଶ୍ରୀନଅର ରଥଖଳାରେ ତିନୋଟି ଧଉରା କାଠକୁ ପୂର୍ବରୁ ଶାସ୍ତ୍ରୀୟ ବ୍ରାହ୍ମଣମାନେ ବନଯାଗ ବିଧିରେ ପୂଜାର୍ଚ୍ଚନା କରିବେ । ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କର ରଥ ନିର୍ମାଣ ପାଇଁ ଆଜ୍ଞାମାଳ ଏକ ବିରାଟ ପଟୁଆରରେ ବିଜେ କରିବେ । ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ତିନୋଟି ଆଜ୍ଞାମାଳକୁ ଧଉରା କାଠ ଉପରେ ରଖନ୍ତି । ସେପଟେ ଚନ୍ଦନ ଠାକୁରମାନେ ବାହାର ଚନ୍ଦନଯାତ୍ରା ପାଇଁ ବିମାନ ବିଜେ କରି ବଡ଼ଦାଣ୍ଡକୁ ଆସନ୍ତି । ଆଜ୍ଞାମାଳ ଆସିବା ପରେ ପୂଜାର୍ଚ୍ଚନା କରାଯାଇ ରଥକାଠ ଅନୁକୂଳ ତାପରେ ରଥନିର୍ମାଣର ବିଧି ଆରମ୍ଭ ହୁଏ । ସେହିପରି ଆଜିଠାରୁ ରଥଖଳା ମଧ୍ୟ ସମ୍ପୂର୍ଣ୍ଣ ଚଳଚଂଚଳ ହୋଇ ଉଠେ । ସେପଟେ ଶ୍ରୀଜିଉ ଆଜି ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳ । ମଣି ବିମାନରେ ଆସିବେ ମଦନମୋହନ, ଭୁଦେବୀ, ଶ୍ରୀଦେବୀ ଓ ପାଲିଙ୍କିରେ ରାମକୃଷ୍ଣଙ୍କ ସହ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଏ । ଭକ୍ତଙ୍କ ସୁରକ୍ଷା ବ୍ୟବସ୍ଥା କରାଯାଏ । ଶ୍ରୀମନ୍ଦିର ପ୍ରଶାସନ ସମ୍ମୁଖରେ ତିନୋଟି ୧୨ ଫୁଟିଆ ଧଉରା କାଠକୁ ରଖାଯାଏ । ତା'ପରେ ବ୍ରାହ୍ମଣ ମାନେ କୁରାଢିରେ କାଠକୁ ଛୁଇଁବେ । ସମସ୍ତ ମହାରଣା ଓ ଭୋଇ ସର୍ଦ୍ଦାର, ରୂପକାର, ଚିତ୍ରକାର, ମୁଖ୍ୟ ସେବାୟତଙ୍କୁ ଶାଢି ବନ୍ଧାଯିବ । ଏହାପରେ ଆରମ୍ଭ ହେବ ମହାପ୍ରଭୁଙ୍କ ଚଳିତ ବର୍ଷର ରଥ ନିର୍ମାଣ ବିଧି । ଆଉ ଚଳଚଞ୍ଚଳ ହୋଇପଡିବ ରଥଖଳା ।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । ପବିତ୍ର ଅକ୍ଷୟ ତୃତୀୟା ଚଷା ପୁଅଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କୃଷକମାନେ ଏହାକୁ ବଡ଼ ଶୁଦ୍ଧି ଓ ସିଦ୍ଧିର ଦିବସ ରୂପେ ପାଳନ କରିଥାନ୍ତି । ଏହି ଦିନରେ ଅକ୍ଷିମୁଠି ଅନୁକୂଳ କରି ଚାଷ କାର୍ଯ୍ୟର ଶୁଭାରମ୍ଭ କରାଯାଇଥାଏ । ବିଶ୍ୱାସ ରହିଛି ଏହି ପବିତ୍ର ଦିନରେ ଶସ୍ୟ ବୁଣା ହେଲେ ଖଳାକୁ ଆସେ ଭଲ ଫସଲ । ତେବେ ଅକ୍ଷୟ ତୃତୀୟାକୁ ଶୁଭଦିନ ଭାବେ ଗ୍ରହଣ କରାଯାଇ ଗୃହ ନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ହୋଇଥାଏ । ପୃଥିବୀରେ ଦେବତାମାନେ ଅବତାର ନେଇଥିଲେ । ସେଥି ମଧ୍ୟରୁ ବିଷ୍ଣୁଙ୍କ ଷଷ୍ଠ ଅବତାର ଥିଲେ ଭଗବାନ ପର୍ଶୁରାମ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ ତାଙ୍କ ଜନ୍ମ ଅକ୍ଷୟ ତୃତୀୟାରେ ହୋଇଥିଲା । ଏହିଦିନ ଭଗବାନ ବିଷ୍ଣୁଙ୍କର ଚରଣରୁ ଧରିତ୍ରୀରେ ଗଙ୍ଗା ଅବତରିତ ହୋଇଥିଲେ । ସତ୍ୟଯୁଗ, ଦ୍ୱାପର ଏବଂ ତ୍ରେତୟା ଯୁଗ ଆରମ୍ଭ ହୋଇଥିଲା । ବୈଶାଖ ମାସ ପରି ମାସ କୌଣସି ମାସ ହୋଇନଥାଏ । ସତ୍ୟଯୁଗ ସମାନ କୌଣସି ଯୁଗ ହୋଇନଥାଏ । ବେଦ ସମାନ କୌଣସି ଶାସ୍ତ୍ର ହୋଇନଥାଏ ଏବଂ ଗଙ୍ଗା ସମାନ କୌଣସି ତୀର୍ଥ ହୋଇନଥାଏ । ବୈଶାଖ ମାସର ବିଶିଷ୍ଟତା ଏଥିରେ ଆସିଥିବା ଅକ୍ଷୟ ତୃତୀୟା କାରଣରୁ ଅକ୍ଷୁର୍ଣ୍ଣ ହୋଇଥାଏ । ବୈଶାଖ ମାସର ଶୁକ୍ଳପକ୍ଷ ତୃତୀୟାର ଉଲ୍ଲେଖ ଧର୍ମସୂତ୍ର, ମତ୍ସ୍ୟ ପୁରାଣ, ନାରଦୀୟ ପୁରାଣ ତଥା ଭବିଷ୍ୟ ପୁରାଣ ଆଦିରେ ମିଳିଥାଏ । ମତ୍ସ୍ୟ ପୁରାଣ ଅନୁସାରେ ଅକ୍ଷୟ ତୃତୀୟା ଦିନ ଅକ୍ଷୟ ପୁଷ୍ପ, ଦୀପ ଆଦି ଦ୍ୱାରା ଭଗବାନ ବିଷ୍ଣୁଙ୍କର ଆରାଧନା କଲେ ବିଶେଷ କୃପା ପ୍ରାପ୍ତ ହୋଇଥାଏ । ଦୀନ ଦୁଃଖୀଙ୍କର ସେବା କରିବା, ବସ୍ତ୍ର ଦାନ କରିବା ଏବଂ ଶୁଭ କର୍ମ ଆଡ଼କୁ ଅଗ୍ରସର ହେବା, ମନ ବଚନ ଏବଂ ନିଜର କର୍ମ ଦ୍ୱାରା ନିଜର ମନୁଷ୍ୟ ଧର୍ମର ପାଳନ କରିବା ହିଁ ଅକ୍ଷୟତୃତୀୟା ପର୍ବର ସାର୍ଥକତା ହୋଇଥାଏ । କଳିଯୁଗର ନକାରାତ୍ମକ ପ୍ରଭାବରୁ ବଞ୍ଚିବା ପାଇଁ ଏହି ଦିନ ଭଗବାନ ବିଷ୍ଣୁଙ୍କ ଉପାସନା କରି ଦାନ ଅବଶ୍ୟ କରିବା ଉଚିତ । ଏହା କରିବା ଦ୍ୱାରା ଆର ଜନ୍ମରେ ସମୃଦ୍ଧ,ଐଶ୍ୱର୍ଯ୍ୟ ଏବଂ ସୁଖର ପ୍ରାପ୍ତି ହୋଇଥାଏ ।

ଅକ୍ଷୟ ତୃତୀୟା ଦିନ ଚଷାପୁଅ ସକାଳୁ ସକାଳୁ ଉଠି ଚାଷ ଜମିରେ ପହଞ୍ଚି ଅକ୍ଷିମୁଠି ଅନୁକୂଳ କରେ । ଅକ୍ଷୟ ତୃତୀୟା ଅବ୍ୟବହିତ ପୂର୍ବରୁ ଚାଷୀ ଘରେ କୃଷି ସରଞ୍ଜାମ ସାଜସଜା କରିବା ପରମ୍ପରା ବହୁ ପୁରୁଣା । ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂଆ ଟୋକେଇରେ ପିଠା ନେଇ ହଳ ଲଙ୍ଗଳ ଧରି କ୍ଷେତକୁ ଯାଇଥାଏ ଚଷାପୁଅ । ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗ ଦେଇ ହଳ ବୁଲାଇ ବିହନ ବୁଣିଥାଏ ଚାଷୀ । ହିନ୍ଦୁ ଧର୍ମରେ ଅକ୍ଷୟ ତୃତୀୟାର ବିଶେଷ ମହତ୍ତ୍ୱ ରହିଛି । ଚଳିତ ବର୍ଷ ଅକ୍ଷୟ ତୃତୀୟା ଏପ୍ରିଲରେ ୩୦ ପାଳନ କରାଯାଉଛି । ଏହି ଦିନ ଗୃହସ୍ଥାପନ ଅତ୍ୟନ୍ତ ଶୁଭ ବୋଲି ବିଶ୍ୱାସ କରାଯାଏ । ଏହି ଦିନରେ କରାଯାଇଥିବା ଯେ କୌଣସି ଉପବାସ, ଗରିବଙ୍କୁ ଦାନ ଏବଂ ପ୍ରାର୍ଥନା ଶୁଭ ଫଳ ପ୍ରଦାନ କରେ । ଅକ୍ଷୟ ତୃତୀୟାକୁ ଅସୀମ ସଫଳତାର ଦିନ ଭାବରେ ବିବେଚନା କରାଯାଏ । ଏହି ଦିନ କରାଯାଇଥିବା ଯେ କୌଣସି କାମ, ଯେପରିକି ନୂତନ ଗୃହ ପ୍ରବେଶ, ସ୍ଥାୟୀ ଉନ୍ନତି ଏବଂ ସଫଳତା ଆଣିଥାଏ ବୋଲି ବିଶ୍ୱାସ କରାଯାଏ । ଯଦି ଆପଣ ମଧ୍ୟ ଅକ୍ଷୟ ତୃତୀୟାରେ ଆପଣଙ୍କ ଘରକୁ ପ୍ରବେଶ କରୁଛନ୍ତି, ତେବେ ଏଠାରେ ଶୁଭ ସମୟ, ପଦ୍ଧତି ଏବଂ ନିୟମ ବିଷୟରେ ଜାଣି ରଖନ୍ତୁ । ବିଶ୍ୱାସ କରାଯାଏ ଯେ, 'ଅକ୍ଷୟ'ର ଅର୍ଥ ଯାହା କେବେ କ୍ଷୟ ହୁଏନାହିଁ । ଏହି ଦିନ କରାଯାଇଥିବା ଯେ କୌଣସି ଶୁଭକାର୍ଯ୍ୟ, ଦାନ କିମ୍ବା ନିବେଶର ଫଳ ଚିରସ୍ଥାୟୀ ଏବଂ ବୃଦ୍ଧି ପାଏ । ଏହି ଦିନଟିକୁ ବିବାହ, ଗୃହସଜ୍ଜା, ନୂତନ ବ୍ୟବସାୟ ଆରମ୍ଭ, ସୁନା ଏବଂ ରୂପା କିଣିବା ଏବଂ ଅନ୍ୟାନ୍ୟ ଶୁଭ କାର୍ଯ୍ୟ ପାଇଁ ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ । ଏହି ଦିନ ଭଗବାନ ବିଷ୍ଣୁ ଏବଂ ଦେବୀ ଲକ୍ଷ୍ମୀଙ୍କର ବିଶେଷ ପୂଜା କରାଯାଏ । ଯାହା ଧନ, ସମୃଦ୍ଧି ଏବଂ ସୌଭାଗ୍ୟ ଆଣିଥାଏ । ଅକ୍ଷୟ ତୃତୀୟାରେ ଦାନ କରିବା ବହୁତ ଫଳପ୍ରଦ ବୋଲି ବିବେଚନା କରାଯାଏ ।



କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକ କାଦୁଆ ଗ୍ରାମପଞ୍ଚାୟତ ସାହସପୁର ଗ୍ରାମର ରଘୁନାଥ ପୀଠରେ ଚୈତ୍ର ଶୁକ୍ଳ ଶ୍ରୀରାମ ନବମୀ ଠାରୁ ଆରମ୍ଭ ହୋଇଥିବା ୧୧୫ ତମ ରାମଲୀଳା ନାଟକ ଉତ୍ସବ ୨୨ ଦିନ ଧରି ଚାଲିବା ପରେ ଗତକାଲି ଉଦଯାପିତ ହୋଇଯାଇଛି । ୨୨ ଦିନ ଧରି ରାମ ନାଟକ ଓ ଶଦାଶିବଭଣତି ରାମଲୀଳା ପୁସ୍ତକ ପଠନ କରାଯାଉଥିଲା । ରଘୁନାଥ ନାଟ୍ୟ ସଂସଦର କଳାକାରମାନେ ରାମଲୀଳା ପରିବେଷଣ କରିଥିଲେ । ଶ୍ରୀରାମ ଜନ୍ମଠାରୁ ରାମବନବାସ, ସୀତାଚୋରି, ଲଙ୍କାପୋଡି, ସେତୁବନ୍ଧ ପ୍ରତିଷ୍ଠା , ଲକ୍ଷ୍ମଣ ଶକ୍ତିଭେଦ, ଇନ୍ଦ୍ରଜିତବଧ, କୁମ୍ଭକର୍ଣ୍ଣବଧ, ମହିରାବଣବଧ, ଓ ରାବଣ ବଧ ପରିବେଷଣ ହେବା ସହ ସୋମବାର ଦିନ ଦିବସ ବ୍ୟାପୀ ରାମ ଅଭିଷେକ ସହ ଗ୍ରାମ୍ୟ ପରିକ୍ରମା ଓ ଦୁଆରି ଭୋଗନୀତି ଅନୁଷ୍ଠିତ ହୋଇଥିଲା । ପରେ ଶ୍ରୀରାମ ଚନ୍ଦ୍ର, ମା ସୀତା, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ସିଂହାସନ ଆରୋହଣ କରିବା ପରେ ଶତାଧିକ ମାନସିକଧାରୀ ବନ୍ଦାପନା କରିଥିଲେ । ୨୨ ଦିନ ଧରି ଗ୍ରାମରେ ଆମିଷ ନିଷେଧ ରହିଥିଲା । ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

# ଶ୍ରମିକଙ୍କ ସ୍ୱାର୍ଥ ସୁରକ୍ଷା ଦାବିରେ ଏଏମ୍ଏନ୍ଏସ୍ କମ୍ପାନୀ ଫାଟକ ସମ୍ମୁଖରେ ଶ୍ରମିକ ସଂଘର ବିକ୍ଷୋଭ



ପାରାଦୀପ(ଭାସ୍କର ନ୍ୟୁଜ): ଆର୍ସେଲର ମିତ୍ତଲ ନିପନ ଷ୍ଟିଲ (ଏଏମଏନଏସ) ଇଣ୍ଡିଆ କମ୍ପାନୀରେ କାର୍ଯ୍ୟ କରୁଥିବା ହଜାରରୁ ଉର୍ଦ୍ଧ ଠିକା ଶ୍ରମିକ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଙ୍ଘର ସଭ୍ୟ ଥିବାବେଳେ ପ୍ରକାଶ ତ୍ରିପାଠୀ ଏହି ଶ୍ରମିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଦାବିପତ୍ର ଦେବା ସହିତ ଏସମ୍ପର୍କରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଓ କମ୍ପାନୀ କର୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଓଡ଼ିଶାର ଶିଳ୍ପ ନୀତିକୁ ମାନିବାକୁ ନାରାଜ । ସଂଘର କହିବା ଅନୁଯାୟୀ ପାରାଦୀପ ଶିଳ୍ପାଞ୍ଚଳରେ ଥିବା ସମସ୍ତ ଶିଳ୍ପ ସଂସ୍ଥାରେ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଗଠିତ ଶ୍ରମିକ ସଙ୍ଘକୁ ଶିଳ୍ପ ସଂସ୍ଥା ମାନେ ମାନ୍ୟତା ଦେଉଛନ୍ତି । ଯାହାକି ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ଶିଳ୍ପ ସଂସ୍ଥାମାନେ ଶ୍ରମିକ ସଙ୍ଘ ସହ ଆଲୋଚନା କରି ସମସ୍ୟା ସମାଧାନ କରିବା ସହିତ ଶ୍ରମିକମାନେ ମଧ୍ୟ ସଙ୍ଘ ଦ୍ୱାରା ତାଙ୍କ ସମସ୍ୟାର ସମାଧାନ କରିଥାନ୍ତି । ଏହାଦ୍ୱାରା ଶ୍ରମିକ ଓ ଶିଳ୍ପ ସଂସ୍ଥାମାନଙ୍କ ପାଇଁ ସହଜ ହୋଇଥାଏ । ତେବେ ୮ ମାସରୁ ଉର୍ଦ୍ଧ ହେବ ପୂର୍ବ ଉପକୂଳ ଶ୍ରମିକ ସଙ୍ଘ ଏଏମ୍ଏନ୍ଏସ୍କୁ ଶ୍ରମିକଙ୍କ ବିଭିନ୍ନ ସମସ୍ୟାକୁ ନେଇ କମ୍ପାନୀ କର୍ତ୍ତୃପକ୍ଷ ସହିତ ଆଲୋଚନା କରିବାକୁ ଚାହୁଁଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ୟୁନିଅନ ସହିତ ଆଲୋଚନା କରିବା ପାଇଁ ରାଜି ହେଉନାହିଁ । ଯେଉଁଥିପାଇଁ ବାରମ୍ବାର ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲାପରେ ମଧ୍ୟ କମ୍ପାନୀ କର୍ତୃପକ୍ଷ କର୍ଣ୍ଣପାତ କରୁନଥିବାରୁ ଶେଷରେ ସଙ୍ଘ ବାଧ୍ୟ ହୋଇ ଗତ ୨୮ ତାରିଖ ସୋମବାର ଠାରୁ କମ୍ପାନୀ ଫାଟକ ଆଗରେ ଦୁଇଦିନ ଧରି ଘଣ୍ଟିକିଆ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବ ଏବଂ ତାପରେ ଘଣ୍ଟିକିଆ ଶାନ୍ତିପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବ ବୋଲି ନିଷ୍ପତି ନିଆଯାଇଛି । ଏହାପରେ ପ୍ରଶାସନ କିମ୍ବା କମ୍ପାନୀ କର୍ତ୍ତୃପକ୍ଷ ଯଦି ସମାଧାନ ନକରନ୍ତି, ତାହା ହେଲେ ସଙ୍ଘ ଅଲଗା ତରିକା ଆପଣେଇବାକୁ ବାଧ୍ୟ ହେବ ବୋଲି ଶ୍ରମିକ ନେତା ତଥା ସଙ୍ଘ ସଭାପତି ପ୍ରକାଶ ତ୍ରିପାଠୀ ଚେତାବନୀ ଦେଇଛନ୍ତି । ଚାଲିଥିବା ଏହି ପ୍ରତିବାଦ ସଭାରେ ହଜାର ହଜାର ଶ୍ରମିକ ଯୋଗ ଦେଉଥିବା ବେଳେ ସଂଘର ସାଧାରଣ ସମ୍ପାଦକ ଶ୍ରମିକନେତା ଅଭିମନ୍ୟୁ ବେହେରା ଓ ସମ୍ପାଦକ ରତ୍ନାକର ଜେନା ଉପସ୍ଥିତ ରହି ଶ୍ରମିକଙ୍କୁ ଉତ୍ସାହିତ କରିବା ସହିତ ଏହି ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ।

# ନିମାପଡ଼ାରୁ ବାଂଲାଦେଶୀ ହଟିବେ କେବେ? କାହା ପ୍ରୋତ୍ସାହନରେ ନିର୍ମାଣ ହୋଇଛି ବସ୍ତି



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ବାଂଲାଦେଶୀ ହଟାଓ ନାରା ଦିଆଯାଇଥିବା ବେଳେ ପାକିସ୍ତାନୀମାନେ ଓଡ଼ିଶାରେ ଆତ୍ମଗୋପନ କରିଥିବା ଘଟଣାରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ତୁରନ୍ତ ବାଂଲାଦେଶୀ ଓ ପାକିସ୍ତାନୀ ମାନଙ୍କୁ ଖୋଜି ବାହାର କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ନିମାପଡ଼ାରେ ଦୀର୍ଘଦିନ ହେବ ବାଂଲାଦେଶୀମାନେ ରହିଥିବା ବେଳେ ଗତ କିଛି ବର୍ଷ ତଳେ ବାଂଲାଦେଶୀଙ୍କୁ ବସ୍ତି ଉଚ୍ଛେଦ କରାଯାଇଥିଲା । ମାତ୍ର ଜଣେ ବ୍ୟକ୍ତି ନିମାପଡ଼ା କୁଶଭଦ୍ରା ନଦୀ ବନ୍ଧ ନିକଟ ଗୋଲେଇ ଛକ ନିକଟରେ ନିଜେ ଜାଗା ପ୍ରଦାନ କରିଥିବା ବେଳେ ବାଂଲାଦେଶୀମାନେ ସେଠାରେ ଝୋପଡ଼ିବସ୍ତି ନିର୍ମାଣ କରି ଦୀର୍ଘବର୍ଷ ହେବ ରହି ଆସୁଛନ୍ତି । ଏହି ବସ୍ତିରେ ଅନୈତିକ କାର୍ଯ୍ୟ ଚାଲୁଥିବା ବେଳେ ରାଜନୀତିକ ଦଳର ଲୋକମାନେ ବାଂଲାଦେଶୀ ମାନଙ୍କର ଆଧାର କାର୍ଡ଼, ଖାଉଟି କାର୍ଡ଼ ଆଦି କରିବା ପାଇଁ ପ୍ରୋତ୍ସାହନ ଦେଇଥିଲେ । ପ୍ରଶାସନ ସେମାନଙ୍କୁ ଆଧାର କାର୍ଡ଼ ପ୍ରଦାନ କରିଅଛି । ଯାହାକୁ ନେଇ ଏହି ଘଟଣା ଏବେ ଅଡୁଆ ସୃଷ୍ଟି କରିଥିବା ବେଳେ ଅନେକ ବ୍ୟକ୍ତି ପ୍ରଶାସନକୁ ଦାୟୀ କରିଛନ୍ତି । ବାଂଲାଦେଶୀଙ୍କ ଦୌରାତ୍ମ୍ୟ ବେଳକୁବେଳ ବଢ଼ିଥିବା ବେଳେ ଏହିବସ୍ତିରେ ଅନେକ ଛଦ୍ମବେଶୀ ବୁଲୁ ଥିବା ଦେଖିବାକୁ ମିଳିଛି । ପ୍ରଶାସନ ପକ୍ଷରୁ ବାଂଲାଦେଶୀ ହଟାଓ ନାରା ଦିଆଯାଇଥିବା ବେଳେ ଏମାନଙ୍କୁ କ'ଣ ପାଇଁ ହଟାଯାଉ ନାହିଁ ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଭିଲ୍ଲିଗ୍ରାମ ପଂଚାୟତ ବିଷ୍ଣୁପୁର ମୌଜା ଗୋଲେଇ ଛକ ନିକଟରେ ଜଣେ ବ୍ୟକ୍ତି ବାଂଲାଦେଶୀମାନଙ୍କୁ ନିଜର ଜାଗା ପ୍ରଦାନ କରିବା କାରଣରୁ ସେଠାରେ ଏକ ବିରାଟକାୟ ବସ୍ତି ଗଢ଼ି ଉଠିଛି । ରାତ୍ରଦିନ ଅନୈତିକ କାର୍ଯ୍ୟ ଚାଲିଥିବା ବେଳେ ନଦୀବନ୍ଧ ଉପରେ ବାଂଲାଦେଶୀମାନେ ଆଡ୍ଡା ଜମାଉଛନ୍ତି । କେତେକ ଓଡ଼ିଆ ଲୋକ ମଧ୍ୟ ସେଠାରେ ସେମାନଙ୍କ ସହିତ ସାମିଲ ହୋଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଯାହାଦ୍ୱାରା ନିମାପଡ଼ା ଏବେ ନିନ୍ଦିତ ହେବାକୁ ଯାଉଛି । ବାଂଲାଦେଶୀ ହଟାଇବା ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲେ ମଧ୍ୟ ଏହି ନିର୍ଦ୍ଦେଶ ଏଠାରେ କ'ଣ ପାଇଁ ପାଳନ କରାଯାଉ ନାହିଁ । ବାଂଲାଦେଶୀମାନଙ୍କୁ କେଉଁ ବ୍ୟକ୍ତି ଆଧାର କାର୍ଡ଼ ନିର୍ମାଣ କରି ଦେଇଛି ତାହା ସାଧାରଣରେ ଚିନ୍ତା ପ୍ରକଟ କରିଛି । କେତେକ ଛଦ୍ମବେଶୀ ଏହି ବସ୍ତିରେ ଆତ୍ମଗୋପନ କରିଥିବା ଆଶଙ୍କା କରାଯାଉଛି । ଘଟଣା ପ୍ରତି ଦୃଷ୍ଟି ଦିଆ ନଗଲେ ଆଗାମୀ ଦିନରେ ନିମାପଡ଼ାରେ ବଡ଼ କ୍ଷତି ଘଟିବ ବୋଲି ଚର୍ଚ୍ଚା ଜୋର ଧରିଛି ।

# ବାବା ବାଲି କପିଳେଶ୍ୱରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ



କଣ୍ଟାପଡ଼ା(ଭାସ୍କର ନ୍ୟୁଜ): କଟକ ଜିଲ୍ଲା କଣ୍ଟାପଡ଼ା ସ୍ଥିତ ଡିମିରି ଗ୍ରାମରେ ଥିବା ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବାବା ବାଲି କପିଳେଶ୍ୱରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି । ଚଳିତ ମେଷ ବୈଶାଖ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ୨୭ତାରିଖ ରବିବାର ଠାରୁ ଆରମ୍ଭ ହେଇ ୩୦ତାରିଖ ବୁଧୁବାର ପର୍ଯ୍ୟନ୍ତ ତ୍ରିଦିନ ଧରି ଚାଲୁ ରହିବ । ସୋମବାର ପୂଜା କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କର ସହଯୋଗରେ ମନ୍ଦିର ପ୍ରାଙ୍ଗଣରୁ ଏକ କଳସ ଶୋଭାଯାତ୍ରାରେ ବାହାରି ନୋଦା, ଅରିଶୋଲ ଅଭିମୁଖେ ଯାତ୍ରା କରିଥିଲେ । ସେଠାରେ ଥିବା କନ୍ଦଳ ନଦୀରେ ପହଞ୍ଚି ପାରମ୍ପାରିକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା ଶେଷ କରି ଘଣ୍ଟ, ଘଣ୍ଟା, ଶଙ୍ଖ ଓ ହୁଳହୁଳି ପକାଇ ଡିମିରି ଗ୍ରାମ ପରିକ୍ରମା କରିବାର ଦେଖିବାକୁ ମିଳିଥିଲା । ସୁଚିତ ରଞ୍ଜନ ମହାନ୍ତି (କର୍ତ୍ତା), ମଞ୍ଜୁ ଲତା ମହାନ୍ତି (କର୍ତ୍ତି), ହରିଶ ଚନ୍ଦ୍ର ଦାସ, ସନାତନ ବାରିକ, ଶ୍ରୀନିବାସ ଦାସ, ସୁନନ୍ଦା କୁମାର ଜେନା, ସୁଭାଷ ଚନ୍ଦ୍ର ବାରାଳ, ମନୋରଞ୍ଜନ ମହାନ୍ତି, କହରୀ ମହାନ୍ତି, ସୁଶାନ୍ତ ବରାଳଙ୍କ ସମେତ ୫୦ରୁ ଉର୍ଦ୍ଧ କର୍ମକର୍ତ୍ତାଙ୍କୁ ଦେଖିବାକୁ ମିଳିଥିଲା । ବାବା ବାଲି କପିଳେଶ୍ୱରଙ୍କର ବୁଧବାର ପୂର୍ଣ୍ଣାହୁତି ସାଙ୍ଗକୁ ପ୍ରସାଦ ସେବନର ମଧ୍ୟ ଅୟୋଜନ ରହିଛି ।

# ଅବହେଳିତ କୁଶଭଦ୍ରା ନଦୀବନ୍ଧ, ସୁଦୃଢ଼ୀକରଣ ନାମରେ ଅର୍ଥ ଚଳୁ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଜଳର ହାହାକାର ଦେଖା ଦେଇଥିବା ବେଳେ ଅନେକ ସ୍ଥାନରେ ଜଳଛତ୍ର ଖୋଲା ଯାଇଥିବା ଦେଖିବାକୁ ମିଳୁ ନାହିଁ । କାଁ ଭାଁ ଲୋକ ଦେଖାଣିଆ ଭାବେ ଜଳଛତ୍ର ଖୋଲାଯାଇ ସରକାରଙ୍କ ଅର୍ଥ ଚଳୁ କରିବା ପାଇଁ ମସୁଧା ଚାଲିଛି । ଜଳ ସଂକଟ ଏପରି ହୋଇଥିବା ବେଳେ ନିମାପଡ଼ାରେ ପ୍ରଭାବିତ ହେଉଥିବା କୁଶଭଦ୍ରା ନଦୀ ଶୁଖି ଯାଇଛି । ଜଳ ନ ଆସିବା ଦ୍ୱାରା ପଶୁ, ପକ୍ଷୀ ଜଳ ବିହୁନେ ଅତିଷ୍ଠ ହୋଇପଡୁଛନ୍ତି । ନଦୀ କୂଳରେ ଥିବା ଜଙ୍ଗଲ ମଧ୍ୟ ଜଳ ବିହୁନେ ନଷ୍ଟ ହେବାକୁ ବସିଛି । କୁଶଭଦ୍ରା ନଦୀ ଉପରେ ଅନେକ ଚାଷୀ ନିର୍ଭର କରି ଫସଲ କରିଥାନ୍ତି । ମାତ୍ର ନଦୀରେ ଜଳ ନ ଆସିବାରୁ ଚାଷୀମାନେ ଆଗଭଳି ଆଉ ଫସଲ କରୁ ନାହାନ୍ତି । ଯାହାପାଇଁ କୁଶଭଦ୍ରା ନଦୀ ପୁନଃରୁଦ୍ଧାର କରିବା ପାଇଁ ଦାବୀ ହେଉଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଉ ନାହିଁ । ଠିକାଦାର ପୋଷିବା ଭଳି କାର୍ଯ୍ୟ କରୁଅଛି । ସେହି ନଦୀବନ୍ଧ ପ୍ରତ୍ୟେକ ବର୍ଷ ମରାମତି ନାମରେ କୋଟି କୋଟି ଟଙ୍କା ଚଳୁ କରାଯାଉଛି । ମାତ୍ର ନଦୀବନ୍ଧ ସୁଦୃଢ଼ୀକରଣ ହୋଇପାରୁ ନାହିଁ । ଯାହାପାଇଁ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ଦେଖା ଦେଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଉପକଣ୍ଠରେ ପୁରାଣ ବର୍ଣ୍ଣିତ କୁଶଭଦ୍ରା ନଦୀ ରହିଅଛି । ଏହି ନଦୀରେ ଦୀର୍ଘବର୍ଷ ହେବ ସେପରି ବନ୍ୟା ଆସୁ ନଥିବା ବେଳେ ଖରା ଦିନେ ନଦୀ ଶୁଖି ଯାଉଛି । ଯାହାପାଇଁ ଜୀବଜନ୍ତୁମାନେ ପାଣି ଟୋପାଏ ପାଇପାରୁ ନାହାନ୍ତି । କୁଶଭଦ୍ରା ନଦୀ ଖନନ ଓ ମରାମତି ଦିଗରେ ପ୍ରଶାସନ ଦୃଷ୍ଟି ନ ଦେଇ ନଦୀବନ୍ଧ ସୁଦୃଢ଼ୀକରଣ ନାମରେ ଠିକାଦାରଙ୍କୁ କାର୍ଯ୍ୟ ଦେଉଥିଲେ ମଧ୍ୟ ଠିକାଦାର ସାମାନ୍ୟ କିଛି କାର୍ଯ୍ୟ କରି ଅର୍ଥ ଚଳୁ କରୁଛନ୍ତି । ନଦୀବନ୍ଧରେ ବାହାରୁ ଆସି ମାଟି ପଡୁ ନଥିବା ବେଳେ ନଦୀବନ୍ଧ ତାଡ଼ି ଓସାରିଆ କରାଯାଉଛି । ମାତ୍ର କୁଶଭଦ୍ରା ନଦୀ ଖନନ କରାଯାଉ ନାହିଁ କି ନଦୀ ସଫା କରାଯାଉ ନାହିଁ । ନଦୀ ପୋତି ହୋଇପଡ଼ିବାରୁ ବନ୍ୟାଜଳ ଆସୁ ନାହିଁ । କୁଶଭଦ୍ରା ନଦୀ ମୁହାଣରେ ଦଶ ଫୁଟ୍ରୁ ଉର୍ଦ୍ଧ୍ୱ ନଦୀ ବାଲି ରହିଥିବା ବେଳେ ନଦୀ ଭିତରକୁ ପାଣି ପ୍ରବେଶ କରୁ ନଥିବା ଶୁଣିବାକୁ ମିଳିଛି । ଏହି ନଦୀ ଉପରେ ମଣିଷ ସମେତ ଜୀବଜନ୍ତୁ ନିର୍ଭର କରନ୍ତି । ମାତ୍ର ପ୍ରଶାସନର ଆଡୁଆଳରେ କୁଶଭଦ୍ରା ରହିଥିଲେ ମଧ୍ୟ ପ୍ରଶାସନ ନଦୀ ଖନନ କରିବା ଆନ୍ତରିକତା ନଥିବା ଅଭିଯୋଗ ହୋଇଛି ।

# କୁମ୍ଭୀର ପ୍ରଜନନ ପାଇଁ ମେ ୧ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କୁ ଭିତରକନିକା ମନା




ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବନଖଣ୍ଡ ଅଧିନସ୍ଥ ଜାତୀୟ ଉଦ୍ୟାନ ଭିତରକନିକା ମେ ୧ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ପର୍ଯ୍ୟଟକ ମାନଙ୍କ ପାଇଁ ବନ୍ଦ ରହିବ ବୋଲି ଏସିଏଫ ଶ୍ରୀମାନସ ରଞ୍ଜନ ଦାସ ସୂଚନା ଦେଇଛନ୍ତି । ଏହି ସମୟଟି କୁମ୍ଭୀରମାନଙ୍କର ପ୍ରଜନନ ସମୟ ହୋଇଥିବାରୁ ନିରାପଦ ପ୍ରଜନନ ଓ ସରୀସୃପଙ୍କ ବସା ବାନ୍ଧିବା ଏପରି ପଦକ୍ଷେପ ବନ ବିଭାଗ ପକ୍ଷରୁ ନିଆଯାଇଛି । ଚଳିତ ବର୍ଷ ଜାନୁଆରୀ ସୁଦ୍ଧା ୧୮୨୬ଟି ଲୁଣା କୁମ୍ଭୀର ଅଛନ୍ତି । ତାଙ୍କୁ ନିରାପଦ ପ୍ରଜନନ ସ୍ଥଳକୁ ସୁରକ୍ଷା ଦ୍ୱୋକୁ ବନ ବିଭାଗ କଠୋର ପଦକ୍ଷେପ ଗ୍ରହଣ କରୁଛି । ଏଥିପାଇଁ ବନ କର୍ମଚାରୀମାନେ ତତ୍ପର ହୋଇ ପ୍ରତି କୁମ୍ଭୀର ୫୦ରୁ ୬୦ ଅଣ୍ଡା ଦେଉଥିବା କୁମ୍ଭୀର ପ୍ରତି ନଜର ରଖିବେ ଏବଂ ସେମାନଙ୍କ ଅଣ୍ଡା ଫୁଟିବା ପର୍ଯ୍ୟନ୍ତ ଜଗିରହିଥିବେ । ଏହି ସମୟରେ ସ୍ଥାନୀୟ ଲୋକମାନଙ୍କୁ ଜାତୀୟ ଉଦ୍ୟାନକୁ ପ୍ରବେଶକୁ କଟକଣା ରଖାଯାଇଛି । ଏପରିକି କାଠ, ମହୁ ଆଦି ସଂଗ୍ରହ କାର୍ଯ୍ୟ କଳାପ ଅଣ୍ଡାକୁ ଜଗିଥିବା ମା' କୁମ୍ଭୀର ମାନଙ୍କୁ ଉତ୍ତେଜିତ କରିପାରେ ।ଏପରିକି ପ୍ରଜନନ ସମୟରେ ସରୀସୃପଙ୍କ ଉପରେ କୌଣସି ବାଧା ସୃଷ୍ଟି ନ ହେବା ପାଇଁ ଯାନ୍ତ୍ରୀକ ବୋଟ ଉପରେ ମଧ୍ୟ କଟକଣା କରାଯାଇଛି ।

# ମହୁମାଛି ଆକ୍ରମଣରେ ୧୦ରୁ ଉର୍ଦ୍ଧ୍ୱ ଆହତ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ନିକଟରେ ମଙ୍ଗଳ ବାର ଦିନ ମଧ୍ୟାହ୍ନରେ ବାଟୋଇ ଯାଉଥିବାବେଳେ ମହିଳା ଓ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଛନ୍ତି ବାଘୁଆ ମହୁମାଛି । ଏହା ସହ ଜଣେ କାଠୁରିଆ ମଧ୍ୟ ମହୁମାଛିଙ୍କ ଆକ୍ରମଣର ଶିକାର ହୋଇଛନ୍ତି । ମଙ୍ଗଳବାର ଦିନ ୧ଘଟିକା ସମୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ନିକଟରେ ଘଟିଛି ଏହି ଅଭାବନୀୟ ଘଟଣା । ଏହି ସମୟରେ ନିକଟ ଥିବା ମହୁଫେଣାକୁ କୌଣସି ଅଜଣା ବ୍ୟକ୍ତି ଇଟା ପକାଇ ଥିବାରୁ ବାଘୁଆ ମହୁମାଛି ଆକ୍ରମଣ କରିଥିଲା । ଏହା ପରେ ପରେ ଉତକ୍ଷିପ୍ତ ମହୁମାଛି ମାନେ ରାସ୍ତା ସହ ସ୍ଥାନୀୟ ଅଂଚଳ ଆଡ଼କୁ ମାଡି ଆସିଥିଲେ । ଏହି ଅପ୍ରୀତିକର ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।ଏହି ମହୁମାଛି ଆକ୍ରମଣ ରେ ୧୦ରୁ ଉର୍ଦ୍ଧ ଆହତ ହୋଇଛନ୍ତି । ଲୋକ ନିଜକୁ ସୁରକ୍ଷା ପାଇଁ ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ମଧରେ କିଛି ସମୟ ରହିଯାଇଥିଲେ ।

# ଏନଟିପିସି ଟ୍ରେନ୍‌ରେ କଟି ଯୁବକ ମୃତ

କଣିହାଁ(ଭାସ୍କର ନ୍ୟୁଜ): କଣିହାଁ ସ୍ଥିତ ଏନ୍‌ଟିପିସି ପ୍ରକଳ୍ପର କୋଇଲା ଟ୍ରେନରେ କଟି ରାକେଶ ପରିଡ଼ା (୨୫) ନାମକ ଜଣେ ଯୁବକର ମୃତ୍ୟୁ ହୋଇଛି କ୍ଷ ତାଙ୍କର ଘର କଣିହାଁ ଥାନା ଦଣ୍ଡସିଂହା ଗ୍ରାମରେ ମଙ୍ଗଳବାର ସକାଳେ ରାକେଶର ମୁଣ୍ଡ ଗଣ୍ଡି ଅଲଗା ହୋଇ ଗମ୍ଭାରୀଡିହ ରୁଗୁଡି ପାଖ ଦେଇ ଯାଇଥିବା ଏନଟିପିସି ଟ୍ରେନ ଲାଇନରେ ପଡିଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ । ପରେ କଣିହାଁ ପୁଲିସ, ଏନଟିପିସି ମ୍ୟାନେଜମେଣ୍ଟ ଘଟଣା ସ୍ଥଳରେ ପହଞ୍ଚି ରାକେଶ ପରିବାରକୁ ସ୍ୱଧକ୍ରୀୟା ପାଇଁ ୫୦ ହଜାର ଟଙ୍କା ଓ ପୁଲିସ ତଦନ୍ତ ପରେ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ପ୍ରତିଶୃତି ମିଳିବା ପରେ ଦିନ ୧୧ଘଟିକା ସମୟରେ ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ମେଡିକାଲ ପଠାଯାଇଥିଲା । କଣିହାଁ ପୁଲିସ ଏଥିନେଇ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି । ଖବର ନେବାରେ ଜଣାଯାଇଛି ଯେ, ରାକେଶ ସୋମବାର ରାତି ୧୦ଟା ପରେ ଘରୁ ଆସି ଆଉ ଫେରି ନଥିଲା । ପରେ ଏନଟିପିସି ଟ୍ରେନ କଟି ତାର ମୃତ୍ୟୁ ହୋଇଥିବା ଜଣାଯାଇଥିଲା ।

# ଭୁବନ ଏନ୍‌ଏସିରେ ମାଷ୍ଟର ପ୍ଲାନ୍ କର୍ମଶାଳା




ଭୁବନ(ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଘର ପରିସରରେ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧକ୍ଷତାରେ ଭୁବନ-୨୦୫୧ ମାଷ୍ଟର ପ୍ଲାନ ଆଧାରିତ ଏକ ଯୋଜନା ସଂପର୍କରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପରିବହନ ବିଭାଗ, ବିଦ୍ୟୁତ ବିଭାଗ, ପଞ୍ଚାୟତ ବିଭାଗର ଅଧିକାରୀଙ୍କ ସହ ଭୁବନର ସମସ୍ତ କାଉନ୍ସିଲର ଉପସ୍ଥିତ ଥିଲେ । ଆଗାମୀ ଦିନରେ ଭୁବନକୁ ସରସ ସୁନ୍ଦର କରି ଗଢା ଯାଇପାରିବ ସେ ସଂପର୍କରେ କାର୍ଯ୍ୟ କିପରି ସୁଚାରୁ ରୂପରେ ହୋଇପାରିବ ଆଲୋଚନା ହୋଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ, ପାନୀୟ ଜଳ, ବିଦ୍ୟୁତ୍, ଡ୍ରେନେଜ, ବନ୍ୟା ନିୟନ୍ତ୍ରଣ, ଅଗ୍ନି ନିୟନ୍ତ୍ରଣ, ଜଙ୍ଗଲ ଜମି, ଶିଳ୍ପ ପ୍ରତିଷ୍ଠା ସହ ଦକ୍ଷିଣ ଦିଗକୁ ସହର ବୃଦ୍ଧି ସଂପର୍କରେ ଆଲୋଚନା ହୋଇଥିଲା । ୨୦୧୧ ଜନୟଗଣନା ଅନୁଯାୟୀ ଭୁବନର ମୋଟ ୧୫ଟି ୱାର୍ଡରେ ୧୮.୮୬ ବର୍ଗ କିମିରେ ୪୮୦୨ ପରିବାରର ୨୨୨୦୦ ଲୋକ ବାସ କରୁଛନ୍ତି । ଏହାର ୧୨.୩୬ ପ୍ରତିଶତ ହେଉଛି ଜଙ୍ଗଲ କିସମ ଜମି । ବାସ୍ତବରେ ଏଠାରେ କେଉଁ କାଳରୁ ବସତି ସ୍ଥାପନ ହୋଇଛି ସେହି ଅଞ୍ଚଳବାସୀଙ୍କୁ ବିଦ୍ୟୁତ୍, ପାଣି ସୁବିଧା ଦିଆଯାଉଛି, କିନ୍ତୁ ଟ୍ୟାକ୍ସ ସଂଗ୍ରହ କରାଯାଉନାହିଁ । ଏହି ବୈଠକରେ ସାଂସଦ ପ୍ରତିନିଧି ଭବାନୀ ଶଙ୍କର ବେହେରା, କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା, ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, ବିଡ଼ିଓ ଆୟୁଶି ମହାପାତ୍ର, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ଆର୍‌ଭି ଆସୋସିଏଟ, ହାଇଦ୍ରାବାଦର ଦକ୍ଷତା ସମ୍ପନ୍ନ କର୍ମକ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପହଲଗାମ ମୃତକଙ୍କ ପାଇଁ ମହମବତୀ ଶୋଭାଯାତ୍ରା



ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତ ବିଜେପି ସଭାପତି ନିଗମ ପ୍ରସାଦ ତ୍ରିପାଠୀ ଓ ସମାଜସେବୀ ଅନିରୁଦ୍ଧ ପ୍ରଧାନଙ୍କ ନେତୃତ୍ୱରେ ଆତଙ୍କିମାନଙ୍କ ଦ୍ୱାରା କାଶ୍ମିର ପହଲଗାମ ଠାରେ ପ୍ରାଣ ହରାଇଥିବା ସାଧାରଣ ନାଗରିକଙ୍କ ପାଇଁ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ସଂଗ୍ରାମୀ ମାଟି ବାଲିପଡ଼ିଆ ସଂଗ୍ରାମୀ ସ୍ଥଳରୁ ଆରମ୍ଭ ହୋଇ ଦେକୁଡ଼ି ଚାନ୍ଦପୁରସ୍ଥିତ ତେଲେଙ୍ଗେଶ୍ୱର ମହାଦେବ ପୀଠ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରାରେ ସରକାରୀ ଅଧିବକ୍ତା ଚନ୍ଦ୍ରକାନ୍ତ ପ୍ରଧାନ, କୃଷକ ନେତା କୈଳାଶ ଚନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ଲେଙ୍କା, ଚିତ୍ତରଞ୍ଜନ ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସଂଗ୍ରାମୀ ପୀଠଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କ ବାଦକୁ ତୀବ୍ର ନିନ୍ଦା କରିବା ସହ ସେମାନେ ଯେଉଁଳି ଭାବେ ନିରିହ ପର୍ଯ୍ୟଟକଙ୍କୁ ଗୁଳି କରି ହତ୍ୟା କଲେ ଏହାର ଦୃଢ଼ ନିନ୍ଦା କରାଯାଇଥିଲା । ଏହି ଶୋଭାଯାତ୍ରାରେ ହିତେଶ ମିଶ୍ର, ଚନ୍ଦ୍ରକାନ୍ତ ସାମଲ, ଅନିରୁଦ୍ଧ ସାମଲ, ଗଗନ ସ୍ୱାଇଁ, ନରେନ୍ଦ୍ର ଜେନା, ଚିତ୍ତରଞ୍ଜନ ସାମଲ, ସୁରେନ୍ଦ୍ର ପୃଷ୍ଟି, ଜ୍ଞାନେନ୍ଦ୍ର ରାଉତ, ଦୀପ୍ତିରଞ୍ଜନ ବେହେରା, ବ୍ରଜ ପ୍ରଧାନ, ଉପେନ୍ଦ୍ର ମଲ୍ଲିକ, ଗଗନ ବିହାରୀ ସ୍ୱାଇଁ, ରବିନ୍ଦ୍ର ଭଞ୍ଜ, ବିରଞ୍ଚିନାରାୟଣ ଓଝା, ସୁବ୍ରତ କୁମାର ନାୟକ, ଯତିନ୍ଦ୍ର ତ୍ରିପାଠୀ, ଅଶୋକ ସାମଲ, ଉପେନ୍ଦ୍ର ସାହୁ, ଧିରେନ ମଲ୍ଲିକ, କାଳନ୍ଦୀ ମଲ୍ଲିକ, ବିନୋଦ ମଲ୍ଲିକ, କିଶୋର ମଲ୍ଲିକ ପ୍ରମୁଖ ବହୁ ସଂଖ୍ୟାରେ ଗ୍ରାମବାସୀ ଯୋଗଦେଇଥିଲେ ।

# ଯାଜପୁର ଜିଲ୍ଲା ଯୁବ ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ




କୋରେଇ(ଭାସ୍କର ନ୍ୟୁଜ): କୋରେଇ ବ୍ଲକ ପାଣିକୋଇଲି ସୁବାଷବୋଷ ଇଂରାଜୀ ମିଡିୟମ୍ ସ୍କୁଲରେ ଯାଜପୁର ଜିଲ୍ଲା ଯୁବ ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ ତମ ଜୟନ୍ତୀ ଓ ଜିଲ୍ଲାସ୍ତରୀୟ ଆଇନଜୀବୀ ଦିବସ ପାଳିତ ହୋଇଛି । ଆବାହକ ରାକେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜୀବ ମହାନ୍ତି, ପ୍ରତାପ ରାୟ, ଚନ୍ଦ୍ରଶେଖର ପଣ୍ଡା, ନାରାୟଣ ପ୍ରସାଦ ପତି, ବିବେକାନନ୍ଦ ମହାନ୍ତି, ଶଶାଙ୍କ ଶତପଥୀ, ସୁବାସ ନନ୍ଦ, ମନିନ୍ଦ୍ର ଧଳ,ବ୍ରଜ ପତି ଅତିଥି ଭାବେ ଯୋଗ ଦେଇଥିଲେ । ଶରତ ଖଣ୍ଡାଇ ଅତିଥି ପରିଚୟ ଦେଇଥିଲେ । ସୁକିନ୍ଦା ବାରର ସମ୍ପଦ ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଯାଜପୁର ବାରର ସନ୍ତୋଷ ଦାସ ,ସନ୍ଦୀପ ସାମଲ, ଚଣ୍ଡିଖୋଲ ବାରର ଜ୍ଞାନେଶ ମହାନ୍ତି, ବ୍ୟାସନଗର ବାରର ପ୍ରୀତି ପ୍ଲାଜା ମହାପାତ୍ର ଓ ପ୍ରଶାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରମେଶ ସାହୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରକାନ୍ତ ଖଣ୍ଡାଇ, ସଦାଶିବ ସେଠୀ, ରବିନାରାୟଣ ପଣ୍ଡା, ଶୁଭଙ୍କର ମହାପାତ୍ର, ସୁଶାନ୍ତ ବେହେରା, ରଞ୍ଜିତ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ନାହାଳପୁର ପଞ୍ଚାୟତ ବିଜେପି ଗୋଷ୍ଠୀକନ୍ଦଳ ଦାଣ୍ଡରେ ପଡି ହାଟରେ ଗଡୁଛି

# ସୋସିଆଲ ମିଡ଼ିଆରେ ଭାଇରଲ ପରେ ଦଳ ନେବ କି କର୍ଯ୍ୟାନୁଷ୍ଠାନ?

ନିଆଳି(ଭାସ୍କର ନ୍ୟୁଜ): ନିଆଳି ନିର୍ବାଚନ ମଣ୍ଡଳୀ କଣ୍ଟାପଡା ବ୍ଲକ ଅଧିନସ୍ତ ନାହାଳପୁର ପଞ୍ଚାୟତରେ ଗୋଷ୍ଠୀ କନ୍ଦଳ ଉଗ୍ର ରୂପ ନେଇଛି । ନେତାଠୁ ଆରମ୍ଭ କରି କର୍ମୀଙ୍କ ପର୍ଯ୍ୟନ୍ତ କାହା ମୁହଁରେ ନାହିଁ ଲଗାମ । ସାରା ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ଗୋଷ୍ଠୀ କନ୍ଦଳ ସାରା କଣ୍ଟାପଡା ବ୍ଲକକୁ ଦେଖାଦ୍ୱୋ ଆଶଙ୍କା ରହିଛି । ଏହି ଘଟଣା ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି । ସରପଞ୍ଚଙ୍କ କିଛି ସମର୍ଥକ ବିଧାୟକଙ୍କୁ କିଛି ସମର୍ଥନ କରୁଥିବା ବେଳେ ସମିତି ସଭ୍ୟ ସମର୍ଥକଙ୍କ ଏତେଟା ଗୁରୁତ୍ୱ ଦେଉନଥିବାରୁ ସେମାନଙ୍କ ସମର୍ଥକ ଖୋଲାଖୋଲି ବିରୋଧ କରୁଛନ୍ତି । ଉକ୍ତ ପଂଚାୟତରେ ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇଥିବା ଜଣେ ଆଗ ଧାଡ଼ିର ନେତା ଓ ଖୋଦ ବିଧାୟକଙ୍କ ଅନୁଗତକୁ ତାଙ୍କୁ ଏବେ ଉପେକ୍ଷା କରାଯାଉଥିବାରୁ ସେ ଓ ତାଙ୍କ ସମର୍ଥକ ସମିତି ସଭ୍ୟ ଗୋଷ୍ଠିରେ ମିସିଛନ୍ତି । ଏମିତିକି ପ୍ରକୃତ ବିଜେପି କର୍ମୀଙ୍କୁ ଉପେକ୍ଷା କରାଯାଇ କଂଗ୍ରେସ ର ଆମଦାନୀ ନେତାଙ୍କୁ ପ୍ରାଧାନ୍ୟ ଦିଆଯାଉଛି । କାରଣ ପଂଚାୟତ ସମିତି ବୈଠକରେ ବ୍ଲକ ଅଧକ୍ଷା ଓ ବିଧାୟକଙ୍କ ତୂ ତୂ ମେଁ ମେଁ ଯୋଗୁ ବୈଠକକୁ ନଯିବା ଲାଗି ହୁଇପ ଜାରି କରିଥିଲେ ବିଧାୟକ । ଏ ନେଇ ସରପଞ୍ଚ ଗୋଷ୍ଠୀ ଯାଇନଥିବାରୁ ବିଧାୟକଙ୍କ ଗୁଡ଼ ଲୁକ ରେ ସରପଞ୍ଚ ଓ ତାଙ୍କ ସମର୍ଥକ । ଜା ଫଳରେ ଏବେ ନାହାଳପୁର ପଞ୍ଚାୟତରେ ଏବେ ବିଜେପି ତିନି ଗୋଷ୍ଠୀରେ ବିଭକ୍ତ । ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଓ ବିଜେଡିକୁ ଜବର ଦସ୍ତ ଫାଇଦା ମିଳିବ ବୋଲି ଆଲୋଚନା ହେଉଛି । ଏବେଠୁ ବିଜେପି ନିଜ ଗୋଷ୍ଠୀ କନ୍ଦଳ ନ ସଜାଡ଼ିଲେ ଆଗକୁ ଭୟଙ୍କର ରୂପ ନେବ ବୋଲି ଆଲୋଚନା ହେଉଛି ।

# ନିମାପଡ଼ା ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଆଇନଜୀବୀ ସଂଘ ପକ୍ଷରୁ ଆଇନଜୀବୀ ଦିବସ ଗତ ସୋମବାର ଅନୁଷ୍ଠିତ ହୋଇଯାଇଛି । ଓକିଲ ସଂଘ ସଭାପତି ଅଭିମନ୍ୟୁ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିବା ବେଳେ ପହଲି ଗ୍ରାମ ଠାରେ ଆତତାୟୀଙ୍କ ଗୁଳିରେ ନିହତ ହିନ୍ଦୁ ଭାରତୀୟଙ୍କ ମୃତ୍ୟୁ ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ସଭାରେ ବହୁ ଆଇନଜୀବୀ ଯୋଗ ଦେଇଥିବା ବେଳେ ମଧୁବାବୁଙ୍କ ସ୍ମୃତିଚାରଣ ଆଇନଜୀବୀମାନେ କରିଥିଲେ । ଆଇନଜୀବୀ ସଂଘର ପୂର୍ବତନ ସଭାପତି ଶୁଭେନ୍ଦୁ ରାଉତରାୟ ଅଭିଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ହରିବୋଲ ମିଶ୍ର, ବସନ୍ତ କୁମାର ରାଉତ, ଓକିଲ ସଂଘ ସଂପାଦକ ପ୍ରଭାତ କୁମାର ନାୟକ, ବ୍ରହ୍ମାନନ୍ଦ ପ୍ରଧାନ, ପ୍ରଶାନ୍ତ କୁମାର ପଣ୍ଡା, ଦିଲ୍ଲୀପ ପଟ୍ଟନାୟକ, ଦୁର୍ଯ୍ୟୋଧନ ବାରିକ, ନୀଳମଣି ପରିଡ଼ା, ପ୍ରଭାତ କୁମାର ରଥ, କବି ତଥା ଆଇନଜୀବୀ ସରୋଜ କୁମାର ମହାନ୍ତି, ବହୁ ଆଇନଜୀବୀ ଯୋଗ ଦେଇଥିଲେ । ଉକ୍ତ ସଭାରେ ଆଇନଜୀବୀ ରାଧାଶ୍ୟାମ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପରଲୋକରେ ପୂର୍ବତନ ପ୍ରଧାନ ଶିକ୍ଷକ ଫକୀର ଚରଣ ସ୍ୱାଇଁ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ ନୂଆ ଗାଁ ପଂଚାୟତ ନୂଆ ଗାଁ ଗ୍ରାମର ପୂର୍ବତନ ପ୍ରଧାନ ଶିକ୍ଷକ ଫକୀର ଚରଣ ସ୍ୱାଇଁ, ବୃତ୍ତିରେ ସେ ଶିକ୍ଷକତା କରିଥିବା ବେଳେ ନିଶା ଥିଲା ପ୍ରଭୁ ରାମଙ୍କ ନିକଟରେ ରାମଙ୍କ ଗୁଣ ଗାନ କରିବା । ଜନ୍ମ ୧. ୧. ୧୯୪୦ ମସିହାରେ ନୂଆଗାଁ ପଂଚାୟତ ମଝି ଖଣ୍ଡ ଗ୍ରାମରେ ହୋଇଥିବା ବେଳେ ୮୫ ବୟସରେ ଆଜି ତିରୋଧାନ ହୋଇଛି । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ ବ୍ୟକ୍ତି ରାଜନେତା ଠୁ ଆରମ୍ଭ କରି ସମାଜସେବୀ ପର୍ଯ୍ୟନ୍ତ ଶେଷ ଦର୍ଶନ ଲାଗି ମଝି ଖଣ୍ଡ ସ୍ଥିତ ବାସ ଭବନକୁ ସୁଅ ଛୁଟିଥିଲା । ଶ୍ରୀ ସ୍ୱାଇଁ ନିଆଳି ରାମମନ୍ଦିରରେ ସଂଧ୍ୟା ହେଲେ ପ୍ରବଚନ, ରାମ ଚରିତ ମାନସ ପଠନ କରିବା ଶହ ନିଆଳି ଓ ଏହାର ଆଖ ପାଖ ଅଞ୍ଚଳରେ ବିନା ମୂଲ୍ୟରେ ପ୍ରବଚନ ଦେଇ ଖ୍ୟାତି ଅର୍ଜନ କରିଥିଲେ । ଆଜି ଶତାଧିକ ଲୋକ ତାଙ୍କ ବାସ ଭବନରୁ ମୃତ ଶରୀରକୁ ନଦିଆ କୀର୍ତ୍ତନ କରି ନିଆଳି ରାମମନ୍ଦିର ପରିସରକୁ ନେଇଥିଲେ ଓ ପରେ ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା । ତାଙ୍କ ବଡ଼ ପୁଅ ସୁଧାଂଶୁ ସ୍ୱାଇଁ ମୁଖାଗ୍ନି ଦେଇଥିବା ବେଳେ ତାଙ୍କର ୪ପୁଅ ଓ ୨ଟି ଝିଅ ଅଛନ୍ତି ।

# ଗୋପବନ୍ଧୁ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକ ପାଳିତ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଧୂଳିମାଟିର ସନ୍ଥ ଓ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ୬୭ତମ ଶ୍ରାଦ୍ଧବାର୍ଷିକ ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୁଳିସିଂହ ଠାରେ ଥିବା ସେଣ୍ଟଜାଭିୟର୍ସ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ତଥା ସ୍ତମ୍ଭକାର ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରି ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀଙ୍କ କର୍ମମୟ ଜୀବନ ସ୍ୱାଧୀନତା ସଂଗ୍ରାମର ମୁକ୍ତିତୀର୍ଥ ଜଗତସିଂହପୁରର ଅଲକାଶ୍ରମ ଠାରୁ ଯାଜପୁରର ବରି ଆଶ୍ରମ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ ଜେନା, ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା, ଶିକ୍ଷୟିତ୍ରୀ ମୋନାଲିସା ଭଞ୍ଜ, ସୋନାଲି ମହାରଣା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସେମାନଙ୍କ ବକ୍ତବ୍ୟରେ ସ୍ୱର୍ଗତ ଚୌଧୁରୀଙ୍କ ତ୍ୟାଗ ଓ ଦେଶପ୍ରେମର ତୁଳନା ନାହିଁ ବୋଲି କହିବା ସହିତ ଉତ୍ତରପିଢ଼ିର ଦାୟାଦମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ଶେଷରେ ଶିକ୍ଷୟିତ୍ରୀ ଶୁଭସ୍ମିତା ସିଂ ଧନ୍ୟବାଦ ଦେଇଥିଲେ ।

# ଆଠକୋଟିର ଅନିୟମିତତାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ




ଜଗତସିଂହପୁର(ଭାସ୍କର ନ୍ୟୁଜ): ସାଙ୍ଘାତିକ ଆର୍ଥିକ ଅନିୟମିତତାରେ ଛନ୍ଦି ହୋଇପଡ଼ିଛି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଜଗତସିଂହପୁର । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପରିବର୍ତ୍ତେ ଏଠାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଦରମା ବିଲ୍ ପତ୍ରର ଡ଼ିଡ଼ିଓ କାର୍ଯ୍ୟ ତୁଲାଇ ଆସିଥାନ୍ତି । ଜଣେ ଦକ୍ଷ ଓ ବିଚକ୍ଷଣ କ୍ଷମତା ସମ୍ପନ୍ନ ସରକାରୀ ଅଧିକାରୀ, ଯିଏକି ଅର୍ଥ ରାଶି ଉଠାଣ ଓ ଆବଣ୍ଟନ ପାଇଁ ସଂପୂର୍ଣ୍ଣ ଦାୟୀ, ତାଙ୍କୁ ଏହି କାର୍ଯ୍ୟ ପାଇଁ କ୍ଷମତାପନ୍ନ କରାଯାଇଥାଏ । ନିଜକୁ ଯଥେଷ୍ଟ ଦକ୍ଷ ପ୍ରମାଣିତ କରିବାରେ କୌଣସି ବିଲକ୍ଷଣ ନଛାଡ଼ି ଡ଼ିଡ଼ିଓ ଭାବେ କାର୍ଯ୍ୟ କରୁ କରୁ କିଛିଦିନ ହେବ ଆଲୁ ଦୋଷ ବାବୁଙ୍କର ବାହାରିଛି । ଫଳରେ ପ୍ରାଥମିକ ଶିକ୍ଷାର ଆଠ କୋଟି ଟଙ୍କା ଉଠାଣ କରି ମାଧ୍ୟମିକ ଶିକ୍ଷକଙ୍କୁ ବଣ୍ଟନ କରି ଦିଆଯିବା ଭଳି ଜଘନ୍ୟ ଆର୍ଥିକ ଅନିୟମିତତା ଦୃଷ୍ଟି ଗୋଚର ହୋଇଥିବାରୁ ମହାଲେଖାକାର, ଓଡ଼ିଶା ସଂପୃକ୍ତ କାର୍ଯ୍ୟାଳୟର କର୍ମଚାରୀଙ୍କ ଦରମା ବନ୍ଦ କରିଥିବା ଭଳି ରୋଚକ ତଥ୍ୟ ଶୁଣିବାକୁ ମିଳେ । ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବିଷୟ ଏହିକି ଯେ ଜିଲ୍ଲା କୋଷାଗାର ଏହି ବେନିୟମ ବିଲ୍‌କୁ କିଭଳି ପାସ କଲେ ଓ ପ୍ରତିବାଦ ନ କରି ପ୍ରାଥମିକ ଶିକ୍ଷାର ଅର୍ଥକୁ ମାଧ୍ୟମିକ ଶିକ୍ଷାରେ ଖର୍ଚ୍ଚ କରି ଦିଆଗଲା ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରକାଶ ଥାଉ କି ଏହି ବିଲ୍ ପାସ ନିମନ୍ତେ କାର୍ଯ୍ୟାଳୟରେ ବରିଷ୍ଠ କର୍ମଚାରୀ ତଥା ସେକ୍ସନ ଅଫିସର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ପାଖରେ ପାସୱାର୍ଡ଼ ଓ ଆଇ.ଡ଼ି ଥିବା ବେଳେ କିପରି ଭାବେ ଏହା ଅନ୍ୟ କର୍ମଚାରୀ ଯିଏକି ସର୍ବଶିକ୍ଷାରୁ ଡ଼େପୁଟେସନରେ ଯାଇ ଡ଼ିଡ଼ିଓଙ୍କ ତତ୍ତ୍ୱାବଧାନ ଓ ଇଙ୍ଗିତରେ ସଂପୃକ୍ତ ସେକ୍ସନ ଅଫିସରଙ୍କୁ ଅତିକ୍ରମ କରି ମନଇଚ୍ଛା କାମ କରୁଥିବା ଘଟଣା ମଧ୍ୟ ପଦାକୁ ଆସିଛି । ସଂପୃକ୍ତ ସେକ୍ସନ ଅଫିସରଙ୍କୁ କିପରି ଭାବେ ଅତିକ୍ରମ କରି ଆଠକୋଟି ଟଙ୍କାର ପ୍ରାଥମିକ ଶିକ୍ଷା ପାଇଁ ଥିବା ଅର୍ଥ ରାଶିକୁ ଉଠାଣ କରାଯାଇ ମାଧ୍ୟମିକ(ହାଇସ୍କୁଲ) ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଦରମା ପ୍ରଦାନ କରାଯାଇଛି ତାହାର ସଂପୂର୍ଣ୍ଣ ଦାୟିତ୍ୱ ଡ଼ିଡ଼ିଓଙ୍କୁ ମୁଣ୍ଡରେ ଯିବ ନା ଜିଲ୍ଲା ଶିକ୍ଷାଧିକାରୀଙ୍କ ମୁଣ୍ଡରେ ଯିବ ତାହା ଆଲୋଚ୍ୟର ବିଷୟ ହୋଇଛି । ଏହି କାର୍ଯ୍ୟାଳୟରେ ବରିଷ୍ଠ ଓ ଦକ୍ଷ କର୍ମଚାରୀଙ୍କୁ ଦୀର୍ଘ ବର୍ଷ ଧରି ଅଣଦେଖା କରାଯାଇ ଡ଼େପୁଟେସନରେ ଅଣାଯାଇଥିବା କର୍ମଚାରୀ ଓ ଅଣଦକ୍ଷ କର୍ମଚାରୀଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସଂମ୍ପାଦନ କରାଯାଇ ଏଭଳି ଅନିୟମିତତାର ଶିକାର ହେବାକୁ ପଡୁଛି । ତୁରନ୍ତ ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଜରୁରୀ ହୋଇପଡ଼ିଛି ।



କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଜିଲ୍ଲା ପ୍ରଶାସନ ଓ ଓକିଲ ସଂଘ ପକ୍ଷରୁ ପାଳନ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନିୟ ଗୋପବନ୍ଧୁ ପାର୍କ ନିକଟସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଡ. ଦେବାଶିଷ ଗୌଡ, ପୂର୍ବତନ ବିଧାୟକ ନିମାଇଁ ସରକାର, ଭବାନୀ ଶଙ୍କର ମିଶ୍ର, ରୂପକ ତୁରୁକ, କାମାକ୍ଷା ପ୍ରସାଦ ମାଝି, ଓ୍ୱାଇ ସତ୍ୟନାରାୟଣ ମିଶ୍ର, ସ୍ମାରକୀ କମିଟି ସଭ୍ୟ ରାମ ପ୍ରସାଦ ଶର୍ମା, ରବି ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ମଧୁବାବୁ ଓଡିଶାର ପ୍ରଥମ ବାରିଷ୍ଟର ଥିଲେ ଏବଂ ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ବୋଲି ବକ୍ତା ମାନେ କହିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଅଲିଭା ବେହେରା ଓ ସନ୍ତୋଷୀ ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି କୋରାପୁଟ ଓକିଲ ସଂଘ ପକ୍ଷରୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ କୋର୍ଟ ପରିସରରେ ଏହି ଦିବସ ପାଳନ କରାଯାଇଥିଲା। ସଭାପତି ପ୍ରଭାତ ମହାପାତ୍ର, ସମ୍ପାଦକ ସୁନିଲ ଜେନା, ମନୋରଞ୍ଜନ ରାଉତ ରାୟ, ଅଶୋକ ଷଡଙ୍ଗୀ, ପ୍ରଶାନ୍ତ ପାତ୍ର, କାମାକ୍ଷାପ୍ରସାଦ ମାଝି, ବିଶ୍ୱ ରନ ପଟ୍ଟନାୟକଙ୍କ ସହ ବହୁ ଆଇନଜୀବି ଯୋଗ ଦେଇଥିଲେ।



# ରୋଜଗାରିଆ ପୁଅ କିଡ୍‌ନୀ ରୋଗରେ ପୀଡ଼ିତ



ମାଲକାନଗିରି(ଭାସ୍କର ନ୍ୟୁଜ୍ ) : ଯେଉଁ ସମୟରେ ବଢିଲା-ପୁଅ ରୋଜଗାର କରି ମାଙ୍କ ହାତରେ ଖୁସିର ଅଞ୍ଜୁଳା ଦେବା କଥା ସେ ସମୟରେ ଆଜି ପୁଳା ପୁଳା ଦୁଃଖ। ଏ ଦୁଃଖ ସହିବା କଷ୍ଟ , କହିବା ବି କଷ୍ଟ। କଷ୍ଟ ପୁଣି ଏତେ ଯେ ଆଖିରୁ ଲୁହ ବି ପାଷାଣ ହୋଇଯାଏ। ଲୁହ ବି ଡରେ ଆଖିରୁ ଝରିବାକୁ। ରୋଗ ଶଯ୍ୟାରେ ପଡି କଲବଲ ହେଉଥିବା ଯବାନ୍ ପୁଅର ଯନ୍ତ୍ରଣା ଦେଖି ଏ ମା'ର ଠିକ ଏଇ ଅବସ୍ଥା। ମେଡିକାଲ ବେଡରେ ନିସ୍ତେଜ ହୋଇ ପଡିଥିବା ଏ ଯୁବକ ହେଉଛନ୍ତି ମାଲକାନଗିରି ଜିଲ୍ଲା ଶିମିଳବଞ୍ଚା ଏମ୍ ପି ଭି ୭୦ ଗ୍ରାମର ଗଣେଶ ହାଲଦାର.... ଗୋଟିଏ ବୋଲି ପୁଅକୁ ଭାରି ଗେହ୍ଲାରେ ବଢାଇଥିଲେ ମା' ଗୀତା ହାଲଦାର.. ଇଛା କରିଥିଲେ, ପୁଅକୁ ଏତେ କଷ୍ଟରେ ପାଳି ପାଠ ଦି ଅକ୍ଷର ପଢେଇଲେ, ପୁଅ ରୋଜଗାର କରି ତାଙ୍କ କାନ୍ଧକୁ ବଳ ଦେବ। ଘର ଚଳାଇବାକୁ ଦି ପଇସା ଦେବ, ମା' ଓଠରେ ଠିକେ ହସ ଫୁଟିବ। ହେଲେ ଇଚ୍ଛାର କଢ ଫୁଲ ହୋଇ ଫୁଟିବା ପୂର୍ବରୁ କଢଟା ହିଁ ଝାଉଁଳି ଝରିପଡିଲା। ମା'ଙ୍କ ସବୁ ଆଶା ମଉଳିଗଲା। ଏବେ ମନରେ ଖାଲି କୋହ, ଆଉ ଭିଜା ଭିଜା ଆଖି। ଗୋଟିଏ ବୋଲି ବୋଲି ପୁଅକୁ ଯନ୍ତ୍ରଣାରେ ଦେଖି ମା' ଆଖିର ଲୁହ ବି ଝରିବାକୁ ଡରୁଛି। ବାପା, ପିଲାଟି ଦିନରୁ ନାହିଁ। ସ୍ୱାମୀ ସିନା ହାତ ଛାଡ଼ିଦେଲେ, ପୁଅ କେବେ ପର କରିବନି। ବଡ଼ ହୋଇ ଦୁଃଖ ଦୂର କରିବ। ବାର୍ଦ୍ଧକ୍ୟ ସମୟରେ ସାହାରା ସାଜିବ। ଏମିତି ଅନେକ ଆଶା ନେଇ ପୁଅକୁ ବଡ଼ କରିଥିଲେ ମାଆ। ହେଲେ ଏବେ ସବୁ ଆଶା ମଉଳି ଯାଇଛି। ପୁଅ ଏବେ କିଡ଼ନୀ ରୋଗରେ ପୀଡ଼ିତ। ଜୀବନ ସହ ଜୁଝି ହେଉଛନ୍ତି ୨୨ ବର୍ଷୀୟ ଗଣେଶ। ଭେଣ୍ଡିଆ ପୁଅର ଯନ୍ତ୍ରଣା ଦେଖି ମାଆ ସହିପାରୁନି କି କିଛି କରିପାରୁନି। କାରଣ ମମତାକୁ ବଞ୍ଚେଇବା ପାଇଁ ମା' ଗୋଡ଼ରେ ଅର୍ଥାଭାବର ଶିକୁଳି ପଡ଼ିଛି। ଘରର ଗୋଟିଏ ବୋଲି ପୁଅର ଯୌବନାଟା ମେଡିକାଲ ବେଡରେ ପଡି ଯନ୍ତ୍ରଣା ଭୋଗୁଛି। ଦିନେ ସୁନ୍ଦର ସୁଢୋଳ ଚେହେରା ଥିବା ପୁଅ ଆଜି କଳାକାଠ ପଡିଯାଇଛି। ସବୁବେଳେ ସ୍ଫୁର୍ତ୍ତି ରହୁଥିବା ପୁଅ ଗଣେଶ ଦେହରେ ଆଉ ଜୁ ନାହିଁ। ନା ଦେହରେ ବଳ ନା ପାଟିରେ ବଚନ। ଖାଲି ଶେଯରେ ପଡି ବଲ ବଲ ହୋଇ ଚାହୁଁଛି। ଗଣେଶଙ୍କ ଦୁଇଟି ଯାକ କିଡ୍‌ନୀ ଡ୍ୟାମେଜ୍। ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ପଡି ଜୀବନ ଆଉ ମୃତ୍ୟୁ ମଝିରେ ଲଢେଇ କରୁଛନ୍ତି। ହେଲେ ନିଃଶ୍ୱାସର ଏ ଲଢେଇ ଭିତରେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି ଗଣେଶ। ଲଗାତାର ଚାଲିଛି ଡାଇଲେସିସ୍। ଡାକ୍ତର କହିଛନ୍ତି କିଡନୀ ଟ୍ରାନ୍ସପ୍ଲାଣ୍ଟ ହେଲେ ବଞ୍ଚିବ ପୁଅ ଗଣେଶର ଜୀବନ। ନିଜ ଏକୋଇରବଳାକୁ ନିଜ କିଡନୀ ଦେଇ ଜୀବନ ଦେବାକୁ ମା' ଗୀତା ହାଲଦାର ପ୍ରସ୍ତୁତ। ଦୁହିଁଙ୍କ କିଡନୀ ମ୍ୟାଚ୍ ନିଶ୍ଚିତ କରିବାକୁ ଦୁହିଁଙ୍କ ବ୍ଲଡ ପରୀକ୍ଷା ପାଇଁ ଯାଇଛି। ଭଗବାନ୍ ଚାହିଁଲେ ରାକେଶଙ୍କୁ ମା'ଙ୍କ କିଡନୀ ଟ୍ରାନ୍ସପ୍ଲାଣ୍ଟ ହେବ। ହେଲେ ଏଥିପାଇଁ ଆବଶ୍ୟକ ୨୦ ଲକ୍ଷରୁ ଅଧିକ ଟଙ୍କା। ଏତେ ଟଙ୍କା କଥା ଶୁଣି ମା'ଙ୍କ ମୁଣ୍ଡ ଘୂରିଯାଉଛି। ଏବେ କେବଳ ସରକାର ଓ ଜନସାଧାରଣଙ୍କ ସାହାଯ୍ୟକୁ ଅପେକ୍ଷା। ଆପଣଙ୍କ କିଛି କିଛି ସାହାଯ୍ୟ ସହଯୋଗ ହୁଏତ ଗଣେଶଙ୍କୁ ନୂଆ ଜୀବନ ଦେବ। ଅସହାୟ ହୋଇପଡିଥିବା ମା'ଙ୍କ ମୁହଁରେ ଟିକେ ଆଶ୍ୱସ୍ତି ଆଣିଦେବ।

# ମାଣ୍ଡିଆ ଚାଷ ଫୁଟାଇଛି ହସ

**♦ ପ୍ରେରଣାଦାୟୀ ମହିଳାଙ୍କ ପାଇଁ ମିଲେଟ ମିଶନ ସାଜିଲା ବରଦାନ ♦ ବଜାରରେ ବିକ୍ରୟ ସହ ପ୍ରୋତ୍ସାହନ ପାଇଁ ସରକାରୀ ସହାୟତା ଦାବି**



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ମିଲେଟ ମିଶନ ଉପକୂଳବର୍ତ୍ତୀ ଚାଷୀଙ୍କ ପାଇଁ ସାଜିଲା ବରଦାନ। ଦିନଥିଲା ଧାନ ବଦଳରେ ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଅଞ୍ଚଳରେ ବ୍ୟାପକ ମାଣ୍ଡିଆ ଚାଷ ହେଉଥିଲା। କିନ୍ତୁ ବଜାରରେ ମାଣ୍ଡିଆର ଦର କମିବା ସହ ପ୍ରୋତ୍ସାହନ ଅଭାବରୁ ଧୀରେ ଧୀରେ ମାଣ୍ଡିଆ ଚାଷ ଉପରୁ ମୁହଁ ଫେରାଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ମିଲେଟ ମିଶନ ଯୋଜନା ଅନୁପ୍ରାଣିତ ହୋଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ଅଧୀନ ଉଦୟପୁର ଗ୍ରାମର ୪୦ଜଣ ମହିଳା ମାନେ ଏକତ୍ରିତ ହୋଇ ଆରମ୍ଭ କରିଥିଲେ ମିଲେଟ ପ୍ରଡ୍ୟୁସର ଗ୍ରୁପ। ୭ଏକର ଜମିରେ ଜୈବିକ ପଦ୍ଧତିରେ ତଥା କମ୍ ଖର୍ଚ୍ଚରେ ଅଧିକ ଲାଭ ଜନକ ଚାଷ କରିବା ପାଇଁ ଏବେ ବାଟ ଦେଖାଇଛି। ପ୍ରତ୍ୟେକ କଠିନତାକୁ ସାମ୍ନା କରି ଆଗକୁ ବଢିବାର ଦୃଢ଼ ଇଚ୍ଛାଶକ୍ତି ତାକୁ ବଂଚିବାର ରାହା ଦେଖାଇଥାଏ। ଏବେ କ୍ଷେତରେ ଲହଡି ଭାଙ୍ଗୁଛି ପେଣ୍ଠା ପେଣ୍ଠା ମାଣ୍ଡିଆ। ଯେତେ ଦୂର ପର୍ଯ୍ୟନ୍ତ ଆଖି ଯାଉଛି କେବଳ ମାଣ୍ଡିଆ ହିଁ ମାଣ୍ଡିଆ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୋରଣା ପଂଚାୟତ ଅଧୀନ ଉଦୟପୁର ଗାଁର ମହିଳା ମାନେ ଜମିରେ ଫଳାଇଛନ୍ତି ସୁନାର ଫସଲ। ଅନୁକୂଳ ପାଗ ଏବଂ ଜମିରେ ଅତି ସହଜରେ ହୋଇପାରୁଛି ଏହି ମାଣ୍ଡିଆ ଚାଷ। ଆଉ ସେଇଥି ପାଇଁ ମହିଳାମାନଙ୍କୁ ବେଶ ଆକୃଷ୍ଟ କରିଛି ଏହି ଚାଷ। ଏ ନେଇ ଉଦୟପୁର ଗ୍ରାମର ସ୍ୱାବଲମ୍ବି ମହିଳା କଲ୍ୟାଣୀ ସ୍ୱାଇଁ କୁହନ୍ତି ଧାନ କିମ୍ବା ଅନ୍ୟ ପାରମ୍ପରିକ ଚାଷ ଠାରୁ ମାଣ୍ଡିଆ ଚାଷରୁ ଭଲ ଅମଳ ଏବଂ ଲାଭ ମିଳୁଛି। ଅନ୍ୟ ଚାଷ ତୁଳନାରେ ଖର୍ଚ୍ଚ କମ୍, ପରିଶ୍ରମ କମ୍ ତା ସହିତ କମ୍ ପାଣିରେ ଲାଭ ବେଶୀ ହେଉଛି। ଧାନ ଚାଷ କଲେ ରୋଗ ପୋକର ଆଶଙ୍କା ଅନେକ ମାତ୍ରାରେ ରହିଥାଏ ହେଲେ ମାଣ୍ଡିଆ ଚାଷ କ୍ଷେତ୍ରରେ ତାହା କମ୍। ଏହି ଚାଷ କରି ବର୍ତ୍ତମାନ ଅସ୍ତରଙ୍ଗ ବ୍ଲକ କୋରଣା ପଂଚାୟତ ଅଧୀନ ଉଦୟପୁର ଗ୍ରାମର ମିଲେଟ ପ୍ରଡ୍ୟୁସର ଗ୍ରୁପର ୪୦ଜଣ ମହିଳା ଲାଭାନ୍ୱିତ ହେଉଛନ୍ତି। ଅବସରପ୍ରାପ୍ତ ବ୍ୟାଙ୍କ ପ୍ରବନ୍ଧକ ନଟକିଶୋର ମହାନ୍ତି କୁହନ୍ତି ପୃଷ୍ଟିଶସ୍ୟ ଭାବରେ ଏଇ କିଛି ବର୍ଷ ହେଲା ମାଣ୍ଡିଆ ବେଶ ଆଦୃତି ଲାଭ କରିଛି। ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତି ଏହାକୁ ଧୀରେ ଧୀରେ ଗ୍ରହଣ କରିବାକୁ ଲାଗିଲେଣି। ଏଥିରେ ପ୍ରଚୁର ମାତ୍ରାରେ ଆଇରନ, କ୍ୟାଲସିୟମ, ଫାଇବର, ପ୍ରୋଟିନ ଓ କାର୍ବୋ ହାଇଡ୍ରେଟ୍ସ ଥିବା ଯୋଗୁଁ ଏହା ବେଶ ସ୍ୱାସ୍ଥ୍ୟ ଉପଯୋଗୀ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମିଲେଟ ମିଶନ ଜରିଆରେ ଚାଷ ଓ ଏହାର ବ୍ୟବହାର ପାଇଁ ସଚେତନ ଏବଂ ପ୍ରୋତ୍ସାହିତ କରୁଛନ୍ତି। ଯଦି କୋରଣା ମିଲେଟ ପ୍ରଡ୍ୟୁସର ଗ୍ରୁପର ମହିଳା ମାନେ ଉତ୍ପାଦନ କରିଥିବା ମାଣ୍ଡିଆକୁ ସରକାରୀ ସ୍ତରରେ ବିକ୍ରୟ ପାଇଁ ସୁବିଧା ହେବା ସହ ପ୍ରୋତ୍ସାହନ ମିଳିଲେ ଆହୁରି ଅନେକ ଅଞ୍ଚଳର ଚାଷୀ ମାଣ୍ଡିଆ ଚାଷ ପ୍ରତି ମନ ବଳାଇବେ ବୋଲି ଆଶା କରାଯାଉଛି। ପାଶ୍ଚାତ୍ୟ ସଂସ୍କୃତି ପରମ୍ପରା ଓ ଖାଦ୍ୟରୁ ମୁହଁ ମୋଡି ପୁଣି ପୁରୁଣା ପାରମ୍ପରିକ ପୁଷ୍ଟିଶସ୍ୟ ଖାଦ୍ୟ ପ୍ରତି ଆଧୁନିକ ସମାଜ ଆକୃଷ୍ଟ ହେଉଥିବା ବେଳେ ମାଣ୍ଡିଆ ସେଥିରେ ପ୍ରମୁଖ ଭୂମିକା ନିର୍ବାହ କରୁଛି।

# ମଧୁବାବୁ ଜୟନ୍ତୀ ଓ ଓକିଲ ଦିବସ ପାଳିତ



ମୁରିବାହାଲ (ଭାସ୍କର ନ୍ୟୁଜ) : ବଲାଙ୍ଗିର ଜିଲ୍ଲା ମୁରିବାହାଲ ଓକିଲ୍ ସଙ୍ଘ ସଭାପତି ବିଦ୍ୟାଧର ହାତୀଙ୍କ ସଭାପତିତ୍ୱରେ ଓକିଲ ସଂଘ ସଭା ଗୃହରେ ସୋମବାର ମଧୁବାବୁ ଜୟନ୍ତୀ ଓ ଓକିଲ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନି ଉପରେ ଆଲୋକପାତ କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁମାରଚନ୍ଦ୍ର ଖମାରୀ ,ଶମ୍ଭୁ ଭୋଇ, ଜୟକୃଷ୍ଣ ଦାସ୍, ଶୁକଦେବ୍ ତ୍ରିପାଠୀ, ରଏବାରୁ ପୁଟେଲ, ସୁନିଲ୍ ପୁଟେଲ, ହୃଷିକେଶ ଭୋଇ, ପ୍ରଶାନ୍ତ କମ୍ପ, ପ୍ରଶାନ୍ତ ଲୁହା, ଦୀନେଶ ଚିନ୍ଦା, ଚୂଡ଼ାମଣି ପ୍ରମୁଖ ଉପସ୍ଥିତ ଥିଲେ।ଉପସଭାପତି ସୁଦାମ ଚରଣ ବଘାର ସଞ୍ଚଳନା କରିଥିବାବେଳେ ସମ୍ପାଦକ ଜିତେନ୍ ହାତୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳଛତ୍ର ଉଦ୍‌ଘାଟିତ





ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ବିରିଗୁଡା କଲୋନୀ ଠାରେ ଆଜି ଆଦିତ୍ୟ ବିର୍ଲା ରିଫାଇନାରୀ କମ୍ପାନୀ ତରଫରୁ ଏକ ଜଳଛତ୍ର ଉଦ୍‌ଘାଟନ କରାଯାଇଛି। ଗ୍ରୀଷ୍ମ ପ୍ରଭାବ ଜାରି ରହିଥିବା ବେଳେ ପଥଚାରୀଙ୍କ ହିତାକୁ ଅଖି ଆଗରେ ରଖି ଏହି ବ୍ୟବସ୍ଥା କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଓଡ଼ିଆପେଣ୍ଟ ସରପଞ୍ଚ ବଂଶୀଧର ମାଣ୍ଡିଙ୍ଗା ରିବନ କାଟି ଏହାର ଶୁଭ ଉଦଘାଟନ କରିଥିବା ବେଳେ ସମ୍ମାନନିତ ଅତିଥି ଭାବେ କମ୍ପାନୀ ଏଚ୍ ଆର୍ ଦୀପକ ମହାନ୍ତି, ସିଏସ୍ ଆର ମୁଖ୍ୟ ତନ୍ମୟ ମହାନ୍ତି, ବସନ୍ତ ପାଣିଗ୍ରାହୀଙ୍କ ସମେତ ଅଗସ୍ତି ହଲବା ପୂର୍ଣ୍ଣ ମାଣ୍ଡିଙ୍ଗା ସହଦେବ ବିଡ଼ିକା ବିପିନ ମାଣ୍ଡିଙ୍ଗା ବଂଶୀଧର ହଲୱା ଦାମ ବିଡ଼ିକା ସୀତାରାମ ଖରା ଘନଶ୍ୟାମ ହଲୱା କର୍ଣ୍ଣ ହଲୱା ଉପସ୍ଥିତ ଥିଲେ।

# ପୁଜାରିପୁଟ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ



କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ପୌର ପରିଷଦ ଅନ୍ତର୍ଗତ ପୁଜାରିପୁଟ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି, ମେ ୧ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯିବ ବୋଲି କମିଟି ସମ୍ପାଦକ ଜୟନ୍ତ କୁମାର ମିଶ୍ର କହିଛନ୍ତି। ଶାଳା ପ୍ରତିଷ୍ଠା, ଦୀକ୍ଷା ଗ୍ରହଣ ଓ ଶୁଭ ଅଙ୍କୁରାରୋପଣ ଶେଷ କାର୍ଯ୍ୟକ୍ରମ ଶେଷ ହୋଇଥିବା ସେ କହିଛନ୍ତି। ୨୯ ତାରିଖ ଦିନ ସକାଳେ କଳସ ଯାତ୍ରା କରାଯାଇ ମନ୍ଦିରରେ କଳସ ସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ୩୦ ତାରିଖ ଦିନ ରାତ୍ରରେ ଦେବତା ପ୍ରାଣ ପ୍ରତିଷ୍ଠା, ମନ୍ଦିର ଓ ସିଂହାସନ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ରହିଛି। ମେ ମାସ ୧ ତାରିଖ ଦିନ ଧ୍ୱଜା କଳସ ସ୍ଥାପନ ଓ ପାର୍ଶ୍ୱ ଦେବତା ସ୍ଥାପନ, ଦେବତା ମନ୍ଦିର ପ୍ରବେଶ ଓ ସ୍ଥାପନ ଏବଂ ପୂର୍ଣ୍ଣାହୁତି ପ୍ରଭୃତି କାର୍ଯ୍ୟକ୍ରମ ରହିଥିବା ସେ କହିଛନ୍ତି। ୪୦ ଗୋଟି କୀର୍ତ୍ତନ ଦଳ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାକୁ ସହମତି ପ୍ରକାଶ କରିଥିବା ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ୟକ୍ତି ବିଶେଷ ଆସି ଯୋଗଦେବାକୁ ସେ ନିମନ୍ତ୍ରଣ କରିବା ସହିତ କମିଟିକୁ ସହଯୋଗ କରିବାକୁ ନିବେଦନ କରିଛନ୍ତି।

# ରକ୍ତଦାନ ଶିବିର

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ରକ୍ତ ଭଣ୍ଡାର ଠାରେ ଆନ୍ତର୍ଜାତୀୟ ସମବାୟ ବର୍ଷ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି କ୍ଷ ସମବାୟ ସମିତି ସମୂହର ଉପ ନିବନ୍ଧକ ହାଡ଼ିବନ୍ଧୁ ମହାକୁଡଙ୍କ ତତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଅତିରିକ୍ତ ଜିଲ୍ଲା ଚିକିତ୍ସକ ଅଧିକାରୀ ଡାକ୍ତର ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତୀ ବଳିଆର ସିଂ, ସମବାୟ ସମିତି ସମୁହର ସହକାରୀ ନିବନ୍ଧକ ଫକୀର ଚରଣ ବାଘ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ବିଭାଗୀୟ କର୍ମଚାରୀ, ବିଭିନ୍ନ ପେକ୍ସର ସମ୍ପାଦକମାନଙ୍କ ସମେତ ସ୍ୱେଚ୍ଛାସେବୀ ମାନେ ରକ୍ତଦାନ କରୁଥିବା ଦେଖିବାକୁ ମିଳିଛି।





# ମଧୁବାବୁ ଜୟନ୍ତୀ ଓ ଆଇନଜୀବୀ ଦିବସରେ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ





ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଓ ଦୌରା ଜର୍ଜ କୋର୍ଟ ପରିସରରେ ଜିଲ୍ଲା ବାର ଆସୋସିଏସନ ପକ୍ଷରୁ ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ ଉପଲକ୍ଷେ ରକ୍ତଦାନ, ସ୍ୱାସ୍ଥ୍ୟ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ଶାନ୍ତନୁ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁଶ୍ରୀସଙ୍ଗୀତା ପାତ୍ର, ବରିଷ୍ଠ ଦେଓ୍ୱାନୀ ବିଚାରପତି ତଥା ମହିଳା ଅଦାଲତର ସହକାରୀଦୌରା ବିଚାରପତି ବବିତା ଦାଶ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ୨ୟ ଶ୍ରେଣୀ ଆଦିତ୍ୟ କୁମାର ପୃଷ୍ଟି ଯୋଗ ଦେଇ ମଧୁବାବୁ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କରି ମଧୁବାବୁଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ୭୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିବା ବେଳେ ରକ୍ତଦାନ ଶିବିରରେ ୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ଶ୍ରୀ ଦାଶଙ୍କ ସମେତ ରିକ୍ୱାମେସନ ରାଇଜିଙ୍ଗ କ୍ଲବର ସମ୍ପାଦକ କେ. ରାହୁଲ, କ୍ଲବର ସଦସ୍ୟ, ଆଇନଜୀବୀ ଓ ବୁଦ୍ଧିଜୀବୀମାନେ ରକ୍ତଦାନ କରିଥିଲେ। ଏଥିସହ କୋର୍ଟ ପରିସରରେ ଶତାଧିକ ଚାରା ରୋପଣ କରାଯାଇଥିଲା। ଏ ଅବସରରେ ବରିଷ୍ଠ ଆଇନଜୀବୀ ସାୟଦ ଆନଓ୍ୱର ସାହ, ଗୋବିନ୍ଦ ପାତ୍ର, ବିଜୟ କୁମାର ମହାନ୍ତି, ବଳରାମ ପାଣିଗ୍ରାହୀ ଓ ଗୁପ୍ତ ପ୍ରସାଦ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବାର ଆସୋସିଏସନର ସଭାପତି ପ୍ରୀତପାଲ ସିଂହ, ଉପ ସଭାପତି ସରୋଜ କୁମାର ମହାନ୍ତି, ସମ୍ପାଦକ ସାଗର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଉମା ଶଙ୍କର ନାୟକ ଓ କୋଷାଧ୍ୟକ୍ଷ ବିଭୁ ଆଶିଷ ସଗଡ଼ିଆଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

# ମହାବୀର ମନ୍ଦିରର ତୃତୀୟ ବାର୍ଷିକ ଯଜ୍ଞୋତ୍ସବ

ଡେରାବିଶ, (ଭାସ୍କର ନ୍ୟୁଜ୍ ) : ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣଖଣ୍ଡ ଭୋଳ ଗ୍ରାମର କ୍ଷେତ୍ରାଧିପତି ଶ୍ରୀ ମହାବୀର ଦକ୍ଷିଣମୁଖୀ ହନୁମାନଜୀଉଙ୍କ ତୃତୀୟ ବାର୍ଷିକ ଉତ୍ସବ ଅବସରରେ ଗତ ୨୫ ତାରିଖ ଠାରୁ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଗତ ଶୁକ୍ରବାର ଯଜ୍ଞର ମଣ୍ଡଳାଧିବାସ, ଅଙ୍କୁରାରୋପଣ ଓ ଶୁଭାଧିବାସ ଏବଂ ଗତକାଲି ଶନିବାର ଶୁଭ କଳସଯାତ୍ରା, ମଙ୍ଗଳ ଘଟ ସ୍ଥାପନ, ଘଟ ମଣ୍ଡଳାଦି ପୂଜା, ଅଗ୍ନିସ୍ଥାପନ ଓ ଘୃତାହୂତି ହୋଇଥିବା ବେଳେ ସଙ୍କଟ ମୋଚନ ମହାବୀରଙ୍କର ଷୋଡ଼ଷ ଉପଚାର ପୂଜା ଅନୁଷ୍ଠିତ ହୋଇଯାଇଛି। ସୋମବାର ଦିନ ସପ୍ତସତୀ ଚଣ୍ଡୀଯଜ୍ଞ, ରୁଦ୍ର ଅଷ୍ଟାଧ୍ୟାୟୀ ହବନ, ଆଳତୀ ଓ ଶେଷରେ ଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟ ସମାପନ ପରେ ଚରୁ ଅନ୍ନ ବଣ୍ଟନ କରାଯିବ। ଏଥିସହିତ ପ୍ରତ୍ୟହ ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଭଜନ ସଂଧ୍ୟା କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି। ଏହି ଧର୍ମୀୟ କାର୍ଯ୍ୟରେ ଶ୍ରଦ୍ଧାଳୁମାନେ ଯୋଗଦାନ କରି ପ୍ରଭୂକୃପା ଲଭା ପାଇଁ ଦକ୍ଷିଣଖଣ୍ଡ ଭୋଳ ଗ୍ରାମବାସୀଙ୍କ ତରଫରୁ ନିବେଦନ କରାଯାଇଛି।

# ନିମ୍ନମାନର କାମ କରୁଛନ୍ତି ସ୍ଥାନୀୟ ଠିକାଦାର
## କାର୍ଯ୍ୟରେ ନିୟୋଜିତ ହେଉଛନ୍ତି ଶିଶୁ ଶ୍ରମିକ

ବାଲିଗୁଡ଼ା(ଭାସ୍କର ନ୍ୟୁଜ୍): ନିମ୍ନମାନର କାମ କରୁଛନ୍ତି ସ୍ଥାନୀୟ ଠିକାଦାର ପୁଣି ସେହି ଠିକା କାର୍ଯ୍ୟରେ ନିୟୋଜିତ ହେଉଛନ୍ତି ଶିଶୁ ଶ୍ରମିକ। ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମୀଣ ଲୋକଙ୍କ ଗମନା ଗମନର ସୁବିଧା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରଦରେ ରାସ୍ତା କାର୍ଯ୍ୟ ନିର୍ମାଣ କରୁଛନ୍ତି ହେଲେ ସ୍ଥାନୀୟ ଠିକାଦାର ନିମ୍ନ ମାନର କାମ କରି ଟଙ୍କା ଆତ୍ମସାତ କରୁଥିବା ଦେଖିବାକୁ ମିଳିଛି। ଏହିଭଳି ଅଭାବନୀୟ ଦୃଶ୍ୟ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ସୁଡ୍ରା ପଞ୍ଚାୟତ କତେରିଭଟାରେ ଦେଖିବାକୁ ମିଳିଛି। ଗାଁ ମଝିରେ ଏକ ଅର୍ଦ୍ଧ ନିର୍ମିତ ରାସ୍ତା ଓ ପୋଲ ନିର୍ମାଣ ହୋଇଥିଲା ହେଲେ କାର୍ଯ୍ୟଟି ସମ୍ପୂର୍ଣ୍ଣ ନହେବାରୁ ସ୍ଥାନୀୟ ବାସିନ୍ଦା ଯିବା ଆସିବା ପାଇଁ ବହୁତ କଷ୍ଟ ହେଉଥିଲା। କିଛିଦିନ ପୂର୍ବରୁ ଏହି ରାସ୍ତା ନିର୍ମାଣ ନିମନ୍ତେ ଖବର ପ୍ରସାରଣ କରାଯାଇଥିଲା। ସ୍ଥାନୀୟ ପ୍ରଶାସନ ଖବରକୁ ଦୃଷ୍ଟିରେ ରଖି ଲୋକଙ୍କ ହିତ ନିମନ୍ତେ ରାସ୍ତା ଓ ପୋଲ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଜାରି କରିଥିଲେ। ହେଲେ ଅର୍ଥ ଆସିଲା କାମ ବି ଚାଲିଛି ହେଲେ ନିମ୍ନମାନର। ଏଥିପାଇଁ ଦାୟୀ କିଏ ? ଶିଶୁ ଶ୍ରମିକ ମାନଙ୍କୁ ଠିକା କାର୍ଯ୍ୟରେ ଲଗେଇବା କେତେ ଦୂର ଯୁକ୍ତିଯୁକ୍ତ ? ଏହାର ତଦନ୍ତ କରାଯାଇ ଶିଶୁମାନଙ୍କୁ କାର୍ଯ୍ୟରେ ଲାଗାଇଥିବା ଠିକାଦାରଙ୍କ ପ୍ରତି ଉଚିତ୍ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।



# ବ୍ରଜରାଜନଗର ମହୋତ୍ସବ ଉଦ୍‌ଯାପିତ: ପୁରୀର ଗୋଟି ପୁଅ ନୃତ୍ୟରେ ଝୁମିଲେ ଦର୍ଶକ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍ ) : ଗତ ୨୬ ଓ ୨୭ ତାରିଖ ଦୁଇ ଦିନ ଧରି ସୁଇମିଂ ପୁଲ ପଡ଼ିଆ ଠାରେ ବ୍ରଜରାଜନଗର ମହୋତ୍ସବ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଥିବା ଏହି ମହୋତ୍ସବରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ ହୋଇଥିଲା। ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦ୍ୱୀପ ପ୍ରଜ୍ୱଳନ କରି ଦ୍ୱିତୀୟ ସଂଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଉଦ୍‌ଯାପନ କରିଥିଲେ। ମହୋତ୍ସବ କମିଟିର ସଭାପତି ଡ଼ଃ ବିଜୟ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବରଗଡ ସାଂସଦ ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ସୁନିଲ୍ ନରୱଣେ, ବ୍ରଜରାଜନଗର ପୌରପରିଷଦ ଅଧ୍ୟକ୍ଷ କୃଷ୍ଣ ଗୋପାଳ ସୀତାନି, କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଇବ୍ ଭ୍ୟାଲି କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅଓ୍ୱଧ କିଶୋର ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠିତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କୁ ମହୋତ୍ସବ କମିଟି ପକ୍ଷରୁ ମୁଖ୍ୟ ଅତିଥି ଉପଢୌକନ ଓ ମୋମେଣ୍ଟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ବର୍ଷ ମାନଙ୍କରେ ବ୍ରଜରାଜନଗର ମହୋତ୍ସବ ଜାତୀୟସ୍ତରୀୟ ମହୋତ୍ସବରେ ପରିଣତ ହେବ ବୋଲି ସ୍ଥାନୀୟ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଦ୍ୱିତୀୟ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସ୍ୱର୍ଦ୍ଧାର ଗ୍ରୁପ ଭଜନ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ଓଡିଶୀ ନୃତ୍ୟ, ଫ୍ଲାକ୍ସୋମାନିଆ ଇଭେଣ୍ଟ ବ୍ରହ୍ମପୁର, ସଙ୍ଗୀତ ସମିତି ପଦ୍ମପୁର, ଗୁରୁ ଗଙ୍ଗାଧର ଚାରିଟେବୁଲ ଟ୍ରଷ୍ଟ ପୁରୀ, ପ୍ରତିଭା ଅନୁଷ୍ଠାନ ଭବାନୀପାଟଣା, ସିଙ୍ଗମ ଗ୍ରୁପ ବାଙ୍କିର କଳାକାର ମାନେ ଦର୍ଶକଙ୍କ ମନ ମୋହି ଥିଲେ। ପୁରୀର ଗୋଟିପୁଅ ନୃତ୍ୟରେ ଦର୍ଶକ ଝୁମି ଯାଇଥିଲେ। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି କୁଳମଣି ଦାଶ, ଉପସଭାପତି ଆଲୋକ ପଣ୍ଡା, ନିର୍ମଳ ସିଂହ ଚାଓ୍ୱଲା, ସାଧାରଣ ସଂପାଦକ ଅମରେନ୍ଦ୍ର ରାୟ, ମୁଖ୍ୟ ସଂଯୋଜକ ଉପନ ଚରଣ ସାହୁ, ସହ ସଂପାଦକ କବି ସ୍ୱାଇଁ ଓ ତପନ ସ୍ୱାଇଁ, କୋଷାଧ୍ୟକ୍ଷ ବିନୟ ଜୟସ୍ୱାଲ, ମିଡ଼ିଆ ପ୍ରଭାରୀ ତ୍ରିଲୋଚନ ଦାଶ, ସାଂସ୍କୃତିକ ସଂପାଦକ ସୁଶୀଲ ପୁରୋହିତ, ଉପଦେଷ୍ଟା ପବନ ସକ୍ସେରିଆ ପ୍ରମୁଖଙ୍କ ଆପ୍ରାଣ ପ୍ରଚେଷ୍ଟାରୁ ଦୀର୍ଘ ୧୦ ବର୍ଷ ହେବ ବନ୍ଦ ଥିବା ବ୍ରଜରାଜନଗର ମହୋତ୍ସବ ଚଳିତବର୍ଷ ସମ୍ଭବ ହୋଇପାରିଥିଲା। ଏହି ଅବସରରେ କବି କ୍ଷୀରୋଦ କୁଅଁର ସଂପାଦନାରେ ଇରାବତୀ ସ୍ମରଣିକା ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଆକାଶବାଣୀ ସ୍ୱିକୃତି ପ୍ରାପ୍ତ କଳାକାର ଅଞ୍ଜନ ପ୍ରଧାନ ଦୁଇଦିନ ଧରି ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶିଷ ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, ଜ୍ୟୋତି ରଂଜନ ଦାଶ, ମନଦୀପ ସିଂହ, ପ୍ରମୋଦ ଦାଶ, ସୁମନ ମଜୁମଦାର, ଅରୁଣ ସାହୁ, ନିର୍ମଳ ଧିଓ୍ୱାର ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବ୍ରଜରାଜନଗର ମହାବିଦ୍ୟାଳୟ ଅଧ୍ୟାପକ ବିକ୍ରମ ପ୍ରଧାନଙ୍କ ନେତୃତ୍ୱରେ ସ୍କାଉଟ ଗାଇଡ ଛାତ୍ରଛାତ୍ରୀ ଓ ଓପିଏମ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରତିଭା ମହାପାତ୍ରଙ୍କ ନେତୃତ୍ୱରେ ସ୍କାଉଟ ଗାଇଡ଼ ଛାତ୍ରୀ ମାନେ ମହୋତ୍ସବର ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ। ବ୍ରଜରାଜନଗର ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ନିଜ ନିଜର କାର୍ଯ୍ୟ ସୂଚାରୁ ରୂପେ ନିର୍ବାହ କରିଥିବା ବେଳେ ବ୍ରଜରାଜନଗର ଉପଖଣ୍ଡ ପୋଲିସ ଅଧିକାରୀ ଚିନ୍ତାମଣି ପ୍ରଧାନ ଓ ଥାନା ଆଇଆଇସି ଧବଳେଶ୍ୱର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

# ସମବାୟ ବିଭାଗ ପକ୍ଷରୁ ମଧୁ ଜୟନ୍ତୀ ପାଳିତ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସମବାୟ ବିଭାଗ ପକ୍ଷରୁ ଜିଲ୍ଲା ସଦରରେ ଥିବା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟଳୟରେ ଥିବା ବୈଠକ ଗୃହରେ ସମବାୟ ପ୍ରତିଷ୍ଠାତା ମଧୁ ବାବୁଙ୍କ ଜୟନ୍ତୀକୁ ବେଶ୍ ଆଡମ୍ବର ସହକାରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସହକାରୀ ନିବନ୍ଧକ ମାଲକାନଗିରିର ଚନ୍ଦ୍ର ସେଠିଆ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କେଶିଶି ବ୍ୟାଙ୍କ ଡାଇରେକ୍ଟର ତଥା ଜିଲ୍ଲା ଲୟର୍ସ ଆସୋସିଏସନର ସଭାପତି ନୃସିଂହ ଚରଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀ ଡ. ରାଜେଶ କୁମାର କୌର, ଇଉପିଏ ସହକାରୀ ନିବନ୍ଧକ ସଞ୍ଜୟ କୁମାର ଦାସ, ଶିଖପାଲି ଲ୍ୟାମ୍ପ ସଭାପତି ତଥା ଚାଲାଣଗୁଡା ସରପଞ୍ଚ ଅରକ୍ଷିତ ନାୟକ, ମାଲକାନଗିରି କେଶିଶି ବ୍ୟାଙ୍କ ଶାଖା ପରିଚାଳକ ଦୀପକ କୁମାର ଖରା, ବାଲିମେଳା କେଶିଶି ବ୍ୟାଙ୍କ ଶାଖା ପରିଚାଳକ ସୁଧାଂଶୁ କୁମାର ଖରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରଥମେ କାଶ୍ମୀରର ପହଲଗାମ୍‌ରେ ହୋଇଥିବା ଆତଙ୍କବଦୀ ଆକ୍ରମଣରେ ସହିଦ ହୋଇଥିବା ବ୍ୟକ୍ତିଙ୍କ ପାଇଁ ଦୁଇ ମିନିଟର ନୀରବ ପ୍ରାର୍ଥନା କରଯାଇଥିଲା। ପରେ ପରେ ଅତିଥିମାନେ ମଧୁବାବୁଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅରପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମହାନ୍ତି ମଧୁସଦନ ଦାସଙ୍କ ଜୀବନଶୈଳୀ ବିଷୟରେ ଆଲୋକପାତ କରିବା ସହ ୧୯୯୮ ମସିହାରେ ପ୍ରଥମେ ମଧୁବାବୁ କଟକ କୋପରେଟିଭ ଷ୍ଟୋର ପ୍ରତିଷ୍ଠା କରିଥିଲେ। ଏହା ଦେଶର ପ୍ରଥମ ବହୁମୁଖୀ ସରକାରୀ ପ୍ରତିଷ୍ଠାନ ଥିବା ବେଳେ ଏହା ମାନବିକ ମୂଲ୍ୟ, ଗୁଣ ମାନ ଓ ନ୍ୟାୟ ସଙ୍ଗତ ମୂଲ୍ୟରେ ସାମଗ୍ରୀ ପ୍ରଦାନ କରି ଲୋକଙ୍କୁ ଶୋଷଣରୁ ରକ୍ଷା କରିଥିଲା। ଏହାକୁ ଆଧାର କରି ସାରା ଦେଶରେ ଏହି ପଦକ୍ଷେପକୁ ଗ୍ରହଣ କରି ସମବାୟ ସମିତି ଗଠନ ହୋଇଥିଲା ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଶ୍ରୀ କୌର ପ୍ରକାଶ କରିଥିଲେ ଯେ, ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟମରେ ପ୍ରାଣୀ ଚାଷୀଙ୍କୁ ରିହାତି ଯୋଗାଇବା, ସ୍ୱାବଲମ୍ବୀ ହେବା ପାଇଁ ରହିଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସଭାପତି ଶ୍ରୀ ସେଠିଆ ମଞ୍ଚ ପରିଚାଳନା କରିଥିବା ବେଳେ ଇଉପିଏ ସହକରି ନିବନ୍ଧକ ଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୮ ଗୋଟି ଲ୍ୟାମ୍ପର ଏମଡି, ସଭାପତି, ଡାଇରେକ୍ଟର, କର୍ମଚାରୀ ଓ ଜିଲ୍ଲାର ୩୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଚାଷୀ ଯୋଗ ଦେଇଥିଲେ।




ଆସିକା (ଭାସ୍କର ନ୍ୟୁଜ୍) : ଆସିକା ହୋଟେଲ 'ଏଥର' ଠାରେ ସ୍ୱାଭିମାନ ଓଡ଼ିଶା ପକ୍ଷରୁ ବିକାଶମୂଳକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଯୁବ ନେତୃତ୍ୱ ଅମ୍ବିକା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ନେତୃ ସ୍ଥାନୀୟ ବ୍ୟକ୍ତି ଯୋଗଦେଇଥିଲେ । ଆସିକା ଅଞ୍ଚଳର ବିକାଶ ମୂଳକ କାମ ଗୁଡିକ କିଭଳି ତ୍ୱରାନ୍ୱିତ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ସ୍ୱାଭିମାନ, ସଂସ୍କୃତି ଓ ବିକାଶର ବାର୍ତ୍ତା ଦେଇଥିଲେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ବାଳକୃଷ୍ଣ ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧିକ୍ଷକ ଯନ୍ତ୍ରୀ ଯାମିନୀ କାନ୍ତ ଦାସ, ପୂର୍ବତନ ବ୍ଲକ ଅଧକ୍ଷ ସୂର୍ଯ୍ୟକାନ୍ତ ପରିଡା, ବରିଷ୍ଠ ନେତା ମନୋରଞ୍ଜନ ପଣ୍ଡା, ଦିଗପହଣ୍ଡି ବିଜେପି ନେତା ଶୁଭେନ୍ଦୁ ପାଢ଼ୀ, ବିଜେପି ନେତା ରାମକୃଷ୍ଣ ପାଢ଼ୀ, ଉଚ୍ଚନ୍ୟାୟାଳୟ ଓକିଲ ମନୋରଞ୍ଜନ ରଥ, ସାନଖେମୁଣ୍ଡି ବିଜେପି ନେତା ଗଦାଧର ସ୍ୱାଇଁ ସୋରଡ଼ା ବିଜେପି ନେତା ସ୍ୱାଧୀନ ପଣ୍ଡା, ରାମକୃଷ୍ଣ ପାଢ଼ୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଉକ୍ତ ବିକାଶ ମୂଳକ ଆଲୋଚନା ଚକ୍ର ଶ୍ରେଷ୍ଠ ଗଞ୍ଜାମ ଗଠନ ନିମନ୍ତେ ପରିକଳ୍ପନା ହୋଇଥିବା କହିଥିଲେ ସମ୍ମାନିତ ଅତିଥି ସୂର୍ଯ୍ୟକାନ୍ତ ପରିଡା । ଆସିକାରେ ଶିଳ୍ପ ପାଇଁ କ୍ଷେତ୍ର ଅନୁକୂଳ ଥିବାବେଳେ ପ୍ରତିଟି ସରକାରଙ୍କ ଉଦାସୀନତା କାରଣରୁ ବିକାଶ ହେଇପାରିନଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ଉପସ୍ଥିତ ଅତିଥି ଓ ବୁଦ୍ଧିଜୀବୀ । ଉକ୍ତ କାର୍ଯ୍ୟକ୍ରମରେ ବହୁ ଆଇନଜୀବୀ ଓ ସାମ୍ବାଦିକ ଉପସ୍ଥିତ ଥିଲେ ।

# ସମସ୍ୟା ଅନେକ, ସମାଧାନ କେବେ



ଆସିକା (ଭାସ୍କର ନ୍ୟୁଜ୍) : ବଢ଼ିବାରେ ଲାଗିଛି ଆସିକା ଏନ୍‌ଏସି ସ୍ୱଚ୍ଛତା ସମସ୍ୟା । ସ୍ଥାନୀୟ ଜନସାଧାରଣଙ୍କୁ ହନ୍ତସନ୍ତ କରୁଛି ମଶା ର ପ୍ରାଦୁର୍ଭାବ । ଡ୍ରେନେଜ ସମସ୍ୟା ବର୍ଷ ବର୍ଷ ଧରି ହେଇପାରୁନି ସମାଧାନ । କଳିଙ୍ଗ ରୋଡ଼ ଦୁଇ କଡରେ ଥିବା ଡ୍ରେନର ଠାଏଁ ଠାଏଁ ଦୀର୍ଘଦିନ ଧରି ନାହିଁ ଡ୍ରେନେଜ ଘୋଡାଇବା ପାଇଁ ପ୍ଲେଟ । ଜାତୀୟ ରାଜପଥ ଦୁଇକଡ଼ରେ ଏଭଳି ଅବସ୍ଥା କାରଣରୁ ବହୁ ସମସ୍ୟା ଦେଖିବାକୁ ମିଳୁଛି । ଖାଲି ମଶା ପାଦୁର୍ଭାବ ନୁହେଁ ଯାତାୟାତ ସମୟରେ ବି ହଇରାଣର ସମ୍ମୁଖୀନ ହେବାକୁ ପଡୁଛି । କିଏ କରିବ ଏହାର ସମାଧାନ ? ଏନ୍‌ଏଚ୍ ଯନ୍ତ୍ରୀଙ୍କୁ ପଚାରିଲେ ଉତ୍ତର ମିଳୁଛି କି ଏନ୍‌ଏସି ଏହାର ଦାୟିତ୍ୱ ନେବ ବୋଲି ଚିଠି ହୋଇଛି । ସେପଟେ ଏନ୍‌ଏସି କହୁଛି ଏନ୍‌ଏଚ୍ ବିଭାଗ ଏହାର କାମ ଖୁବଶୀଘ୍ର କରିବ । ଇତିମଧ୍ୟରେ ତିନିବର୍ଷ ବିତିଯାଇଥିଲେ ମଧ୍ୟ ହେଇପାରୁନି ଏହି ଡ୍ରେନେଜ ସମସ୍ୟା ସମାଧାନ । ବର୍ତ୍ତମାନ ସ୍ଥାନୀୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିଲେ କହୁଛନ୍ତି କାଲି କି ଏହି ସମସ୍ୟା ସମାଧାନ ହୋଇଯିବ । ଫୋନ କଲେ ଆଶ୍ୱାସନା ଦେଇ ଭୁଲି ଯାଉଛନ୍ତି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ । ଏହି ରାସ୍ତା ଦେଇ ଛୋଟ ଛୋଟ ପିଲା ଓ ସ୍କୁଲ ଛାତ୍ରଛାତ୍ରୀମାନେ ଯାଉଥିବା ବେଳେ ଦୁର୍ଘଟଣା ଘଟିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ସିମେଣ୍ଟ କଂକ୍ରିଟ ପ୍ଲେଟ ତିଆରି କରି ଏଠାରେ ପକାଇଲେ ଏହି ସମସ୍ୟା ସମାଧାନ ହୋଇପାରନ୍ତା କିନ୍ତୁ ଏନ୍‌ଏସିର ଉଦାସୀନତା କାରଣରୁ ହୋଇପାରୁନି ଡ୍ରେନ ଉପରେ ପ୍ଲେଟ । ଆସିକା ଏନ୍‌ଏସି ପୂର୍ବରୁ ସ୍ୱଚ୍ଛତା କ୍ଷେତ୍ରରେ ରାଜ୍ୟସ୍ତରରେ ପୁରସ୍କାର ଆଣିଥିବା ବେଳେ ଏଭଳି ଛୋଟ ଛୋଟ କାର୍ଯ୍ୟ ପ୍ରତି ଦୃଷ୍ଟି ନଦେବା ପରିତାପର ବିଷୟର ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ସେପଟେ ରାଜସ୍ୱ ଡାକ ବଙ୍ଗଳା ନିକଟରେ ଥିବା ଗୋଷ୍ଠୀ ଶୌଚାଳୟର କବାଟ ଭାଙ୍ଗି ଯାଇଥିବା ବେଳେ ମରାମତି କରିବା ନାମ ଧରୁନି ଆସିକା ଏନ୍‌ଏସି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଶୌଚାଳୟର ରକ୍ଷଣା ବେକ୍ଷଣ ନିମନ୍ତେ ଉଦାସୀନତା ଏନ୍‌ଏସିର ପାରିବା ପାଣିଆକୁ ଦର୍ଶାଉଛି । ଏହି ଶୌଚାଳୟକୁ ସ୍ଥାନୀୟ ଜନସାଧାରଣ ବ୍ୟବହାର କରୁଥିବା ବେଳେ ମାସ ମାସ ଧରି କବାଟ ନଲାଗିବା ବ୍ୟଥିତ କରିଛି । ଗୋଷ୍ଠୀ ଶୌଚାଳୟ କରି ଦୀର୍ଘଦିନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ନକରିବାରୁ କିଛି ଦୁର୍ବୃତ୍ତ କବାଟ ଭାଙ୍ଗି ଦେଇଥିବା ଶୁଣିବାକୁ ମିଳିଛି । ବର୍ତ୍ତମାନ ସ୍ଥାନୀୟ ଜନସାଧାରଣଙ୍କ ଦାୟିତ୍ୱ କାରଣରୁ ବ୍ୟବହାର ଯୋଗ୍ୟ ହେଇପାରୁଥିବା ବେଳେ ଭାଙ୍ଗି ଯାଇଥିବା ଗୋଟିଏ ଶୌଚାଳୟ କବାଟ କେବେ ତିଆରି ହେବ ଦେଖିବାକୁ ବାକି ରହିଲା । ଆଗାମୀ ଦିନରେ ଏହି ସମସ୍ୟା ସମାଧାନ ହେଉଛି ନା ଅଣଦେଖା କରି ଏନ୍‌ଏସି ବସି ରହୁଛି ସମୟ କହିବ ।

# 'ଓଡ଼ିଶା ଭାସ୍କର'ର ମହାପ୍ରଭାବ

# ଯାଞ୍ଚ ପାଇଁ କାର୍ଯ୍ୟସ୍ଥଳରେ ପହଞ୍ଚିଲେ ଶ୍ରମ ବିଭାଗର ୨ ଅଧିକାରୀ

- ପେଟପାଟଣା ପାଇଁ ଶ୍ରମିକ ନାଚାର
- ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଚିଠି



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ସକାଳ ସୂର୍ଯ୍ୟୋଦୟ ପରେ କାମ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ଭିତରେ କାମ ବନ୍ଦ ହେବ । ପୁନର୍ବାର ଅପରାହ୍ନ ୩ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ କାମ କରାଯିବ । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି । ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ସରକାରଙ୍କ ନିର୍ଦ୍ଦେଶକୁ ଖୁଲମଖୁଲ୍ଲା ଉଲ୍ଲଙ୍ଘନ କରି ବ୍ଲକ ପ୍ରଶାସନିକ ବିଭାଗୀୟ ଅଧିକାରୀ, ସହକାରୀ ଯନ୍ତ୍ରୀ, ଯନ୍ତ୍ରୀ ଓ ଠିକାଦାର ଶ୍ରମିକଙ୍କୁ କାମରେ ଲଗାଇଥିଲେ । ମୁଣ୍ଡଫଟା ଖରାରେ ଶ୍ରମିକଙ୍କୁ କାମ କରାଉଥିଲେ, ତାହା ପୁଣି ଦିନ ସାରା ଯାହାର ଖବର ୨୭ ତାରିଖ ଦିନ ଖବର ପ୍ରକାଶିତ ହୋଇଥିଲା । ଶନିବାର ଦିନ ୧ଘ ୧୪ମିନିଟ ସମୟରେ ଡହ ଡହ ଖରାରେ ଅସ୍ତରଙ୍ଗ ବ୍ଲକ ପରିସରରେ ନିର୍ମାଣ ହେଉଥିବା କୋଠାରେ କାମ କରୁଥିଲେ ଶ୍ରମିକ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସରକାରୀ ନିର୍ମାଣ କାମରେ ବି ଏଭଳି ସ୍ଥିତି ଦେଖିବାକୁ ମିଳୁଛି । ଅସ୍ତରଙ୍ଗ ବ୍ଲକ ପ୍ରଶାସନ ବିଭାଗୀୟ ଯନ୍ତ୍ରୀ ନିଜ ଘରେ ରହୁଥିବା ବେଳେ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ନିର୍ମାଣ ହେଉଥିବା କୋଠା ହେଉ, ନଚେତ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ବିଦ୍ୟାଳୟ କାମ ହେଉଥିବା ବେଳେ ଯନ୍ତ୍ରୀ ମାନେ କାର୍ଯ୍ୟ ତଦାରଖ କରିବାକୁ ଯାଉନାହାନ୍ତି, ପେଟି ଠିକାଦାର ମାନେ ଶ୍ରମିକମାନଙ୍କୁ ଡହ ଡହ ଖରାରେ କାମରେ ଲଗାଉଛନ୍ତି । ନା ପଞ୍ଜିକୃତ ଠିକାଦାରଙ୍କ ନିର୍ମାଣସ୍ଥଳରେ ଯାଞ୍ଚ ହେଉଛି, ନାଁ ସାଧାରଣ କାର୍ଯ୍ୟସ୍ଥଳରେ । ସାଧାରଣତଃ ଡିସେମ୍ବର ମାସରୁ ନିର୍ମାଣ କାମ ଅଧିକ ମାତ୍ରାରେ ହୋଇଥାଏ । ରାସ୍ତା ହେଉ ବା କୋଠା କାମ ବର୍ଷା ଋତୁ ପୂର୍ବରୁ ଶେଷ କରିବା ପାଇଁ ଉଭୟ ଠିକାଦାର ଓ ଘରୋଇ ଲୋକ ଉଦ୍ୟମ କରିଥାନ୍ତି । ସେଥିପାଇଁ ଲଗାତାର କାମ କରାଯାଏ । ହେଲେ ଗତ ମାର୍ଚ୍ଚ ମାସ ଆରମ୍ଭରୁ ହଠାତ୍ ଗ୍ରୀଷ୍ମ ପ୍ରବାହ ହେବାରୁ ନିର୍ମାଣ ସ୍ଥଳରେ ଶ୍ରମିକଙ୍କ କାମ କରାଇବା ସମୟରେ ସରକାର କଟକଣା ଜାରୀ କଲେ । ମଧ୍ୟାହ୍ନ ସମୟରେ କୌଣସି ପ୍ରକାର କାମ କରାଯିବନି । ଯାହାକୁ ନେଇ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ତରଫରୁ ଗ୍ରୀଷ୍ମ କାଳୀନ ମୁକାବିଲା ପାଇଁ ନିଜେ ବିଡ଼ିଓ ବୈଠକ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ସଚେତନ କରିଥିଲେ । କିନ୍ତୁ ଗୋଟେ ପଟେ ପ୍ରଶାସନିକ ଅଧିକାରୀ ନିୟମ କରୁଥିବା ବେଳେ ଖୁଲମ୍‌ଖୁଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରଶାସନ କାର୍ଯ୍ୟାଳୟ ମଧ୍ୟରେ ନିର୍ମାଣାଧୀନ କୋଠା ନିର୍ମାଣରେ ମୁଣ୍ଡଫଟା ଖରାରେ ଶ୍ରମିକଙ୍କୁ କାମରେ ଲଗାଯାଉଥିଲା । ଯାହାର ଖବର ୨୭ତାରିଖରେ ପ୍ରକାଶିତ ହୋଇଥିଲା । ଯଦି କୌଣସି ଶ୍ରମିକଙ୍କର କିଛି ଅସୁବିଧା ହୁଏ କିଏ ଦାୟୀ ରହିବେ ? କାମ ସାରିବା ଟାର୍ଗେଟ ନେଇ ଠିକାଦାର ଲଗାତାର କାମ ଜାରି ରଖୁଛନ୍ତି । ଶ୍ରମିକଙ୍କ ସ୍ୱାସ୍ଥ୍ୟ ଚିନ୍ତା ନକରି, ଠିକାଦାର ଜବରଦସ୍ତ କାମ କରାଉଛନ୍ତି । ଡହ ଡହ ଖରାରେ ଶ୍ରମିକମାନେ ବାଲି, ସିମେଣ୍ଟ ଗୋଳାଉଛନ୍ତି, ମହିଳାମାନେ ଡହ ଡହ ଖରାରେ ଇଟା ବୋହୁଛନ୍ତି । ପେଟପାଟଣା ପାଇଁ ଅନ୍ୟ ଉପାୟ ନପାଇ ଶ୍ରମିକ କାମ କରୁଛନ୍ତି । ଅସ୍ତରଙ୍ଗ ଅଞ୍ଚଳ ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ଡହ ଡହ ଖରାରେ ଅସ୍ତରଙ୍ଗ ବ୍ଲକ ପରିସରରେ ନିର୍ମାଣ କୋଠା କାମ ଚାଲୁରହିଥାଏ । ଖବର ପ୍ରକାଶିତ ପରେ ଘଟଣାକୁ ଗୁରୁତ୍ୱପୂର୍ଣ୍ଣ ନେଇ ଜିଲ୍ଲା ଶ୍ରମ ବିଭାଗର ସହକାରୀ ଶ୍ରମ ଅଧିକାରୀ ଚିନ୍ମୟୀ ପ୍ରିୟଦର୍ଶୀ, ଆଶିଷ କୁମାର ମାଝୀ ସୋମବାର କାର୍ଯ୍ୟହେଉଥିବା ସ୍ଥଳରେ ପହଞ୍ଚି ଶ୍ରମିକଙ୍କ ସହ ଆଲୋଚନା କରିବା ସହ ଦିନ ୧୧ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ ନକରିବା ପାଇଁ ସଚେତନ କରିଥିଲେ । ଜିଲ୍ଲା ଶ୍ରମ ଅଧିକାରୀ କହିଛନ୍ତି ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଚିଠି କରାଯାଇଛି, ଠିକାଦାରଙ୍କ ସମ୍ପୂର୍ଣ୍ଣ ତଥ୍ୟ ସହ ବିଡ଼ିଓଙ୍କୁ ସୂଚନା ଦିଆଯାଇଛି, ଶ୍ରମିକଙ୍କୁ ଏପରି କାମ ନ କରାଇବା ପାଇଁ । ଯାହା ଫଳରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଠିକାଦାରଙ୍କୁ ସୂଚନା ଦେବା ପରେ ଠିକାଦାରଙ୍କ ରେଜିଷ୍ଟ୍ରେସନ ଯାଞ୍ଚ ସହ ବିଭିନ୍ନ ବିବରଣୀ ଯାଞ୍ଚ ହେବ ବୋଲି ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ଚିନ୍ମୟୀ ପ୍ରିୟଦର୍ଶୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଟେଣ୍ଡର ସତ୍ତ୍ୱେ ନିର୍ମାଣ ହୋଇପାରୁନି ବ୍ୟାସନଗରର ଦ୍ୱିତୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ବ୍ୟାସ ନଗର (ଭାସ୍କର ନ୍ୟୁଜ୍): କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ବ୍ୟାସନଗର ସହରର କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ଓ ଦେଶର ବିଭିନ୍ନ ପ୍ରାନ୍ତରୁ ବସବାସ କରୁଥିବା ବ୍ୟକ୍ତିବିଶେଷମାନଙ୍କ ଆବଶ୍ୟକତା ସକାଶେ ଏଠାରେ ଦ୍ୱିତୀୟ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିବାକୁ ଆବଶ୍ୟକୀୟ ଜମି ସରକାର ଯୋଗାଇଦେଇଛନ୍ତି । ଏହା ବ୍ୟାସନଗର ଅନ୍ତର୍ଗତ ଚୋରଦା ରାଜସ୍ୱ ଗ୍ରାମର ପାନ୍ଥଶାଳା ପଛପଟେ ରହିଥିବା ପ୍ଲଟ ସଂଖ୍ୟା ୦୧ ଓ ଖାତା ନମ୍ବର ୧୬୨ରୁ ୦.୯୯ ହେକ୍ଟର ଝାଟି ଜଙ୍ଗଲ ଜମିକୁ କଟକ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ତାଙ୍କର ପତ୍ରସଂଖ୍ୟା ୮୧୮୯ ତା ୧୨.୦୯.୨୩ ବଳରେ ଅଣଜଙ୍ଗଲ କିସମରେ ପରିଣତ କରାଯାଇଛି । ଏହି ପ୍ରକଳ୍ପ ପାଇଁ ଓଡିଶା ରାଜ୍ୟସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପତ୍ରସଂଖ୍ୟା ୩୦୨୬୬ ତା ୨୯.୧୨.୨୩ ଦ୍ୱାରା ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ଜରିଆରେ ୯ କୋଟି ୯୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଏହାପରେ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ, ରାଜସ୍ୱ ଅଧିକାରୀ ଓ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ମିଳିତ ଭାବେ ଚିହ୍ନଟ କରିବା ସହ ତିନିମହଲା ବିଶିଷ୍ଟ ଏକ ଅତ୍ୟାଧୁନିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଏକ ନକ୍ସା ସରକାରଙ୍କ ନିକଟକୁ ପଠାଇଥିଲେ । ତଦନୁଯାୟୀ ଏହାର ଚୂଡାନ୍ତ ସର୍ଭେ ମୁତାବକ ୧୭ କୋଟି ୭୫ ଲକ୍ଷ ୭୮ ହଜାର ଟଙ୍କାର ଆକଳନକୁ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି । ଏଥିନିମନ୍ତେ ଟେଣ୍ଡର ପ୍ରକ୍ରିୟାବି ଶେଷ ହୋଇଛି । କିନ୍ତୁ ଅଦ୍ୟାବଧି ଏହି ଜନହିତକର ପ୍ରକଳ୍ପର ନିର୍ମାଣକାର୍ଯ୍ୟ ଆରମ୍ଭ କରାଯାଇ ପାରୁନାହିଁ । ସହରର ଏକମାତ୍ର ସ୍ୱାସ୍ଥ୍ୟକେନ୍ଦ୍ର ରେଳବାଇ ଧାରଣା ଆରପଟେ ଥିବାରୁ ଓ ଏପର୍ଯ୍ୟନ୍ତ ଗଳିପୋଲ ଓ ରେଳବାଇ ପୋଲର ସମ୍ପୂର୍ଣ୍ଣ ହୋଇନପାରିବାରୁ ରେଳବାଇ ଫାଟକ ଅନେକ ସମୟରେ ବନ୍ଦ ରହୁଥିବାରୁ ମୁମୂର୍ଷୁ ଅବସ୍ଥାରେ ରୋଗୀଙ୍କର ଅକାରଣେ ଜୀବନ ଯାଉଛି । ଏଣୁ ଏହାର ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ବ୍ୟାସନଗର ସହରର ବୁଦ୍ଧିଜୀବୀମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ସରକାରଙ୍କ ସ୍ୱାସ୍ଥ୍ୟ, ରାସ୍ତା ଓ ଗୃହନିର୍ମାଣ ବିଭାଗର ଅଧିକାରୀ, ଯାଜପୁର ଜିଲ୍ଲାପାଳ, କୋରାଇ ବିଧାୟକ, ଜିଲ୍ଲା ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଯାଜପୁର ସାଂସଦଙ୍କୁ ନିବେଦନ କରିଛନ୍ତି ।

# ଯୁବକଙ୍କ ଗଳା କାଟି ହତ୍ୟା

ଚିକିଟି (ଭାସ୍କର ନ୍ୟୁଜ୍) : ବ୍ରହ୍ମପୁର ପୋଲିସ ଜିଲ୍ଲା ଅନ୍ତର୍ଗତ କେ. ନୂଆଗାଁ ଥାନା ଅଧିନସ୍ତ ଧାନଘର ଠାରୁ ରାମଗୁଡା ଯିବା ରାସ୍ତାରେ ଜଣେ ଯୁବକଙ୍କ ଗଳା କାଟି ହତ୍ୟା କରି ପକାଇ ଅଭିଯୁକ୍ତମାନେ ଫେରାର ହୋଇଥିବା ଦେଖିବାକୁ ମିଳିଛି । ସୂଚନା ପ୍ରକାରେ ଏହି ଥାନା ଅଧିନସ୍ତ ରାମପୁର ଗ୍ରାମର ବାଳରାମ ମାହାଙ୍କୁଡ (୨୯)ପିତା ବାଲ୍ମୀକି ମହାକୁଡ଼ ଗତକାଲି ଅପରାହ୍ନରେ ନିଜର ଭଉଣୀ ଘର ଚିକିଟି ପେଣ୍ଟକୁ ଯାଇଥିଲେ । ପରେ ପରେ ରାତି ନଅଟା ବେଳେ ସେଠାରୁ ବାହାରି ଆସି ନିଜ ବାସଭବନରେ ପହଞ୍ଚି



ନଥିଲେ । ବିଳମ୍ବ ଦେଖି ନିଜର ପରିବାର ଲୋକ ମୃତକଙ୍କ ଜ୍ୱାଇଁଙ୍କୁ ଫୋନ କରିବା ପରେ ପ୍ରତିଉତ୍ତରରେ ନଅଟା ବେଳେ ଚାଲି ଯାଇଛି ବୋଲି ଖବର ଆସିବା ପରେ ମୃତକଙ୍କ ମୋବାଇଲ ସ୍ୱିଜ୍ ଅଫ୍ ଆସିଲା । ଘରଲୋକ ଏଣେତେଣେ ଫୋନ କରି କିଛି ହେଲେ ଖୋଜ ଖବର ନପାଇ ଚୁପ୍ ରହିଥିଲେ । ଆଜି ଅର୍ଥାତ ମଙ୍ଗଳବାର ସକାଳେ ସେହି ବାଟ ଦେଇ ଯାଉଥିବା ଲୋକେ ଗଲାବେଳେ ଜଣେ ଯୁବକଙ୍କ ମୃତଦେହ ଦେଖି ପୋଲିସକୁ ଫୋନ କରିଥିଲେ । ଖବର ପାଇ ଚିକିଟି ଫାଣ୍ଡି ଅଧିକାରୀ ଓ ସହଯୋଗୀ ପହଞ୍ଚି ନୁଆଁଗା ଥାନା ଅଧିକାରୀଙ୍କୁ ଜଣାଇଥିଲେ । ସମସ୍ତ ପୋଲିସ ପହଞ୍ଚି ଘଟଣାର ଅନୁଧାନ କରିବା ପରେ ବ୍ରହ୍ମପୁର ସ୍ଥିତ ସାଇଣ୍ଟିଫି ଟିମ୍ ଡକାଇ ତଦନ୍ତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ । ଏପଟେ ଘଟଣାସ୍ଥଳରୁ ରକ୍ତଭିଜା ଟାଖୁ ଓ ହଳେ ଚପଲ ଜବତ କରିଥିବାବେଳେ ତଦନ୍ତ ଜାରି ରହିଛି ।

# ଗ୍ରାମ୍ୟ ଜଙ୍ଗଲରୁ ବେଧଡକ ମୋରମ ଚୋରା ଚାଲାଣ

ବଡ଼ଚଣା (ଭାସ୍କର ନ୍ୟୁଜ୍) : ବଡ଼ଚଣା ବ୍ଲକ ଅନ୍ତର୍ଗତ ଡାଳିଯୋଡ଼ା ବନ ବିଭାଗ ବୈରୀ ରେଞ୍ଜ ଅଧୀନ ବୈରୀ ଭାଲୁ ଖାଇ ଗ୍ରାମ୍ୟ ଜଙ୍ଗଲରୁ ଦୀର୍ଘ ଏକମାସ ହେବ ବେଧଡକ ଭାବେ ମାଙ୍କଡା ଓ ମୋରମ ଦୈନିକ ବହୁ ମାତ୍ରାରେ ଚୋରା ଚାଲାଣ ହେଉଛି । ଏହି ମୋରମ ଓ ମାଙ୍କଡା ବୋଝେଇ ଗାଡି ଗୁଡିକ ବୈରୀ ଫରେଷ୍ଟ ଅଫିସ ଦେଇ ଯାତାୟତ କରୁଛନ୍ତି, କିନ୍ତୁ ଫରେଷ୍ଟ କର୍ମଚାରୀ କିଛି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି । ସରକାରୀ ଚାପ କିମ୍ବା ପ୍ରଭାବଶାଳୀ ନେତାଙ୍କ ଚାପରେ ବନ ବିଭାଗ ଘୋର ନିଦ୍ରାରେ ଶୋଇଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଜିଲ୍ଲାପାଳ ଏବଂ ଜିଲ୍ଲା ବନ ବିଭାଗ ଅଧିକାରୀଙ୍କ ଦୃଷ୍ଟିପତ୍ତୁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି । କାହା ଚାପରେ ଚେପା ହୋଇ ବନ ବିଭାଗ, ତହସିଲ ଓ ସ୍ଥାନୀୟ ପୋଲିସ ନିରବଦ୍ରଷ୍ଟା ସାଜୁଛନ୍ତି, ତାହା ଜଣାପଡୁ ନାହିଁ ।

## ବୈରୀ ବନବିଭାଗ-ପୋଲିସର ମିଳିତ ଚଢ଼ାଉ, ୨ଟି ପଥର କଟା ମେସିନ ଜବତ

ବଡ଼ଚଣା (ଭାସ୍କର ନ୍ୟୁଜ୍) : ବୈରୀ ଥାନା ଅଧୀନରେ ଗତକାଲି ବିଳମ୍ବିତ ରାତିରେ ବୈରୀ ବନବିଭାଗ ଓ ପୋଲିସ ମିଳିତ ଚଢ଼ାଉ କରି ୨ଟି ପଥରକଟା ମେସିନ ଜବତ କରିଛନ୍ତି । ପାରିଆ ଓ ବୈରୀ ମଧ୍ୟସ୍ଥଳୀ ଝାଟିଆ ବନ ଜଙ୍ଗଲରେ ମାଙ୍କଡା କଟା ଯାଉଥିବା ଖବର ପାଇ ଉଭୟ ଚଢ଼ାଉ କରିଥିଲେ । ପଥର କାଟୁଥିବା ଲୋକମାନେ ଦୌଡ଼ି ପଳାଇ ଯାଇଥିଲେ, ମାତ୍ର ୨ଟି ପଥର କଟା ମେସିନକୁ ଜବତ କରି ବନବିଭାଗ କାର୍ଯ୍ୟାଳୟକୁ ନେଇଯାଇଛନ୍ତି । ଏହି ଚଢ଼ାଉରେ ବନ ବିଭାଗ ପକ୍ଷରୁ ଆଦିତ୍ୟ ପ୍ରଧାନ, ସସ୍ମିତା ସ୍ୱାଇଁ, ବୈରୀ ଓ ଚଣ୍ଡିଖୋଲ ବନ କର୍ମଚାରୀଙ୍କ ସମେତ ପୋଲିସ ଧୀରେନ୍ଦ୍ର ପଣ୍ଡା ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ । ଏ ଚଢ଼ାଉ କେବଳ ମାତ୍ର ଲଘୁଖଣିଜ ଲୁଟେରାଙ୍କ ପାଇଁ ଧର୍ମକୁ ଆଖିଠାର ମାରିବା ସଦୃଶ । କାରଣ ଲଘୁଖଣିଜ ଲୁଟ୍ ବଡଚଣା ନିର୍ବାଚନ ମଣ୍ଡଳୀରେ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି ବୋଲି ଜନସାଧାରଣଙ୍କ ମଧ୍ୟରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି ।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ



ବାରିପଦା (ଭାସ୍କର ନ୍ୟୁଜ୍) : ବର୍ଷ ୨୦୨୪-୨୫ଖରିଫ ବର୍ଷ ପାଇଁ ମୟୂରଭଞ୍ଜ ଜିଲ୍ଲାରେ ରବି ଋତୁ ଧାନ ସଂଗ୍ରହ ଚଳିତ ବର୍ଷ ମଇ ମାସ ୨୧ତାରିଖରୁ ଆରମ୍ଭ ହେବ । ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ମୟୂରଭଞ୍ଜ ଜିଲ୍ଲାରେ ଚଳିତ ୨୦୨୪-୨୫ ବର୍ଷ ପାଇଁ ଚାଷୀମାନଙ୍କ ଠାରୁ ରବି ଋତୁ ଧାନ କ୍ରୟ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ଉପ-ଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ଅତିରିକ୍ତ ଆରକ୍ଷୀ ଅଧକ୍ଷକ ବିନୋଦ କିଶାନ, ଡିଆର୍‌ସିଏସ୍ କୃଷ୍ଣଚନ୍ଦ୍ର ଦାସ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ, ସାଂସଦଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେପି ପ୍ରବକ୍ତା କବି ବିଷ୍ଣୁ ଶତପଥି, ନଗର ଉନ୍ନୟନ ମନ୍ତ୍ରୀଙ୍କ ପ୍ରତିନିଧି କାନ୍ଦ୍ରା ସୋରେନ ଓ ବାଙ୍ଗରିପୋଷୀ ବିଧାୟିକାଙ୍କ ପ୍ରତିନିଧି ସନ୍ତୋଷ କୁମାର କଳିଆ ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲା କୃଷି ଅଧିକାରୀ ମଧୁସ୍ମିତା ଜେନା, ଅନ୍ୟାନ୍ୟ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲାର ମିଲର, ଚାଷୀ ଓ ଚାଷୀ ପ୍ରତିନିଧି ମାନେ ଯୋଗ ଦେଇ ଚଳିତ ୨୦୨୪-୨୫ ରବି ଋତୁରେ ଜିଲ୍ଲାରେ ବର୍ତ୍ତମାନ ପଞ୍ଜିକୃତ ହୋଇଥିବା ଚାଷୀଙ୍କ ଠାରୁ ରବି ଧାନ ସଂଗ୍ରହ/କ୍ରୟ ନିମନ୍ତେ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶାବଳୀ ଅନୁସାରେ ବିସ୍ତୃତ ଆଲୋଚନା କରିଥିଲେ । ଜିଲ୍ଲାରେ ରବି ଧାନ ସଂଗ୍ରହ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜିଲ୍ଲା ଯୋଗାଣ/ଆର.ଏମ୍.ସି. ଏବଂ ଡିଆର୍‌ସିଏସ୍ ବିଭାଗ ମିଳିତ ତତ୍ତ୍ୱାବଧାନ ଚାଷୀମାନଙ୍କ ସୁବିଧା ପାଇଁ ୨୪ଟି ଲ୍ୟାମ୍ପ ଓ ୨୫ଟି ଧାନ ସଂଗ୍ରହ କେନ୍ଦ୍ରରେ ଚଳିତ ବର୍ଷ ମଇ ମାସ ୨୧ ତାରିଖରୁ ରବି ଧାନ ସଂଗ୍ରହ ଓ କ୍ରୟ ପାଇଁ ନିଷ୍ପତି ନିଆଯାଇଛି । ବର୍ତ୍ତମାନ ସୁଦ୍ଧା ରବି ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାରେ ୩୮୩୪ଜଣ ଚାଷୀ ସେମାନଙ୍କ ନାମ ପଞ୍ଜିକୃତ କରିଛନ୍ତି । ଚଳିତ ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଧାନର ସହାୟକ ମୂଲ୍ୟ ଯଥାକ୍ରମେ ଏଫ୍‌ଏକ୍ୟୁ ସାଧାରଣ ମାନ ଧାନର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ଟ.୨୩୦୦/- ସହିତ ଟ. ୮୦୦/- ଇନପୁଟ ସହାୟତା ରାଶି ଏବଂ ଏଫ୍‌ଏକ୍ୟୁ ଗ୍ରେଡ଼୍ ଇ ମାନ ଧାନର ମୂଲ୍ୟ ଟ.୨୩୨୦/-ଧାର୍ଯ୍ୟ କରାଯାଇଛି । ଧାନ ବିକ୍ରୟ ପାଇଁ ଚାଷୀମାନେ ପଞ୍ଜିକୃତ କରିଥିବା ନିଜର ପରିଚୟପତ୍ର ସାଙ୍ଗରେ ଆଣିବା ପାଇଁ ପରାମର୍ଶ ଦିଆଯାଇଛି । ଚାଷୀମାନଙ୍କ ପାଖକୁ ଧାନ ବିକ୍ରୟ ପାଇଁ ଯେଉଁ ତାରିଖର ଟୋକନ ମେସେଜ ଯାଇଥିବ କେବଳ ସେହି ଚାଷୀମାନେ ହିଁ ଉକ୍ତ ଧାର୍ଯ୍ୟ ତାରିଖରେ ଧାନ ବିକ୍ରୟ କରିପାରିବେ । ବିକ୍ରୟ ଧାନର ସହାୟକ ମୂଲ୍ୟ ଚାଷୀଙ୍କ ପଞ୍ଜିକୃତ ବ୍ୟାଙ୍କ ପାସ୍‌ବହିରେ ୨୪ରୁ ୪୮ଘଣ୍ଟା ମାଧ୍ୟମରେ ଅନଲାଇନ୍ ଜରିଆରେ ପ୍ରଦାନ କରାଯିବ । ଏଥିପାଇଁ ନିର୍ଦ୍ଧାରିତ ଥିବା ନିୟମକୁ କଡାକଡ଼ି ଭାବେ କାର୍ଯ୍ୟକାରୀ ହେବା ଦିଗରେ ଧ୍ୟାନ ଦେବାକୁ ଜିଲ୍ଲାପାଳ ଶ୍ରୀ ସୟ ଗୁରୁତ୍ୱାରୋପ କରିବା ସହିତ ଚାଷୀ ମାନଙ୍କ ଆପତ୍ତି ଅଭିଯୋଗ ଉପରେ ଦୃଷ୍ଟିପାତ କରି ତ୍ୱରିତ ସମାଧାନ କରି ଧାନ ସଂଗ୍ରହ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଚାଷୀମାନଙ୍କୁ ଉତ୍ସାହିତ କରିବା ପାଇଁ ସେମାନଙ୍କ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ ପୂର୍ବକ କଟ୍‌ନୀଛଟନୀ ନକରିବାକୁ ମିଲର ମାନଙ୍କୁ ପରାମର୍ଶ ଦେଇଥିଲେ । ନିର୍ଦ୍ଧାରିତ ଥିବା ସମସ୍ତ ଧାନ କ୍ରୟ କେନ୍ଦ୍ର (ମଣ୍ଡି)ର ସୁପରିଚାଳନା ପାଇଁ ଜିଲ୍ଲା / ଉପଖଣ୍ଡସ୍ତରୀୟ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଯୋଗାଣ ବିଭାଗ /ଡିଆର୍‌ସିଏସ୍ / ଆର୍‌ଏମ୍‌ସି/ଲ୍ୟାମ୍ପ/ବିଭାଗୀୟ କ୍ଷେତ୍ର ଅଧିକାରୀମାନେ ପରସ୍ପର ସମନ୍ୱୟ ରକ୍ଷା କରି ନିୟମିତ ତଦାରଖ କରି ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦିଆଯାଇଛି । ମଣ୍ଡିରେ ଧାନକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ଉପକରଣ ପ୍ରସ୍ତୁତ ରଖିବା ସହିତ ଧାନର ମାନ ଓ ଗୁଣବତ୍ତା ପରୀକ୍ଷା କରିବା ପାଇଁ ଉଦିଷ୍ଟ ଯନ୍ତ୍ରପାତି ରଖିବା ପାଇଁ ପରାମର୍ଶ ଦିଆଯାଇଛି । ଏତଦ ବ୍ୟତୀତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଧାନକ୍ରୟ କେନ୍ଦ୍ରମାନଙ୍କରେ ଚାଷୀମାନଙ୍କ ସୁବିଧା ପାଇଁ ସେଡ, ପାନୀୟ ଜଳ, ଫାଷ୍ଟ-ଏଡ଼ ଇତ୍ୟାଦିର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ମିଲରମାନଙ୍କୁ ସଂଗ୍ରହ ହୋଇଥିବା ଧାନକୁ ୨୪ ଘଣ୍ଟା ମଧ୍ୟରେ ଉଠାଇ ନେବା ପାଇଁ ପରାମର୍ଶ ଦିଆଯାଇଛି ।

# ମଦ ଜବତ, ଜଣେ ଗିରଫ

ରାଜନଗର (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନା ଅଞ୍ଚଳରେ ଖୁଲମଖୁଲା ଚାଲୁଛି ଚୋରା ମଦ ବ୍ୟବସାୟ । କେତେବେଳେ ପୋଲିସ ତ କେତେବେଳେ ଅବକାରୀ ବିଭାଗ ହାବୁଡରେ ପଡି କୋର୍ଟ ଚାଲାଣ ହେଉଛନ୍ତି । ହେଲେ ଆଜି ରମେଶ ଚନ୍ଦ୍ର ବିଶ୍ୱାଳ ପିତା ଗଜେନ୍ଦ୍ର, ଗ୍ରାମ ବଳଭଦ୍ରପୁରୁ, ଜୁନସୁନଗର, ଶ୍ରୀ ବିଶ୍ୱାଳ ପୋଲିସ୍ ଆଖିରେ ଧୂଳି ଦେଇ ହଂସିଣା ଠାରେ ଥିବା ମଦ କାଉଣ୍ଟରରୁ ବିଦେଶୀ ମଦ ଓ ବିଅର ଆଣି ଗ୍ରାମାଞ୍ଚଳରେ ବିକ୍ରି କରୁଥିବା ଲୋକମାନେ ଅଭିଯୋଗ କରୁଥିଲେ ମଧ୍ୟ ରାଜନଗର ପୋଲିସ ନିକଟରେ ଖବର ଥିଲା । ଆଜି ରମେଶ ୪୮ବୋତଲ ନଂ୧ ଏମସି ରମ୍ ଓ ୨୦ବୋତଲ କିଙ୍ଗ୍ ଫିସର ବିଅର ନେଇ ଘରକୁ ଯାଉଥିଲା । ସୁରାକ୍ ପାଇ ରାଜନଗର ଥାନା ସବ୍ ଇନ୍ସପେକ୍ଟର ସୁଜାତା ନାୟକଙ୍କ ନେତୃତ୍ୱରେ ଏକ ପୋଲିସ୍ ଟିମ୍ ଘଡିଆମାଳ





ନିକଟରେ ମାଡି ବସି ମଦ ଓ ବେପାରୀକୁ ମାଡି ବସିବାରେ ସଫଳ ହୋଇଥିଲେ । ସମ୍ପୃକ୍ତ ବିଅର ଓ ମଦ ଜବତ କରିବା ସହ ଅଭିଯୁକ୍ତ ରମେଶକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି । କଥାରେ ଅଛି ଗ୍ରାମର ଉନ୍ନତି ଦେଶର ଉନ୍ନତି, ସେହି ପରି ରାଜନଗର ବଜାରରୁ ଖୁଲମଖୋଲା ବାଇକ୍, ସ୍କୁଟିରେ ତଥା ଛକମାନଙ୍କରେ ମଦ ମୋବାଇଲି ଢାଞ୍ଚାରେ ବିକ୍ରି ଚାଲୁଥିଲେ ବି ତା'ର ପ୍ରତିକାର ପାଇଁ ପୋଲିସ ବିଫଳ ହୋଇଥିବା ଅଭିଯୋଗ ହେଉଛି । ତେଣୁ ରାଜନଗର ସଦର ମହକୁମାରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମଦ ବନ୍ଦ ହେଲେ ଆପେ ଆପେ ଗ୍ରାମାଞ୍ଚଳରେ ମଦ ବନ୍ଦ ହେବ, ଆଉ ମଦ ବିରୋଧୀ ଅଭିଯାନ ହେବା ଅସମ୍ଭବ ହୋଇପଡିବ । ଏଣୁ ବିଭାଗୀୟ ଏଥିପ୍ରତି ଦୃଷ୍ଟି ଦେଇ ସୁସ୍ଥ ସମାଜ ଗଠନରେ ସହାୟ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ପହଲଗାମ୍ ମୃତକଙ୍କ ଲାଗି ମଶାଲ ଶୋଭାଯାତ୍ରା

ଛତ୍ରପୁର (ଭାସ୍କର ନ୍ୟୁଜ୍) : ପହଲଗ୍ରାମ ଆତଙ୍କୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାକାଳ ସେବା ସଂସ୍ଥା ପକ୍ଷରୁ ଗଭୀର ସମବେଦନା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏବଂ ସନ୍ଧ୍ୟାରେ ମଶାଲ ଜାଳି ନୀରବ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ ସ୍ଥାନୀୟ ଅପରବସ୍‌ଷ୍ଟାଣ୍ଡ ଠାରୁ ଏକ ନୀରବ ଶୋଭାଯାତ୍ର ଛତ୍ରପୁର ସହର ପରିକ୍ରମା କରି ଲୋୟର ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା । ଏଥିରେ ସଙ୍ଘର ସଭାପତି ଲକ୍ଷ୍ମୀ ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପିଏନ୍‌ୟୁଏ କଲେଜର ପ୍ରିନ୍ସପାଲ ଡ. ରାଜେନ୍ଦ୍ର ଦାଶ, ଆଇନଜୀବୀ ମନୋଜ ପାଢ଼ୀ, ଉମିନାଥ ସାହୁ, ଛତ୍ରପୁର ପ୍ରେସ୍ କ୍ଲବ ସଭାପତି ରବୀନ୍ଦ୍ର ନାଥ ପଣ୍ଡା, ସହସମ୍ପାଦକ ଦେବବ୍ରତ ପଣ୍ଡା, ସିଏଚ ଜ୍ୟୋତି ରେଡ୍ଡୀ, ଶିକ୍ଷାବିତ୍ ସୁଧୀର ସାହୁ, ଡି. ଲାଛନା, ସମୀର ପାଣିଗ୍ରାହୀ, ଆଦିତ୍ୟ ମିଶ୍ର, ଶିକ୍ଷାବିତ ଡ. କିଶୋର ବେହେରା, ଚଗଲା ବେହେରାଙ୍କ ସମେତ ବହୁ ଯୁବକ ସାମିଲ ଥିଲେ ।

## ରାଶିଫଳ

ବୁଧବାର, ୩୦ ଏପ୍ରିଲ ୨୦୨୫



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ । ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ । ତୁମର ଖାଦ୍ୟର ଯତ୍ନ ନିଅ । କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ । ଆୟ ବୃଦ୍ଧି ପାଇବ । ପ୍ରେମ ଜୀବନ ପାଇଁ ଦିନଟି ଅନୁକୂଳ ହେବ ।




**ବୃଷ:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ । ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ । ଆଜି ଆପଣ କାର୍ଯ୍ୟ ସଂପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ ।




**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ ।



**କର୍କଟ:** ଆଜି ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ । ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ । ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ ।



**ସିଂହ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ । ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ । ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ । କାର୍ଯ୍ୟରେ ସଫଳତା ମିଳିବ । ଘରୋଇ ଜୀବନରେ ସମସ୍ୟା ହୋଇପାରେ ।



**କନ୍ୟା:** ଖର୍ଚ୍ଚ ବୃଦ୍ଧି ପାଇବ । ଆୟ ସ୍ୱାଭାବିକ ହେବ । ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ । ଘରୋଇ ଜୀବନରେ ସାବଧାନ ରୁହନ୍ତୁ । ଜୀବନ ସାଥୀ କ୍ରୋଧିତ ହୋଇପାରେ । ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ ।



**ତୁଳା:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ । ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । କାର୍ଯ୍ୟରେ ସଫଳତା ମିଳିବ । ପାରିବାରିକ ଜୀବନ ଖୁସି ହେବ । ଘରୋଇ ଜୀବନରେ ସୁଖ ମିଳିବ । ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ । ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ । ଅଧ୍ୟୟନରେ ଅସୁବିଧା ହେବ । ଆଜି ତୁମର ସ୍ୱାସ୍ଥ୍ୟ ଭଲ ରହିବ ।



**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ । ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ । ତୁମେ ଚାକିରିରେ ଭଲ ଫଳାଫଳ ପାଇବ । ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ ।



**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବେ ଆପଣଙ୍କ ବ୍ୟବସାୟରେ ଲାଭ ହେବ । କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ । ତୁମେ ଖୁସି ହେବ । ଘର ଜୀବନ ଖୁସି ହେବ । ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ । ଆପଣ ଅନ୍ୟମାନଙ୍କ ସ୍ୱାର୍ଥ ବିଷୟରେ ଚିନ୍ତା କରିପାରିବେ ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଆୟ ବୃଦ୍ଧି ପାଇବ । ଖର୍ଚ୍ଚ ହ୍ରାସ ପାଇବ । ଘର ଜୀବନ ସ୍ନେହପୂର୍ଣ୍ଣ ହେବ । ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ । ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ୍ୟ ବହୁତ ଖୁସି ସମୟ ପାଇବେ । କାର୍ଯ୍ୟ ସହିତ କଠିନ ପରିଶ୍ରମ କରିବାକୁ ଧ୍ୟାନ ଦେବାକୁ ପଡିବ ।



**ମୀନ:** ଆଜି କେତେକ ସମସ୍ୟା ଆସିପାରେ । ଭାଗ୍ୟ ଉପରେ ନିର୍ଭର କର ନାହିଁ । କଠିନ ପରିଶ୍ରମ କର । ଆୟ ସ୍ୱାଭାବିକ ହେବ । ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ । ସ୍ୱାସ୍ଥ୍ୟ ଭଲ ହେବ । ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ (ଭାସ୍କର ନ୍ୟୁଜ୍): ଉମରକୋଟ ଓକିଲ ସଂଘ ତରଫରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଉମରକୋଟ ସବ୍ ଜର୍ଜ କୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ଜଷ୍ଟିସ ଶିବ ଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ମଧୁବାବୁ କେବଳ ଜଣେ ସ୍ୱାଭିମାନୀ ଆଇନଜୀବୀ ନ ଥିଲେ,ବରଂ ସେ ଜଣେ ପ୍ରବୀଣ ରାଜନୀତି ବିଶାରଦ ମଧ ଥିଲେ। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ମଧୁ ବାବୁଙ୍କ ପ୍ରଚେଷ୍ଟା ପ୍ରତି ଓଡ଼ିଆଙ୍କ ପାଇଁ ଅଭୁଲା ହୋଇ ରହିଛି। ଓଡ଼ିଶାର ଆଇନ ଜଗତକୁ ତାଙ୍କର ଅନନ୍ୟ ଅବଦାନ ନିମନ୍ତେ ତାଙ୍କ ଜନ୍ମ ଦିନକୁ ଆଇନଜୀବୀ ଦିବସ ରୂପେ ପାଳନ କରାଯାଇ ଆସୁଛି ଏହି ଅବସରରେ ଆଇନଜୀବୀ ସଂଘ ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ଏଥିରେ ଉମରକୋଟ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ସବ୍ ଜଜ୍, ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଓକିଲ ଝଡେଶ୍ୱର ମହାନ୍ତି, ତପନ ଦେବନାଥ, ଶ୍ରୀନିବାସ ପଟ୍ଟନାୟକ,ମନୋହର ମହାନ୍ତି ,ବାଳକୃଷ୍ଣ ପାତ୍ର, ସୁଜିତ କୁମାର ପଟ୍ଟନାୟକ, ସୁଶିଲ ବର୍ମନ, ହରେନ ସିଂହ ରାଜପୁତ, ମନୋଜ ମହାପାତ୍ର ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଶେଷରେ ଓକିଲ ସଂଘର ସମ୍ପାଦକ ଶାନ୍ତନୁ କୁମାର ବାହିନିପତି ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ପେହେଲଗାଁରେ ଆତଙ୍କବାଦୀ ଗୁଳିରେ ନିହତ ଲୋକମାନଙ୍କ ନିମନ୍ତେ ଏକ ମିନଟ ନିରବ ପ୍ରାର୍ଥନା କରାଯାଇଥିଲା ।



## ସାପ କାମୁଡ଼ାରେ ଜଣେ ଗୁରୁତର

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ବୁର୍ଜା ପଞ୍ଚାୟତ ଅନ୍ତର୍ଗତ ବନ୍ଦିକାର ଗ୍ରାମ ଠାରେ ସୋମବାର ସନ୍ଧ୍ୟାରେ ଜଣେ ଯୁବକ ଗୁହାଳକୁ ମଇଁଷି ବାନ୍ଧିବାକୁ ଯାଇ ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ତାଙ୍କ ନାମ ନାଗେଶ ମିଣିଆକା ବୋଲି ଜଣାପଡିଛି। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ।ଖବର ନେବାରେ ଜଣାପଡିଛି କି ସୋମବାର ସନ୍ଧ୍ୟାରେ ନାଗେଶ ଗୁହାଳକୁ ମଇଁଷି ବାନ୍ଧିବାକୁ ଯିବା ସମୟରେ ସେଠାରେ ଖେଳୁଥିବା ଏକ ନାଗ ସାପ ଉପରେ ତାଙ୍କ ଡାହାଣ ଗୋଡ଼ ପଡିଥିଲା।ଫଳରେ ସାପ ଓଲଟି ଚୋଟ ମାରିଥିଲା। ସାପ ଚୋଟ ଖାଇ ସିଏ ଚିତ୍କାର କରିବାରୁ ପରିବାର ଲୋକେ ତୁରନ୍ତ ତାଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଇଥିଲେ।ହେଲେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ କାମୁଡା ଇଞ୍ଜେକ୍ସନ ନଥିବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ସୂଚନା ମିଳିଛି।

## ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡା,(ଭାସ୍କର ନ୍ୟୁଜ୍): କୋମନା ବ୍ଲକ୍ ସଭାଗୃହ ଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ଶିବିରରେ ମୋଟ ୮୮ ଟି ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି। ଏଥିରୁ ୬୮ ଟି ବ୍ୟକ୍ତିଗତ ୨୦ ଟି ଗୋଷ୍ଠୀଗତ ଅଭିଯୋଗ ସମ୍ବନ୍ଧୀୟ ଥିଲା । ଏହି ସବୁ ସମସ୍ୟାର ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ଆର୍ ରାଘବେନ୍ଦ୍ର, ବନଖଣ୍ଡ ଅଧିକାରୀ ଖରୀଆର ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକତ୍ସାଧିକାରୀ ଡଃ ଗୁରୁ ପ୍ରସାଦ ଜେନା, ଜିଲ୍ଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଷୀ, ବ୍ଲକ୍ ଅଧକ୍ଷା ଅନୁସୁୟା କୁମ୍ଭାର, ବ୍ଲକ୍ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ। କୋମନା ବିଡ଼ିଓ ବିନୟ ଭୋଇ , ତହସିଲଦାର ପ୍ରୟାଶୀ ପ୍ରଧାନ, ଡେପୁଟି କଲେକ୍ଟର ଶେଖ୍ ନସିମ, ଏ ବିଡ଼ିଓ ଭକ୍ତବନ୍ଧୁ ବୁଡେକ୍ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ , ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ଗଣ ମାଧମର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ଅଭିଯୋଗ ଶିବିର ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ହୋଇଥିଲା, ଯେଉଁଠାରେ ବିଶେଷଜ୍ଞ ଡଃ ରମେଶ ଚନ୍ଦ୍ର ପାଠକ, ଡଃ ଭାବନା ନାଗପୁରି, ଡଃ ଶିବାଙ୍ଗି ରଥ, ଡଃ ଶ୍ରୀତମ ସାହୁ,ଡଃ ପ୍ରଶାନ୍ତ କୁମାର ଦାସ ଦନ୍ତ ଚିକିତ୍ସକ,ଦେବ ଦୂଲ୍ଲଭ ସିଂ ଫାର୍ମାସିଷ୍ଟ ,ମୀନା କୁମାର ବାଗ ଏ ଏନ୍ ଏମ୍ ପ୍ରମୁଖ ଚିକିତ୍ସା ସୁବିଧା ଯୋଗାଇ ଦେଇଥିଲେ ।




## ବିକାଶ ଆବାସିକ ବିଦ୍ୟାଳୟରେ ଗ୍ରୀଷ୍ମ ଶିବିର ଆରମ୍ଭ

ବରଗଡ଼(ଭାସ୍କର ନ୍ୟୁଜ୍): କ୍ରିଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବରାହଗୁଡ଼ା ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ଗ୍ରୀଷ୍ମ ଶିବିର-୨୦୨୫ ଉଦ୍‌ଘାଟିତ ହୋଇଯାଇଛି । ସର୍ବ ପ୍ରଥମେ ଅତିଥିଗଣ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । କିଷ୍ଣା ବିକାଶ ଗ୍ରୁପ୍ ସମୂହର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା ନିଜ ଅଭିଭାଷଣରେ ଏହି ଗ୍ରୀଷ୍ମ ଶିବିର ଛାତ୍ରଛାତ୍ରୀମାନଙ୍କର ଶାରୀରିକ ଓ ମାନସିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ମତଦାନ କରିଥିଲେ। କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ ନିଜ ମନ୍ତବ୍ୟରେ ସହଶିକ୍ଷା ଦ୍ୱାରା କିପରି ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ବିକାଶ ସମ୍ଭବ ହେବ ସେ ବିଷୟରେ ମତବ୍ୟକ୍ତ କରିଥିଲେ । ପ୍ରକାଶ ଥାଉକି ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୫ଜଣ ଏମ.ଏଡ୍. ଓ ବି.ଏଡ୍. ଛାତ୍ରଛାତ୍ରୀ ଏହି ଶିବିରରେ ଯୋଗଦାନ କରି ବିଦ୍ୟାଳୟ ପରିସରରେ ଥିବା ଲାଇବ୍ରେରୀ, ସ୍ୱିମିଙ୍ଗ୍ ପୁଲ, ଅତ୍ୟାଧୁନିକ ଶ୍ରେଣୀ କକ୍ଷ, କିଣ୍ଡର କସମସ୍ ପରିଦର୍ଶନ କରି ଖୁସି ବ୍ୟକ୍ତ କରିଥିଲେ। ଏହି ଶିବିରରେ ଯୋଗ, ସନ୍ତରଣ, ଆତ୍ମରକ୍ଷା କଳା, ନୃତ୍ୟ, ସଙ୍ଗୀତ, ବାଦ୍ୟ, କ୍ରିକେଟ୍, ଫୁଟବଲ,




ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, ଲାଇଫ୍ ସ୍କିଲ, ପ୍ରେରଣା ଦାୟକ ବକ୍ତବ୍ୟ, ଦୁଃସାହସିକ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୫୭ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଏହି ଗ୍ରୀଷ୍ମ ଶିବିରକୁ ମନଭରି ଉପଭୋଗ କରୁଛନ୍ତି । ବିକାଶ କ୍ରିଡ଼ା ଓ ସି.ସି.ଏ ବିଭାଗର ସହଯୋଗରେ କ୍ୟାଂପ୍ କୋଅର୍ଡ଼ିନେଟର ପିତାମ୍ବର ପ୍ରଧାନ ଶିବିରକୁ ସୁଚାରୁ ରୂପେ ପରିଚାଳନା କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟ ସିନିୟର ସେକେଣ୍ଡେରୀ ଅଧକ୍ଷ ଶ୍ରୀ ଚିତରଞ୍ଜନ ପତି, ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ନାରାୟଣ ରଥ, ଉପାଧକ୍ଷ ପ୍ରଦୀପ କୁମାର ସାହୁ ଯୋଗ ଦେଇ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଉତ୍ସାହିତ କରିଥିଲେ । ଉକ୍ତ ଗ୍ରୀଷ୍ମ ଶିବିର ୨୬-୪-୨୫ ରୁ ଆରମ୍ଭ ହୋଇ ମଇ ୭-୫-୨୫ ପର୍ଯ୍ୟନ୍ତ ସମାପନ ହେବ । କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମେନ ଡି.ମୂରଲୀ କ୍ରିଷ୍ଣା ଉକ୍ତ ଶିବିର ପାଇଁ କାର୍ଯ୍ୟ କରୁଥିବା କ୍ରୀଡ଼ା ଓ ସି.ସି.ଏ ବିଭାଗର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶଂସା କରିବା ସହିତ ଶିବିରରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ ।

## ବିଧାୟକଙ୍କ ମାନବିକତା

### ଭତ୍ତା ଆଣିବାକୁ ଯାଇଥିବା ବୃଦ୍ଧବୃଦ୍ଧାଙ୍କୁ ଅଟୋ ଭଡ଼ାକରି ଘରକୁ ପଠାଇଲେ



ରାୟଗଡ଼ା (ଭାସ୍କର ନ୍ୟୁଜ୍): ମାନବିକତା ଦେଖାଇଲେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା । ରାୟଗଡ଼ା ବ୍ଲକ ମହକୁମା ଠାରୁ ୧୧କିମି ଦୂର ତାଡ଼ମା ପଂଚାୟତ ଅର୍ନ୍ତଗତ ଲୁହାଖାଲ ଗ୍ରାମରୁ ଭତା ପାଇଁ ରାୟଗଡ଼ା ବ୍ୟାଙ୍କକୁ ଆସି ଖରାରେ ଫେରୁଥିବା ପ୍ରାୟ ୬ରୁ ୭ଜଣ ବୃଦ୍ଧବୃଦ୍ଧାଙ୍କୁ ଅଟୋ ଭଡ଼ା କରି ଗାଁକୁ ପଠାଇଥିଲେ । ବିଧାୟକ କାଡ୍ରାକା ବିଧାୟକ ହେବା ପୂର୍ବରୁ ମଧ ଏହିଭଳି ଜନହିତକର କାର୍ଯ୍ୟ କରି ଜିଲ୍ଲାରେ ଜଣେ ବିଶିଷ୍ଟ ସମାଜସେବୀ ଭାବେ ପରିଚିତ । ତେଣୁ ସେ କୁହନ୍ତି, ପୂର୍ବରୁ ସାଧାରଣ ନିର୍ବାଚନରେ ହାରିଥିଲେ ମଧ ଲୋକଙ୍କ ପ୍ରତି ସେବା ମନୋବୃତି ଜାରି ରହିଥିଲା । ଯାହାର ଫଳସ୍ୱରୂପ ଲୋକେ ମୋତେ ମାତ୍ରାଧିକ ଭୋଟ ଦେଇ ୨୦୨୪ ସାଧାରଣ ନିର୍ବାଚନରେ ବିଧାୟକ ଭାବେ ଜିତାପଟ ଦେଇଥିଲେ । ତେଣୁ ଜୀବନସାରା ଏହିଭଳି ସମାଜସେବା ଜାରି ରଖିବି ବୋଲି କହିଛନ୍ତି ବିଧାୟକ କାଡ୍ରାକା । ଘଟଣାରୁ ପ୍ରକାଶ ଯେ, ତାଡ଼ମା ପଂଚାୟତର ଲୁହାକାଳ ଗାଁରୁ କିଛି ବୃଦ୍ଧବୃଦ୍ଧା ବାର୍ଦ୍ଧକ୍ୟ ଭତା ନେବା ପାଇଁ ରାୟଗଡ଼ା ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ । ଭତ୍ତା ନେବା ପରେ ନିଜ ଗାଁକୁ ଚାଲି ଚାଲି ଫେରୁଥିଲେ । ହେଲେ ଉକ୍ତ ସମୟରେ ବିଧାୟକ କାଡ୍ରକା ଫ୍ଲାଏ ଓଭର ଉପରେ ସେମାନଙ୍କୁ ଦେଖି ଗାଡ଼ି ଅଟକାଇ କଥା ହୋଇଥିଲେ । ସେମାନେ ଚାଲି ଚାଲି ଗାଁକୁ ଫେରୁଥିବା ଜାଣିବା ପରେ ଅଟୋ ଭଡ଼ା କରି ସେମାନଙ୍କୁ ଗାଁକୁ ପଠାଇଥିଲେ । ତେବେ ବୃଦ୍ଧବୃଦ୍ଧାଙ୍କୁ ରାଜ୍ୟ ସରକାର ଘର ନିକଟରେ ଭତ୍ତା ପହଂଚାଇବା ବ୍ୟବସ୍ଥା କରିବାକୁ ବିଧାୟକ କାଡ୍ରାକା ଦାବି କରିଛନ୍ତି । ସେ କହିଛନ୍ତି ଯେ, ବହୁ ବୃଦ୍ଧବୃଦ୍ଧା ଠିକ୍ ଭାବେ ଚାଲିପାରୁନାହାଁନ୍ତି, ବୟସ ଗଡ଼ିଲାଣି ଏବଂ ଦୃଷ୍ଟିଶକ୍ତି ମଧ ହରାଇଲେଣି । ହେଲେ ସେମାନଙ୍କ ଟଙ୍କା ବ୍ୟାଙ୍କ ଖାତାରେ ଜମା ହେଉଛି । ଅଂଚଳରେ ବ୍ୟାଙ୍କ ନଥିବା କାରଣରୁ ସେମାନେ ରାୟଗଡ଼ା ଠାରେ ବ୍ୟାଙ୍କ ଖାତା ଖୋଲିଛନ୍ତି ଏବଂ ରାୟଗଡ଼ା ଆସି ଟଙ୍କା ଉଠାଉଛନ୍ତି ବୋଲି ବିଧାୟକ କାଡ୍ରାକା କହିଛନ୍ତି । ତେଣୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ବିଧାୟକ କାଡ୍ରାକା କହିଛନ୍ତି ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି




ଲହୁଣୀପଡା (ଭାସ୍କର ନ୍ୟୁଜ୍): ଲହୁଣୀପଡା ବ୍ଲକ କାର୍ଯ୍ୟାଳୟ ପରିସର ସଭାଗୃହ ଠାରେ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୋମବାର ଦିନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ ପାତ୍ର, ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଉର୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ , ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ କୁମାର ପିଲାଏ, ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରମାକାନ୍ତ ସାହୁ ଉପସ୍ଥିତ ରହି ଲହୁଣୀପଡ଼ା ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରୁ ଆସିଥିବା ଜନସାଧାରଣଙ୍କ ସମସ୍ୟା, ଅଭିଯୋଗ ଆଦିର ଶୁଣାଣି କରିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକମାନେ ଶିକ୍ଷା, ସ୍ୱାସ୍ଥ୍ୟ,ରାସ୍ତା, ପାନୀୟ ଜଳ,ଡ୍ରେନ,ଜମିଜମା, ବିଦ୍ୟୁତ, ଶୈଚାଳୟ, ଉଠା ଜଳସେଚନ, ଆଦି ସମ୍ପର୍କରେ ଅଭିଯୋଗ ମାଧ୍ୟମରେ ଉପସ୍ଥିତ ଅଧିକାରୀ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଲହୁଣିପଡ଼ା ବ୍ଲକର ସମସ୍ତ ପଞ୍ଚାୟତର ସାଧାରଣ ଲୋକମାନେ ବିଭିନ୍ନ ଅଭିଯୋଗ ନେଇ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରସଙ୍ଗରେ ମୋଟ ୫୭ ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ଦଳଗତ ଅଭିଯୋଗ ୩୧ ଟି ରହିଥିବା ବେଳେ ବ୍ୟକ୍ତିଗତ ଅଭିଯୋଗ ୨୬ ଟି ରହିଥିଲା।ଦଳଗତ ଅଭିଯୋଗ ମଧ୍ୟରେ ରାସ୍ତା, ପାନୀୟଜଳ,ବିଜୁଳି,ହାଟ ଆଦି ସମସ୍ୟା ମାନ ରହିଥିଲା। ସେହିପରି ଅଭିଯୋଗ ମଧ୍ୟରେ ଜମିବାଡି, ବାସଗୃହ,ପେନସନ, ସରକାରୀ ଭତ୍ତା, ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ନହୋଇ ପାରିବା, ରାସନ କାର୍ଡ଼ ଆଦି ସମସ୍ୟା ଆସିଥିଲା।ସେଥିମଧ୍ୟରୁ ୧୩ ଗୋଟି ଅଭିଯୋଗକୁ ତତ୍କ୍ଷଣାତ ସମାଧାନ କରିଥିବା ବେଳେ ଅବଶିଷ୍ଟ ଅଭିଯୋଗକୁ ତର୍ଜମା କରି ବିଚାର କରିବାକୁ ଅଧିକାରୀ ମାନେ ପରାମର୍ଶ ଦେଇଥିଲେ। ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ୧୮ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଲହୁଣୀପଡା ତହସିଲଦାର ବବୁଲୁ ପେରେଇ,ରାଉରକେଲା ଏସିଏଫ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ।ଏହା ସହିତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ,ସାମ୍ବାଦିକ, ଏବଂ ଅଭିଯୋଗକାରୀ ଜନ ସାଧାରଣ ଏହି ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ।

## ଡେପୁଟି ଚିଫ୍ ମାଇନ୍ସ କାର୍ଯ୍ୟାଳୟରେ ଖତଗଦା ଭଳି ଜିନିଷ ପଡ଼ିଛି

କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଡେପୁଟି ଚିଫ ମାଇନ୍ସ କାର୍ଯ୍ୟାଳୟଟି ଫୁଲବାଣୀ ଏଫ୍‌ସିଆଇ ନିକଟରେ ରହିଛି। ଏହି ମାଇନ୍ସ କାର୍ଯ୍ୟାଳୟର କାର୍ଯ୍ୟ ନିମ୍ନମାନର ହୋଇଆସୁଅଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଅଧିକାରୀଜଣକ ସମସ୍ତ କାର୍ଯ୍ୟ ଦେଖି ମଧ ଠିକାଦାରଙ୍କ ଉପରେ କୌଣସି ପଦକ୍ଷେପ ନ ନେବା ଫଳରେ ଠିକାଦାର ତାହାର ଇଚ୍ଛା ମୁତାବକ କାର୍ଯ୍ୟ କରୁଛି।ତେଣୁ ଦୀର୍ଘ ବର୍ଷ ହେଲାଣି କନ୍ଧମାଳ ଡେପୁଟି ଚିଫ ମାଇନ୍ସ କାର୍ଯ୍ୟାଳୟର ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ।ଏହାବ୍ୟତୀତ ସେହି କାର୍ଯ୍ୟାଳୟରେ ସରକାରଙ୍କ ପୁରୁଣା ମୂଲ୍ୟବାନ ସମ୍ପତ୍ତି ରହିଥିଲା ଯଥା ଟେବୁଲ, ଚେୟାର, ଆଲମାରୀ,ସିଲିଂ ଫ୍ୟାନ, ଏସି ମେସିନକୁ ଠିକ ଭାବରେ ଠିକାଦାର, ଯନ୍ତ୍ରୀ, ଅଧିକାରୀ ସାଇତି ନରଖି ସେହିଗୁଡିକ ଭାଙ୍ଗି ନଷ୍ଟ କରି ଖତ ଗଦା ଭାବେ ଯେଉଁଟି ପାଇଲେ ସେଇଠି ଫିଙ୍ଗି ଦେଇଛନ୍ତି।ସେଥିମଧ୍ୟରୁ ଅଧିକାଂଶ ସରକାରଙ୍କ ମୂଲ୍ୟବାନ ସମ୍ପତି ବିକ୍ରି କରିଦେଇଥିବାର ଜନସାଧାରଣ ସ୍ଥଳେ ଚର୍ଚ୍ଚା ହେଉଛି। ଏହା ସହିତ ଠିକାଦାର ମାଇନ୍ସ କାର୍ଯ୍ୟାଳୟରେ ଥିବା ମାଗଣାରେ ନିର୍ମାଣ କାର୍ଯ୍ୟରେ ବିଦ୍ୟୁତ ବ୍ୟବହାର କରୁଛନ୍ତି କିନ୍ତୁ ମାଇନ୍ସ କାର୍ଯ୍ୟାଳୟ ଇଲେଟ୍ରିକ ବିଲ ଲକ୍ଷ ଲକ୍ଷ ଟଙ୍କା ବାନ୍ଧୁଛି । ଏଥିରୁ ସ୍ପଷ୍ଟ ସରକାରଙ୍କ ମାଲ ଦରିଆମେ ଡାଲ ନୀତି ଉଦାହରଣ ଦେଖିବାକୁ ମିଳିଛି।କନ୍ଧମାଳ ଡେପୁଟି ଚିଫ ମାଇନ୍ସ ଅଧିକାରୀଙ୍କ କାର୍ଯ୍ୟ ଢିଲା ଫଳରେ ମଧ କନ୍ଧମାଳ ଜିଲ୍ଲାରେ ଗଚ୍ଛିତ ହୋଇ ରହିଥିବା ମାଟି, ଖଣି, ବାଲିକୁ ମାଫିଆମାନେ ହାତ କରି ରାତ୍ରି ଅଧରେ ଚୋରି କରି ବିକ୍ରି କରି ନେଉଥିବାର ଦେଖାଯାଉଛି।ବର୍ତ୍ତମାନ ସୁଧା ଯେତିକି ପରିମାଣ ର କେଶ ହେବା କଥା ଓ ଅର୍ଥ ଆଦାୟ କରିବା କଥା ତାହା ହୋଇନଥିବାର ପ୍ରକାଶ ହେଉଛି।ଏଥିପ୍ରତି ରାଜ୍ୟସରକାର ଏହି ବିଭାଗ, ଅଧିକାରୀ, ଖଣି ମାଫିଆ, ନିର୍ମାଣ କରୁଥିବା ଠିକାଦାର ଓ ଯନ୍ତ୍ରୀ ଉପରେ ଦୃଢ଼ ପଦକ୍ଷେପ ନେଲେ ସରକାରଙ୍କ ଉପରେ ଜନସାଧାରଣ ଆସ୍ଥା ରଖିବେ।

## ମଧୁବାବୁଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ନୂଆସାହି ଛକ ନିକଟରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ତାଙ୍କ ଜନ୍ମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଛି ଜିଲ୍ଲା ପ୍ରଶାସନ । ସମବାୟ ବିଭାଗ ପକ୍ଷରୁ ଆୟୋଜିତ ଜୟନ୍ତୀ କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ ଯୋଗଦେଇ ମଧୁବାବୁଙ୍କ ପ୍ରତିମୁର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସମବାୟ ସମିତି ସମୂହର ଉପ ନିବନ୍ଧକ ହାଡ଼ିବନ୍ଧୁ ମହାକୁଡ, ସହକାରୀ ନିବନ୍ଧକ ଫକୀର ଚରଣ ବାଘ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ତଥା ଓକିଲ ଦିବସ ପାଳିତ



ଗୁଣପୁର (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ଗୁଣପୁର ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁବାବୁଙ୍କ ଜୟନ୍ତୀ ତଥା ଓକିଲ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ରେ ଅତିଥି ମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୁଖ୍ୟ ଅତିଥି ଭାବେ ଶେଖ ମହମ୍ମଦ କ୍ୱାଇସ୍ ଯୋଗ ଦେଇଥିବାବେଳେ ସ୍ୱତନ୍ତ୍ର ଅତିଥି ଭାବେ ଗୁଣପୁର ଉପଜିଲ୍ଲାପାଳ କିରଣଦୀପ କୌର ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ତପନ କୁମାର ବିଶ୍ୱାଳ ଯୋଗଦେଇ ଯୁବ ଓକିଲଙ୍କ ମଧ୍ୟରେ ପେଷାଦାର ମନୋଭାବ ରଖି ଆଇନକୁ ଅଧିକ ତର୍ଜମା କରିବା ଓ ଶିକ୍ଷଣୀୟ ପ୍ରବୃତିକୁ ଆପଣେଇବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସବଜଜ୍ ସନ୍ତୋଷ କୁମାର ମହାପାତ୍ର ଓ ଏଡିଜେଏମ ବିଜୟ ଲକ୍ଷ୍ମୀ ମହାପାତ୍ର ମଂଚାସୀନ ଥିଲେ। ଏହି ସଭାକୁ ସଂଘ ସଭାପତି ଗୌରୀ ଶଙ୍କର ଦାସ ସଂଯୋଜନା କରିଥିବାବେଳେ ସଂପାଦକ ପ୍ରବୀଣ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସଂଘର ଉପସଭାପତି ରମେଶ ଚନ୍ଦ୍ର ଲିମା ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ବରିଷ୍ଠ ଓ କନିଷ୍ଠ ଆଇନଜୀବୀ ଙ୍କ ସମେତ ସହରର ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ନାନ୍ଦୁପଲା ଠାରୁ ବୁରୋମାଲ ରାସ୍ତା ପାଲଟିଛି ମରଣଯନ୍ତା




ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ନାନ୍ଦୁପଲା ଠାରୁ ବୁରୋମାଲ୍ ଯାଏଁ ଗ୍ରାମ୍ୟ ଉନ୍ନୟନ ବିଭାଗ ର ୧୩ କିମି ରାସ୍ତା ଦୀର୍ଘଦିନ ହେଲା ମରାମତି ଅଭାବରୁ ପିଚୁ ଉଠି ଯାଇଥିବା ବେଳେ ପଥର ବାହାରି ମରଣଯନ୍ତା ପାଲଟିଛି। ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟିଥିବା ବେଳେ ରାସ୍ତାର ଦୂରାବସ୍ଥା ପାଇଁ ଯିବାକୁ ଲୋକେ ଡରୁଛନ୍ତି। ଏହି ରାସ୍ତାଟି ପବିତ୍ର ହରିଶଙ୍କର ପୀଠ ଠାରୁ ବରଗଡ଼ ଜିଲ୍ଲା ପଦ୍ମପୁର ସହରକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ନୃସିଂହନାଥ ମନ୍ଦିରକୁ ଦୂରତା କମ୍ ହେଉଥିବାରୁ ପ୍ରତିଦିନ ଅନେକ ପର୍ଯ୍ୟଟକ ଙ୍କ ଗାଡ଼ି ମୋଟର ଯା' ଆସ କରିଥାଏ। ଅଳ୍ପ ଦିନ ପରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ହେବାକୁଥିବା ବେଳେ ରାସ୍ତାଟି ତୁରନ୍ତ ମରାମତି କରାଇବାକୁ ସାଧାରଣ ରେ ଦାବି ହେଉଛି।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ସଭା

ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ସଦ୍ ଭାବନା ସଭା ଗୃହରେ ସମ୍ମାନୀୟା କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀଙ୍କ ଅଧକ୍ଷତାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି ସଭା, ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭା ରେ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ ମଧୁସୂଦନ ଦାଶ କହିଲେଯେ ଜିଲ୍ଲାରେ ବିଭିନ୍ନ ବିଭାଗର ଉନ୍ନୟନ କାମର ଦ୍ରୁତ ପ୍ରଗତି ହୋଇଛି । ପ୍ରତି ସପ୍ତାହରେ ବ୍ଲକ୍ ମାନଙ୍କରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆୟୋଜନ ହେଉଛି । ଏହି ଅବସରରେ ସେଠାରେ ବରିଷ୍ଠ ନାଗରିକ ମାନଂକ ପାଇଁ ସ୍ୱାସ୍ଥ୍ୟ ଶିବିର ସହିତ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଅପରାହ୍ନରେ ବ୍ଲକ୍‌ର ଗୋଟିଏ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହେଉଛି । ଏହା ସହିତ ସେହି ପଞ୍ଚାୟତରେ ଝିଅ ଜନ୍ମକୁ ପ୍ରୋତ୍ସାହିତ କରିବା ସହିତ ବୃକ୍ଷ ରୋପଣ ପାଇଁ ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଗର୍ଭବତୀମାନଙ୍କୁ ସଚେତନ କରାଯାଇଛି ।ଏହାକୁ ସାଂସଦ ପ୍ରଶଂସା କରିଥିଲେ । ସାଂସଦ ଜିଲ୍ଲାର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ସମୟସୀମା ଭିତରେ ଶୀଘ୍ର ସାରିବା ପାଇଁ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ବିଗତ ସଭାର ବିବରଣୀ ପାଠ କରିଥିଲେ।ଏହାପରେ ସାଂସଦ ଗୋଟି ଗୋଟି କରି ବିଭିନ୍ନ ବିଭାଗର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସଭାରେ ଜନସାଧାରଣଙ୍କ ମୁଖ୍ୟ ସମସ୍ୟା ଘରଡିହ, ବାସଗୃହ, ବିଦ୍ୟୁତ୍, ପାନୀୟ ଜଳ, ସଡକ , ନରେଗାରେ ଶ୍ରମ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ମିଶନ, କୃଷି , ଶିଳ୍ପ, ଖାଦ୍ୟ ଯୋଗାଣ ଇତ୍ୟାଦି ବିଷୟ ଉପରେ ବିଶଦ ଭାବରେ ଆଲୋଚନା ହୋଇଥିଲା ।ଏହିସବୁ କ୍ଷେତ୍ରରେ ଯେତେ ସବୁ ସମସ୍ୟା ଅଛି ସେସବୁର ଶୀଘ୍ର ସମାଧାନ କରିବା ପାଇଁ ସାଂସଦ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇ ଥିଲେ । ସମସ୍ତ ଜନପ୍ରତିନିଧି ଓ ଅଧିକାରୀଗଣ ମିଳିତ ଭାବରେ ଜିଲ୍ଲାର ସାମଗ୍ରିକ ଉନ୍ନତି କରିବା ପାଇଁ ସାଂସଦ ସମସ୍ତଙ୍କୁ




ଆହ୍ୱାନ ଦେଇଛନ୍ତି । ଆଜିକାର ଏହି ବୈଠକରେ ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ସରୋଜ ଦେବୀ ଅଗ୍ରୱାଲ ବିଭିନ୍ନ ଜିଲ୍ଲାପରିଷଦ ସଦସ୍ୟ, ଜନ ପ୍ରତିନିଧି,ଦିଶା କମିଟି ସଦସ୍ୟ,ବନଖଣ୍ଡ ଅଧିକାରୀ ଖରିଆର ଅଜିଜ୍ ଖାନ୍, ବନଖଣ୍ଡ ଅଧିକାରୀ ବନ୍ୟଜନ୍ତୁ ମହାଦେବ ବଡାଇକ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଯୋଗେଶ୍ୱର ଭୋଇ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ସମସ୍ତ ଏନ୍‌ଏସି କାର୍ଯ୍ୟନିର୍ବାହି ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ ମାନଙ୍କ ଆନ୍ତରିକ ସହଯୋଗରେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ତଥା ପ୍ରବାସୀ ଶ୍ରମିକ ପ୍ରଥାର ବିଲୋପ ସାଧନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥଲେ । ଶେଷରେ ଅତିରିକ୍ତ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଯୋଗେଶ୍ୱର ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସୀମାନ୍ତରେ ୨୪ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁରରେ ୨୪ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ମାଓ ଦମନ ଅଭିଯାନ ଜୋରସୋରରେ ଚାଲିଥିବା ବେଳେ ଅନେକ ମାଓବାଦୀ ପୋଲିସ ଗୁଳିରେ ନିହତ ହେଉଥିବା ସହ ଅନେକ ଆତ୍ମସମର୍ପଣ କରିବାରେ ଲାଗିଛନ୍ତି। ଏହି କ୍ରମରେ ଆଜି ୨୪ ଜଣ ମାଓବାଦୀ ମାଓ ସଙ୍ଗଠନ ଛାଡି ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ୨୪ ମାଓବାଦୀଙ୍କ ମଧ୍ୟରୁ ୧୪ ମାଓବାଦୀଙ୍କ ନାମରେ ୨୮.୫୦ ଲକ୍ଷ ଟଙ୍କାର ଇନାମ ରହିଥିବା ବେଳେ ଏମାନେ ଅନେକ ମାଓ ହିଂସାକାଣ୍ଡରେ ସାମିଲ ଥିଲେ। ତେବେ ମାଓ ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହେଉଥିବା ବେଳେ ଏମାନେ ସାଧାରଣ ଜୀବନ ଯାପନ କରିବାକୁ ନିଷ୍ପତି ନେଇଥିଲେ। ସରକାରଙ୍କ ଦ୍ୱାରା ପରିଚାଳିତ ଲୋନ ଭରାଟୁ ତଥା ଘରକୁ ଫେର ଅଭିଯାନ ଦ୍ୱାରା ପ୍ରଭାବିତ ହୋଇ ସେମାନେ ଆତ୍ମସମର୍ପଣ କରିଥିଲେ। ଆତ୍ମସମର୍ପଣ କାରୀ ମାଓବାଦୀଙ୍କୁ ସରକାରୀ ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ସମବାୟ ପ୍ରଚାର ପତ୍ର ଉନ୍ମୋଚନ ଓ ସଚେତନତା ରଥ ଶୁଭାରମ୍ଭ






ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ଅବସରରେ ସମବାୟ ପ୍ରଚାର ପତ୍ର ଓ ସମବାୟ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା । ଉକ୍ତ ରଥ ଜିଲ୍ଲାର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି ଅଧିନସ୍ଥ ଗ୍ରାମ ଗୁଡିକରେ ସମବାୟର ବାର୍ତ୍ତା ପ୍ରଚାର ପ୍ରସାର କରିବା ସହ ସମ୍ପର୍କିତ ସରକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବ । ଜିଲ୍ଲାପାଳ ନଡିଆ ଭାଙ୍ଗି ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତୀ ବଳିଆର ସିଂ, ସମବାୟ ସମିତି ସମୂହର ଉପ ନିବନ୍ଧକ ହାଡ଼ିବନ୍ଧୁ ମହାକୁଡ, ସହକାରୀ ନିବନ୍ଧକ ଫକୀର ଚରଣ ବାଘ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

ନୂଆପଡା (ଭାସ୍କର ନ୍ୟୁଜ୍): ନୂଆପଡାରେ ସମବାୟ ବିଭାଗ ତରଫରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯୋଗେଶ୍ୱର ଭୋଇ ପ୍ରମୁଖ ଯୋଗଦେଇଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ଆଲୋଚନା ଚକ୍ରର ବିଷୟ ବସ୍ତୁ ଥିଲା ଓଡ଼ିଶାର ସମବାୟ ଆନ୍ଦୋଳନରେ ମଧୁସୂଦନ ଦାସଙ୍କ ଅବଦାନ। ବକ୍ତା ହିସାବରେ ନୂଆପଡା ପାକ୍ସ ନିର୍ଦ୍ଦେଶକ ମୂରଲୀଧର ସୁନାନୀ, ନୂଆପଡା ପାକ୍ସ ପୂର୍ବତନ ସଭାପତି ଦିଲ୍ଲୀପ ସାହୁ, ନୂଆପଡା ପାକ୍ସ ସଭାପତି ଦେବୀ ପ୍ରସାଦ ମିଶ୍ର, ଖରୀଆର ରୋଡ ପାକ୍ସ ସଭାପତି ରାଜେଶ ନିଗମ୍ ପ୍ରମୁଖ ଯୋଗଦେଇଥିଲେ । ମୁଖ୍ୟ ବକ୍ତା ହିସାବରେ ଡଃ ଦୀପକ୍ କୁମାର୍ ଦାଶ, ଅଧାପକ କୋମନା ମହାବିଦ୍ୟାଳୟ ଯୋଗଦେଇ ମଧୁ ବାବୁଙ୍କ ଓଡ଼ିଶା ଏକତ୍ରିକରଣ ସହିତ ସମବାୟ ଆନ୍ଦୋଳନରେ ଅବଦାନ ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ମଧୁ ବାବୁଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସ୍ୱାଗତ ସମ୍ଭାଷଣ ରଖିଥିଲେ। ଶେଷରେ ଡିଆର୍‌ସିଏସ ଶିବ ପ୍ରସାଦ ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ ।



ପୁରୀ (ଭାସ୍କର ନ୍ୟୁଜ) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର ରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ର ସଭାପତି ମହାବୀର ରୁଦ୍ର ନାରାୟଣ ସାହୁ ଙ୍କ ଅଧକ୍ଷତାରେ ପହେଲଗାମ ଆତଙ୍କି ଆକ୍ରମଣ ରେ ପ୍ରାଣ ହରାଇଥିବା ପର୍ଯ୍ୟଟକ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସମ୍ପାଦକ ଅରବିନ୍ଦ ଶତପଥୀ ଆତଙ୍କି ଆକ୍ରମଣ ର ନିନ୍ଦା କରି ଭାରତ ବର୍ଷରେ ଏଭଳି ବର୍ବରତାର ସ୍ଥାନ ନାହିଁ ବୋଲି ମତପୋଷଣ କରିଥିଲେ। ଅନ୍ୟ ସମସ୍ତ ସଭ୍ୟ ମାନେ ନୀରିହ ନାଗରିକ ମାନଙ୍କ ପରିବାର ମାନଙ୍କୁ ସମବେଦନା ଜଣାଇଛନ୍ତି। ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ଉଦେଶ୍ୟ ରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନ ର ଆଗାମୀ କାର୍ଯ୍ୟକ୍ରମ ବିଷୟ ରେ ଆଲୋଚନା କରାଯାଇଥିଲା। କୋଷାଧକ୍ଷ ରତ୍ନାକର ସାହୁ ଆୟ ବ୍ୟୟ ହିସାବ ଉପସ୍ଥାପନା କରି ଥିଲେ। ଏହି ସମୀକ୍ଷା ବୈଠକ ରେ ସମସ୍ତ କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ। ଆଗାମୀ କାର୍ଯ୍ୟକ୍ରମ ବିଷୟ ରେ ସମସ୍ତ ସଦସ୍ୟ ମତାମତ ରଖି ଥିଲେ। ଶେଷ ରେ ସହ ସମ୍ପାଦକ ରଞ୍ଜନ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ପହଲଗାମ ଆତଙ୍କୀ ଆକ୍ରମଣ ଘଟଣା

# ଏନ୍ଆଇଏ ତଦନ୍ତ ଜୋରଦାର

### ୪୫ ଜଣିଆ ଟିମ୍‌ର ତଦନ୍ତ ଜାରି

### ଘଟଣାସ୍ଥଳରୁ ୪୦ ଖୋକା ଜବତ

### ଅନୁଧ୍ୟାନ କରୁଛନ୍ତି ଆଇଜି, ଡିଆଇଜି ର୍‍ୟାଙ୍କର ଅଧିକାରୀ

ନୂଆଦିଲ୍ଲୀ/ଶ୍ରୀନଗର : ଗତ ୨୨ ତାରିଖରେ ଜାମ୍ମୁକାଶ୍ମୀରର ପହଲଗାମରେ ଆତଙ୍କୀ ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ପ୍ରାଣହାନୀ ଘଟଣାର ଜୋରଦାର ତଦନ୍ତ ଚଳାଇଛି ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍ଆଇଏ। ଏନଆଇଏର ଏକ ୪୫ ଜଣିଆ ଟିମ୍ ଘଟଣାସ୍ଥଳରେ ରହି ତଦନ୍ତ ପ୍ରକ୍ରିୟାକୁ ତୀବ୍ର କରିଛନ୍ତି। ମଙ୍ଗଳବାର ଘଟଣାସ୍ଥଳରୁ ଟିମ୍ ୪୦ଟି ଖୋକା ଜବତ କରିଛି। ଆଇଜି, ଡିଆଇଜି ଏବଂ ଏସ୍‌ପି ର୍‍ୟାଙ୍କର ଅଧିକାରୀମାନେ ଏଥିରେ ସାମିଲ ହୋଇ ତଦନ୍ତର ଅଗ୍ରଗତି ନେଇ ଅନୁଧ୍ୟାନ କରୁଛନ୍ତି। ସେହିପରି ସମଗ୍ର ଜାମ୍ମୁକାଶ୍ମୀରର ବିଭିନ୍ନ ଅଞ୍ଚଳରେ ଆତଙ୍କୀ ନିରୋଧୀ ଅପରେସନକୁ ଜୋରଦାର କରାଯାଇଛି। ବିଶେଷକରି ରାଜୌରୀରେ ଘନଘନ ଅପରେସନ ଚାଲୁ ରହିଛି। ଏହି ଘଟଣା ପରେ ପାକିସ୍ତାନ ବିଶ୍ୱ ଦରବାରରେ କ୍ରମେକ୍ରମେ ଏକଘରକିଆ ହେବାରେ ଲାଗିଛି। ମଙ୍ଗଳବାର କୂଟନୈତିକ ସ୍ତରରେ ପାକିସ୍ତାନକୁ ଏକ ବଡ଼ ଝଟ୍‌କା ଲାଗିଛି। ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ, ଚୀନ୍ ସେମାନଙ୍କ କୂଟନୀତିଜ୍ଞଙ୍କୁ ଦେଶକୁ ଫେରି ଆସିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କୁହାଯାଉଛି, ପହଲଗାମ ଆକ୍ରମଣ ପରେ ସାରା ଦେଶରେ ଯେଉଁ ଜନଆକ୍ରୋଶ ଦେଖାଦେଇଛି, ତାକୁ ନେଇ ସରକାର ମଧ୍ୟ ଗମ୍ଭୀରତାର ସହ ବିଚାର କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ନେଇ ଏକ ବଡ଼ ଇସାରା ଦେଇଛନ୍ତି। ସେ କହିଛନ୍ତି, ଆଉ କିଛି ଭୁଲ ହେବ ନାହିଁ। ଆମ ପାଖରେ ସମୟ ସୀମିତ ଏବଂ ଲକ୍ଷ୍ୟ ବହୁତ ବଡ଼ ରହିଛି। ସେହିପରି ବିକଶିତ ଭାରତର କଥା ଉଠାଇ ସେ କହିଛନ୍ତି ଯେ ଆଗାମୀ ୨୫ ବର୍ଷ ପାଇଁ ଆମେ ସମୟସୀମା ପ୍ରସ୍ତୁତ କରି ରଖୁଛୁ। ତେବେ ବୁଧବାର ସକାଳ ୧୧ଟାରେ କ୍ୟାବିନେଟ ସୁରକ୍ଷା କମିଟିର ଏକ ବୈଠକ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏହି ବୈଠକରେ ସୁରକ୍ଷା ପ୍ରସ୍ତୁତି ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ବୁଧବାର କ୍ରମାଗତ ୪ଟି ବଡ଼ ବୈଠକ ଅନୁଷ୍ଠିତ ହେବ ବୋଲି କୁହାଯାଉଛି। ଏହି ବୈଠକରେ ଆହୁରି କିଛି ବଡ଼ ନିଷ୍ପତ୍ତି ନିଆଯାଇପାରେ।

SURYODAY
A BANK OF SMILES

**ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍**
ରେଜିଷ୍ଟ୍ରାର୍ଡ ଏବଂ କର୍ପୋରେଟ୍ ଅଫିସ୍: ୧୧୦୧,ଶାରଦା ଟେରାସେସ୍, ପ୍ଲଟ୍ ନଂ ୬୫, ସେକ୍ଟର-୧୧, ସିବିଡି ବେଲାପୁର, ନାଭି ମୁମ୍ବାଇ-୪୦୦୬୧୪,ସିଆଇଏନ: ଏଲ୬୫୯୨୩ଏମ୍ଏଚ୍୨୦୦୮ପିଏଲ୍‌ସି୨୬୧୪୭୨

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍ସିଆଲ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ମେସର୍ସ ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ (ଏସଏସ୍ଏଫବିଏଲ୍)ର ପ୍ରାଧିକୃତ ଅଧିକାରୀ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ଧାରା ୧୩(୧୨)ର ଉପଧାରା ୩ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ଆଇନ-୨୦୦୨ ଧାରା ୧୩(୨) ଅନୁଯାୟୀ ଋଣଗ୍ରହୀତା(ମାନେ), ସହ-ଋଣଗ୍ରହୀତା(ମାନେ), ଗ୍ୟାରେଣ୍ଟରମାନଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ ସେମାନଙ୍କ ଉପରେ ଥିବା ବକେୟା, ଋଣ, ବର୍ତ୍ତମାନ ପର୍ଯ୍ୟନ୍ତ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଚାର୍ଜ ଏହି ନୋଟିସ ପ୍ରାପ୍ତିର ୬୦ଦିନ ମଧ୍ୟରେ ପରିଶୋଧ ପାଇଁ କୁହାଯାଉଛି। ଏଥିପାଇଁ ଡିମାଣ୍ଡ ନୋଟିସ ମଧ୍ୟ ଜାରି କରାଯାଇଛି। ଋଣ ବଦଳରେ ବନ୍ଧକ ଦିଆଯାଇଥିବା ସମ୍ପତ୍ତି ଏସ୍ଏସ୍ଏଫବିଏଲରେ ବନ୍ଧକ ରଖାଯାଇଛି। ତେଣୁ ଋଣଗ୍ରହୀତାମାନେ, ସହଋଣଗ୍ରହୀତାମାନେ ଓ ଗ୍ୟାରେଣ୍ଟର ଯଥାକ୍ରମେ ଏହାକୁ ପରିଶୋଧ ପାଇଁ କୁହାଯାଉଛି।

| ଋଣ ଗ୍ରହୀତା/ସହଋଣଗ୍ରହୀତା/ଗ୍ୟାରେଣ୍ଟରଙ୍କ ନାମ | ଡିମାଣ୍ଡ ନୋଟିସ ତାରିଖ | ୧୧.୦୪.୨୦୨୫ |
|---|---|---|
| ଲୋନ୍-୨୫୬୦୦୦୦୦୨୫୬୬, ଦୁଷ୍ମନ୍ତ ପାଟ୍ଟଶାଣୀ, ପିତା- ଦୈତାରୀ ପାଟ୍ଟଶାଣୀ,୨. କନକଲତା ପାଟ୍ଟଶାଣୀ, ସ୍ୱାମୀ- ଦୁଷ୍ମନ୍ତ ପାଟ୍ଟଶାଣୀ | ଏନ୍‌ପିଏ ତାରିଖ | ୦୫.୦୩.୨୦୨୫ |
| | ମୋଟ ବକେୟା ପରିମାଣ ଟ. | ୦୭.୦୪.୨୦୨୫ ସୁଦ୍ଧା ଟ.୪୯,୩୭,୨୦୬.୮୯ |

ବନ୍ଧକ ସମ୍ପତ୍ତି/ସ୍ଥାବର ସମ୍ପତ୍ତିର ବିବରଣୀ: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ। ରାଜସ୍ୱ ଖାତା ନଂ ୨୩୦/୯୭, ପ୍ଲଟ ନଂ ୪୮୯/୧୨୩୩, ଏରିଆ- ୦.୧୬୬ କିମ୍ବା ୭୨୩୦.୯୬ ବର୍ଗଫୁଟ। କିସମ: ଘରବାରି, ଗ୍ରାମ-ମୋରମୋରସିଂ, ପୋଷ୍ଟ-କୁରିପୁର, ମୌଜା-ମୋରମୋରସିଂ, ତହସିଲ-ଟାଙ୍ଗୀ, ପିଏସ୍-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା-୭୫୨୦୨୧, ବାଉଣ୍ଡରୀ- ପୂର୍ବ-ଜଳନ୍ଧର ବେହେରା, ପଶ୍ଚିମ-ପ୍ରଭାକର ପ୍ରଧାନ, ଉତ୍ତର- ଅପର୍ତ୍ତୀ ମଙ୍ଗରାଜ, ଦକ୍ଷିଣ- ପୋଖରୀ ପୋଲ।

ସ୍ଥାନ: ଓଡ଼ିଶା, ତାରିଖ: ୩୦.୦୪.୨୦୨୫, ପ୍ରାଧିକୃତ ଅଧିକାରୀ, ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍

## ଜଳବାୟୁର ଭୟଙ୍କର ପରିଣାମ

## ବଙ୍ଗୋପସାଗରରୁ ଲୁପ୍ତ ହେବେ ମାଛ

ନୂଆଦିଲ୍ଲୀ, : ଭାରତର ଗରମ ଜଳବାୟୁ ବଙ୍ଗୋପସାଗର ପାଇଁ କାଳ ପାଲଟିଲାଣି। ବର୍ତ୍ତମାନ ସ୍ଥିତି ଏପରି ହେଲାଣି ଯେ ବଙ୍ଗୋପସାଗରର ଉତ୍ପାଦକତା ହ୍ରାସ ପାଇବାର ଆଶଙ୍କା ଦେଖା ଦେଲାଣି। ନେଚର ଜିଓ ସାଇନ୍ସରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟରେ ଏହି ତଥ୍ୟ ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ ଗ୍ରୀଷ୍ମ ମୌସୁମୀରେ ଜଳବାୟୁ ଚାଳିତ ଚରମ ଘଟଣାଗୁଡ଼ିକ ବଙ୍ଗୋପସାଗର ସାମୁଦ୍ରିକ ଉତ୍ପାଦକତାକୁ ସ୍ଥାୟୀ ଭାବରେ ବାଧା ଦେବାର ସମ୍ଭାବନା ରହିଛି। ଏହା ଲକ୍ଷଲକ୍ଷ ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ବିପଦ ସୃଷ୍ଟି କରିପାରେ। ଏହି ଗବେଷଣା ୨୨ ହଜାର ବର୍ଷର ମୌସୁମୀ ତଥା ସମୁଦ୍ର ତଥ୍ୟକୁ ନେଇ କରାଯାଇଛି। ଗବେଷଣାରେ ତୀବ୍ର ବର୍ଷା କିମ୍ବା ମରୁଡ଼ି ସମୟରେ ପୃଷ୍ଠଭୂମିର ଖାଦ୍ୟ ଉପଲବ୍ଧତାରେ ୫୦ ପ୍ରତିଶତ ହ୍ରାସ ପାଇପାରେ ବୋଲି ଚେତାବନୀ ଦିଆଯାଇଛି। ବିଶ୍ୱ ତାପନ ମୌସୁମୀ ପରିବର୍ତ୍ତନଶୀଳତାକୁ ତୀବ୍ର କରୁଥିବାରୁ ଏଭଳି ସ୍ଥିତି ଦେଖାଦେଇପାରେ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ବିଶ୍ୱ ମହାସାଗରରେ ମାତ୍ର ୧ ପ୍ରତିଶତରୁ କମ୍ ଅଂଶରେ ବ୍ୟାପ୍ତ ଥିବା ବଙ୍ଗୋପସାଗର ବିଶ୍ୱର ମାଛ ଉତ୍ପାଦନର ପ୍ରାୟ ୮ ପ୍ରତିଶତ ଯୋଗଦାନ ଦେଇଥାଏ। ଯେଉଁଥିରେ ଉପକୂଳବର୍ତ୍ତୀ ଲୋକଙ୍କର ଲାଭ ମିଳିଥାଏ। ଗବେଷଣାବେଳେ ଗବେଷକମାନେ ଜାଣିବାକୁ ପାଇଥିଲେ ଯେ ଅସ୍ୱାଭାବିକ ଭାବରେ ପ୍ରବଳ ଏବଂ ଦୁର୍ବଳ ମୌସୁମୀ ସମୁଦ୍ର ମିଶ୍ରଣକୁ ବାଧା ଦେଉଛି। ଗଭୀର ଜଳରୁ ପୃଷ୍ଠଦେଶରେ ଥିବା ପ୍ଲାଙ୍କଟନ୍ ପର୍ଯ୍ୟନ୍ତ ପୋଷାକ ପ୍ରବାହକୁ ଅବରୋଧ କରୁଛି। ଯଦି ବଙ୍ଗୋପସାଗରରେ ଏଭଳି ପରିସ୍ଥିତି ସୃଷ୍ଟି ହୁଏ ତେବେ ମାଛ ଉତ୍ପାଦନ ଉପରେ ନିର୍ଭର କରୁଥିବା ୧୫୦ ନିୟୁତରୁ ଅଧିକ ଲୋକଙ୍କୁ ହୁଏତ ମାଛ ଖାଇବାକୁ ଆଉ ମିଳି ନପାରେ। ଗବେଷଣାରେ ଆହୁରି କୁହାଯାଇଛି ଯେ ଶକ୍ତିଶାଳୀ ମୌସୁମୀ ମଧୁରଜଳ ପ୍ରବାହକୁ ବୃଦ୍ଧି କରିବ ଏବଂ ଦୁର୍ବଳ ପବନ ସ୍ତରୀକରଣକୁ ପ୍ରତିହତ କରିବାରେ ବିଫଳ ହେବ। ଉଭୟ ଚରମ ପରିସ୍ଥିତି ସାମୁଦ୍ରିକ ସମ୍ପଦ ଉପଲବ୍ଧତାକୁ ବିପଦରେ ପକାଇଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଏହି ଗବେଷଣାରେ ଜଳବାୟୁ ମଡେଲଗୁଡ଼ିକୁ ପରିଷ୍କାର କରିବା ଏବଂ ସ୍ଥାୟୀ ମତ୍ସ୍ୟଚାଷ ନୀତି କାର୍ଯ୍ୟକାରୀ କରିବାର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଛି।

## ସେନାକୁ ପୂର୍ଣ୍ଣ... (ପ୍ରଥମ ପୃଷ୍ଠାରୁ)

(ପ୍ରଥମ ପୃଷ୍ଠାରୁ)

ସାରା ଦେଶରେ ପ୍ରତିବାଦ ଓ ବିରୋଧର ସ୍ୱର ତୀବ୍ର ରୂପ ଧାରଣ କରିଛି। ଯଦି ଏହି ଆକ୍ରମଣରେ ପାକିସ୍ତାନର ଲିଙ୍କ୍ ରହିଛି, ତେବେ ଏହି ଦେଶପ୍ରତି ଭାରତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜୋର ଧରିଛି। ସ୍ଥିତିକୁ ନଜରରେ ରଖି କେନ୍ଦ୍ର ସରକାର ଘନଘନ ବୈଠକ କରୁଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଜଣେ ବି ଭାରତୀୟଙ୍କ ଜୀବନ ବ୍ୟର୍ଥ ଯିବ ନାହିଁ । ପାକିସ୍ତାନକୁ କେବେ ବି ଛଡ଼ାଯିବ ନାହିଁ । ଏହି ବୈଠକ ପରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍ କମିଟି ଅନ୍ ପଲିଟିକାଲ ଆଫାୟାର୍ସର ଏକ ବୈଠକ ବୁଧବାର ଅନୁଷ୍ଠିତ ହେବ। ଏଥିରେ ଜାତୀୟ ସୁରକ୍ଷା ସଂସ୍ଥାର ୫ ସଦସ୍ୟଙ୍କ ସହ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର, ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷାମନ୍ତ୍ରୀଙ୍କ ସମେତ ଅନ୍ୟମାନେ ଯୋଗ ଦେବେ। ପାକିସ୍ତାନ ବିରୋଧରେ ପ୍ରଥମ କୂଟନୈତିକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସିନ୍ଧୁଜଳ ବନ୍ଦ କରାଯାଇଛି। ସେହିପରି ପାକିସ୍ତାନ ନାଗରିକଙ୍କ ଭିସା ମଧ୍ୟ ପ୍ରତ୍ୟାହାର ହୋଇଛି। ଅନ୍ୟପକ୍ଷରେ ବୈଠକ ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ଆରଏସଏସ ମୁଖ୍ୟ ମୋହନ ଭଗବତ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଥିବା ସୂଚନା ମିଳିଛି। ପହଲଗାମ ଆକ୍ରମଣ ନେଇ ଆଲୋଚନା ହୋଇଥିବା କୁହାଯାଉଛି। ପହଲଗାମ ଆକ୍ରମଣ ପରେ ସେନା ପକ୍ଷରୁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି ।

**NOTICE INVITING TENDER** C-185
**OFFICE OF THE MUNICIPAL COUNCIL,NAYAGARH**
NAYAGARH(ODISHA),PIN-752069
e-Mail :- nacnayagarh@yahoo.co.in
Tender Call Notice No. 968 / Dt. 24.04.2025
E- Procurement Notice No. MUNLNGR-06/2025-25

| | | |
|---|---|---|
| 1 | Name of the Work | Construction of Shed at Fish Market back side, Nayagarh Municipality |
| 2 | No of Works | 01 No. |
| | Value of work | 7,25,433/- |
| 3 | Class of Bidder | D & C |
| 4 | Period of Completion | As per DTCN |
| 5 | Date of Publication | Dt. 24.04.2025 |
| 6 | Date and Time of availability of Document in the Portal | From Dt. 28.04.2025 at 10.00 AM to Dt. 07.05.2025 up to 5.00 PM |
| 7 | Last Date / Time for Receipt of Bids in Portal | Dt. 07.05.2025 up to 5.00 PM |
| 8 | Last date of submission of original documents in this office | On or before 12.00 Noon on Dt.09.05.2025 by Registered Post / Speed Post / Drop Box available at Municipal Office |
| 9 | Date and Time of opening Bid | Dt. 13.05.2025 at 09.00 AM at Municipality Office, Nayagarh |
| 10 | Address and address of the office inviting bid | -Sd- Executive officer, Nayagarh Municipality |

Further details can be seen from e-Procurement portal http://tendersodisha.gov.in
OIPR 13134/11/0035/2526

**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar** A-83
Email Address: semechcircle104@gmail.com
e-Procurement Notice- Bid Identification No.- ACEM/MDS-02/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDS-02/2025-26
5. Estimated Cost : Rs. 17,54,390/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt.28.04.2025(10.00 AM) to dt.08.05.2025(5.30 PM)
8. Last date/ time for receipt of bid in the Portal : dt.08.05.2025 (up to 5.30 PM)
9. Date and Place of opening of Bid : dt.09.05.2025 (12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/-Addl. Chief Engineer,
Mechanical Circle Bhubaneswar
OIPR 32405/11/0048/2526

OFFICE OF THE SUPERINTENDING ENGINEER B-72
BHUBANESWAR (R&B) DIVISION NO III
BHUBANESWAR
bbsrrandb03@yahoo.com
No - 2984 Date – 24.04.2025

Government of Odisha "e"-Procurement Notice No ( 03 ) of 2025-26
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | Road E.I. Work |
| 2 | Total No of works | 1no. work |
| 3 | Estimated Cost | i) Rs. 21,86,893/- |
| 4 | Class of Contractor | "HT" Class Contractor |
| 5 | Period of Completion | 1 (One ) Calendar Month |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From 28/04/2025 at 11.30 A.M. to 05/05/2025 at 5.00 P.M |
| 8 | Last Date & Time for Receipt of bids in the Portal | 05/05/2025, upto 5.00 P.M. |
| 9 | Name & Address of the Officer inviting Bid | Er. Narendra kumar Ghadai, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in
*N.B: Subsequent corrigendum / addendum if required shall be available in the website as indicated above*
Sd/-Superintending Engineer
BBSR (R&B) Division No.III, BBSR
OIPR 34089/11/0025/2526

**GOVERNMENT OF ODISHA** i-
**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, KUJANGA**
'e' mail ID : ori-kujanga@nic.in

**'e' Procurement Notice No.BDO-KPS-01 of 2025-26**

| | | |
|---|---|---|
| 1 | Number of the work | 4 (four) Nos. |
| 2 | Tender Amount (Approx.) | Rs.16.93 Lakh to 15.32 Lakh |
| 3 | EMD (online) | Rs.17,400.00 to Rs.15,300.00 |
| 4 | Tender Paper Cost (online) (Non-Refundable) | Rs.6,000.00 |
| 5 | Class of Contractor | "D"&"C" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Date & Time of opening of BID | Place of opening of Bid |
|---|---|---|---|---|---|---|
| | | From | To | | | |
| BLOCK DEVELOPMENT OFFICER, KUJANGA | BDO-KPS-01 / 2025-26 | 30.04.2025 at 10.00 Hours | 13.05.2025 at 17.30 Hours | 08.05.2025 upto 1.00 P.M during office hours on working days | 14.05.2025 upto 11.00 AM during office hours | O/o the Panchayat Samti Kujanga |

Further details can be seen from the Govt. web site "https://tendersodisha.gov.in
All corrigendum / cancellation of tender if any, will only be uploaded in the above web site

Sd/-
BLOCK DEVELOPMENT OFFICER,
KUJANGA
OIPR 19308/11/0001/2526

CAD-247
**DISTRICT MINERAL FOUNDATION, JAJPUR**
**Request for Proposal (RFP)**

District Mineral Foundation (DMF), Jajpur invites Request for Proposal (RFP) in prescribed format from reputed organisations for "Selection of Bidder for providing Career Counselling and Life Skills Training to college students in mining affected areas of Jajpur District, Odisha" under District Mineral Foundation, Jajpur".

The detail of the RFP is available in the district web portal i.e. www.jajpur.odisha.gov.in

Sd/-
Collector & Managing Trustee
DMF, Jajpur
OIPR 30025/11/0008/2526

**GOVERNMENT OF ODISHA**
OFFICE OF THE ADDITIONAL CHIEFENGINEER, PUBLIC HEALTH CIRCLE, BERHAMPUR
E-Mail ID- acephcbam@gmail.com
NATIONAL COMPETITIVE BIDDING THROUGH e-Procurement C-169
**Invitation For Bids (IFB)**

| Sl.No | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction intake well, laying of RWRM and ancillary works for improvement of water supply to Kodala NAC under AMRUT 2.0,(SWAP-III) | Identification No. ACEPHCBAM 03/2025-26 Dt. 22.04.2025 | 456.56 | 12 (Twelve) Calendar Months | 11.00 Hrs. of 01.05.2025 | 17.30 Hrs. of 16.05.2025 | Additional. Chief Engineer, P.H. Circle, Berhampur |
| 2 | Laying of Clear water rising main pipe line in connection with "sharing of drinking water from RWSS" for water supply to Polasara NAC under AAP 2024-25 (BASUDHA) | Identification No. ACEPHCBAM 04/2025-26 Dt. 22.04.2025 | 264.14 | 12 (Twelve) Calendar Months | 11.00 Hrs. of 01.05.2025 | 17.30 Hrs. of 16.05.2025 | Additional. Chief Engineer, P.H. Circle, Berhampur |

The technical bid shall be opened on dt. 20.05.2025 at 12.30 P.M
Further details can be seen from the e-Procurement portal http://tendersodisha.gov.in .
OIPR 13004/11/0015/2526
Sd/-ADDITIONAL CHIEF ENGINEER (PH)

OHPC
**ODISHA HYDRO POWER CORPORATION LTD** CAD-259
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com (0663) 2460661,
Email-hpschiplima@yahoo.in, Fax No. (0663) 2460505
**No.-CHEP/TW-89 (Vol.-II) (Part File)/1515 Date: 28.04.2025**
**TENDER CALL NOTICE NO.-CHEP-06/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / General Order Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply of different types of MCCB, MPCB and Auxiliary Contactors for CHEP, Chiplima | Rs.2,360/- (Rs.2,000/- + GST @18%) | Rs.4,000/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.02.05.2025 up to 10:30 AM of dtd.16.05.2025.
OIPR 04006/11/0078/2526
Sd/- C & P Head, CHEP, Chiplima

GOVERNMENT OF ODISHA A-95
DEPARTMENT OF WATER RESOURCES,
OFFICE OF THE SPERINTENDING ENGINEER
MINOR IRRIGATION DIVISION, KANDHAMAL, PHULBANI

No. 1186 /KMID, dtd. 24.4.2025

**1St CORRIGENDUM TO BID**

The following modifications are made in respect of BID IDENTIFICATION NO. 01/2025-26 vide Lr. No.1130 dt.21.4.2025 under M.I. Division, Kandhamal. All other term and conditions stipulated in online Tender Call Notice will remain unchanged.

| Sl. No. | Particulars | Availability of tender on line for bidding as mentioned. | Availability of tender on line for bidding as modified. |
|---|---|---|---|
| 1 | Available for bidding and submission in website:- | 25.4.2025 at 10 .00 AM. to 03.5.2025 up to 5.30 PM | 05.5.2025 at 10 .00 AM. to 13.5.2025 up to 5.30 PM |
| 2 | Date of Bid opening. | 05.5.2025 at 11.00 AM | 14.5.2025 at 11.00 AM |
| 3 | Date of Transparent lottery: | 09.5.2025 at 11.00 AM | 19.5.2025 at 11.00 AM |

Other details can be seen in the online bidding documents from the e-Procurement market place http://tendersorissa.gov.in
Sd/- (Er. Surjya Narayana Panigrahi)
Superintending Engineer,
M.I. Division, Kandhamal
OIPR 32487/11/0014/2526

कार्यालय अधीक्षण अभियंता,
लोक निर्माण विभाग, रायपुर मण्डल क्रमांक 2 (छत्तीसगढ़)
ई–प्रोक्युरमेंट निविदा सूचना

दिनांक 25.04.2025

निम्नांकित कार्यों हेतु ऑनलाईन निविदा "डी" श्रेणी एवं अधिक श्रेणी के ठेकेदारों हेतु प्रथम निविदा आमंत्रित की जाती है। निविदा डाउनलोड करने की अंतिम तिथि दिनांक 14.05.2025 तक है।

| एनआईटी क्र/ निविदा क्र. | कार्य का नाम | कार्य की अनुमानित लागत (लाख में) |
|---|---|---|
| 1 | 2 | 4 |
| NIT NO. 12 Tender No. 167424 | जिला महासमुंद के उपसंभाग पिथौरा अंतर्गत आई.टी.आई. पिथौरा में बोरवेल, वाहन शेड, लघू–मूल गौण एवं मरम्मत कार्य। (जमा मद कार्य) | रू. 12.68 लाख |
| NIT NO. 13 Tender No.167425 | बलौदाबाजार अनुविभाग अंतर्गत संयुक्त जिला कार्यालय भवन के पुनर्निर्माण कार्य। | रू. 161.89 लाख |
| NIT NO. 14 Tender No.167426 | जिला जेल गरियाबंद अंतर्गत जेल के बाहरी परिसर में फुटपाथ मार्ग का निर्माण कार्य। | रू. 16.88 लाख |
| NIT NO. 15 Tender No.167427 | जिला जेल गरियाबंद अंतर्गत जेल परिसर में आहाता (बाउण्ड्रीवॉल) का निर्माण कार्य। | रू. 35.69 लाख |
| NIT NO. 16 Tender No.167428 | जिला महासमुंद के लोक निर्माण विभाग संभागीय कार्यालय में कार्यपालन अभियंता कक्ष, तकनीकी कक्ष एवं स्टोर रूम का निर्माण कार्य। (कंटिनजेंसी मद) | रू. 38.50 लाख |
| NIT NO. 17 Tender No.167429 | जिला गरियाबंद के विकासखण्ड फिंगेश्वर में शासकीय महाविद्यालय में अतिरिक्त कक्ष (द्वितीय तल) का निर्माण कार्य। | रू. 138.21 लाख |

उपरोक्त निर्माण कार्यो की निविदा की सामान्य शर्तें, धरोहर राशि, विस्तृत निविदा विज्ञप्ति, निविदा दस्तावेज व अन्य जानकारी ई–प्रोक्योरमेंट वेब पोर्टल https://eproc.cgstate.gov.in अथवा विभागीय वेबसाइट https://eproc.cgstate.gov.in से डाउनलोड की जा सकती है। (राशि रू. 100.00 के नान ज्यूडिशियल स्टाम्प पर निर्धारित प्रपत्र में शपथ–पत्र एवं न्यूनतम राशि रू. 10.00 के नान ज्यूडिशियल स्टाम पर एनेक्जर–3 का शपथ पत्र , बिड केपेसीटी उपलब्धत्ता बाबत् जानकारी एवं अन्य जानकारी एनआईटी के 2.10 में संलग्न संशोधित प्रपत्रानुसार प्रस्तुत करें। )

निविदा में होने वाले समस्त संशोधन का प्रकाशन केवल उपरोक्त वेबसाइट पर किया जावेगा, पृथक से समाचार पत्रों में प्रकाशन नहीं किया जावेग, एवं निविदाकारो द्वारा प्रेषित मूल अभिलेख का लिफाफा में निविदाकारो का मोबाईल न. एवं इमेल आई.डी. का उल्लेख अनिवार्य रुप से करें।

G-252600532/ 4
अधीक्षण अभियंता,
लो.नि.वि.रायपुर मण्डल क्र. 2 (छ.ग.)
आपकी थी चाह, हमने बनाई राह

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/2025-26/03, ତା.28.04.2025ରିଖ
ଟେଣ୍ଡର ନଂ.: 06255009, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପ୍ରଶସ୍ତ (Wider) ପ୍ରିଷ୍ଟ୍ରେସ୍‌ଡ କଂକ୍ରିଟ ସ୍ଲିପର, ପରିମାଣ : TS ଅନୁସାରେ।
ଟେଣ୍ଡର ଖୋଲାଯିବା ତାରିଖ : ତା. 23.05.2025 ରିଖ ।
ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମଡ଼ି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର
PR-81/Q/25-26

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 10.04.2025, I Sudipta Khora, D/o- Pradeep Khora, Vill- Padalguda, Po- Majhiguda, Ps/Dist-Nabarangpur, Odisha, declare that. I have changed my name from Sudipta Swapnarani Khora to Sudipta Khora. Henceforth I shall be known as Sudipta Khora for all purposes.
**Sd/- Sudipta Khora**

**AFFIDAVIT**

By virtue of an affidavit before The Notary Public, G.Udayagiri, Dist-Kandhamal (Odisha), Dated: 24.04.2025. I Dhruba Charan Digal, Address: village-Bedaguba, Po-Gumamaha, Ps- Raikia, Dist- Kandhamal, Odisha, PIN-762101, declare that I have changed my son's name from Dinesh Digal to Arman Digal. Henceforth he shall be known as Arman Digal for all purposes.
Sd/- Dhruba Charan Digal

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 24.04.2025, I Temuru Gouda, S/o- Damu Gouda, Vill/Po- Bhatigam, Ps- Kodinga,Dist-Nabarangpur, Odisha, declare that. I have changed my minor son's name from Dulab Gouda to Dullabha Gouda. Henceforth he shall be known as Dullabha Gouda for all purposes.
**Sd/- Temuru Gouda**

**AFFIDAVIT**

By virtue of an affidavit before The Executive Magistrate Dharakote, Dated: 19.04.2025, I Jhuli Pradhan, Address: village-Haripur, Po- Baradabilli, Ps- Badagada, Dist-Ganjam, Odisha, PIN-761107, declare that I have changed my name from Laxmi Das to Jhuli Pradhan. Henceforth I shall be known as Jhuli Pradhan for all purposes.
**Sd/- Jhuli Pradhan**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 22.04.2025, I Lalita Harijan, D/o- Ghasi Harijan, Vill- Churahandi, Po- Ambadola, Ps/Dist-Nabarangpur, Odisha, declare that. I have changed my name from Lalita Nayak to Lalita Harijan. Henceforth I shall be known as Lalita Harijan for all purposes.
**Sd/- Lalita Harijan**

**AFFIDAVIT**

By virtue of an affidavit before The Notary Public, G.Udayagiri, Dist-Kandhamal (Odisha), dated: 24.04.2025, I Nina Digal, Address: village-Bedaguba, Po-Gumamaha, Ps- Raikia, Dist- Kandhamal, Odisha, PIN- 762101, declare that I have changed my daughter's name from Anvi Digal to Aradhana Digal. Henceforth, She shall be known as Aradhana Digal for all purposes.
**Sd/- Nina Digal**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 29.04.2025, I Kamala Pujari, W/o- Bhaga Pujari, Vill- Lakadipala, Po-Kongra, Ps- Tentulikhunti, Dist-Nabarangpur, Odisha, declare that. I have changed my name from Bhaga Bhatra to Kamala Pujari. Henceforth I shall be known as Kamala Pujari for all purposes.
**Sd/- Kamala Pujari**

**AFFIDAVIT**

By virtue of an affidavit before The Executive Magistrate, Rajnagar, Date: 28.01.2025, I Monalisa Parida, W/o-Bibekananda Pradhan, resident of village/post-Dera, Ps- Rajnagar, Dist-Kendrapara, declare that I have changed my name from Monalisa Pradhan to Monalisa Parida. Henceforth I shall be known as Monalisa Parida for all purposes.
**Sd/- Monalisa Parida**



ନୂଆଦିଲ୍ଲୀ : ଭାରତୀୟ ବାୟୁସେନା (ଆଇଏଏଫ) ଗ୍ରୁପ କ୍ୟାପଟେନ ଶୁଭାଂଶୁ ଶୁକ୍ଲା ମେ ୨୯ ତାରିଖ ଦିନ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସଏସ୍) ନିମନ୍ତେ ଉଡାଣ କରିବେ। ଶୁଭାଂଶୁ ଶୁକ୍ଲା ଏକ୍ସିଓମ-୪ର ମିସନ ପାଇଲଟ ହେବେ। ଏକ୍ସିଓମ ସ୍ପେସ୍ ଇଂକ ମଙ୍ଗଳବାର ଏହି ସୂଚନା ଦେଇଛି। ଏହା ପୂର୍ବରୁ ୧୯୮୪ ମସିହାରେ ୱିଂଗ କମାଣ୍ଡର ରାକେଶ ଶର୍ମା ସୋଭିଏତ ମିସନର ଅଂଶ ରୂପେ ମହାକାଶ ଯାତ୍ରା କରିଥିଲେ। ତେବେ ଏଥର ଆମେରିକୀୟ ମହାକାଶ ଏଜେନ୍ସୀ ନାସା ଓ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ଙ୍କ ମିଳିତ ମିସନ ଫ୍ଲୋରିଡାର କେନେଡି ସ୍ପେସ୍ ସେଣ୍ଟରରୁ ଲଞ୍ଚ କରାଯିବ। ଗ୍ରୁପ କ୍ୟାପଟେନ ଶୁଭାଂଶୁ ଶୁକ୍ଲା ଏହି ମିସନରେ ମହାକାଶ ଯାତ୍ରୀ ଓ ମିସନ ପାଇଲଟ ଭାବେ କାର୍ଯ୍ୟ କରିବେ। ଶୁଭାଂଶ ଶୁକ୍ଲା ଇସ୍ରୋ ଦ୍ୱାରା ମନୋନୀତ ସବୁଠୁ କମ୍ ବୟସ୍କ ମହାକାଶଚାରୀ ହେବେ। ତାଙ୍କ ବୟସ ମାତ୍ର ୪୦ ବର୍ଷ। ଏହି ମିସନରେ ଶୁଭାଂଶୁ ଶୁକ୍ଲାଙ୍କ ସହିତ ନାସାର ପୂର୍ବତନ ମହାକାଶଯାତ୍ରୀ ତଥା ମିସନ କମାଣ୍ଡର ପେଗୀ ହ୍ୱିଟସନ୍, ପୋଲାଣ୍ଡର ସ୍ଲାଭୋଜ ଉଜନାନସ୍କି-ୱିସ୍ନିଭସ୍କି ଓ ହଙ୍ଗେରୀର ଟିବୋର କାପୁ ମଧ୍ୟ ମହାକାଶ ଯାତ୍ରା କରିବେ।

### ଯୁଗମ ଇନୋଭେସନ୍ କନ୍‌କ୍ଲେଭରେ ପ୍ରଧାନମନ୍ତ୍ରୀଙ୍କ ସହ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

## ଆମେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଆଧୁନିକୀକରଣ କରୁଛୁ: ପ୍ରଧାନମନ୍ତ୍ରୀ

### ଦେଶର ଯୁବବର୍ଗଙ୍କ ମଧ୍ୟରେ ଇନୋଭେସନ ପରମ୍ପରାକୁ ବଢାଇବ: ଧର୍ମେନ୍ଦ୍ର



ନୂଆଦିଲ୍ଲୀ: ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ଆମେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଆଧୁନିକୀକରଣ କରୁଛୁ ବୋଲି ମଙ୍ଗଳବାର ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଯୁଗମ ଇନୋଭେସନ କନକ୍ଲେଭ-୨୦୨୫ରେ ଯୋଗଦେବା ଅବସରରେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଶିକ୍ଷା ମନ୍ତ୍ରଣାଳୟ ଏବଂ ୱାଧୱାନୀ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ଆଲୋକପାତ କରିଥିଲେ। ଏହି କନକ୍ଲେଭରେ ଉପସ୍ଥିତ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଯୁଗମ କନକ୍ଲେଭ ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିବା ପାଇଁ ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ନବପ୍ରବର୍ତ୍ତକଙ୍କୁ ଗୋଟିଏ ମଞ୍ଚରେ ଆଣିବାର ପ୍ରୟାସ। ଆଜିର ଏହି ଆୟୋଜନ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତର ଇନୋଭେସନ କାପାସିଟି ଏବଂ ଡିପଟେକରେ ଭାରତର ଭୂମିକାକୁ ବଢାଇବା ପ୍ରୟାସକୁ ଅଧିକ ଗତି ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ କଳ୍ପନାକୁ ଆଗକୁ ବଢାଇବା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ। ୨୦୧୪ରେ ପ୍ରଥମେ ଦେଶର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ କେବଳ ୩ଟି ରିସର୍ଚ୍ଚ ପାର୍କ୍ ଥିଲା, ଯାହା ଏବେ ୬କୁ ବୃଦ୍ଧି ହୋଇଛି। ଭାରତ ସରକାରଙ୍କ ସାମୂହିକ ପ୍ରୟାସରେ ୧୩ ନୂଆ ରିସର୍ଚ୍ଚ ପାର୍କର ମଧ୍ୟ କଳ୍ପନା କରାଯାଇଛି। ରାଷ୍ଟ୍ରୀୟ ଶିକ୍ଷା ନୀତି ଅଧୀନରେ ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ ଏକ ସହଯୋଗୀ ସ୍ତମ୍ଭ ରୂପରେ କାର୍ଯ୍ୟ କରୁଛି।। ଅଟଳ ଇନୋଭେସନ ମିଶନ ଅନ୍ତର୍ଗତ ୧୦, ୦୦୦ ସ୍କୁଲରେ ଅଟଳ ଟିଙ୍କରିଂ ଲ୍ୟାବ୍ କାର୍ଯ୍ୟକ୍ଷମ ଅଛି। ଏହାର ସଫଳତାକୁ ଦେଖି ୨୦୨୫-୨୬ରେ ଆର୍ଥିକ ବର୍ଷ କେନ୍ଦ୍ର ବଜେଟରେ ଅଧିକ ୫୦,୦୦୦ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରିବା ପାଇଁ ମଞ୍ଜୁର ପ୍ରଦାନ କରାଯାଇଛି। ଆମର ଲକ୍ଷ୍ୟ ହେଉଛି, ଆମର ଯୁବଶକ୍ତି ଦେଶର ଆବଶ୍ୟକତା ଏବଂ ପ୍ରାଥମିକତା ଗୁଡ଼ିକୁ କେନ୍ଦ୍ରରେ ରଖି ନବସୃଜନ କ୍ଷେତ୍ରରେ ଅଧିକ ଯୋଗଦାନ ଦିଅନ୍ତୁ। ଭାରତରେ ହିଁ ଆଇଡ଼ିଆରୁ ଉତ୍ପାଦର ସମ୍ପୂର୍ଣ୍ଣ ଶୃଙ୍ଖଳା ବିକଶିତ ହେଉ, ଏହା ଆମର ସଂକଳ୍ପ ଶ୍ରୀ ପ୍ରଧାନ ମତ ପ୍ରକାଶ କରିଥିଲେ।

### କାନାଡ଼ା ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ମୋଦୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାନାଡାର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିବା ମାର୍କ କାର୍ନି ଏବଂ ତାଙ୍କ ବିଜୟ ପାଇଁ ଲିବରାଲ ପାର୍ଟିକୁ ଅଭିନନ୍ଦନ ଜଣାଇଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଭାରତ ଏବଂ କାନାଡା ମିଳିତ ଗଣତାନ୍ତ୍ରିକ ମୂଲ୍ୟବୋଧ, ଆଇନର ଶାସନ ପ୍ରତି ଦୃଢ଼ ପ୍ରତିବଦ୍ଧତା ଏବଂ ଜନସାଧାରଣଙ୍କ ମଧ୍ୟରେ ଜୀବନ୍ତ ସମ୍ପର୍କ ଦ୍ୱାରା ବନ୍ଧା। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭାଗିଦାରୀକୁ ସୁଦୃଢ଼ କରିବା ଓ ଭାରତ ଏବଂ କାନାଡାର ଲୋକଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ପାଇଁ ସେ ତାଙ୍କ ସହ କାମ କରିବାକୁ ଆଗ୍ରହୀ।

### ମା’, ଶିଶୁଙ୍କ ଯତ୍ନ ପାଇଁ ‘ପ୍ରସ୍ତୁତ’ ହସ୍ପିଟାଲର ଶୁଭାରମ୍ଭ

## ମା’ ଏବଂ ଶିଶୁମାନଙ୍କୁ ମିଳିବ ଅତ୍ୟାଧୁନିକ ଚିକିତ୍ସା ସୁବିଧା: ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ରାଜଧାନୀ ରାୟପୁରର ପଞ୍ଚପେଡିସ୍ଥିତ ମା’ ଏବଂ ଶିଶୁମାନଙ୍କ ଯତ୍ନ ନେବା ପାଇଁ ନିର୍ମିତ ହସ୍ପିଟାଲର ଶୁଭାରମ୍ଭ କରିଛନ୍ତି। ଏହି ହସ୍ପିଟାଲରେ ବିବିଧ ରୋଗର ଚିକିତ୍ସା ସୁବିଧା ରହିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ପ୍ରଦୀପ ପ୍ରଜ୍ୱଳନ କରି ଏହି ହସ୍ପିଟାଲର ଶୁଭାରମ୍ଭ କରିବା ସହ ହସ୍ପିଟାଲର ସୁବିଧା ସୁଯୋଗ ବୁଲି ଦେଖିଥିଲେ। ଏହି ଅବସରରେ ବିଧାନସଭା ଅଧ୍ୟକ୍ଷ ଡ. ରମଣ ସିଂ, ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ୟାମ ବିହାରୀ ଜୟସ୍ୱାଲ, ବିଧାୟକ ରାଜେଶ ମୁଣୋତ, ସୁନୀଲ ସେଠୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ରାଜ୍ୟର ସାମଗ୍ରିକ ବିକାଶରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛତିଶଗଡରେ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସମସ୍ତ ବ୍ୟବସ୍ଥା କରିଛନ୍ତି। ନୟା ରାୟପୁର ଅଟଳ ନଗରରେ ଥିବା ମେଡିସିଟିର ମଧ୍ୟ ବିକାଶ କରାଯାଉଥିବା ସେ କହିଥିଲେ। କେବଳ ସ୍ୱାସ୍ଥ୍ୟ ସେବା ନୁହେଁ ଛତିଶଗଡ ମାନଚିତ୍ରରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର କିପରି ସୁବିଧା ସୁଯୋଗ ରହିଛି ତାହା ଆଗକୁ ଦେଶ ଦେଖିପାରିବ ବୋଲି ସେ ଦୃଢ଼ୋକ୍ତି ବାଢ଼ିଥିଲେ। ସେ କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରସ୍ତୁତ ଆୟୁଷ୍ମା ଭାରତ ଯୋଜନା ଏକ ଐତିହାସିକ ନିର୍ଣ୍ଣୟ। ତେଣୁଛତିଶଗଡର ଜନସାଧାରଣ ଏହି ନୂତନ ହସ୍ପିଟାଲର ସୁବିଧା ସୁଯୋଗ ନେବାକୁ ସେ ଅନୁରୋଧ କରିଥିଲେ।

## ଭାରତକୁ ମିଳିଲା ଏଟି୪ ଆଣ୍ଟି-ଆର୍ମର ଅସ୍ତ୍ର



ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ସାବ୍ ଇଣ୍ଡିଆ ଭାରତୀୟ ସଶସ୍ତ୍ର ବାହିନୀକୁ ନିଜର ଆଡଭାନ୍ସ ଏଟି୪ ଆଣ୍ଟି-ଆର୍ମର ସିଷ୍ଟମ ପ୍ରଦାନ କରିଛି। ଏଥିପାଇଁ, AT4CS AST ଭାରିଏଣ୍ଟକୁ ସ୍ୱତନ୍ତ୍ର ଭାବରେ ଚୟନ କରାଯାଇଛି, ଯାହା ସଂକୀର୍ଣ୍ଣ ସ୍ଥାନରେ କାର୍ଯ୍ୟ କରିବା ପାଇଁ ଡିଜାଇନ୍ ହୋଇଛି। ଭାରତୀୟ ସେନାର ଆଧୁନିକୀକରଣ ଅଭିଯାନରେ ଆଉ ଏକ ବଡ଼ ସଫଳତା ଉପଲବ୍ଧ ହୋଇଛି । ସ୍ୱିଡେନର ପ୍ରତିରକ୍ଷା କମ୍ପାନୀ ସାବ୍ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି ଯେ, ଭାରତୀୟ ସଶସ୍ତ୍ର ବାହିନୀକୁ ଆମର ଏଟି୪ ଆଣ୍ଟି-ଆର୍ମର ଅସ୍ତ୍ରଶସ୍ତ୍ର ପ୍ରଣାଳୀର ସଫଳ ବିତରଣ ଘୋଷଣା କରି ଆମେ ଗର୍ବିତ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଏକ ପୋଷ୍ଟରେ, ସାବ୍ ଇଣ୍ଡିଆ କହିଛି, “ଆମେ ଭାରତୀୟ ସଶସ୍ତ୍ର ବାହିନୀକୁ ଆମର ଏଟି୪ ଆଣ୍ଟି-ଆର୍ମର ଅସ୍ତ୍ରଶସ୍ତ୍ର ପ୍ରଣାଳୀର ସଫଳ ବିତରଣ ଘୋଷଣା କରି ଗର୍ବିତ। ଏଟି୪ ଭାରତର ଅସ୍ତ୍ରଭାଣ୍ଡାରରେ କ୍ଷୁଦ୍ର ଦୂରଗାମୀ ଯୁଦ୍ଧ ପାଇଁ ଏକ ନିର୍ଭରଯୋଗ୍ୟ ଏକକ-ସଟ୍ ସମାଧାନ ଭାବରେ ସାମିଲ ହୋଇଛି । ଭାରତ AT4CS AST ଭାରିଏଣ୍ଟ କିଣିଛି, ଯାହା କୋଠା, ଶତ୍ରୁ ବଙ୍କର ଏବଂ ସହରାଞ୍ଚଳ ଯୁଦ୍ଧରେ ଟାର୍ଗେଟ କରିବା ପାଇଁ ବ୍ୟବହୃତ ହୁଏ।

### ଉତ୍ତରାଖଣ୍ଡରେ ସୁରକ୍ଷା ବ୍ୟବସ୍ଥା କଡାକଡି

## ୬ ହଜାର ପୋଲିସକର୍ମୀ ନିୟୋଜିତ



ନୂଆଦିଲ୍ଲୀ : ପହଲଗାମ ଆତଙ୍କୀ ଆକ୍ରମଣ ପରେ ସୁରକ୍ଷାକୁ ନଜରରେ ରଖି ଉତ୍ତରାଖଣ୍ଡରେ ଆରମ୍ଭ ହେଉଥିବା ଚାରଧାମ ଯାତ୍ରା ପାଇଁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଯାତ୍ରା ମାର୍ଗରେ ପ୍ରାୟ ୬ ହଜାର ପୁଲିସକର୍ମୀ, ୧୭ କମ୍ପାନୀ ସଶସ୍ତ୍ର ବାହିନୀ ଓ ୧୦ କମ୍ପାନୀ ଅର୍ଦ୍ଧସୈନିକ ବଳ ନିୟୋଜିତ ହୋଇଛନ୍ତି । ଏହା ବ୍ୟତୀତ ଟ୍ରାଫିକକୁ ସୁଚାରୁ ରୂପେ ପାଳନ କରିବା ପାଇଁ ଚେଷ୍ଟା କରାଯିବ। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆସନ୍ତାକାଲି ଠାରୁ ଉତ୍ତରାଖଣ୍ଡର ଚାର ଧାମ ଯାତ୍ରା ଆରମ୍ଭ ହେବ। ଉତ୍ତରକାଶୀ ଜିଲ୍ଲାରେ ଅବସ୍ଥିତ ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ମନ୍ଦିରର କବାଟ ଖୋଲିବା ସହ ଯାତ୍ରା ଆରମ୍ଭ ହେବ। ରୁଦ୍ରପ୍ରୟାଗ ଜିଲ୍ଲାର କେଦାରନାଥ ମନ୍ଦିରର ଦ୍ୱାର ମେ’ ୨ରେ ଖୋଲିବ ଏବଂ ଚମୋଲି ଜିଲ୍ଲାର ବଦ୍ରିନାଥ ଧାମର କବାଟ ମେ’ ୪ରେ ଖୋଲିବ। ଚଳିତ ବର୍ଷ ଏହି ତୀର୍ଥଯାତ୍ରା ଅଧିକ ଦିବ୍ୟ ଓ ଭବ୍ୟ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଚଳିତ ବର୍ଷ ଚାରଧାମ ଯାତ୍ରାରେ ରେକର୍ଡ ୬୦ ଲକ୍ଷ ଶ୍ରଦ୍ଧାଳୁ ଆସିବା ଆକଳନ କରାଯାଉଛି । ଗତ ବର୍ଷ ୪୮ ଲକ୍ଷ ଶ୍ରଦ୍ଧାଳୁ ଥିଲେ ।

## ପହଲଗାମ ଗୁଳିକାଣ୍ଡ ଘଟଣା : ବନ୍ଦ ହେଲା ୪୮ ରିସୋର୍ଟ ଓ ପର୍ଯ୍ୟଟକ ସ୍ଥଳ



ଜମ୍ମୁ : ଜମ୍ମୁ-କାଶ୍ମୀର ସରକାର ସୁରକ୍ଷା ଚିନ୍ତା କାରଣରୁ ଅନେକ ରିସୋର୍ଟ ଓ କେତେକ ପର୍ଯ୍ୟଟକ ସ୍ଥଳକୁ ମଙ୍ଗଳବାର ବନ୍ଦ କରିଦିଆଯାଇଛି। ନିକଟରେ ପହଲଗାମରେ ଏକ ଆତଙ୍କୀ ଗୁଳିକାଣ୍ଡ ହୋଇଥିଲା ଏଥିରେ ୨୬ଜଣ ନିରିହ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ଏହି କାରଣରୁ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ନୈସର୍ଗିକ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଜମ୍ମୁ-କାଶ୍ମୀରରେ ସରକାର ୪୮ଟି ରିସର୍ଟ ବନ୍ଦ କରିଦେଇଛନ୍ତି। ଫଳରେ ଦୁଧପାତ୍ରୀ ଓ ଭୈରୀନାଗ ଭଳି ଅନେକ ପର୍ଯ୍ୟଟନ ସ୍ଥଳ ଏବେ ପର୍ଯ୍ୟଟକଙ୍କ ଲାଗି ବନ୍ଦ ହୋଇଯାଇଛି। ମିଳୁଥିବା ସୂଚନା ଅନୁସାରେ ଜମ୍ମୁ-କାଶ୍ମୀର ସରକାର ସୁରକ୍ଷା ଏଜେନ୍ସିଙ୍କ ପରାମର୍ଶରେ ଏହି ନିଷ୍ପତ୍ତି ନେଇଛନ୍ତି। କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ନେଇ ଗୁଇନ୍ଦା ଏଜେନ୍ସୀମାନେ ପୂର୍ବରୁ ସତର୍କ କରିଥିଲେ। ଏହି କାରଣରୁ ୮୭ଟିରୁ ୪୮ଟି ପର୍ଯ୍ୟଟକସ୍ଥଳକୁ ବନ୍ଦ କରି ଦିଆଯାଇଛି। ସୂତ୍ର ଅନୁସାରେ ପହଲଗମରେ ହୋଇଥିବା ଆତଙ୍କବାଦୀ କାଣ୍ଡ ପରେ କିଛି ଲୁଚି ରହିଥିବା ଆତଙ୍କବାଦୀ (ସ୍ଲିପରସେଲ) ପୁଣି ସକ୍ରିୟ ହୋଇ ଉଠିଛନ୍ତି ଓ ସେମାନଙ୍କୁ ଏପରି କାଣ୍ଡ କରିବାକୁ ନିର୍ଦ୍ଦେଶ ମିଳିଥିବା କୁହାଯାଉଛି। ଗୁଇନ୍ଦା ସୂଚନା ଅନୁସାରେ ପହଲଗାମ ଗୁଳିକାଣ୍ଡ ପରେ ସୁରକ୍ଷା ବଳ ଆତଙ୍କବାଦୀଙ୍କ ଘର ମାଟିରେ ମିଶାଇ ଦେଉଛନ୍ତି। ଏହାର ପ୍ରତିଶୋଧ ନେବା ପାଇଁ ଦି ରେଜିଷ୍ଟାନ୍ସ ଫୋର୍ସ (ଟିଆରଟି) କିଛି ଖାସ ଲୋକଙ୍କ ହତ୍ୟା ଓ ବଡ଼ ଆକ୍ରମଣର ଯୋଜନା କରୁଛି। ଏହି କାରଣରୁ ଗୁଲମର୍ଗ, ସୋନମର୍ଗ ଓ ଡାଲ ହ୍ରଦ ଭଳି ସମ୍ବେଦନଶୀଳ ପର୍ଯ୍ୟଟନସ୍ଥଳ ଉପରେ ପୋଲିସର ସ୍ୱତନ୍ତ୍ର ଟିମ୍ ଓ ଆଣ୍ଟି ଫିଦାୟିନ୍ ସ୍କ୍ୱାର୍ଡ ମୁତୟନ କରି ଦିଆଯାଇଛି।

# ବାଣିଜ୍ୟ



ନୂଆଦିଲ୍ଲୀ : ଆନ୍ତର୍ଜାତୀୟ ବଜାରରେ ସୁନା ଦରରେ ବି ହ୍ରାସ ଦେଖାଦେଇଛି। ଏକ ରିପୋର୍ଟ ଅନୁସାରେ, ଗତ ଦୁଇ ଦିନରେ ସୁନାର ମୂଲ୍ୟ ପ୍ରାୟ ୩,୮୦୦ ଟଙ୍କା ପ୍ରତି ୧୦ ଗ୍ରାମ ହ୍ରାସ ପାଇଛି। ଏହାର ମୁଖ୍ୟ କାରଣ ହେଉଛି ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଉତ୍ତେଜନାରେ କିଛିଟା ଶୈଥିଲ୍ୟ ଏବଂ ଆମେରିକୀୟ ଡଲାରର ମୂଲ୍ୟରେ ବୃଦ୍ଧି। ସୋମବାର ସ୍ପଟ ଗୋଲ୍ଡର ମୂଲ୍ୟ ୦.୫% ବୃଦ୍ଧି ପାଇ ୩,୩୩୫.୩୦ ଡଲାର ପ୍ରତି ଆଉନ୍ସରେ ପହଞ୍ଚିଥିଲା, କିନ୍ତୁ ମଙ୍ଗଳବାର ପୁଣି ୧%ରୁ ଅଧିକ ହ୍ରାସ ପାଇଛି। ବିଶେଷଜ୍ଞମାନେ କହୁଛନ୍ତି ଯେ, ସୁନାର ଏହି ଦର ହ୍ରାସ ସାମୟିକ ହୋଇପାରେ। ଗୋଲ୍ଡମ୍ୟାନ ସାକ୍ସ ଏବଂ ଜେପି ମର୍ଗାନ ଭଳି ପ୍ରମୁଖ ଆର୍ଥିକ ଅନୁଷ୍ଠାନ ଆକଳନ କରୁଛନ୍ତି ଯେ ୨୦୨୫ ଶେଷ ସୁଦ୍ଧା ସୁନାର ମୂଲ୍ୟ ୩,୭୦୦ ରୁ ୪,୦୦୦ ଡଲାର ପ୍ରତି ଆଉନ୍ସ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ବିଶ୍ୱବ୍ୟାପୀ ଅର୍ଥନୈତିକ ଅନିଶ୍ଚିତତା, କେନ୍ଦ୍ରୀୟ ବ୍ୟାଙ୍କମାନଙ୍କର ସୁନା କ୍ରୟ ଏବଂ ଭୂ-ରାଜନୈତିକ ଉତ୍ତେଜନା ଏହାର ମୁଖ୍ୟ କାରଣ ହେବ। ତେବେ, କେତେକ ବିଶେଷଜ୍ଞ ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଆଗାମୀ ୧୨ ମାସ ମଧ୍ୟରେ ସୁନାର ମୂଲ୍ୟ ୨,୫୦୦ ଡଲାରକୁ ହ୍ରାସ ପାଇପାରେ।

## ବନ୍ଧନ ବ୍ୟାଙ୍କ ପକ୍ଷରୁ ୫ ରାଜ୍ୟରେ ୧୬ଟି ଶାଖା ଉଦ୍‌ଘାଟିତ

Bandhan Bank

ନୂଆଦିଲ୍ଲୀ: ବନ୍ଧନ ବ୍ୟାଙ୍କ ପକ୍ଷରୁ ଓଡ଼ିଶାରେ ୭ଟି ନୂଆ ଶାଖା ଖୋଲାଯାଇଥିବା ଘୋଷଣା କରାଯାଇଛି। ବ୍ୟାଙ୍କ ପକ୍ଷରୁ ୫ଟି ରାଜ୍ୟରେ ୧୬ଟି ନୂଆ ଶାଖା କୋଲାଯାଇଛି। ସେଥିରୁ ବିହାର ଓ ଝାଡ଼ଖଣ୍ଡରେ ତିନିଟି ଲେଖାଏଁ, ଆନ୍ଧ୍ରପ୍ରଦେଶରେ ଦୁଇଟି ଓ ଛତିଶଗଡ଼ରେ ଗୋଟିଏ ଶାଖା ଖୋଲାଯାଇଛି। ବନ୍ଧନ ବ୍ୟାଙ୍କର ଏମ୍‌ଡି ଓ ସିଇଓ ପାର୍ଥ ପ୍ରତୀମ ସେନଗୁପ୍ତା, ଇଡି ଓ ସିବିଓ ରାଜିନ୍ଦର କୁମାର ବବର, ଇଡି ଓ ସିଓଓ ରତନ କୁମାର କେଶ ଉଦ୍‌ଘାଟନ କରିଥିବା ବେଳେ ବ୍ୟାଙ୍କର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶାର ସୁନ୍ଦରଗଡ଼ର ବିର୍ସା, ବଣାଇଗଡ଼ ଓ ହେମଗିରି, କନ୍ଧମାଳର ଜି ଉଦୟଗିରି, କୋରାପୁଟ କୋଟପାଡ ଓ ସେମିଳିଗୁଡ଼ା ଏବଂ ନବରଙ୍ଗପୁରର ଉମରକୋଟରେ ନୂଆ ଶାଖାଗୁଡ଼ିକ ଖୋଲାଯାଇଛି। ରାଜ୍ୟର ନୂଆ ଶାଖାଗୁଡ଼ିକ ଅର୍ଦ୍ଧ ସହରାଚଂଳରେ ସେବା ପ୍ରଦାନ କରିବ। ସର୍ବଭାରତୀୟ ସ୍ତରରେ ନିଜ ଉପସ୍ଥିତି ସୁଦୃଢ଼ କରିବା ଓ ବିବିଧତା ଆଣିବା ପାଇଁ ବ୍ୟାଙ୍କର ରହିଥିବା ପ୍ରତିବଦ୍ଧତା ଅନୁସାରେ ଶାଖା ନେଟ୍‌ୱର୍କ ସମ୍ପ୍ରସାରଣ କରାଯାଇଛି। ବ୍ୟାଙ୍କ ଉପସ୍ଥିତିକୁ ବଢ଼ାଇବା ପାଇଁ ବ୍ୟାଙ୍କ ଗ୍ରାହକମାନଙ୍କ ନିକଟରେ ଅଭିନବ ବ୍ୟାଙ୍କିଙ୍ଗ ସମାଧାନ ପହଂଚାଇବାରେ ଉନ୍ନତି ଆଣିଛି। ୫ଟି ରାଜ୍ୟରେ ୧୬ଟି ନୂଆ ଶାଖାର ଶୁଭାରମ୍ଭ ସହିତ ବନ୍ଧନ ବ୍ୟାଙ୍କ ଦେଶରେ ଏହାର ମୋଟ ୧୭୩୦ ଶାଖାରେ ପହଞ୍ଚିଛି। ସାରା ଭାରତରେ ୬୩୦୦ରୁ ଅଧିକ ବ୍ୟାଙ୍କିଙ୍ଗ ଆଉଟ୍‌ଲେଟ୍ ଦୃଢ଼ ନେଟ୍‌ୱର୍କ ଜରିଆରେ ଏହାର ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବ। ଏହି ଅବସରରେ ବନ୍ଧନ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଶ୍ରୀ ପାର୍ଥ ପ୍ରତୀମ ସେନଗୁପ୍ତା କହିଛନ୍ତି ଯେ, ‘ପାଞ୍ଚଟି ରାଜ୍ୟରେ ୧୬ଟି ନୂଆ ଶାଖା ଖୋଲିବା ଘୋଷଣା କରି ଆମେ ଉଲ୍ଲସିତ, ଯେଉଁଥିରୁ ୭ଟି ଶାଖା ଓଡ଼ିଶାରେ ଖୋଲାଯାଇଛି। ବନ୍ଧନ ବ୍ୟାଙ୍କର ବର୍ତ୍ତମାନ ଦେଶର ୩୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରୁ ୩୫ଟିରେ ଏହାର ଉପସ୍ଥିତି ସମ୍ପ୍ରସାରଣ କରୁଛି।

## ଆଇପିଓ ପାଇଁ ସେବି ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

CANARA ROBECO Mutual Fund

ନୂଆଦିଲ୍ଲୀ: କାନାରା ରୋବେକୋ ଆସେଟ୍ ମ୍ୟାନେଜମେଂଟ୍ ଲିମିଟେଡ୍ ପକ୍ଷରୁ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍‌ଟ ରେଡ୍ ହେରିଂ ପ୍ରୋସପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। କମ୍ପାନିର ପ୍ରତିଷ୍ଠାତା ହେଉଛନ୍ତି କାନାରା ବ୍ୟାଙ୍କ ଓ ଓରିକ୍ସ କର୍ପୋରେସନ୍ ୟୁରୋପ ଏନ୍‌ଭି। ଏହି ଅଫରରେ ଅଫର ଫର୍ ସେଲ୍‌ରେ ୪୯,୮୫୪,୩୫୭ ଇକ୍ୱିଟି ସେୟାର ବିକ୍ରି କରାଯିବ। ଏଥିରୁ କାନାରା ବ୍ୟାଙ୍କ ପକ୍ଷରୁ ୨୫,୯୨୪,୨୬୬ ଇକ୍ୱିଟି ସେୟାର ଓ ଓରିକ୍ସ କର୍ପୋରେସନ୍ ୟୁରୋପ ଏନ୍ ଭି ୨୩,୯୩୦,୦୯୧ ଇକ୍ୱିଟି ସେୟାର ବିକ୍ରି କରାଯିବ। କାନାରା ରେବୋକୋ ଆସେଟ୍ ମ୍ୟାନେଜମେଂଟ୍ କମ୍ପାନି ଲିମିଟେଡ୍‌ର ପ୍ରାଥମିକ କାର୍ଯ୍ୟକଳାପ ହେଉଛି ମ୍ୟୁଚୁଆଲ୍ ଫଣ୍ଡର ପରିଚାଳନା କରିବା ଏବଂ ଭାରତୀୟ ଇକ୍ୱିଟି ଉପରେ ନିବେଶ ପରାମର୍ଶ ଦେବା। ୨୦୨୪ ଡିସେମ୍ବର ୩୧ ସୁଦ୍ଧା ଏହା ୧୨ଟି ଇକ୍ୱିଟି ସ୍କିମ୍, ୧୦ ଡେବ୍‌ଟ ସ୍କିମ୍ ତିନିଟି ହାଇବ୍ରିଡ୍ ସ୍କିମ୍ ସହିତ ୨୫ଟି ସ୍କିମ୍ ପରିଚାଳନା କରୁଛି ଓ ଏହାର ପରିଚାଳନା ଅଧୀନ ସଂପତି ୧,୦୮୩.୬୬ ବିଲିଅନ ଟଙ୍କା ରହିଛି। କମ୍ପାନିର ସେଲ୍‌ସ ଓ ବିତରଣ ନେଟ୍‌ୱର୍କ ଜରିଆରେ ଏହା ଗ୍ରାହକଙ୍କୁ ନିଜର ଉତ୍ପାଦ ଓ ସେବା ପ୍ରଦାନ କରୁଛି। ଏହାର ନେଟ୍‌ୱର୍କରେ ତୃତୀୟ ପକ୍ଷ ବିତରଣ, ଶାଖା ଓ ଡିଜିଟାଲ ପ୍ଲାଟଫର୍ମ ରହିଛି। କମ୍ପାନିର ଏଏୟୁଏମ୍ ସିଏଜିଆର୍ ୩୪.୭୫ ପ୍ରତିଶତ ରହିଛି ଯାହା ଶିଳ୍ପର ଅଭିବୃଦ୍ଧି ୧୮.୮ ପ୍ରତିଶତଠାରୁ ଅଧିକ। କମ୍ପାନିର ଇକ୍ୱିଟି ସେୟାରରେ ତୃତୀୟ ସର୍ବାଧିକ ଭାଗ ରହିଛି। ଏହି ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ଏସ୍‌ବିଆଇ କ୍ୟାପିଟାଲ୍ ମାର୍କେଟ୍‌ସ ଲିମିଟେଡ୍, ଆକ୍ସିସ୍ କ୍ୟାପିଟାଲ୍ ଲିମିଟେଡ୍ ଓ ଜେଏମ୍ ଫାଇନାନ୍ସିଆଲ ଲିମିଟେଡ।

## ଆରଏସପି ଦ୍ୱାରା ସ୍ୱଦେଶୀ ରୋଲ୍ ବାଇଟ୍ ଲୁବ୍ରିକେସନ୍ ତୈଳର ପରଫର୍ମାନ୍ସ ଟ୍ରାଏଲ୍ ଆରମ୍ଭ



ରାଉରକେଲା (ଭାସ୍କର ନ୍ୟୁଜ୍) : ଆତ୍ମନିର୍ଭରଶୀଳତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି ) ସେଲ, ରିସର୍ଚ୍ଚ ଆଣ୍ଡ୍ ଡେଭଲପମେଣ୍ଟ ସେଣ୍ଟର୍ ଫର ଆଇରନ୍ ଆଣ୍ଡ୍ ଷ୍ଟିଲ୍ (ଆରଡିସି ଆଇଏସ ) ଏବଂ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ (ଆଇଓସିଏଲ)ର ସହଭାଗିତାରେ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚଏସଏମ୍-୨) ବିଭାଗରେ ସ୍ୱଦେଶୀ ଜ୍ଞାନ କୌଶଳରେ ବିକଶିତ ରୋଲ୍ ବାଇଟ୍ ଲୁବ୍ରିକେସନ୍ ତେଲର ପରଫର୍ମାନ୍ସ ଟ୍ରାଏଲ୍ ଆରମ୍ଭ କରିଛି। ଏହି ଟ୍ରାଏଲ୍ ହଟ ଷ୍ଟ୍ରିପ ମିଲ ଓ ଆନୁଷଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଅବସରରେ ରୋଲ ସପ ବିଭାଗର ଜିଏମ୍ ଇନଚାର୍ଜ ସମୀର ରଞ୍ଜନ ମହାପାତ୍ର ଏବଂ ଆରଡିସିଆଇଏସ ରାଉରକେଲା କେନ୍ଦ୍ରର ଜିଏମ୍ ଇନ ଚାର୍ଜ ସୁଧୀର ତିର୍କିଙ୍କ ସମେତ ଆରଏସ୍‌ପି ଏବଂ ଆରଡିସିଆଇଏସର ଅନ୍ୟ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆଇଓସିଏଲ ତରଫରୁ ଆର ଏଣ୍ଡ ଡି ବରିଷ୍ଠ ଗବେଷଣା ପ୍ରବନ୍ଧକ ଡକ୍ଟର ରାମେଶ୍ୱର ଚୌଧୁରୀ, ବରିଷ୍ଠ ବୈଷୟିକ ସେବା ପ୍ରବନ୍ଧକ କୁଲଦୀପ ପ୍ରଧାନଙ୍କ ସମେତ ଆଇଓସିଏଲର ବିଭାଗୀୟ ଦଳ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଚଏସଏମ୍-୨ ବିଭାଗର ଇଲେକଟ୍ରିକାଲ ବିଭାଗର ଜିଏମ୍ ରଞ୍ଜିତ କୁଜୁର, ଏଚଏସଏମ୍ -୨ ଅପରେସନ ବିଭାଗର ଜିଏମ୍ ଦିପକ କୁମାର ଯାଦବ, ଏଚଏସଏମ୍ -୨ ମେକାନିକାଲ ବିଭାଗର ଜିଏମ୍, ସୁବ୍ରତ କାନୁନଗୋ, ଅପରେସନ ବିଭାଗର ଜିଏମ୍ ଏଚ୍‌ଏସ ଆଲ୍ଲାହାବାଦିଆ, ଏଚଏସଏମ୍ -୨ ବିଭାଗର ଜିଏମ୍, ଚିଦାନନ୍ଦ ନାୟକ, ଜିଏମ୍, ମନୋରଞ୍ଜନ କୁମାର ଏବଂ ଉକ୍ତ ବିଭାଗର ଏଜିଏମ୍ ଚିରଞ୍ଜିତ ଜେନା ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଆରଡିସିଆଇଏସ ପରୀକ୍ଷାମୂଳକ ଭାବେ ରୋଲିଂ ମିଲରେ ବ୍ୟାପକ ପ୍ରୟୋଗଶାଳା ଗବେଷଣା ଏବଂ ପାଇଲଟ୍-ସ୍କେଲ ପରୀକ୍ଷଣ ମାଧ୍ୟମରେ ଆରଡିସିଆଇ ଏସ ଏବଂ ଆଇଓସିଏଲ ଦ୍ୱାରା ମିଳିତ ଭାବେ ଅଭିନବ ରୋଲ୍ ବାଇଟ୍ ଲୁବ୍ରିକେସନ୍ ତେଲ ବିକଶିତ କରାଯାଇଛି।

## ‘ନିଯୁକ୍ତି ନିମନ୍ତେ ସେବାଗୁଡିକୁ ମେଧା ସେବାସମୂହ ଭାବେ ବିବେଚନା କରିବାକୁ ହେବ’

ନୂଆଦିଲ୍ଲୀ: ଭାରତର ପୂର୍ଣ୍ଣାଙ୍ଗ କାର୍ଯ୍ୟଶକ୍ତି ସାମର୍ଥ୍ୟ ସର୍ବସମ୍ମୁଖକୁ ଆଣିବାକୁ ହେଲେ ଲକ୍ଷ୍ୟଭିତ୍ତିକ ନୀତିଗତ ସଂସ୍କାରଗୁଡିକ ଆବଶ୍ୟକ। ସେଥିମଧ୍ୟରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେବ କର୍ମଚାରୀ ଯୋଗାଣ ସେବା ଉପରୁ, ନିର୍ଦ୍ଦିଷ୍ଟ ଭାବରେ ଚୁକ୍ତି ଭିତ୍ତିକ କର୍ମଚାରୀ ନିୟୋଜନ ସେବା ଉପରୁ ଜିଏସଟି ହ୍ରାସ କରିବା। ଏଭଳି ଏକ ସଂସ୍କାର ବର୍ଦ୍ଧିତ ଚାକିରୀ ସୃଷ୍ଟି ନିମନ୍ତେ ଏକ ରୂପାନ୍ତରଣକାରୀ ଭାବରେ କାର୍ଯ୍ୟ କରିବ ଏବଂ କମ୍ପାନୀଗୁଡିକୁ ସେମାନଙ୍କର ଲୋକଶକ୍ତିକୁ ଔପଚାରିକ କରିବା ଏବଂ ସେମାନଙ୍କର ଶ୍ରମ ନିୟମାବଳ ଅନୁପାଳନ କରିବାକୁ ଉତ୍ସାହିତ କରିବ। ଚୁକ୍ତିଭିତ୍ତିକ କର୍ମଚାରୀ ନିଯୁକ୍ତି, ଫାସିଲିଟି ପରିଚାଳନା ଏବଂ ସିକ୍ୟୁରିଟି ସେବା ସମେତ ଶ୍ରମ ଭିତ୍ତିକ କ୍ଷେତ୍ରଗୁଡିକ ନିଯୁକ୍ତି ସୁଯୋଗ ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଏବଂ ସେଗୁଡିକ ଅର୍ଥନୈତିକ ମଜଭୁତପଣକୁ ପ୍ରୋତ୍ସାହିତ କରୁଛନ୍ତି। ଏହି ଶିଳ୍ପଗୁଡିକ ନିୟୁତ ନିୟୁତ ସଂଖ୍ୟକ ଲୋକଙ୍କୁ ସ୍ଥିର ନିଯୁକ୍ତି ଯୋଗାଇବା ସହିତ ବ୍ୟବସାୟ ସଂସ୍ଥାଗୁଡିକୁ ବଜାରରେ ହେଉଥିବା ପରିବର୍ତ୍ତନ ଆପଣେଇବାର ନମନୀୟତା ପ୍ରଦାନ କରୁଛି। ଇଣ୍ଡିଆନ ଷ୍ଟାଫିଂ ଫେଡେରେସନ ଯୁକ୍ତି ଦର୍ଶାଉଛି ଯେ ନିଯୁକ୍ତି ନିମନ୍ତେ ସେବାଗୁଡିକୁ ଯୋଗ୍ୟତା ସେବାସମୂହ ଭାବରେ ବିବେଚନା କରାଯିବା ଉଚିତ କାରଣ ଏହି ସଂସ୍ଥାଗୁଡିକ କମ ଲାଭରେ ପରିଚାଳିତ ହେଉଛନ୍ତି। ଆଇଏସଏଫର ପ୍ରାୟ ସମସ୍ତ ଚୁକ୍ତିଭିତ୍ତିକ କର୍ମଚାରୀ ନିୟୋଜନକାରୀ କମ୍ପାନୀଗୁଡିକ ନିମନ୍ତେ ଲାଭ ପରିମାଣ ୨ ପ୍ରତିଶତରୁ ୮ ପ୍ରତିଶତ ମଧ୍ୟରେ ରହିଛି ଏବଂ ନେଟ ଲାଭ ପରିମାଣ ତାହାଠାରୁ ମଧ୍ୟ ଯଥେଷ୍ଟ କମ। କର୍ମଚାରୀ ନିଯୁକ୍ତି ସେବା ଉପରେ ଜିଏସଟି ୫ ପ୍ରତିଶତକୁ ହ୍ରାସ କରାଗଲେ ତାହାଦ୍ୱାରା ପରିଚାଳନା ଖର୍ଚ୍ଚ ହ୍ରାସପାଇବ ଏବଂ ଏହା ବ୍ୟବସାୟ ସଂସ୍ଥାସମୂହ ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକ (ଏସଏମଇ) ନିମନ୍ତେ ଔପଚାରିକ ଭାବରେ କର୍ମଚାରୀ ନିଯୁକ୍ତ କରିବା ସହଜ ହେବ। ସୁଚିତା ଦତ୍ତ, ଏକଜିକ୍ୟୁଟିଭ ଡାଇରେକ୍ଟର, ଇଣ୍ଡିଆନ ଷ୍ଟାଫିଂ ଫେଡେରେସନ କହିଛନ୍ତି, ‘ଏକ ଅଧିକ ସମାବେଶୀ ଏବଂ ଦୀର୍ଘସ୍ଥାୟୀ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ପାଇଁ ଏହି ନୀତିଗତ ପରିବର୍ତ୍ତନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କର୍ମଚାରୀ ନିୟୋଜନ ସେବା ଉପରୁ ଟିକସ ହ୍ରାସ କରାଗଲେ ବ୍ୟବସାୟ ସଂସ୍ଥାଗୁଡିକ ପରିଚାଳନାଗତ ଖର୍ଚ୍ଚ ହ୍ରାସରୁ ଫାଇଦା ପାଇପାରିବେ ଏବଂ ଏହା ସେମାନଙ୍କୁ ସଫଳତାର ସହିତ ନିଜର ବ୍ୟବସାୟ ପରିମାଣ ବୃଦ୍ଧିକରିବା ଏବଂ ସେହି ସମୟରେ ଅଧିକ ଚାକିରୀ ସୃଷ୍ଟି କରିବାକୁ ସୁଯୋଗ ପ୍ରଦାନ କରିବ। ତାହାସହିତ କର୍ମଚାରୀମାନେ ଅଧିକ ଚାକିରୀ ସୁରକ୍ଷା, ଉଚ୍ଚ ମଜୁରୀ ଏବଂ ସାମାଜିକ ଫାଇଦା ଆଦି ପାଇପାରିବେ, ଯାହା ଅର୍ଥନୀତିର ମୋଟାମୋଟି ବିକାଶ ପ୍ରତି ଅବଦାନ ରଖିବ। କର୍ମଚାରୀ ନିୟୋଜନ ସେବା ଉପରେ ଟିକସ ହ୍ରାସ ଏକ ସମାନତାଭିତ୍ତିକ ଏବଂ ପ୍ରଗତିଶୀଳ ଅର୍ଥନୀତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯେଉଁଠାରେ ଉଭୟ ବ୍ୟବସାୟ ସଂସ୍ଥା ଏବଂ କର୍ମଚାରୀମାନେ ସମୃଦ୍ଧି ହାସଲ କରିପାରିବେ। ଏକ ଔପଚାରିକ ଲୋକଶକ୍ତିକୁ ପ୍ରୋତ୍ସାହିତ କରିବା ଦ୍ୱାରା ଭାରତ ତାହାର ଦୀର୍ଘସ୍ଥାୟୀ ଏବଂ ସମାବେଶୀ ଅର୍ଥନୈତିକ ଅଭିବୃଦ୍ଧି ଲକ୍ଷ୍ୟ ହାସଲ କରିପାରିବ, ଯାହା ସମସ୍ତଙ୍କ ଦ୍ୱାରା ସହଭାଗୀ ହେଉଥିବା ସମୃଦ୍ଧିକୁ ସୁନିଶ୍ଚିତ କରିବ।





ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ତିକ୍ତତା ଶେଷ ସୀମାରେ ପଂହଚି ଯାଇଛି । କେତେବେଳେ କେଉଁ ମୁହୂର୍ତ୍ତରେ ଯୁଦ୍ଧ ହେବ ତାହା କହି ହେବନି । ଏହାରି ଭିତରେ ପାକିସ୍ତାନୀ କ୍ରିକେଟର ଶାହୀଦ ଆଫ୍ରିଦୀ ଅଯଥା ବୟାନ ଦେବାରେ ଲାଗିଛନ୍ତି । ଯାହାକୁ ନେଇ ଭାରତର ଶିଖର ଧାୱନ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି । ସେ ଆଫ୍ରିଦୀଙ୍କୁ କହିଛନ୍ତି ଆଉ କେତେ ତଳକୁ ତୁମେ ଖସିବ । ଅଯଥା ବୟାନ ଦେବା ବଦଳରେ ଦେଶର ଉନ୍ନତିରେ ଯୋଗଦାନ ଦିଅ । ଆମକୁ ଆମ ଭାରତୀୟ ସେନା ଉପରେ ଗର୍ବ ରହିଛି ଓ ରହିବ । ଭାରତ ମାତା କି ଜୟ, ଜୟ ହିନ୍ଦ । ପୂର୍ବରୁ ଏଆଇଏମଆଇଏମର ଅସଦୁଦ୍ଦିନ ଓୱେସୀ ମଧ୍ୟ ଆଫ୍ରିଦୀଙ୍କୁ ତାଙ୍କ ବୟାନ ନେଇ ଜୋକର ବୋଲି କହିଥିଲେ । ଆଫ୍ରିଦୀ ଏକ ଟିଭି ଚ୍ୟାନେଲକୁ କହିଥିଲେ, ଭାରତରେ ଯଦି ବାଣ ଫୁଟେ ତେବେ ଏହାର ଦୋଷ ପାକିସ୍ତାନ ଉପରେ ଲଦି ଦିଆଯାଏ । କଶ୍ମୀରରେ ଆପଣଙ୍କ ପାଖରେ ୮ ଲକ୍ଷ ସୈନିକ ଅଛନ୍ତି । ଏହା ସତ୍ତ୍ୱେ ଏ ଭଳି ଘଟଣା କିପରି ଘଟୁଛି । ଆପଣ କ'ଣ ବେକାର । ଲୋକଙ୍କୁ ସୁରକ୍ଷା ଯୋଗାଇବାରେ ଅସମର୍ଥ । ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତର କଠୋର କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

୪୮ତମ ମ୍ୟାଚ୍ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ କୋଲକାତା ନାଇଟ ରାଇଡର୍ସ

# କେକେଆର୍ ୧୪ରନ୍‌ରେ ବିଜୟୀ



ନୂଆଦିଲ୍ଲୀ : ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମଠାରେ ଆଇପିଏଲର ୪୮ତମ ମ୍ୟାଚ ଦିଲ୍ଲୀ କ୍ୟାପିଟାଲ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ୍ କେକେଆର୍ ୧୪ରନ୍‌ରେ ଜିତି ନେଇଛି । ଦିଲ୍ଲୀ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା କେକେଆର ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୨୦୪ ରନ କରିଥିଲା । ଦଳ ପକ୍ଷରୁ ସୁନୀଲ ନାରାୟଣ ଓ ରେହମାନୁଲ୍ଲା ଗୁରବାଜ୍ ଆରମ୍ଭରୁ ଦ୍ରୁତ ଗତିରେ ସ୍କୋର କରିବା ଆରମ୍ଭ କରିଥିଲେ । ଗୁରବାଜ୍ ୨୬ ରନ କରିଥିବାବେଳେ ନାରାୟଣ ୨୭ ରନ କରିଥିଲେ । ଅଜିଙ୍କ୍ୟ ରାହାଣେ ୨୬ ରନ କରିଥିବାବେଳେ ଅଙ୍ଗକ୍ରିସ୍ ରଘୁବଂଶୀ ୪୪ ରନ କରିଥିଲେ । ରିଙ୍କୁ ସିଂ ୩୬ରନ କରିଥିବାବେଳେ ଆନ୍ଦ୍ରେ ରସେଲ୍ ୧୭ ରନ କରିଥିଲେ । ମାତ୍ର ଶେଷ ବେଳକୁ ଦଳ ୩ଟି ୱିକେଟ ଅଳ୍ପରନ ବ୍ୟବଧାନରେ ହରାଇଥିଲା । ଦିଲ୍ଲୀ ପକ୍ଷରୁ ମିଚେଲ ଷ୍ଟାର୍ସ ୩ ୱିକେଟ ନେଇଥିବା ବେଳେ କାମେରା ୧, ଭିପରାଜ ନିଗମ ୨ ଓ ଅକ୍ଷର ପଟେଲ ୨ ୱିକେଟ ଅକ୍ତିଆର କରିଥିଲେ । ୨୦୫ରନ୍‌ର ଟାର୍ଗେଟ ନେଇ ପଡିଆକୁ ଓହ୍ଲାଇଥିଲା ଦିଲ୍ଲୀ କ୍ୟାପିଟାଲ୍‌ସ । ଦିଲ୍ଲୀ କ୍ୟାପିଟାଲ୍ସ ୯ୱିକେଟ ହରାଇ ୧୯୦ରନ୍ କରି ମ୍ୟାଚ୍ ହାରି ଯାଇଥିଲା । ଦଳ ପକ୍ଷରୁ ଅଭିଷେକ ପୋରେଲ ୪, ଫାଡୁପ୍ଲେସିସ୍ ୬୨, କରୁନ ନାୟର ୧୫, କେଏଲ୍ ରାହୁଲ ୭, ଅଧିନାୟକ ଅକ୍ଷର ପଟେଲ ୪୩, ତ୍ରିଷ୍ଟା ଷ୍ଟୁବ୍‌ସ ୧, ଭିପରାଜ ନିଗମଙ୍କ ୩୮, ଆଶୁତୋଷ ଶର୍ମା ୭, ଦୁଷ୍ମନ୍ତ କାମେରା ୨, କୁଲଦୀପ ଯାଦବ ୧ ରନ୍ କରିଥିଲେ । କେକେଆର୍ ପକ୍ଷରୁ ଅନୁକୁଲ ରାୟ ୧, ବୈଭବ ଆରୋରା ୧, ବରୁଣ ଚକ୍ରବର୍ତ୍ତି ୨, ସୁନୀଲ ନାରେନ୍ ୩ ଓ ଆଣ୍ଡ୍ର ରସେଲ ୧ ୱିକେଟ ଅକ୍ତିଆର କରିଥିଲେ ।

ବୈଭବ ସୂର୍ଯ୍ୟବଂଶୀଙ୍କ ଦମ୍‌ଦାର ପ୍ରଦର୍ଶନରେ ଖୁସି ହେଲେ ବିହାର ମୁଖ୍ୟମନ୍ତ୍ରୀ

# ଘୋଷଣା କଲେ ୧୦ ଲକ୍ଷ ଟଙ୍କାର ପୁରସ୍କାର



ବିହାର: ବିହାରର ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ସୋମବାର ଆଇପିଏଲ୍‌ରେ ଇତିହାସ ରଚିଛନ୍ତି । ସେ ଶତକ ମାରିବାରେ ସବୁଠାରୁ କମ ବୟସ୍କ କ୍ରିକେଟର ହୋଇଥିଲେ । ସୂର୍ଯ୍ୟବଂଶୀ ଗୁଜରାଟ ଟାଇଟାନ୍ସ ବିପକ୍ଷ ମ୍ୟାଚ୍‌ରେ ମାତ୍ର ୩୫ ବଲ୍‌ରେ ତାଙ୍କର ଶତକ ପୂରଣ କରିଥିଲେ । ଯେଉଁଥିରେ ସେ ୧୧ଟି ଛକା ଏବଂ ୭ଟି ଚୌକା ସାମିଲ ଥିଲା । ଏହା ଆଇପିଏଲ ଇତିହାସରେ ଦ୍ୱିତୀୟ ଦ୍ରୁତତମ ଶତକ । ସେ ପୁରୁଷ ଟି-୨୦ କ୍ରିକେଟରେ ଶତକ ମାରିବାରେ ସବୁଠାରୁ କମ ବୟସ୍କ ଖେଳାଳି ମଧ୍ୟ ହୋଇଥିଲେ । ଏହା ଆଇପିଏଲ ଇତିହାସରେ ଦ୍ୱିତୀୟ ଦ୍ରୁତତମ ଶତକ । ସେ ପୁରୁଷ ଟି-୨୦ କ୍ରିକେଟରେ ଶତକ ମାରିବାରେ ସବୁଠାରୁ କମ ବୟସ୍କ ଖେଳାଳି ମଧ୍ୟ ହୋଇଥିଲେ । ତେବେ ତାଙ୍କ ଖେଳ ଦେଖି ଖୁସି ପ୍ରକଟ କରିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର । ତାଙ୍କ ଐତିହାସିକ ରେକର୍ଡ ପାଇଁ ସୂର୍ଯ୍ୟବଂଶୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ ବୈଭବଙ୍କ ସହ ଫୋନ୍‌ରେ ମଧ୍ୟ କଥା ହୋଇଥିଲେ । ବୈଭବଙ୍କ ଇନିଂସ ଦେଖି ସେ ବହୁତ ଖୁସି । ରାଜ୍ୟ ସରକାର ବୈଭବଙ୍କୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ମଧ୍ୟ ଦେବେ । ମୁଖ୍ୟମନ୍ତ୍ରୀ ଏକ୍ସରେ ଏହି ସୂଚନା ଦେଇଛନ୍ତି । ବାମହାତୀ ବ୍ୟାଟ୍ସମ୍ୟାନ୍ ସୂର୍ଯ୍ୟବଂଶୀ ଇଶାନ୍ତ ଶର୍ମା, ମହମ୍ମଦ ସିରାଜ, ପ୍ରସାଦ କୃଷ୍ଣ, ୱାଶିଂଟନ୍ ସୁନ୍ଦର, ଆଫଗାନିସ୍ତାନର ରସିଦ ଖାନ ଏବଂ କରିମ ଜନତଙ୍କ ଭଳି ଅନ୍ତର୍ଜାତୀୟ ବୋଲରଙ୍କ ବିପକ୍ଷରେ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ । ଗୁଜରାଟ ଟାଇଟାନ୍ସ ବିପକ୍ଷରେ ରାଜସ୍ଥାନ ରୟାଲ୍ସର ୮ ୱିକେଟ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସୂର୍ଯ୍ୟବଂଶୀ ୟୁସୁଫ ପଠାନଙ୍କ ରେକର୍ଡ ଭାଙ୍ଗି ଆଇପିଏଲ୍‌ରେ ଦ୍ରୁତତମ ଶତକ ହାସଲ କରିଥିବା ଭାରତୀୟ ବ୍ୟାଟସମ୍ୟାନ୍ ହୋଇଥିଲେ । ପଠାନ ୨୦୧୦ ମସିହାରେ ରାଜସ୍ଥାନ ରୟାଲ୍ସ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୩୭ ବଲ୍‌ରେ ଶତକ ହାସଲ କରିଥିଲେ ।

ଉମାପଦା ପ୍ରିମିୟର ଲିଗ୍

# ୱେଇନର ରୟାଲ ଚାଲେଞ୍ଜର ଚାମ୍ପିଅନ୍




ବ୍ୟାସନଗର (ଭାସ୍କର ନ୍ୟୁଜ୍) : ବ୍ୟାସନଗର ସହର ଉମାପଦା ଗ୍ରାମରେ ତୃତୀୟ ଉମାପଦା ପ୍ରିମିୟର ଲିଗର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗ ଦେଇଥିଲେ । ତାଙ୍କୁ ଉତ୍ତରୀ ସହିତ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଖେଳାଳିଙ୍କ ସହିତ ପରିଚୟ ପ୍ରଦାନ ପରେ ଖେଳାଳିଙ୍କୁ ଉତ୍ସାହ କରିଥିଲେ । ୬ଟି ଦଳର ଖେଳାଳିଙ୍କ ସହିତ ପରିଚୟ ପ୍ରଦାନ ସହିତ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ୬ଜଣ ଫ୍ରାଞ୍ଚାଇଜ ମାଲିକଙ୍କୁ ନେଇ ଏହି ଟୁର୍ନାମେଣ୍ଟ ଆୟୋଜିତ କରାଯାଇଥିଲା । ପ୍ରିନ୍ସ ଚ୍ୟାଲେଞ୍ଜର ଓନର ପ୍ରଦୀପ୍ତ ରାଉତ, ତପନ କୁମାର ନାୟକ, ହରିଓମ୍ ଫାଇଟର ଓନର ଶିବାନନ୍ଦ ନାୟକ, ରୟାଲ ଚ୍ୟାଲେଞ୍ଜର ଓନର ରବୀନ୍ଦ୍ର କୁମାର ନାୟକ, ରତନେଶ୍ୱର ଫାଇଟର ଓନର ବିଜୟ କୁମାର ଧୀର, ଗୋଲଡେନ ଷ୍ଟ୍ରାଇକର ଓନର ଜ୍ଞାନରଞ୍ଜନ ନାୟକ, ଷ୍ଟାର ଚ୍ୟାଲେଞ୍ଜର ଓନର ସମୀର ରଞ୍ଜନ ରାୟ ଏହି ଟୁର୍ନାମେଣ୍ଟରେ ଯୋଗ ଦେଇଥିଲେ । ତିନିଦିନ ଧରି ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏହି ଫାଇନାଲ ମ୍ୟାଚରେ ୱେଇନର ରୟାଲ ଚ୍ୟାଲେଞ୍ଜର ବିଜେତା ହୋଇଥିଲା । ଟ୍ରଫି ସହିତ ନଗଦ ୫୦୦୦ ରାଶି ପ୍ରଦାନ କରାଯାଇଥିଲା । ରନର୍ସଅଫ ହରିଓମ ଫାଇଟରକୁ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଫାଇନାଲ ମ୍ୟାଚରେ ମ୍ୟାନ ଦି ମ୍ୟାଚ ବାବୁନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ମ୍ୟାନ ଅଫ ଦ ସିରିଜ ପୁନାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଆୟୋଜକ ରାହୁଲ ଏବଂ ସିକୁନଙ୍କୁ ଉତ୍ତରୀ ଦେଇ ସମ୍ମାନିତ କରାଯାଇଥିଲା । ଉମାପଦା ଗ୍ରାମର ସମସ୍ତ ଯୁବକ ଏହି ଖେଳକୁ ଏକ ଭାଇଚାରାର ଆଖ୍ୟା ଦେଇଥିଲେ । ସମସ୍ତ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

# ଆନ୍ତଃକ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୮ମ ଦିବସ

ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଜିଲ୍ଲାସ୍ତରୀୟ କନିଷ୍ଠ ପୁରୁଷ ( ୧୬ ଓ ୧୯ ବର୍ଷରୁ କମ ) କ୍ରିକେଟ ଟୁର୍ଣ୍ଣାମେଣ୍ଟର ୮ମ ଦିନର ମ୍ୟାଚରେ ରାଇରଙ୍ଗପୁର କ୍ଲବ ମୟୁରଭଞ୍ଜ ଗ୍ରୀନକୁ ୯୫ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ରାଇରଙ୍ଗପୁର କ୍ଲବ ୨୬. ୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ସୁରାଇ ହେମ୍ବ୍ରମ ୩୫ ଓ ପ୍ରିୟଙ୍କ ପଟ୍ଟନାୟକ ୨୯ ରନ କରିଥିବା ବେଳେ ବିପକ୍ଷ ଦଳର ଦିବ୍ୟ ରଞ୍ଜନ ସାହୁ ୩ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ମୟୁରଭଞ୍ଜ ଗ୍ରୀନ କ୍ଲବ ୧୨.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୨୮ ରନ ସଂଗ୍ରହ କରିପାରିଥିଲେ । ବିପକ୍ଷ ଦଳର ରୋଶନ ଚୌଧୁରୀ ଓ ରୁଚିକା ମଣ୍ଡଳ ୪ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ରୋଶନ ଚୌଧୁରୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ ଓ ପୂର୍ବତନ କ୍ରିକେଟ ଖେଳାଳି ତଥା ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ ଓ ଅମ୍ବିକା ରାଉତ ପ୍ରମୁଖ ଉପସ୍ଥିତ ରହି ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଆସନ୍ତା କାଲି ରାଇରଙ୍ଗପୁର ଓ ବି ସି ଏ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ।



ପ୍ରଥମ ବାର୍ଷିକ ମାଷ୍ଟର ଟ୍ୟାଲେଣ୍ଟ ଇଲେଭେନ୍ କପ୍

# ସେମିଫାଇନାଲ୍‌ରେ ଝାଡ଼ଲିଙ୍ଗ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଭଉଁରିଆ ସେତୁ ନିକଟ ଅରବିନ୍ଦ ଷ୍ଟାଡିୟମରେ ପ୍ରଥମ ବାର୍ଷିକ ଟ୍ୟାଲେଣ୍ଟ ଇଲେଭେନ କପ୍ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିଜୟ କୁମାର ବେହେରା, ସମାସେବୀ ଫକୀର ନାୟକ, ଅସ୍ତରଙ୍ଗ ପଞ୍ଚାୟତ ଏକ ନମ୍ବର ୱାର୍ଡ ମେମ୍ବର ଟିଟୁ ପରିଡା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମ ମ୍ୟାଚରେ ପରସ୍ପରକୁ ଭେଟିଥିଲେ ଝାଡ଼ଲିଙ୍ଗ ବନାମ ନଇଗୁଆଁ । ପ୍ରଥମେ ଟସ ଜିତି ଝାଡ଼ଲିଙ୍ଗ ନିର୍ଦ୍ଧାରିତ ୮ଓଭରରେ ୬ ୱିକେଟ ହରାଇ ୪୮ରନ ସଂଗ୍ରହ କରିଥିଲେ । ଏହାର ଜବାବରେ ନଇଗୁଆଁ ୪୯ରନର ବିଜୟ ଲକ୍ଷ୍ୟକୁ ପିଛା କରି ନିର୍ଦ୍ଧାରିତ ଓଭରରେ ୩୩ ରନ ସଂଗ୍ରହ କରି ସମସ୍ତ ୬ ଉଇକେଟ ହରାଇ ମ୍ୟାଚରେ ପରାଜୟ ହୋଇଥିଲା । ମୁଖ୍ୟ ଅତିଥି ବିଜୟ ବେହେରାଙ୍କ ଠାରୁ ଝାଡ଼ଲିଙ୍ଗର ଶକ୍ତି ମ୍ୟାନଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ । ବୁଧବାର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଖେଳ ପରିଚାଳନାରେ ମାଷ୍ଟର ଅଭି ଓ ମାଷ୍ଟର ଶୁଭ । ପପୁ ଜେନା ଧାରାବିବରଣୀ ପ୍ରଦାନ କରିଥିଲେ । ପ୍ରମୁଖ ଉପସ୍ଥିତ ଥିବା କ୍ଲବ ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# କୋଚ୍‌ଙ୍କ ଉପରେ ଖେଳାଳି ଅସନ୍ତୁଷ୍ଟ

କୋଲକାତା: ଚଳିତ ଆଇପିଏଲରେ ଗତ ସଂସ୍କରଣର ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସର ପ୍ରଦର୍ଶନ ଏ ପର୍ଯ୍ୟନ୍ତ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି । କେକେଆର କୋଚ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ କେତେକ ନିଷ୍ପତି ଉପରେ ଦଳର ଖେଳାଳିମାନେ ସନ୍ତୁଷ୍ଟ ନାହାନ୍ତି । ରିପୋର୍ଟ ମୁତାବକ ଦଳର ଏକ ସିନିୟର ଖେଳାଳି ବିରୋଧୀ ଦଳର ଜଣଙ୍କ ସହ ଡିନର କରୁଥିବା ଶୁଣି ପଣ୍ଡିତ ରାଗି ଯାଇଥିଲେ । ପଣ୍ଡିତ କେକେଆର ଟିମ ପାଇଁ ଏକ ୫୦୦ ଟଙ୍କିକିଆ ନିୟମ ଲାଗୁ କରିଛନ୍ତି । ଡିନର ସମୟରେ ଯେଉଁ ଖେଳାଳି ଡେରିରେ ପଂହଚିବେ ତାଙ୍କୁ ୫୦୦ ଟଙ୍କା ଜରିମାନା ଦେବାକୁ ପଡିବ । ସେ ଟିମ ମଧ୍ୟରେ ଏକତା ରଖିବା ପାଇଁ ଏହି ନିୟମ ଲାଗୁ କରିଥିଲେ ମଧ୍ୟ ଏହାକୁ କେହି ପସନ୍ଦ କରୁ ନାହାନ୍ତି । ଜଣେ ଖେଳାଳି ସ୍ପଷ୍ଟ ଭାବେ କହିଛନ୍ତି ଯେ, ଗୌତମ ଗମ୍ଭୀର କୋଚ ଥିବା ବେଳେ ଦଳ ଭିତରେ ଏକତା ରହିଥିଲା । ସେହିପରି ହର୍ଷିତ ରାଣା କହିଛନ୍ତି ଯେ, ଅଭିଷକ ନାୟାର ସାର ଫେରି ଆସିଛନ୍ତି । ଚନ୍ଦୁ ଓ ବ୍ରାଭୋ ସାର ମଧ୍ୟ ଅଛନ୍ତି । ଏହା ସତ୍ତ୍ୱେ କିଛି ଅସୁବିଧା ମଧ୍ୟ ରହିଛି । ସବୁ କିଛି କଣ ସ୍ପଷ୍ଟ ଭାବେ କହି ହେବନି । କେକେଆର ଏବେ ପ୍ଲେ ଅଫ ପ୍ରବେଶ ପାଇଁ ସଂଘର୍ଷ ଜାରୀ ରଖିଛି ।

varthana **ଭର୍ଥନା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍**

ପଞ୍ଜୀକୃତ କାର୍ଯ୍ୟାଳୟ : ନଂ-୫ବିସି-୧୧୦, ଭରସିନ୍ଧି, ତୃତୀୟ ମହଲା, ଆଉଟର ରିଙ୍ଗ୍‌ରୋଡ୍, ସର୍ଭିସ ରୋଡ୍ - ତୃତୀୟ ବ୍ଲକ୍, ଏଚ୍‌ଆର୍‌ବିଆର୍ ଲେଆଉଟ୍, କଲ୍ୟାଣ ନଗର, ବାଙ୍ଗାଲୋର-୫୬୦୦୪୩, ୱେବସାଇଟ-www.vardhana.com, ଇମେଲ-care@vardhana.com, ଫୋନ୍-୦୮୦-୬୮୪୫୫୭୭୭
ଶାଖା କାର୍ଯ୍ୟାଳୟ : ପ୍ଲଟ୍.ନଂ:-ଏନ୍/୬—୧୭୩, ଆଇଆରସି ଭିଲେଜ, ନୟାପଲ୍ଲୀ, ରାମେଶ୍ୱର ମନ୍ଦିର ନିକଟ, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ଆର୍ଥିକ ସମ୍ପତ୍ତିର ନିରାପତ୍ତା ଏବଂ ପୁନଃନିର୍ମାଣ ଏବଂ ସୁରକ୍ଷା ସ୍ୱାର୍ଥ ପ୍ରବର୍ତ୍ତନ ଆଇନ, ୨୦୦୨ ର ଧାରା ୧୩(୨) ଏବଂ (୩) ଅନୁଯାୟୀ ନୋଟିସ ।**

ଆମେ ଏଠାରେ ଆପଣଙ୍କୁ ଏହି ନୋଟିସ ପ୍ରଦାନ କରୁଛୁ, ଯାହାର ବିଷୟବସ୍ତୁ ଆପଣ ଦୟାକରି ଧ୍ୟାନ ଦେଇପାରିବେ: ଆପଣ ଋଣଗ୍ରହୀତା ଏବଂ ସହ-ଆବେଦକ/ବନ୍ଧକଦାତାମାନେ ମିସ୍ ବର୍ତ୍ତନା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍ (ଏଠାରେ କମ୍ପାନୀ ଭାବରେ ଜଣାଶୁଣା) ଯାହା ପୂର୍ବରୁ ଥିରୁମେନି ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍ ଭାବରେ ଜଣାଶୁଣା, ସେମାନଙ୍କ ଠାରୁ କ୍ରେଡିଟ୍ ସୁବିଧା ପାଇବା ପାଇଁ ଅନୁରୋଧ କରିଛନ୍ତି । ଏହି ଦାବି ନୋଟିସ୍ ୧୬.୦୪.୨୦୨୫ରେ ଜାରି କରାଯାଇଛି, ଯାହାର ବିଷୟବସ୍ତୁ ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ ୨୦୦୨ର ଆଇନ **ଆର/ଡବ୍ଲୁ ନିୟମ ୩(୧)ର ଧାରା ୧୩(୨)** ଅନୁଯାୟୀ ପ୍ରକାଶିତ ହେଉଛି, କାରଣ ଦିଆଯାଇଥିବା ଠିକଣାରେ ନୋଟିସ୍ ପ୍ରଦାନ କରାଯାଇପାରିଲା ନାହିଁ । ଆପଣଙ୍କ ଅନୁରୋଧ ଏବଂ ଉଦାହରଣରେ, ଆମେ ଆପଣଙ୍କୁ ନିମ୍ନଲିଖିତ କ୍ରେଡିଟ୍ ସୁବିଧା ପ୍ରଦାନ କରିଛୁ (ଏଠାରେ ସାମୂହିକ ଭାବରେ 'କ୍ରେଡିଟ୍ ସୁବିଧା' ଭାବରେ ଜଣାଶୁଣା) । ବିବରଣୀ ନିମ୍ନରେ ଉଲ୍ଲେଖ କରାଯାଇଛି ।

ଋଣ ଆକାଉଣ୍ଟ ନମ୍ବର:**ଏସ୍୨୩ବିୟୁବି୦୨୪୫୨୨, କେ୨୩ବିୟୁବି୦୨୪୮୩୩.** ମଞ୍ଜୁର ଋଣ ପରିମାଣ **ଟଙ୍କା.୧,୭୭,୦୧,୧୯୮/- ମୋଟ ପରିମାଣ ୧୪-୦୪-୨୦୨୫** ସୁଧା: ଟଙ୍କା.୧,୭୨,୩୬,୨୭୩/- (କଣ୍ଟ୍ରାଚୁଆଲ୍ ରେଟ୍ ଅଫ୍ ଇଣ୍ଟେରେଷ୍ଟ ସହିତ) ଆପ୍ଲିକାଣ୍ଟଙ୍କ ନାମ ଓ ଠିକଣା, କୋ-ଆପ୍ଲିକାଣ୍ଟସ ଓ ବନ୍ଧକ ଦାତା:**୧). ଏମ୍/ଏସ ଭାର୍ଗବି ସାଇନ୍ସ ହାୟର ସେକେଣ୍ଡାରି ସ୍କୁଲ,** ଅଧିକୃତ ସିଗନେଚରୀ ଶ୍ରୀ ସୁଭ୍ରାଂଶୁ ରଞ୍ଜନ [illegible]

ତାରିଖ:୩୦-୦୪-୨୦୨୫, ସ୍ଥାନ-ଓଡ଼ିଶା ଏଣ୍ଡ୍/ ଅଧିକୃତ ଅଫିସର, ଭର୍ଥନା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍

झारखण्ड सरकार
अधीक्षक का कार्यालय, शहीद निर्मल महतो मेडिकल कॉलेज अस्पताल, धनबाद
दूरभाष : 0326-2230352(O), 9431120164(M)
Email: superintendentsnmmch@gmail.com

पत्रांक :– 616./SNMMCH दिनांक :– 29.04.2025

**ई–निविदा सूचना**

शहीद निर्मल महतो चिकित्सा महाविद्यालय अस्पताल, धनबाद में वित्तीय वर्ष 2025–26 के लिए मानक स्तर के निर्माताओं अथवा उनके अधिकृत एवं अनुभवी वितरक से औशधि, लोशन, ड्रॉप, क्रीम, सिरप की आपूर्ति हेतु 2–बोली व्यवस्था (2-bid system) के अन्तर्गत ONLINE निविदा आमंत्रित किया जाता है। ई–निविदा को www.jharkhandtenders.gov.in पर देखी जा सकती है। निविदा अपलोड करने की अंतिम तिथि– 21.05.2025 को संध्या 5.00 बजे तक होगी।

ह0/–अधीक्षक
शहीद निर्मल महतो चिकित्सा महाविद्यालय अस्पताल, धनबाद

PR 351393 (Health Med Edu and Family Welfare)25-26*D

**JHARKHAND RAIL INFRASTRUCTURE DEVELOPMENT CORPORATION LTD.**
Regd. Office: Transport Department, FFP Building,
HEC Campus, Dhurwa, Ranchi-834004, (CIN: U45209JH2018SGC011593)
(A JV of Government of Jharkhand and Ministry of Railways)

**VACANCY NOTICE**
**(Advt. No: JRIDCL/01/2025, Date:29.04.2025)**

Jharkhand Rail Infrastructure Development Corporation Limited (JRIDCL) invites application for filling up the post of Chief Financial Officer on contract basis. The details of the post, pay, eligibility criteria and application form are available at the website of the company www.jridcl.org.in. The interested candidates, who fulfill the criteria, may apply latest by **03.06.2025**

Sd/-
General Manager (project)
JRIDCL

PR 351350 Jharkhand Industrial Infrastructure Dev Co Ltd(25-26).D

Corres. add- 2nd Floor, Nagar Prashasan Bhawan, Near Golchakkar, Dhurwa, Ranchi-834004
Tel. : +91 651-2446131, Email: jridcl.jhr@gmail.com

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, देवघर**

**ई–अल्पकालीन पुर्ननिविदा आमंत्रण सूचना**

**ई–अल्पकालीन पुर्ननिविदा संख्या:- 07/RII/2024-25/RWD/EE/DEOGHAR दिनांक :- 28.04.2025**

कार्यपालक अभियंता, ग्रामीण कार्य विभाग, कार्य प्रमंडल, देवघर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| पैकेज संख्या | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|
| RWD/EE/DEOGHAR/STPKG/04/2024-25 | 1 | सात्पर पी0डब्लु0डी0 मुख्य पथ से जलैया होते हुए पी0डब्लु0डी0 मुख्य पथ तक पथ का सुदृढीकरण कार्य (लं0–3.700 कि.मी.) | 14,12,58,500.00 | चौदह करोड़ बारह लाख अनठावन हजार पॉच सौ रूपये मात्र। | 15 महीना | तृतीय |
| | 2 | पी0डब्लु0डी0 मुख्य पथ से बदिया होते हुए कल्याणपुर बुढ़ीबगीचा तक पथ का सुदृढीकरण कार्य। (लं0–4.100 कि.मी.) | | | | |
| | 3 | पी0डब्लु0डी0 पथ पिपरा से जयंती नदी तक पथ का सुदृढीकरण कार्य। (लं0–4.350 कि.मी.) | | | | |
| | 4 | मधुपुर लहरजोरी मुख्य पथ से बोगैया होते हुए चेतनारी तक पथ का सुदृढीकरण कार्य। (लं0–4.920 कि.मी.) | | | | |
| | 5 | पी0डब्लु0डी0 पथ उधोडीह से टटकजोरी भाया बेहरापहाड़ी तक पथ का सुदृढीकरण कार्य। (लं0–3.490 कि.मी.) | | | | |
| | 6 | चरघरा से घसको तक पथ का सुदृढीकरण कार्य। (लं0–1.200 कि.मी.) | | | | |
| | 7 | जमा से जोगीडीह चरपा तक पथ का सुदृढीकरण कार्य। (लं0–3.320 कि.मी.) | | | | |
| | 8 | नावाडीह पी0डब्लु0डी0 पथ से साहु टोला चेतनारी तक पथ का सुदृढीकरण कार्य। (लं0–4.256 कि.मी.) | | | | |
| | 9 | बनसीमी चौक से कासीटॉड़ तक पथ का सुदृढीकरण कार्य। (लं0–2.00 कि.मी.) | | | | |

(1). बेवसाईट में निविदा प्रकाशन की तिथि – **02.05.2025**
(2). ई0 निविदा प्राप्ति की अन्तिम तिथि – **10.05.2025** अपराह्न 5.00 बजे तक
(3). निविदा खोलने की तिथि एवं समय – **13.05.2025** अपराह्न 3.30 बजे।
(4). निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियन्ता, ग्रा0 कार्य विभाग, कार्य प्रमंडल, देवघर।

कार्यपालक अभियन्ता
ग्रामीण कार्य विभाग,कार्य प्रमंडल, देवघर

PR 351405 Deoghar(25-26).D

varthana **ଭର୍ଥନା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍**

ପଞ୍ଜୀକୃତ କାର୍ଯ୍ୟାଳୟ : ନଂ-୫ବିସି-୧୧୦, ଭରସିନ୍ଧି, ତୃତୀୟ ମହଲା, ଆଉଟର ରିଙ୍ଗ୍‌ରୋଡ୍, ସର୍ଭିସ ରୋଡ୍ - ତୃତୀୟ ବ୍ଲକ୍, ଏଚ୍‌ଆର୍‌ବିଆର୍ ଲେଆଉଟ୍, କଲ୍ୟାଣ ନଗର, ବାଙ୍ଗାଲୋର-୫୬୦୦୪୩, ୱେବସାଇଟ-www.vardhana.com, ଇମେଲ-care@vardhana.com, ଫୋନ୍-୦୮୦-୬୮୪୫୫୭୭୭,
ଶାଖା କାର୍ଯ୍ୟାଳୟ : ଦ୍ୱିତୀୟ ମହଲା, ଆର୍.ସି. ବେହେରା ମେନ୍‌ସନ୍, ସାଳନ୍ଦା ବାଏପାସ୍, ଭଦ୍ରକ-୭୫୬୧୦୦

**ଡିମାଣ୍ଡ ନୋଟିସ୍**

**ଆର୍ଥିକ ସମ୍ପତ୍ତିର ନିରାପତ୍ତା ଏବଂ ପୁନଃନିର୍ମାଣ ଏବଂ ସୁରକ୍ଷା ସ୍ୱାର୍ଥ ପ୍ରବର୍ତ୍ତନ ଆଇନ, ୨୦୦୨ ର ଧାରା ୧୩(୨) ଏବଂ (୩) ଅନୁଯାୟୀ ନୋଟିସ ।**

[illegible]

ଖେଳ ଖବର



ବ୍ରେନ ଟ୍ୟୁମର ହେଲେ ମସ୍ତିଷ୍କ କୋଷିକାଗୁଡିକ ଅସ୍ୱାଭାବିକ ଭାବେ ବୃଦ୍ଧି ହୋଇଥାଏ । ଏହି ଗମ୍ଭୀର ରୋଗ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କମାନଙ୍କ ମଧ୍ୟରେ ଦେଖାଯାଇପାରେ । ତେବେ ବ୍ରେନ ଟ୍ୟୁମର ହେଲେ କ୍ୟାନ୍ସର ହେବାର ଆଶଙ୍କା ବଢିଯାଏ । ଜାଣି ରଖନ୍ତୁ ବ୍ରେନ ଟ୍ୟୁମର ଦୁଇ ପ୍ରକାରର । କ୍ୟାନ୍ସର ବ୍ରେନ ଟ୍ୟୁମର ଓ ବିନା କ୍ୟାନ୍ସରର ବ୍ରେନ ଟ୍ୟୁମର । କ୍ୟାନ୍ସର ବ୍ରେନ ଟ୍ୟୁମର ମସ୍ତିଷ୍କରେ ବିକାଶ ହୋଇ ଧୀରେ ଧୀରେ ଅନ୍ୟ ଭାଗକୁ ବ୍ୟାପିଥାଏ । ଚିକିତ୍ସା ପରେ ଏହା ପୁଣିଥରେ ହେବାର ଆଶଙ୍କା ରହିଥାଏ । ବିନା କ୍ୟାନ୍ସରର ଟ୍ୟୁମର ଧୀର ଧୀରେ ବିକାଶିତ ହୁଏ । ଏହାର ଚିକିତ୍ସା ପରେ ପୁଣି ଥରେ ଟ୍ୟୁମର ହେବାର ସମ୍ଭାବନା କମ୍ ଥାଏ । ତେବେ ଏହି ବ୍ରେନ ଟ୍ୟୁମରର ଲକ୍ଷଣ ହେଲା ବାରମ୍ବାର ମୁଣ୍ଡବିନ୍ଧା ହେବା, ବାନ୍ତି ଲାଗିବା ଅବା ବାନ୍ତି ହେବା, ଝାପ୍‌ସା ଦେଖାଯିବା, ନିଦ୍ରା ସମସ୍ୟା ଦେଖାଦେବା, ସ୍ମରଣ ଶକ୍ତି କମିବା, ବୁଝିବା ଓ ଭାବିବା କ୍ଷମତା କମିଯିବା, ଦୂରଦୃଷ୍ଟି ଦୁର୍ବଳ ହେବା ସହ ଅଳ୍ପାପଣ ଅନୁଭବ ହେବା । ଧ୍ୟାନ ରଖନ୍ତୁ ଏହିସବୁ ଲକ୍ଷଣ ନିୟମିତ ଦେଖାଦେଲେ ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ବ୍ରେନ ଟ୍ୟୁମର ଅସ୍ୱାସ୍ଥ୍ୟକର ଲାଇଫଷ୍ଟାଇଲ ଯୋଗୁଁ ହୋଇପାରେ । ଅତ୍ୟଧିକ ଧୂମପାନ କରିବା, ବ୍ୟାୟାମ ନକରିବା ଓ ଖରାପ ଖାଦ୍ୟାଭ୍ୟାସ , ଚର୍ବିଯୁକ୍ତ ଖାଦ୍ୟ ସେବନ ଆଦି ଖରାପ ଲାଇଫଷ୍ଟାଇଲ ଯୋଗୁଁ ବ୍ରେନ ଟ୍ୟୁମର ଆଶଙ୍କା ବଢିଯାଏ ।



## ଅକ୍ଷୟ ତୃତୀୟା



**ବୈ**ଶାଖ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟା ଓଡ଼ିଆଙ୍କର ଏକ ପ୍ରସିଦ୍ଧ ପର୍ବ। ମାହେନ୍ଦ୍ର ବନ ଯୋଗବିଧି ଅନୁଯାୟୀ ଏହି ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରଥ ତିଆରି କାର୍ଯ୍ୟ ଆରମ୍ଭ ହୁଏ। ଏହା ମଧ୍ୟ ଚନ୍ଦନ ଯାତ୍ରାର ପ୍ରଥମ ଦିନ। କୃଷକମାନେ ଏହି ତିଥିରେ ଧାନବୁଣା ଆରମ୍ଭ କରନ୍ତି। ହାତ ମୁଠାରେ ଧରି ବୁଣାଯିବା ବିହନ ଧାନକୁ ଅଖିମୁଠି କୁହାଯାଏ। ଏକ କିମ୍ବଦନ୍ତୀ ଅନୁଯାୟୀ ଜନକ ଏହି ତିଥିରେ ଭୂମି ଓ ଶସ୍ୟ ପୂଜା କରି ଧାନ ବୁଣିଥିଲେ। ଭୂମି-କର୍ଷଣ ବେଳେ ସୀତାଙ୍କୁ ପାଇଥିଲେ। ଏଣୁ ସୀତାଙ୍କୁ ବୀଜଦାତ୍ରୀ କୁହାଯାଏ। ଜୀବ ଜଗତ୍ ନିମନ୍ତେ ଅକ୍ଷୟ ଶସ୍ୟ ପ୍ରଦାନ କରିବା ପାଇଁ ତାଙ୍କର ଜନ୍ମ ହୋଇଥିଲା। ଅନ୍ୟ ଏକ ଆଖ୍ୟାୟିକା ଅନୁଯାୟୀ ଏକଦା ଜଣେ କୃପଣ ବ୍ରାହ୍ମଣ ଥିଲେ। ଦିନେ ତାଙ୍କ ଘରେ ପହଞ୍ଚିଲେ ଜଣେ ତୃଷାର୍ତ୍ତ ବ୍ରାହ୍ମଣ। ସେ ଜଳ ମୁନ୍ଦିଏ ମାଗି, କୃପଣ ବ୍ରାହ୍ମଣଙ୍କ ଦ୍ୱାରା ଅପମାନିତ ହେଲେ। ଠିକ୍ ସେହି ସମୟରେ କୃପଣ ବ୍ରାହ୍ମଣଙ୍କ ପତ୍ନୀ ସୁଶୀଳା ପହଞ୍ଚି ତୃଷାର୍ତ୍ତ ବ୍ରାହ୍ମଣଙ୍କୁ ଜଳ ଦେଇ, ସ୍ୱାମୀଙ୍କ ବ୍ୟବହାର ପାଇଁ କ୍ଷମା ମାଗିଲେ। କିଛି ଦିନ ପରେ କୃପଣ ମୃତ୍ୟୁବରଣ କଲେ। ଯମଦୂତମାନେ ତାଙ୍କୁ ବାନ୍ଧି ଯମପୁର ନେଇଗଲେ। ତାଙ୍କର ନରକ-ଭୋଗ ନିଶ୍ଚିତ ଥିଲା। ତେବେ କେବଳ ଯମରାଜ, ତାଙ୍କୁ ମୁକ୍ତ କରିଥିଲେ। ଅକ୍ଷୟ ତୃତୀୟାରେ ତାଙ୍କ ପତ୍ନୀ ଜଳ ଦାନ କରିଥିବାରୁ, ତାହାର ପୁଣ୍ୟ ବ୍ରାହ୍ମଣଙ୍କୁ ପ୍ରାପ୍ତ ହୋଇଥିଲା। ଆଉ ଏକ କିମ୍ବଦନ୍ତୀ ମଧ୍ୟ ରହିଛି। ଏହି ଦିନରେ ବସୁନ୍ଧରାର କୃଷି କର୍ମକୁ ସୁଦୃଢ଼ କରିବା ନିମନ୍ତେ ସ୍ୱର୍ଗର ଗଙ୍ଗା ମର୍ତ୍ତ୍ୟକୁ ଓହ୍ଲାଇଥିଲେ। ଅକ୍ଷୟ ତୃତୀୟାରେ ବିଷ୍ଣୁଙ୍କ ଯବଧାନ ଅର୍ପଣ କରାଯାଏ। ଅକ୍ଷୟ ତୃତୀୟାରେ ଜଳଦାନ କଲେ ଅଶେଷ ପୂଣ୍ୟ ଲାଭ ହୋଇଥାଏ । ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ, ଭବିଷ୍ୟ ପୁରାଣ ଆଦିରେ ଅକ୍ଷୟ ତୃତୀୟାର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ପୁଣି ଏହି ଅବସରରେ ମାଆମାନେ ପିଲାଙ୍କ ମଙ୍ଗଳ କାମନା କରି ଷଷ୍ଠୀ ଦେବୀଙ୍କ ମୃଣ୍ମୟ ପ୍ରତିମା ଗଢ଼ି ପୂଜା କରନ୍ତି। ଏହି ପର୍ବ ଅକ୍ଷୟ ଓ ଅମରତ୍ୱର ପ୍ରତୀକ ଏବଂ ସକଳ ଶୁଭାନୁଷ୍ଠାନ ପାଇଁ ପବିତ୍ରତମ ତିଥି।



# ବ୍ୟବହାର କରୁଛନ୍ତି କି ଡ୍ରାଏ ସାମ୍ପୁ

## ଜାଣନ୍ତୁ କେଶ ପାଇଁ ଏହା କେତେ ଭଲ କେତେ ଖରାପ...

*ସମସ୍ତେ ଘନ, କଳା, ଲମ୍ବା କେଶ ଚାହାଁନ୍ତି। କିନ୍ତୁ ଏହି ବ୍ୟସ୍ତବହୁଳ ଜୀବନରେ, ସମସ୍ତେ କୌଣସି ନା କୌଣସି କେଶ ସମସ୍ୟା ସହିତ ସଂଘର୍ଷ କରୁଛନ୍ତି। ପ୍ରତିଦିନ କେଶର ଯତ୍ନ ନେବା ଏବଂ ସାମ୍ପୁ କରିବା ସମ୍ଭବ ନୁହେଁ। ଏପରି ପରିସ୍ଥିତିରେ, ଡ୍ରାଏ ସାମ୍ପୁ ଏକ ସହଜ ଏବଂ ଭଲ ବିକଳ୍ପ ଭାବରେ ଉଭା ହୋଇଛି, ଯାହାର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଇଛି। କିନ୍ତୁ ଆପଣ କେବେ ଭାବିଛନ୍ତି କି ଏହି ସାମ୍ପୁ ଆପଣଙ୍କ କେଶ ପାଇଁ କେତେ ଲାଭଦାୟକ ଏବଂ କେତେ କ୍ଷତିକାରକ? ତେବେ ଆସନ୍ତୁ ଜାଣିବା ଏହି ସାମ୍ପୁ ବିଷୟରେ...*

### ଡ୍ରାଏ ସାମ୍ପୁ କ'ଣ?

ଡ୍ରାଏ ସାମ୍ପୁ ଏକ କେଶ ଉତ୍ପାଦ ଯାହା ପାଣି ବ୍ୟବହାର ନକରି କେଶରୁ ତେଲିଆ ଏବଂ ମଇଳା ଦୂର କରିବାରେ ସାହାଯ୍ୟ କରେ। ଏହା ସ୍ପ୍ରେ, ପାଉଡର କିମ୍ବା ଫୋମ ଆକାରରେ ଉପଲବ୍ଧ। ଏହାକୁ ମୁଣ୍ଡରେ ସ୍ପ୍ରେ କରିବା କିମ୍ବା ଲଗାଇବା ଦ୍ୱାରା, କେଶ ତୁରନ୍ତ ସତେଜ ଏବଂ ଘନ ଦେଖାଯିବା ଆରମ୍ଭ କରେ। ଏହି ସାମ୍ପୁକୁ ହାଇବ୍ରିଡ୍ ସାମ୍ପୁ ମଧ୍ୟ କୁହାଯାଏ। ଏହା ପାଣି ବିନା ମଧ୍ୟ ସାଧାରଣ ସାମ୍ପୁ ପରି କେଶକୁ ସଫା କରେ। ଡ୍ରାଏ ସାମ୍ପୁ ମୁଖ୍ୟତଃ ମକା ଷ୍ଟାର୍ଚ୍ଚ କିମ୍ବା ଚାଉଳ ଷ୍ଟାର୍ଚ୍ଚରୁ ତିଆରି ହୋଇଥାଏ।

### କେଶ ପାଇଁ ଡ୍ରାଏ ସାମ୍ପୁ କେତେ ଲାଭଦାୟକ?

ଡ୍ରାଏ ସାମ୍ପୁ ଅତିରିକ୍ତ ତେଲ ଏବଂ ତେଲିଆ ଅଂଶକୁ ଶୋଷଣ କରି କେଶକୁ ଏକ ସତେଜ ଲୁକ୍ ଦିଏ।

ସକାଳୁ କୌଣସି ଗୁରୁତ୍ୱପୂର୍ଣ୍ଣ ବୈଠକ କିମ୍ବା ଅଫିସ୍ ଯିବା ପୂର୍ବରୁ ଏହାକୁ ଲଗାଇବା ଦ୍ୱାରା କିଛି ମିନିଟ୍ ମଧ୍ୟରେ କେଶ ସତେଜ ହୋଇପାରିବ।

କେଶ ଧୋଇବା ପରେ ଷ୍ଟାଇଲ୍ ଶୀଘ୍ର ଖରାପ



ହୋଇପାରେ, କିନ୍ତୁ ଡ୍ରାଏ ସାମ୍ପୁ ହେୟାର ଷ୍ଟାଇଲକୁ ଅକ୍ଷୁର୍ଣ୍ଣ ରଖେ।

ବାରମ୍ବାର କେଶ ଧୋଇବା ଦ୍ୱାରା ପ୍ରାକୃତିକ ତେଲ ଦୂର ହୋଇଯାଏ, ଯାହା କେଶକୁ ଶୁଷ୍କ କରିପାରେ। ଡ୍ରାଏ ସାମ୍ପୁ ଏକ ଉତ୍ତମ ବିକଳ୍ପ ହୋଇପାରେ।

### କେଶ ପାଇଁ କେତେ କ୍ଷତିକାରକ ଡ୍ରାଏ ସାମ୍ପୁ

- ଡ୍ରାଏ ସାମ୍ପୁ ମୁଣ୍ଡକୁ ଠିକ୍ ଭାବରେ ସଫା କରେ ନାହିଁ, ଯାହା ଦ୍ୱାରା ରୁପି ଏବଂ ବିଭିନ୍ନ କେଶ ସମସ୍ୟା ହୋଇପାରେ।
- କିଛି ଡ୍ରାଏ ସାମ୍ପୁରେ ଆଲକୋହଲ ଏବଂ ରାସାୟନିକ ପଦାର୍ଥ ଥାଏ, ଯାହା ମୁଣ୍ଡକୁ ଶୁଷ୍କ କରିପାରେ ଏବଂ କେଶକୁ ଦୁର୍ବଳ କରିପାରେ।
- ଏହାକୁ ନିୟମିତ ବ୍ୟବହାର କରିବା ଦ୍ୱାରା କେଶ ମୂଳରୁ ଦୁର୍ବଳ ହୋଇପାରେ, ଯାହାଦ୍ୱାରା କେଶ ଝଡ଼ିପାରେ।
- କିଛି ଡ୍ରାଏ ସାମ୍ପୁ ଲଗାଇବା ପରେ, ମୁଣ୍ଡରେ ଧଳା ପାଉଡର ପରି ପ୍ରଭାବ ଦେଖାଯାଏ, ଯାହା ଯୋଗୁଁ କେଶ ନିର୍ଜୀବ ଦେଖାଯାଇପାରେ।

### ଡ୍ରାଏ ସାମ୍ପୁକୁ ସଠିକ୍ ଭାବରେ କିପରି ବ୍ୟବହାର କରିବେ?

- ଏହାକୁ ୨-୩ ଦିନରେ କେବଳ ଥରେ ବ୍ୟବହାର କରନ୍ତୁ।
- ଡ୍ରାଏ ସାମ୍ପୁକୁ ୨୦-୨୫ ସେମି ଦୂରତାରୁ ସ୍ପ୍ରେ କରନ୍ତୁ ଏବଂ ଏହାକୁ ମୁଣ୍ଡରେ ଭଲ ଭାବରେ ମାଲିସ୍ କରନ୍ତୁ।
- ଏହା ପରେ, ବ୍ରଶ୍ କିମ୍ବା ପାନିଆ ସାହାଯ୍ୟରେ କେଶକୁ ଭଲ ଭାବରେ କୁଣ୍ଡାନ୍ତୁ ।
- ରାସାୟନିକ ପଦାର୍ଥ ମୁକ୍ତ ଏବଂ ପ୍ରାକୃତିକ ଶୁଷ୍କ ସାମ୍ପୁ ବାଛନ୍ତୁ । ଯେଉଁଥିରେ କି କ୍ଷତିକାରକ ରାସାୟନିକ ପଦାର୍ଥ ନଥିବା।

# ବାସ୍କେଟ ବଲ୍ କୋଚ୍ ଭୂମିକାରେ ଆମୀର

**୨**୦୨୨ରେ ଫିଲ୍ମ 'ଲାଲ୍ ସିଂ ଚଡ୍ଢା' ପରଠାରୁ ଅଭିନେତା ଆମୀର ଖାନ୍ ଅଭିନୟରୁ ଦୂରେଇ ରହିଛନ୍ତି। ତେବେ ଖୁବ୍‌ଶୀଘ୍ର ତାଙ୍କୁ 'ସିତାରେ ଜମିନ ପର' ଫିଲ୍ମରେ ଦେଖିବାକୁ ମିଳିବ। ୨୦୦୭ରେ ରିଲିଜ୍ ହୋଇଥିବା ଆମୀରଙ୍କ 'ତାରେ ଜମିନ ପର' ଫିଲ୍ମର ଏହା ହେଉଛି ସିକ୍ୱେଲ। ସୋମବାର 'ସିତାରେ ଜମିନ ପର' ଫିଲ୍ମକୁ ନେଇ ଏକ ନୂତନ ଅପଡେଟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଫିଲ୍ମର ଟ୍ରେଲର ରିଲିଜ୍ ନେଇ ସେନ୍ସର ବୋର୍ଡ ପକ୍ଷରୁ ମଞ୍ଜୁରୀ ମିଳିଛି। ସେନ୍ସର ବୋର୍ଡ 'ସିତାରେ ଜମିନ ପର' ଫିଲ୍ମର ଟ୍ରେଲରକୁ 'ୟୁଏ ୧୩+' ରେଟିଂ ପ୍ରଦାନ କରିଛି। ମୋଟ ୩ ମିନିଟ ୨୯ ସେକେଣ୍ଡର ଏହି ଟ୍ରେଲରକୁ ଆସନ୍ତା ୧ ତାରିଖରେ ସିନେମାହଲ୍ ଗୁଡ଼ିକରେ ଅଭିନେତା ଅଜୟ ଦେବଗନ୍‌ଙ୍କ 'ରେଡ୍ ୨' ଫିଲ୍ମର ରିଲିଜ୍ ବେଳେ ଜାରି କରାଯିବ। ତେବେ ଏହି ଫିଲ୍ମର ରିଲିଜ୍ ତାରିଖ ଉପରୁ ବର୍ତ୍ତମାନ ସୁଦ୍ଧା ପରଦା ଉଠିନାହିଁ। ଆର୍.ଏସ୍. ପ୍ରସନ୍ନାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଆମୀରଙ୍କ ବିପକ୍ଷରେ ଅଭିନେତ୍ରୀ ଜେନେଲିଆ ଡି'ସୁଜା ଦେଶମୁଖ ନଜରକୁ ଆସିବେ। ରିପୋର୍ଟ ଅନୁଯାୟୀ, ଫିଲ୍ମରେ ଆମୀରଙ୍କୁ ଜଣେ ରାଗୀ ଏବଂ ନିଷ୍ଠୁର ବାସ୍କେଟବଲ୍ କୋଚ୍‌ଙ୍କ ଭୂମିକାରେ ଦେଖିବାକୁ ମିଳିବ। ତେବେ ସମୟ କ୍ରମେ ତାଙ୍କ ଆଚରଣ ଓ ବ୍ୟବହାରରେ କିପରି ପରିବର୍ତ୍ତନ ଘଟୁଛି, ସେନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ।



# ଭାଇରସ୍ ସଂକ୍ରମଣରୁ ବଞ୍ଚାଇବ ଚୁଇଂଗମ୍



**କି**ଛି ଗବେଷଣା କହେ ଚୁଇଂଗମ୍ ଅଧିକ ଚୋବାଇବା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ହେଲେ ଏବେ ଏମିତି ଚୁଇଂ ଗମ୍ ତିଆରି କରାଯାଇଛି, ଯାହାକୁ ଚୋବାଇଲେ କିଛି ଭାଇରସ୍‌ରୁ ମୁକ୍ତି ମିଳିବ। ଆମେରିକା, ପେନ୍‌ସିଲଭାନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଟିମ୍ ଏକ ବିଶେଷ ପ୍ରକାରର ଆଣ୍ଟିଭାଇରାଲ ଚୁଇଂ ଗମ୍ ତିଆରି କରିଛନ୍ତି, ଯାହାକୁ ଚୋବାଇଲେ ହର୍ପିଜ ଓ ଫ୍ଲୁର ଭାଇରସ୍ ଦୂରରେ ରହିବ। ଅର୍ଥାତ୍ ଏହାକୁ ଚୋବାଇଲେ ୯୫% ପର୍ଯ୍ୟନ୍ତ ଭାଇରାଲ ସଂକ୍ରମଣର ଆଶଙ୍କା କମିଯିବ। ଇନଫ୍ଲୁଏଞ୍ଜା ଓ ହର୍ପିଜ ଭାଇରସ୍ ଯୋଗୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ସଂକ୍ରମିତ ହୋଇଥାନ୍ତି। କିଛି ଗଣନା କହେ, ବିଶ୍ୱ ସ୍ତରରେ ମୌସୁମୀ ଇନ୍‌ଫ୍ଲୁଏଞ୍ଜା ବା ବର୍ଷାଦିନିଆ ଥଣ୍ଡା ଜ୍ୱରରେ ପ୍ରତିବର୍ଷ ପ୍ରାୟ ୧୦ କୋଟି ଲୋକଙ୍କୁ ସଂକ୍ରମିତ ହୋଇଥାନ୍ତି। ଏମିତିକି ଏହା ଯୋଗୁ ପ୍ରାୟ ୬.୫୦ ଲକ୍ଷ ଲୋକ ଶ୍ୱାସ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ୬୫ ବର୍ଷ ବୟସର ଲୋକ ଏହି ଫ୍ଲୁରେ ଗଭୀରଭାବେ ସଂକ୍ରମିତ ହୋଇ ବେଳେବେଳେ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାଏ। ସେହିଭଳି ହର୍ପିଜରେ ମଧ୍ୟ ଲକ୍ଷ ଲକ୍ଷ ଲୋକ ପ୍ରତିବର୍ଷ ସଂକ୍ରମିତ ହୁଅନ୍ତି। ଏବେ କିନ୍ତୁ ଏହିଭଳି ସଂକ୍ରମଣକୁ ନେଇ ବିଶେଷ ଚିନ୍ତା କରିବାର ନାହିଁ। କାରଣ ଆମେରିକା, ପେନ୍‌ସିଲଭାନିଆ ବିଶେଷଜ୍ଞଙ୍କ ଦ୍ୱାରା ତିଆରି ଏହି ଚୁଇଂ ଗମ୍ ହର୍ପିଜ ଓ ଫ୍ଲୁ ଭାଇରସ୍‌ର ସଂକ୍ରମଣକୁ କମ୍ କରିବ।

**୨୨** ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ, ଦେଶରେ ପାକିସ୍ତାନ ବିରୁଦ୍ଧରେ କ୍ରୋଧ ଶୀର୍ଷରେ ପହଞ୍ଚିଛି। ଏହି ସମୟରେ, ବଲିଉଡ ଅଭିନେତ୍ରୀ କରୀନା କପୁରଙ୍କ ପାକିସ୍ତାନୀ ଡିଜାଇନର ଫରାଜ ମନନଙ୍କ ସହ ଫଟୋ ସାମ୍ନାକୁ ଆସିଥିଲା। ଏହି ଫଟୋଗୁଡ଼ିକ ଭାଇରାଲ ହେବା ମାତ୍ରେ ସୋସିଆଲ ମିଡିଆରେ ୟୁଜର୍ସ ସେମାନଙ୍କ କ୍ରୋଧ ପ୍ରକାଶ କରିଛନ୍ତି ଏବଂ ଅଭିନେତ୍ରୀଙ୍କୁ ଖୁବ୍ ଟ୍ରୋଲ କରାଯାଉଛି। ରିପୋର୍ଟ ଅନୁସାରେ, କରୀନା କପୁର ନିକଟରେ ଏକ କାର୍ଯ୍ୟକ୍ରମରେ ଦୁବାଇ ଯାଇଥିଲେ। ସେଠାରେ ତାଙ୍କର ପରିଚୟ ପ୍ରସିଦ୍ଧ ପାକିସ୍ତାନୀ ଫ୍ୟାଶନ ଡିଜାଇନର ଫରାଜ ମନନଙ୍କ ସହିତ ହୋଇଥିଲା। ଫରାଜ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ କରୀନାଙ୍କ ସହ ଉଠାଯାଇଥିବା ଫଟୋଗୁଡ଼ିକୁ ଶେୟାର କରିଛନ୍ତି। ଗୋଟିଏ ଫଟୋରେ ସେ ଲେଖିଛନ୍ତି, 'ଓଜି କରୀନା କପୁରଙ୍କ ସହିତ।' ଫଟୋଗୁଡ଼ିକରେ କରୀନା ହ୍ୱାଇଟ କର୍ସେଟ ଡ୍ରେସ ପିନ୍ଧିଥିବା ବେଳେ ଫରାଜ କଳା ଟି-ସାର୍ଟ ଏବଂ ପ୍ୟାଣ୍ଟରେ ନଜର ଆସିଛନ୍ତି।



# ପାକିସ୍ତାନୀ ଡିଜାଇନରଙ୍କ ସହ ଫଟୋ ସେୟାର କରି କରୀନା ଟ୍ରୋଲ

କରୀନା କପୁର ଏବଂ ଫରାଜ ମନନଙ୍କ ଫଟୋ ସାମ୍ନାକୁ ଆସିବା ମାତ୍ରେ ପ୍ରଶଂସକମାନେ ରାଗିଯାଇଛନ୍ତି। 'ତାଙ୍କୁ ପାକିସ୍ତାନ ପଠାଅ,' ଟୁଇଟରରେ ଜଣେ ୟୁଜର ଲେଖିଛନ୍ତି। ଆଉ ଜଣେ ଲେଖିଛନ୍ତି, 'ବଲିଉଡ ଲୋକମାନେ ଦେଶଦ୍ରୋହୀ, ସେମାନଙ୍କୁ ବୟକଟ କରାଯିବା ଉଚିତ।' ଅନେକ ୟୁଜର କରୀନାଙ୍କ ଏହି କାର୍ଯ୍ୟକୁ ଲଜ୍ଜାଜନକ ବୋଲି କହିଛନ୍ତି ଏବଂ ଏହାକୁ ନିର୍ଲଜ୍ଜତାର ଉଦାହରଣ ବୋଲି କହିଛନ୍ତି। 'ବୟକଟ ବଲିଉଡ' ଅନେକ ସ୍ଥାନରେ ଟ୍ରେଣ୍ଡିଂ ଆରମ୍ଭ କରିଛି। ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଥିଲେ। ଏହା ପରେ, ଭାରତ ସରକାର ଏବଂ ଚଳଚ୍ଚିତ୍ର ଶିଳ୍ପ ମଧ୍ୟ ପାକିସ୍ତାନୀ କଳାକାରଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ନିକଟରେ, ପାକିସ୍ତାନୀ ଅଭିନେତା ଫୱାଦ ଖାନଙ୍କ ଫିଲ୍ମ 'ଅବୀର ଗୁଲାଲ'ର ରିଲିଜ ଭାରତରେ ନିଷେଧ କରାଯାଇଛି। 'ସର୍ଦ୍ଦାର ଜୀ ୩' ଫିଲ୍ମ ମାଧ୍ୟମରେ ବଲିଉଡରେ ଡେବ୍ୟୁ କରିବାକୁ ଯାଉଥିବା ହାନିଆ ଆମିରଙ୍କୁ ମଧ୍ୟ ପ୍ରୋଜେକ୍ଟରୁ ବାହାର କରିଦିଆଯାଇଥିଲା। ଏତେ ସମ୍ବେଦନଶୀଳ ସମୟରେ, କରୀନା କପୁରଙ୍କ ପାକିସ୍ତାନୀ ଡିଜାଇନରଙ୍କ ସହ ପୋଜ ଦେଉଥିବା ଫଟୋ ଲୋକମାନଙ୍କୁ ପସନ୍ଦ ଆସି ନାହିଁ। ଗୋଟିଏ ପଟେ ଦେଶ ପାକିସ୍ତାନ ବିରୁଦ୍ଧରେ କ୍ରୋଧିତ ଥିବା ବେଳେ, କରୀନାଙ୍କ ଏହି ପ୍ରକାରର ସାର୍ବଜନୀନ ଉପସ୍ଥିତି ଲୋକଙ୍କୁ ଭୁଲ ବାର୍ତ୍ତା ଦେଉଥିବା ପରି ମନେ ହେଉଥିଲା। ଏହି କାରଣରୁ ସୋସିଆଲ ମିଡିଆରେ ବୟକଟ ଏବଂ କ୍ରୋଧର ଝଡ଼ ତୀବ୍ର ହୋଇଛି।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କନ୍ଧମାଳ/ବାଲିଗୁଡ଼ା, (ଭାସ୍କର ନ୍ୟୁଜ୍): ନିମ୍ନମାନର କାମ କରୁଛନ୍ତି ସ୍ଥାନୀୟ ଠିକାଦାର ପୁଣି ସେହି ଠିକା କାର୍ଯ୍ୟରେ ନିୟୋଜିତ ହେଉଛନ୍ତି ଶିଶୁ ଶ୍ରମିକ। ଏହିପରି ଏକ ଅଭିଯୋଗ ଆସିଛି ବାଲିଗୁଡ଼ା ଅଞ୍ଚଳରୁ। ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମୀଣ ଲୋକଙ୍କ ଗମନା ଗମନର ସୁବିଧା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରଦରେ ରାସ୍ତା କାର୍ଯ୍ୟ ନିର୍ମାଣ କରୁଛନ୍ତି, ହେଲେ ସ୍ଥାନୀୟ ଠିକାଦାର ନିମ୍ନମାନର କାମ କରି ଟଙ୍କା ଆତ୍ମସାତ କରୁଥିବା ଦେଖିବାକୁ ମିଳିଛି। ଏହିଭଳି ଅଭାବନୀୟ ଦୃଶ୍ୟ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ସୁତ୍ରା ପଞ୍ଚାୟତ କଟେରିଭଟାରେ ଦେଖିବାକୁ ମିଳିଛି। ଗାଁ ମଝିରେ ଏକ ଅର୍ଦ୍ଧନିର୍ମିତ ରାସ୍ତା ଓ ପୋଲ ନିର୍ମାଣ ହୋଇଥିଲା। ହେଲେ କାର୍ଯ୍ୟଟି ସମ୍ପୂର୍ଣ୍ଣ ନ ହେବାରୁ ସ୍ଥାନୀୟ ବାସିନ୍ଦା ଯିବାଆସିବା ପାଇଁ ବହୁତ କଷ୍ଟ ହେଉଥିଲା। କିଛିଦିନ ପୂର୍ବରୁ ଏହି ରାସ୍ତା ନିର୍ମାଣ ନିମନ୍ତେ ଖବର ପ୍ରସାରଣ କରାଯାଇଥିଲା। ସ୍ଥାନୀୟ ପ୍ରଶାସନ ଖବରକୁ ଦୃଷ୍ଟିରେ ରଖି ଲୋକଙ୍କ ହିତ ନିମନ୍ତେ ରାସ୍ତା ଓ ପୋଲ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଜାରି କରିଥିଲେ। ହେଲେ ଅର୍ଥ ଆସିଲା କାମ ବି ଚାଲିଛି ହେଲେ ନିମ୍ନମାନର। ଏଥିପାଇଁ ଦାୟୀ କିଏ ? ଶିଶୁଶ୍ରମିକମାନଙ୍କୁ ଠିକା କାର୍ଯ୍ୟରେ ଲଗେଇବା କେତେଦୂର ଯୁକ୍ତିଯୁକ୍ତ ? ଏହାର ତଦନ୍ତ କରାଯାଇ ଶିଶୁମାନଙ୍କୁ କାର୍ଯ୍ୟରେ ଲାଗାଇଥିବା ଠିକାଦାରଙ୍କ ପ୍ରତି ଉଚିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆମ ପୋଲିସ ସମିତି ବୈଠକ

କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକ ବଡ଼ତ୍ରିବିଡ଼ା ଗ୍ରାମରେ କଣିହାଁ ଥାନା ପକ୍ଷରୁ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଣିହାଁ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପାଳଲହଡ଼ା ଏସଡିପିଓ କୈଳାଶ ଚନ୍ଦ୍ର ସେଠୀ ଯୋଗଦେଇ ପୁଲିସ ସମିତିର ନିର୍ଦ୍ଦେଶାବଳୀ ଓ ଆଇନ ଜନସାଧାରଣଙ୍କ ସେବାରେ କିପରି ଉପଯୋଗ ହୋଇପାରିବ ସେ ସମ୍ପର୍କରେ କହିଥିଲେ। ବିଶେଷକରି ନାରୀ ନିର୍ଯାତନା, ପୋକ୍ସୋ ଆଇନ, ମିଥ୍ୟା ମାମଲା, ଟ୍ରାଫିକ୍ ସମସ୍ୟା,



ଗ୍ରାମାଞ୍ଚଳ ରାସ୍ତାରେ ବେଆଇନ ଗାଡ଼ି ଚଳାଚଳ, ରାସ୍ତାରେ ଗୋରୁ ବାନ୍ଧିବା ଓ ପରିବେଶ ସ୍ୱଚ୍ଛତା ଉପରେ ଆଲୋଚନା କରିବା ସହ ଲୋକଙ୍କୁ ସଚେତନତା କରାଯାଇଥିଲା। ଗ୍ରାମାଞ୍ଚଳରେ ପୁଲିସ ଓ ଜନସାଧାରଣଙ୍କ ଆସ୍ଥା ବଢ଼ିଲେ ଆଇନଶୃଙ୍ଖଳା ଠିକ୍ ହେବ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତ ପ୍ରକାଶ ପାଇଥିଲା। ମତପ୍ରକାଶ ବୈଠକରେ ସ୍ଥାନୀୟ ସରପଞ୍ଚ ଶାନ୍ତନୁ କୁମାର ପ୍ରଧାନ, ଏସ୍‌ଆଇ ବିଷ୍ଣୁଚରଣ ସାହୁଙ୍କ ସମେତ ପୁଲିସ କର୍ମଚାରୀ, ସ୍ଥାନୀୟ ଲୋକେ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଜଳ ପରିମଳ କର୍ମଶାଳା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ଜଳ ପରିମଳ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦତ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲ୍ଲା ଜଳ ପରିମଳ ଅଧିକାରିଣୀ ରିତାରାଣୀ ନାୟକ ଓ ଜିଲ୍ଲା ଜଳ ଅନୁସନ୍ଧାନକାରିଣୀ ସାବିତ୍ରୀ ବିଶ୍ୱାଳ ଯୋଗଦେଇ ସମ୍ପ୍ରତି ଉତ୍କଟ ଜଳ ସମସ୍ୟା କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିବା ସହ ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଇଥିଲେ। ଋତୁକାଳୀନ ଜଳବାହିତ ରୋଗ ପ୍ରତି ସଚେତନ ରହିବା ଓ ରାସାୟନିକ ପଦାର୍ଥ ମିଶ୍ରିତ ଜଳ ସେବନର ଭୟାବହତା ସମ୍ପର୍କରେ ସଚେତନ କରାଇଥିଲେ। ବିଭିନ୍ନ ପଞ୍ଚାୟତର ଏମବିକେ ଓ ସିଆରପି ଏହି କର୍ମଶାଳାରେ ଯୋଗ ଦେଇଥିଲେ। ଉଦୟନାଥ ବେଜ ଧନ୍ୟବାଦ ଦେଇଥିଲେ।

# ମଦ୍ୟପ ଡାକ୍ତରଙ୍କ ଉନ୍ମତ୍ତକାଣ୍ଡ

## ଥାନାରେ ପଶି ପୋଲିସ ଏସଆଇଙ୍କୁ ମାଡ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆରେ ମଦ୍ୟପ ଡାକ୍ତରଙ୍କ ଉନ୍ମତ କାଣ୍ଡ ଦେଖିବାକୁ ମିଳିଛି। ଡାକ୍ତର ଜଣକ ଅଭିଯୋଗ କରିବାକୁ ଆସି ପୋଲିସକୁ ପିଟିଥିବା ଅଭିଯୋଗ ହୋଇଛି। ମଦୁଆ ଡାକ୍ତର କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟର ବିସ୍ମୟ ଆଚାର୍ଯ୍ୟ ବୋଲି ଜଣାପଡ଼ିଛି। ଡାକ୍ତର ଜଣକ କରଞ୍ଜିଆ ଥାନାର ସବ ଇନ୍ସପେକ୍ଟର ବଳରାମ ମହାରଣାଙ୍କୁ ପିଟି ଲହୁଲୁହାଣ କରିବା ସହିତ ଅଶଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ମଙ୍ଗଳବାର ଅପରାହ୍ନରେ ଡାକ୍ତର ବିସ୍ମୟ ଆଚାର୍ଯ୍ୟ କରଞ୍ଜିଆ ବଜାରରେ ଥିବା ଏକ ସରକାରୀ ମଦ ଦୋକାନରୁ ମଦ ପିଇ ଉତ୍ପାତ ହେଉଥିବା ବେଳେ କରଞ୍ଜିଆ ପୋଲିସକୁ



ଖବର ଆସିଥିଲା। ତେବେ ପୋଲିସ ସେଠାକୁ ଯିବାବେଳେ ପୋଲିସକୁ ଦୁର୍ବ୍ୟବହାର କରିବା ସହିତ ପୋଲିସ ଏସଆଇ ବଳରାମ ମହାରଣାକୁ ଆକ୍ରମଣ କରିଥିଲେ। ଯାହାଫଳରେ ପୋଲିସ ଏସଆଇ ବଳରାମ ମହାରଣାଙ୍କ ଆଙ୍ଗୁଠି ଭାଙ୍ଗିବା ସହିତ ଆହତ ହୋଇଛନ୍ତି। ତେବେ ତାଙ୍କୁ ସେଠାରୁ ଆଣି ଥାନାରେ ଅଟକ ରଖି ଅଧିକ ତଦନ୍ତ କରୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ମଧ୍ୟ ଡାକ୍ତର ଜଣଙ୍କ ମଦ ପିଇ ମେଡ଼ିକାଲ ପରିସରରେ ଗଣ୍ଡଗୋଳ କରିଥିବା ଅଭିଯୋଗ ଆସିଥିଲେ ବି ମଙ୍ଗଳବାର ଏହାର ସବୁ ସୀମା ପାର କରିଛନ୍ତି ଡାକ୍ତର ଜଣଙ୍କ। ତେବେ ଏପରି ଡାକ୍ତରଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ନ ରଖିବା ପାଇଁ ସାଧାରଣରେ ଦାବି ହୋଇଛି। କରଞ୍ଜିଆ ଥାନାରେ ମଙ୍ଗଳବାର ଆଇଆଇସି ଦାୟିତ୍ୱରେ ଥିବା ବଳରାମ ମହାରଣା ସୂଚନା ଦେଇ କହିଛନ୍ତି କି, ଡାକ୍ତରଙ୍କ ବିରୋଧରେ କେସ୍ ହେବ ତେବେ ଖବର ଲେଖାହେବା ବେଳକୁ ଥାନାରେ କେସ ପଞ୍ଜୀକୃତ ହୋଇ ନଥିଲା।

## ଆତଙ୍କବାଦୀଙ୍କ ଗୁଳିରେ ନିହତ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଆଲୋକ ଜ୍ୟୋତି ମହିଳା ମହାସଂଘ ପକ୍ଷରୁ ସୋମବାର ସନ୍ଧ୍ୟାରେ ଆତଙ୍କବାଦୀଙ୍କ ଗୁଳିରେ ନିହତ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହିତ ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ କ୍ୟାଣ୍ଡଲ ଶୋଭାଯାତ୍ରା କରାଯାଇଛି। ଏହି ଅବସରରେ ବ୍ଲକ ପରିସରରେ ଥିବା ମିଶନଶକ୍ତି ଗୃହରେ ମହାସଂଘ ସମ୍ପାଦିକା କଲ୍ୟାଣୀ ଦାସଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ମୁଖ୍ୟବକ୍ତା ଭାବେ ମହିଳା ନେତ୍ରୀ ତଥା ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତ୍ ଲତା ନାୟକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ସମିତିସଭ୍ୟା ତିଳୋତ୍ତମା ବେହେରା, ମହିଳା ମହାସଂଘ ସଭାନେତ୍ରୀ ବାସନ୍ତୀ ରାଉତ ପ୍ରମୁଖ ଯୋଗ ଦେଇ ଏପରି ଏକ ମର୍ମନ୍ତୁଦ ଘଟଣା ସମସ୍ତଙ୍କ ପାଇଁ ଦୁଃଖ ଆଣିଦେଇଛି ବୋଲି କହିଥିବା ବେଳେ ଘଟଣାର ପୁନରାବୃତ୍ତି ହେବା ଉଚିତ୍ ନୁହେଁ ବୋଲି କହିଥିଲେ। ପ୍ରଥମେ ମୃତ ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ମିଶନଶକ୍ତି ଗୃହ ଠାରୁ ମହମବତୀ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ସ୍ଥାନୀୟ ମା' ଶ୍ୟାମାକାଳୀଙ୍କ ମନ୍ଦିର ନିକଟରେ ପହଞ୍ଚି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କୁନିଲତା କୁଅଁର, ଶୁଭଲକ୍ଷ୍ମୀ ନାୟକ, ଅନସୂୟା ନାୟକ, ଶକୁନ୍ତଳା ଜେନା, ସ୍ୱର୍ଣ୍ଣଲତା ମଳିକ, ସ୍ୱର୍ଣ୍ଣପ୍ରଭା ଓଝା, ଦ୍ରୌପଦୀ ଜେନା, ଝରଣା ମହାଳିକ, ସ୍ୱର୍ଣ୍ଣଲତା ସାହୁ, ଜୟନ୍ତୀ ନାୟକ, ସ୍ମୃତିରେଖା ନାୟକଙ୍କ, ଶକୁନ୍ତଳା ଖୁଣ୍ଟିଆ, କନକଲତା ଖୁଣ୍ଟିଆଙ୍କ ସମେତ ବହୁ ମହିଳା ଶୋଭାଯାତ୍ରାରେ ଯୋଗ ଦେଇଥିଲେ।

## ମାସିକ ୯ହଜାର ଟଙ୍କା ପେନ୍‌ସନ୍ ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ




ବାରିପଦା, (ଭାସ୍କର ନ୍ୟୁଜ୍): ଏମ୍ପ୍ଲିଜ୍ ପ୍ରୋଭିଡେଣ୍ଟ ଫଣ୍ଡ୍ (ଇପିଏଫ) ପେନ୍‌ସନ୍ ଭୋଗୀ ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ନାଗରିକମାନେ ଆଜି ପୂର୍ବାହ୍ନରେ ବାରିପଦା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଶାନ୍ତିପୂର୍ଣ୍ଣ ସଭା ଅନୁଷ୍ଠାନ କରି ମାସିକ ୯ହଜାର ଟଙ୍କା ପେନ୍‌ସନ୍ ଓ ଅନ୍ୟାନ୍ୟ ସୁବିଧା ଦାବିରେ ପ୍ରଧାନମନ୍ତ୍ରୀଙ୍କ ନାମରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଜିଲ୍ଲା ଉପସଭାପତି ସାଥି ମଧୁସୂଦନ ଜେନା ସଭାପତିତ୍ୱ କରିଥିଲେ। ସଭାର ଆରମ୍ଭରେ ପେହେଲଗାମ ଆତଙ୍କବାଦୀ ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପିତ ହୋଇଥିଲା। ସାଥି ଗୋପାଳଚନ୍ଦ୍ର ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଦେଶର ଲକ୍ଷାଧିକ ଇପିଏଫ ପେନ୍‌ସନ୍ ଭୋଗୀଙ୍କୁ ମାତ୍ର ୭୦୦-୮୦୦ ଟଙ୍କା ପେନ୍‌ସନ୍ ମିଳୁଥିବା ଘଟଣାକୁ ଅନ୍ୟାୟ ବୋଲି ଘୋଷଣା କରିଥିଲେ। ସେ ଦାବି କରିଥିଲେ ଯେ, ମାସିକ ନ୍ୟୁନତମ ପେନ୍‌ସନ୍ ୯,୦୦୦ ଟଙ୍କା ହେଉ ଓ ମହଙ୍ଗା ଭତ୍ତା ସହିତ ଚିକିତ୍ସା ସୁବିଧା ଯୋଗାଯାଉ। ଏହି ଆନ୍ଦୋଳନକୁ ଏଆଇଟିୟୁସି ଓ ବିଭିନ୍ନ ସଂଗଠନ ସମର୍ଥନ ଦେଇଛନ୍ତି। ସଂଘର ଅନ୍ୟ ଅଧିକାରୀ ମାନେ ସାଥି ରଘୁନାଥ ପଣ୍ଡା, ମେନକା ଦାସ, ସଞ୍ଜୁକ୍ତା ଖୁଲାର, ସୁବୋଧ ନାୟକ, କୂଳମଣି ପାତ୍ର, ଭଗବାନ ରଣା, ନିଳାମ୍ବର ବେହେରା ଓ ଅନେକ ଅନ୍ୟମାନେ ମଧ୍ୟ ତାଙ୍କର ମତ ବ୍ୟକ୍ତ କରିଥିଲେ। ସଭା ଶେଷରେ ୫ ଜଣିଆ ଏକ କମିଟି ଦ୍ୱାରା ଏକ ଲିଖିତ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ନାମରେ ଜିଲ୍ଲାପାଳଙ୍କୁ ଦିଆଯାଇଥିଲା। ସାଥି ଦୁର୍ଯ୍ୟୋଧନ କୁମାର ବେହେରା ଧନ୍ୟବାଦ ଜଣାଇ ସଭାର ସମାପନ କରିଥିଲେ।

## ଜବରଦଖଲ ଉଚ୍ଛେଦ କଲା ଏନଏସି

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ଏନଏସି ପ୍ରଶାସନ ଆକ୍ସନ ମୋଡ଼ରେ ଥିବା ଦେଖିବାକୁ ମିଳିଛି। ନିଜେ ଛତ୍ରପୁର ଏନଏସି ନିର୍ବାହୀ ଅଧିକାରୀ, ଅଧକ୍ଷା, ଉପାଧ୍ୟକ୍ଷ ତାଙ୍କ ଟିମ ନେଇ ରାସ୍ତା ଅବରୋଧ କରି ଦୋକାନ ଖୋଲିଥିବା ବ୍ୟବସାୟୀଙ୍କୁ ଏଠାରୁ ହଟିବାକୁ ନିର୍ଦ୍ଦେଶ ଦେଇଥିଲେ। ଲୋୟର ବସଷ୍ଟାଣ୍ଡ ନିକଟରେ ଥିବା ଏନଏସିର ଦୋକାନ ଗୃହରେ ଫଳ ଦୋକାନ କରିଥିବା ଦୁଇ ବ୍ୟବସାୟୀ ରାସ୍ତା ଉପରେ ଜବରଦଖଲ କରି ବେପାର କରୁଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଏଗୁଡିକ ହଟାଇବାକୁ ଏନଏସି ନିର୍ବାହୀ ଅଧିକାରୀ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେଗୁଡିକୁ ଉଚ୍ଛେଦ କରାଯାଇଥିଲା। ସେହିପରି ଛତ୍ରପୁର ବଳିକା ହାଇସ୍କୁଲ ରାସ୍ତାରେ ବେଆଇନ ଭାବେ ରାସ୍ତା ଉପରେ ପରିବା ଦୋକାନ ଖୋଲି ବେପାର ହେଉଥିଲା। ସେଗୁଡିକୁ ମଧ୍ୟ ଛତ୍ରପୁର ଏନଏସି ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଛତ୍ରପୁର ଏନଏସି ପକ୍ଷରୁ ନୂତନ ପରିବା ମାର୍କେଟ ନିର୍ମାଣ କରାଯାଇଛି। ଉକ୍ତ ମାର୍କେଟରେ ବସିବା ପାଇଁ ଜାଗା ଥିବାବେଳେ କେତେକ ପରିବା ଦୋକାନୀ ରାସ୍ତା ଉପରେ ବେପାର ଜମାଇ ଆସୁଥିଲେ। ଏନେଇ ପାର୍କିଂ ଓ ଟ୍ରାଫିକ ସମସ୍ୟା ଉପୁଜୁଥିଲା।

## ଇବ୍ ଭ୍ୟାଲି ଡିଏଭି ସ୍କୁଲ୍ ଠାରେ ସମର କ୍ୟାମ୍ପ ଉଦ୍‌ଘାଟିତ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଇବ୍ ଭ୍ୟାଲି ଡିଏଭି ସ୍କୁଲ୍ ଠାରେ ସମର କ୍ୟାମ୍ପ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଅବସରରେ ଇବ୍ ଭ୍ୟାଲି ଡିଏଭି ସ୍କୁଲ୍ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମଲେଶ୍ୱରୀ ଡିଏଭି ସ୍କୁଲର ପ୍ରଧାନ ଶିକ୍ଷକ ଚିନ୍ମୟ କୁମାର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭଲିବଲର କୋଚ୍ ଆଶିଷ ପଟେଲ, ବାଦ୍ୟଯନ୍ତ୍ର କୋଚ୍ ସିମୋୟାନ୍ ନନ୍ଦ, ଏଥେଲେଟିକ କୋଚ୍ କାମାଲିନୀ ନାୟକ, ଚେସ୍‌ର କୋଚ୍ ପ୍ରକାଶ ସାହୁ, ନାଚର କୋଚ୍ ସୋନୁ ମହାନନ୍ଦ ଯୋଗ ଦେଇଥିଲେ। ଏହି ସମର କ୍ୟାମ୍ପ ମଙ୍ଗଳବାର ଠାରୁ ଆରମ୍ଭ ହୋଇ ଶନିବାର ପର୍ଯ୍ୟନ୍ତ ୫ଦିନ ଧରି ଚାଲିବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହି କ୍ୟାମ୍ପରେ ୨୨୩ ଜଣ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଯୋଗ ଶିକ୍ଷା ପାଇଁ ୨୮ଜଣ, ନାଚ ଶିକ୍ଷା ପାଇଁ ୪୭ ଜଣ, ବାଦ୍ୟଯନ୍ତ୍ର ଶିକ୍ଷା ପାଇଁ ୨୩ ଜଣ, ଖୋ ଖୋ ଖେଳ ପାଇଁ ୪୬ ଜଣ, ଚେସ୍ ଖେଳ ପାଇଁ ୩୦ ଜଣ, ଭଲିବଲ ପାଇଁ ୧୬ ଜଣ, ବାସ୍କେଟବଲ ପାଇଁ ୧୨ ଜଣ, କଳା ଓ ଶିଳ୍ପ ପାଇଁ ୨୨ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ବଳଦେବଜିଉ କଳା ସଂସ୍କୃତି ପ୍ରତିଷ୍ଠାନରେ ମଧୁ ଜୟନ୍ତୀ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ସହର ଉପକଣ୍ଠ ଆଇନ ମହାବିଦ୍ୟାଳୟ ସରଣୀ ସ୍ଥିତ ଶ୍ରୀବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନ ସଭାଗୃହରେ ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଜୟନ୍ତୀ ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମଧୁବାବୁଙ୍କୁ ଓଡ଼ିଆ ଅସ୍ମିତାର ଅଗ୍ରଧାବକ ରୂପେ ଅଭିହିତ କରିଥିଲେ। ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ସଭାପତି ପ୍ରାଧାପକ ନନ୍ଦକିଶୋର ପରିଡାଙ୍କ ପରିଚାଳନାରେ ଏହି ଉଦ୍ଦେଶ୍ୟରେ ଆୟୋଜିତ ସଭାରେ ସର୍ବୋଦୟ ମଣ୍ଡଳ ରାଜ୍ୟ ସଭାପତି ମିହିର ପ୍ରତାପ ଦାସ ମୁଖ୍ୟବକ୍ତା ରୂପେ ଯୋଗଦେଇ ମଧୁବାବୁଙ୍କୁ ଗାନ୍ଧିଜୀଙ୍କ ଅର୍ଥନୈତିକ କାର୍ଯ୍ୟସୂଚୀର ମାର୍ଗଦର୍ଶକ ଭାବେ ଅଭିହିତ କରିଥିଲେ। ଶିକ୍ଷାବିତ୍ ପ୍ରାଧାପକ ମୋହନ ଚରଣ ଜେନା ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସଂଗଠନର ଜିଲ୍ଲା ସମ୍ପାଦକ ଡ. ବାସୁଦେବ ଦାସ ଓ ଶ୍ରୀ ବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ଅଧାପକ ଅଜୟ ସାମଲ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ସମ୍ପାଦକ ମହେନ୍ଦ୍ର ପଟ୍ଟନାୟକ ସ୍ୱାଗତ ଭାଷଣ, ଆଦିକନ୍ଦ ରାଉଳ ଅତିଥି ପରିଚୟ ଓ ଶୈଳଜା ଶଙ୍କର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ଗାଳ୍ପିକା ଅବନ୍ତୀ ବେହେରା, ରବୀନ୍ଦ୍ର ପ୍ରସାଦ ଜେନା, ରମଣୀ ରଞ୍ଜନ ରାଉତରାୟ, ମୁକ୍ତାର ଖାଁ, ନୃସିଂହ ତ୍ରିପାଠୀ, ଶ୍ରୀଧର ମହାନ୍ତି, ଅବଧୂତ ରାଉତ, ମନୋରଞ୍ଜନ ତ୍ରିପାଠୀ, ରଣଧୀର ଜେନା, ରଞ୍ଜନ ବାଇ, ଅଶୋକ ସାହୁ, ଗୌରାଙ୍ଗ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ମଧୁସୂଦନ ବେହେରା, ପ୍ରଦୀପ ପରିଡା, ଦୀପକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ମଧୁବାବୁ ଜୟନ୍ତୀ ପାଳିତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ଅନ୍ତର୍ଗତ ତିହିଡ଼ି ବ୍ଲକ ଉତ୍କଳ ସମ୍ମିଳନୀ ଶାଖାର ମଧୁସୂଦନ ଜୟନ୍ତୀ ପାଳନ ଅବସରରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ସଭାପତି ସୋମନାଥ ପାଢ଼ୀ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ପି. ହୃଷିକେଶ, ସମ୍ମାନିତ ଅତିଥୀ କବି ଆଶୁତୋଷ କରଣ, କବି ନିରଞ୍ଜନ ବାରିକ, ଅଧ୍ୟାପିକା ସଂଯୁକ୍ତା ଭାରତୀ, ଗାଳ୍ପିକ କୈଳାସ ଚନ୍ଦ୍ର ବେହେରା ଓ ନୀଳମାଧବ ସେନାପତି ଯୋଗ ଦେଇ ମଧୁବାବୁଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ପ୍ରବଚିକା ବିଶ୍ୱମୈତ୍ରୀ ନାୟକ ବେଦ ପାଠ କରିଥିଲେ। ବ୍ଲକ ସମ୍ପାଦକ ବିଭୂତି ଭୂଷଣ



ସେନାପତି ସ୍ୱାଗତ ଭାଷଣ ଦେଇଥିଲେ। କବି ବିସ୍ମୟ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ତିହିଡ଼ି ଲେଖକ ସାମ୍ମୁଖ୍ୟ ପକ୍ଷରୁ ଅନୁଷ୍ଠିତ ସଭାରେ ସାମ୍ମୁଖ୍ୟର ସଭାପତି ଭଗବାନ ଚନ୍ଦ୍ର ନାୟକ ପୌରୋହିତ୍ୟ କରିଥିଲେ। ଏଥିରେ କବି ଦୀନବନ୍ଧୁ ପତି, ଡ. ଲକ୍ଷ୍ମୀଧର ତ୍ରିପାଠୀ, ସାହିତ୍ୟିକ ଉମାକାନ୍ତ ମିଶ୍ର, ବିଭୂତି ଭୂଷଣ ସେନାପତି, ପି. ହୃଷିକେଶ, ନିର୍ମଳ ଦଳେଇ, କଳ୍ପତରୁ ସେଠୀ, ବିଶ୍ୱମୈତ୍ରୀ ନାୟକ, ପୁଷ୍ପାଞ୍ଜଳି ତ୍ରିପାଠୀ, କୈଳାସ ବେହେରା, ନୀଳମାଧବ ସେନାପତି, ବିସ୍ମୟ ବିହାରୀ ସାହୁ ପ୍ରମୁଖ ଯୋଗ ଦେଇ ମଧୁବାବୁଙ୍କ ଜୟନ୍ତୀ ଉପରେ ଆଲୋଚନା କରିଥିଲେ।

## ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଉଦ୍‌ଯାପିତ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଗଡ଼ପରଜଙ୍ଗ ପ୍ରାଥମିକ ବିଦ୍ୟାଳୟ ପରିସରରେ ସମଗ୍ର ଶିକ୍ଷା ଢେଙ୍କାନାଳ ଆୟୋଜନରେ ଆୟୋଜିତ ବ୍ଲକ ସ୍ତରୀୟ ଶିକ୍ଷଣସାମଗ୍ରୀ କର୍ମଶାଳା ଦୁଇଦିନ ଧରି ଅନୁଷ୍ଠିତ ହୋଇ ମଙ୍ଗଳବାର ଉଦ୍‌ଯାପିତ ହୋଇଅଛି। ବ୍ଲକ ଶିକ୍ଷାଧିକାରୀଣି ପ୍ରିୟଦର୍ଶିନୀ ନାୟକଙ୍କ ଅଧକ୍ଷତାରେ ଏବଂ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ଦୁଇଦିନ ଧରି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା। ଚଳିତ ୨୫/୨୬ଶିକ୍ଷାବର୍ଷ ଲାଗି ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ନୂତନ ଭାବେ ଖୋଲାଯାଇଥିବା ଶିଶୁ ବାଟିକା ଶ୍ରେଣୀ ପାଇଁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା, ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ଓ ସୃଜନଶୀଳତା ଉପରେ କେତେକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ବିଭିନ୍ନ କ୍ଲଷ୍ଟରରୁ ୧୬ ଜଣ ଶିକ୍ଷକଶିକ୍ଷୟତ୍ରୀ ମନୋନୀତ ହୋଇଥିଲାବେଳେ, ଏହି କର୍ମଶାଳାରେ ଭାଗନେଇ ବିଭିନ୍ନ କିସମର ଆକର୍ଷଣୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ।

## ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ବେସରକାରୀ କ୍ଲିନିକ ଓ ଲାବୋରେଟୋରୀ ସଂଘ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରି ଡାକ୍ତର ସିଏଚ ଜଗନ୍ନାଥ ରାଓଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଡ୍ୟାମ ସାଇଡ ଇକୋ ପାର୍କ ଠାରେ ଏକ ଆଲୋଚନା ସଭାର ଆୟଜନ ମଧ୍ୟ କରାଯାଇଥିଲା। ଏହି ସମାବର୍ତ୍ତନ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହିତ ଉପ ଚିକିତ୍ସା ଅଧିକାରି ଡା. ହୁସେନ ଡା. ସନ୍ତୋଷ ମିଶ୍ର. ଡା ସୁରମା ବେହେରା ଡା. ସୁବ୍ରତ ଜେନା ଡା. ଅଶ୍ୱନୀ ପାଠୀ ଉପସ୍ଥିତ ଥିଲେ। ଏଥି ସହିତ ଅଫିସର ମୁଖ୍ୟ ସୁନୀଲ କୁମାର ସାହୁ, ପହରାଜ ବାବୁ, ରାଓ ବାବୁ, ବୁରୁଦା ବାବୁ ମାନେ ଉପସ୍ଥିତ ଥିଲେ। ଉକ୍ତ ସଭାରେ ମୁଖ୍ୟ ଚିକିତ୍ସାଧିକାରୀ ମାଲକାନଗିରି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ବେସରକାରି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ବେସରକାରୀ କ୍ଲିନିକି ମାନଙ୍କର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଥିବା ଆବଦନାକୁ ଭୂୟସୀ ପ୍ରଶଂଶା କରିଥିଲେ। ତତ୍ ସହିତ ଅଫିସର ସମସ୍ତ କର୍ମକର୍ତ୍ତା ବକ୍ତବ୍ୟ ରଖିଥିଲେ। ଏଥିରେ କ୍ଲିନିକାଲ ଏଷ୍ଟାବ୍ଲିଷ୍ଟମେଣ୍ଟରେ ଥିବା ସମସ୍ତ ଅଧିକାରିମାନେ ଉପସ୍ଥିତ ଥିଲେ। ପ୍ରକାଶ କୁମାର ପଣ୍ଡା, ମଦନ ମୋହନ ସରକାର, ରତନ ଚକ୍ରବର୍ତୀ



ଇତ୍ୟାଦି ସହିତ କାଳିମେଳା, ବାଲିମେଳା ଓ ଚିତ୍ରକୋଣ୍ଡାରୁ ଆସିଥିବା ସମସ୍ତ କ୍ଲିନିକି ଅଧିକାରି ମାନେ ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପରିଶେଷରେ ବେସରକାରି କ୍ଲିନିକି ସଂସ୍ଥାର ସଭାପତି ପ୍ରକାଶ କୁମାର ପଣ୍ଡାଙ୍କ ସହିତ ଅନ୍ୟ ସହକର୍ମୀମାନେ ପୁଷ୍ପ ଦେଇ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ବିଦାୟ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଶହୀଦ ଭାରତୀୟଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା, (ଭାସ୍କର ନ୍ୟୁଜ୍): ଜମ୍ମୁ-କଶ୍ମୀରର ପେହେଲଗାମ୍ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଭାରତୀୟ ସେନା ଜୱାନ ଓ ନିରପରାଧ ନାଗରିକଙ୍କ ଆତ୍ମାର ସଦଗତି ପାଇଁ, ମଙ୍ଗଳବାର ସନ୍ଧ୍ୟା ୬:୩୦ରେ ବାରିପଦା ଛଉ ପଡିଆରେ ଏକ ଶୋକ ସଭା ଓ ପ୍ରଦୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ମୟୂରଭଞ୍ଜ ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘଙ୍କ ଅନୁକୂଳ୍ୟରେ ଆୟୋଜିତ ହୋଇଥିଲା। ଶୋକ ସଭାରେ ଅନେକ ସାମାଜିକ ସଂଗଠନ, ନାଗରିକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶହୀଦଙ୍କ ଦେଶପ୍ରେମ ଓ ବଳିଦାନକୁ ସ୍ମରଣ କରାଯାଇଥିଲା। ପ୍ରଦୀପ ଜଳାଇ ଶାନ୍ତି ପାଠ ଓ ମନ୍ତ୍ରୋଚ୍ଚାରଣ ମାଧ୍ୟମରେ ତାଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରାଯାଇଥିଲା।

## ସଂପୁର ଆରାଧ୍ୟା ଠାକୁରାଣୀ ବୃନ୍ଦା ଦେବୀଙ୍କ ବାର୍ଷିକ ଉତ୍ସବ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ୍ ଅନ୍ତର୍ଗତ ସଂପୁର ଗ୍ରାମର ପ୍ରାଚୀନ ଉତ୍କଳର ଐତିହାସିକ ପାଞ୍ଚଗଡ (ସଂପୁର) ଦୁର୍ଗର ଆରାଧ୍ୟା ମା' ବୃନ୍ଦାଦେବୀଙ୍କ ବାର୍ଷିକ ଯଜ୍ଞଉତ୍ସବ ମହା ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ବିଶ୍ୱ କଲ୍ୟାଣ ନିମନ୍ତେ ସୋମବାର ଅଧିବାସ ଦିବସରେ ମାନସିକ ଶ୍ରଦ୍ଧାଳୁ ଭକ୍ତମାନେ ଗ୍ରାମ ନେଳିଆ ପୋଖରୀ ଠାରେ ପୂର୍ଣ୍ଣ କଳସକୁ ପୂଜା ପାଠ କରାଯାଇ ସ୍ୱତନ୍ତ୍ର ବାଦ୍ୟ ଧ୍ୱନି ଓ ନାମ ସଂକୀର୍ତ୍ତନରେ ଗ୍ରାମ ପରିକ୍ରମା କରାଯାଇ ମାଆଙ୍କ ବିଜେସ୍ଥଳୀରେ କଳସ ସ୍ଥାପନ କରାଯାଇଥିଲା। ମଙ୍ଗଳବାର ଦ୍ୱିତୀୟ ଦିବସରେ ମା'ଙ୍କୁ ଶୁଦ୍ଧ ସ୍ନାନ, ନୂତନ ବସ୍ତ୍ର ପରିଧାନ, ନୂତନ ମୁଖ ସ୍ଥାପନ, ସୂର୍ଯ୍ୟ ପୂଜା, ପୂଜାପାଠ ଆଦି କରାଯାଇଥିବା ବେଳେ ପୂର୍ବାହ୍ନ ୧୨ଘଟିକା ସମୟରେ ହଜାରହଜାର ଶ୍ରଦ୍ଧାଳୁଙ୍କ ଯୋଗଦାନରେ ପୂର୍ଣ୍ଣାହୁତି କାର୍ଯ୍ୟ



ସମାପନ କରାଯାଇଥିଲା। ଏହି ପୂଜା କାର୍ଯ୍ୟରେ କର୍ତ୍ତା ଭାବେ ନେତ୍ର ରଞ୍ଜନ ମିଶ୍ର କାର୍ଯ୍ୟ ତୁଲାଇଥିଲେ। ଏହି ପୂଜାକାର୍ଯ୍ୟକୁ ପୁରୋହିତ ସୌମ୍ୟ ରଞ୍ଜନ ମିଶ୍ର ଓ ପୂଜକ ବ୍ରହ୍ମାନନ୍ଦ ପଣ୍ଡାଙ୍କ ଦ୍ୱାରା ପୂଜାପାଠ କାର୍ଯ୍ୟ ସମ୍ପାଦନ କରଯାଇଥିଲା। ବାର୍ଷିକ ଉତ୍ସବ ଅବସରରେ ନାଟ୍ୟକାର ନାରାୟଣ ମହାନ୍ତିଙ୍କ ନିର୍ଦ୍ଦେଶନାରେ ସଂପୁର ଗ୍ରାମର ବାଳିକା ରାମ ନାଟକ କୁନି କଳାକାର ମାନଙ୍କ ଦ୍ୱାରା 'ଲବକୁଶ ଜନ୍ମ' ଶୀର୍ଷକ ପୌରାଣିକ ନାଟକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂପୁର ଗ୍ରାମବାସୀ ତଥା ବୃନ୍ଦା ଦେବୀ କମିଟିର ସଦସ୍ୟମାନେ ସହଯୋଗ କରି ପରିଚାଳନା କରିଥିଲେ। ଏହି ବାର୍ଷିକ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁମାନେ ଯୋଗଦେଇ ବୃନ୍ଦା ଦେବୀ ମା'ଙ୍କ ବିଭୁକୃପା ଲାଭ କରିଥିଲେ।

## ବାବା ବାଲି କପିଳେଶ୍ୱରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା କଣ୍ଟାପଡ଼ା ସ୍ଥିତ ଡିମିରି ଗ୍ରାମରେ ଥିବା ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବାବା ବାଲି କପିଳେଶ୍ୱରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଚଳିତ ମେଷ ବୈଶାଖ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ୨୭ତାରିଖ ରବିବାର ଠାରୁ ଆରମ୍ଭ ହେଇ ୩୦ ତାରିଖ ବୁଧବାର ପର୍ଯ୍ୟନ୍ତ ତିନିଦିନ ଧରି ଚାଲୁ ରହିବ। ସୋମବାର ପୂଜା କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କର ସହଯୋଗରେ ମନ୍ଦିର ପ୍ରାଙ୍ଗଣରୁ ଏକ କଳସ ଶୋଭାଯାତ୍ରାରେ ବାହାରି ନୋଦା, ଅରିଶୋଲ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ଥିବା କନ୍ଦଳ ନଦୀରେ ପହଞ୍ଚି ପାରମ୍ପାରିକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା ଶେଷ କରି ଘଣ୍ଟଘଣ୍ଟା, ଶଙ୍ଖ ଓ ହୁଳହୁଳି ପକାଇ ଡିମିରି ଗ୍ରାମ ପରିକ୍ରମା କରିବାର ଦେଖିବାକୁ ମିଳିଥିଲା। ସୁଚିତ ରଞ୍ଜନ ମହାନ୍ତି (କର୍ତ୍ତା), ମଞ୍ଜୁ ଲତା ମହାନ୍ତି (କର୍ତ୍ତି), ହରିଶ ଚନ୍ଦ୍ର ଦାସ, ସନାତନ ବାରିକ, ଶ୍ରୀନିବାସ ଦାସ, ସୁନନ୍ଦା କୁମାର ଜେନା, ସୁଭାଷ ଚନ୍ଦ୍ର ବାରାଳ, ମନୋରଞ୍ଜନ ମହାନ୍ତି, କହରୀ ମହାନ୍ତି, ସୁଶାନ୍ତ ବରାଳଙ୍କ ସମେତ ୫୦ରୁ ଉର୍ଦ୍ଧ କର୍ମକର୍ତ୍ତାଙ୍କୁ ଦେଖିବାକୁ ମିଳିଥିଲା। ବାବା ବାଲି କପିଳେଶ୍ୱରଙ୍କର ବୁଧବାର ପୂର୍ଣ୍ଣାହୁତି ସାଙ୍ଗକୁ ପ୍ରସାଦ ସେବନର ମଧ୍ୟ ଅୟୋଜନ ରହିଛି।





ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଏହି ବ୍ଲକର ସରପଦା ଗ୍ରାମରେ ଦ୍ରୋପଦୀ ସୁନ୍ଦରୀ ରାଉତଙ୍କ ୩୧ତମ ସ୍ମୃତିଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। 'ଅଞ୍ଜଳି'ସମ୍ପାଦକ ପ୍ରକାଶ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ବ୍ରହ୍ମଚାରୀ ହିମାଂଶୁ ମହାରାଜ ଉଦ୍‌ଘାଟନ କରି ମା' ମାତୃଭାଷା ଓ ମାତୃଭୂମି ସର୍ବଦା ବନ୍ଦନୀୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଦ୍ରୋପଦୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା। ଏଥିରେ ଅବସରପ୍ରାପ୍ତ ଅଧକ୍ଷ ସୌରେଶ ଚନ୍ଦ୍ର ମହାନ୍ତି ମୁଖ୍ୟବକ୍ତା, ସ୍ମୃତିଲିପି ସମ୍ପାଦକ ଭୁବନ ମୋହନ ମହାନ୍ତି, ପ୍ରଧାନଶିକ୍ଷୟତ୍ରୀ ମାନସୀଲତା ଜେନା, ଭାଗ୍ୟଶ୍ରୀ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରୀଙ୍କୁ ଗଢିତୋଳିବା ଦିଗରେ ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅବସରପ୍ରାପ୍ତ ପ୍ରାଧାପକ ମନୋଜ କୁମାର ରାଉତ ସ୍ୱାଗତ ଭାଷଣ, ଶିକ୍ଷକ ନେତା ମାୟାଧର ଦାଶ ଅତିଥି ପରିଚୟ ଓ ଶଙ୍କର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

## ମଇ ୨୦ ଧର୍ମଘଟ ସଫଳ ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନର କନଭେନସନ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ସିଟୁ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ଗୁଡିକର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏକ କନଭେନସନ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକନେତା ଜଗତଜୀବନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କନଭେନସନରେ ଟ୍ରେଡ ୟୁନିଅନ ଆଇନ ବଦଳରେ ୪ଟି ଶ୍ରମକୋର୍ଡ ଗଠନ ଓ ଶ୍ରମିକ କଲ୍ୟାଣ ବୋର୍ଡର ରାଜନୀତିକରଣକୁ ବିରୋଧ, ପାଚିକା ଓ ଆଶାମାନଙ୍କୁ ସରକାରୀ ଚାକିରୀ ମାନ୍ୟତା ସହ ମାସିକ ବେତନ ୨୨ହଜାର ଟଙ୍କା ପ୍ରଦାନ, କୃଷିଜାତ ପଦାର୍ଥର ସର୍ବନିମ୍ନ ମୂଲ୍ୟ ପାଇଁ ଆଇନ ପ୍ରଣୟନ, ନିର୍ମାଣ ଶ୍ରମିକମାନଙ୍କ ସମସ୍ତ ବକେୟା ସହାୟତା ତୁରନ୍ତ ପ୍ରଦାନ, କେନ୍ଦ୍ରାପଡା ଜିଲ୍ଲାରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯିବା ଏବଂ ଜିଲ୍ଲାରେ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା କରାଯିବା ଦାବିରେ ଆଗାମୀ ମଇମାସ ୨୦ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଧର୍ମଘଟକୁ ସଫଳ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି କନଭେନସନରେ ଆଇଏନଟିୟୁସିର ମୁକ୍ତାର ଖାଁ, ବାବାଜୀ ଧଳ, ପ୍ରକାଶ ଚନ୍ଦ୍ର ମହାନ୍ତି, ଶ୍ରମିକ ନେତା ଫକୀର ଚରଣ ଖଟୁଆ, ବସନ୍ତ କୁମାର ସେଠୀ, ମାଧବ ଦାସ, ବିଧୁଭୂଷଣ ମହାପାତ୍ର, ଅଜିତ ପରିଡା, ସୁହାନା ବେଗମ ପ୍ରମୁଖ ବକ୍ତବ୍ୟ ରଖି ଆସନ୍ତା ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିଲୋଚନ ଦାସ, ସରୋଜ ଦାସ, ମନୋଜ ମଲ୍ଲିକଙ୍କ ସମେତ ଶତାଧିକ ଶ୍ରମ ସଂଗଠନର ନେତୃତ୍ୱ ଓ ଶ୍ରମିକମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକ ପ୍ରାରମ୍ଭରେ ପହେଲଗ୍ରାମ ଠାରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଶିବ ପ୍ରସାଦ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୁନ୍ ୭ରେ ମିସ୍ ଓଡ଼ିଶା ଇଣ୍ଡିଆ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଫେମିନା ମିସ୍ ଇଣ୍ଡିଆ ଅର୍ଗାନାଇଜେସନ୍ ପକ୍ଷରୁ ମିସ୍ ଓଡ଼ିଶା ଇଣ୍ଡିଆ ୭ ଜୁନ୍‌ରେ ଅନୁଷ୍ଠିତ ହେବ। ଏନିଗ୍ମା ମନୋରଞ୍ଜନ ସଂସ୍ଥା ପକ୍ଷରୁଏହା ଅନୁଷ୍ଠିତ ହେବାକୁ ଯାଉଛି। ୭ ଜୁନ୍ ୨୦୨୫ରେ ଭୁବନେଶ୍ୱରର ହୋଟେଲ ଲାଇଫରେ ଅନୁଷ୍ଠିତ ହେବାକୁ ଥିବା ଫେମିନା ମିସ୍ ଇଣ୍ଡିଆ ଅର୍ଗାନାଇଜେସନ୍ ସହଯୋଗରେ ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୫ ଶୀର୍ଷକ ଏକ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଆୟୋଜନ କରୁଛି। ଚୟନର ମାନଦଣ୍ଡ ମିସ୍ ଇଣ୍ଡିଆ ଅର୍ଗାନାଇଜେସନ୍ ର ନିର୍ଦ୍ଦେଶାବଳୀ ଉପରେ ଆଧାରିତ। ଆଗାମୀ ଦିନରେ ଭୁବନେଶ୍ୱରରେ ପ୍ରତିଯୋଗୀଙ୍କ ମଧ୍ୟରେ ଗ୍ରୁମିଂ, ତାଲିମ ଏବଂ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ଏବଂ ଫାଇନାଲ୍ ପ୍ରତିଯୋଗିତା ୭ ଜୁନ୍ ୨୦୨୫ ରେ ହୋଟେଲ ଲାଇଫରେ ଅନୁଷ୍ଠିତ ହେବ। ଏହି ଗ୍ରାଣ୍ଡ ଫାଇନାଲରେ ବିଜେତା ସିଧାସଳଖ ମିସ୍ ଇଣ୍ଡିଆ ୨୦୨୫ ରେ ପ୍ରବେଶ କରିବେ ଯାହା ଅକ୍ଟୋବର ୨୦୨୫ ରେ ମୁମ୍ବାଇରେ ଅନୁଷ୍ଠିତ ହେବ ଏବଂ ସେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ମିସ୍ ଇଣ୍ଡିଆ ୨୦୨୫ ରେ ଭାରତର ପ୍ରତ୍ୟେକ ରାଜ୍ୟରୁ ଜଣେ ପ୍ରତିଯୋଗୀ ରହିବେ। ଏହି ଇଭେଣ୍ଟର ବ୍ରାଣ୍ଡ ଆମ୍ବାସାଡର ହେଉଛନ୍ତି ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାଶ। ଏହି ଇଭେଣ୍ଟର ପ୍ରାୟୋଜକମାନେ ହେଉଛନ୍ତି ଏସ୍‌ଏନ୍‌ଏମ୍ ଗ୍ରୁପ୍, ଲାଇଫ୍ ହୋଟେଲ୍, ଲୁକ୍ସ ସାଲୁନ୍, ଦୁହିତା ମାନବ, ଆଶୁତୋଷ ଫଟୋମ୍ୟାଜିକ୍ ଏବଂ ଅନ୍ୟ ମାନେ। ଏହି ଇଭେଣ୍ଟଟି ଓଟିଟି ପ୍ଲାଟଫର୍ମ କଞ୍ଚା ଲଙ୍କାରେ ପ୍ରସାରିତ ହେବ। ଏହି ଇଭେଣ୍ଟଟି ଏନିଗ୍ମା ଦ୍ୱାରା ହୋଷ୍ଟ ଏବଂ ଆଡିକ୍ସନ ଫ୍ୟାଶନ ମ୍ୟାନେଜମେଣ୍ଟ ଦ୍ୱାରା ଆୟୋଜିତ ହେବ।ଏହି ସାମ୍ବାଦିକ ସମ୍ମିଳନୀରେ ଭୂମିକା ଦାଶ (ଓଲିଉଡ୍ ଅଭିନେତ୍ରୀ )ଆଶୁତୋଷ ସାହୁ ( ନିର୍ଦ୍ଦେଶକ ଆଶୁତୋଷ ଫୋଟୋଗ୍ରାଫି), ନିରଜ ପ୍ରିୟା, ନିର୍ଦ୍ଦେଶିକା (ଏନିଗମା),ଜନ ଅଜୟ, ନିର୍ଦ୍ଦେଶକ, ଅଡିକ୍ସନ ଫ୍ୟାସନ ମ୍ୟାନେଜମେଣ୍ଟ, ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଣୀ ସହାୟକ କେନ୍ଦ୍ରମାନଙ୍କରେ ବର୍ଷ ବର୍ଷ ଧରି ତାଲା ଝୁଲୁଛି

ସୋରଡ଼ା, (ଭାସ୍କର ନ୍ୟୁଜ୍): ସୋରଡା ସହର ଓ ବଡଗଡରେ ପଶୁଚିକିତ୍ସାଳୟ ଖୋଲିଛି ସେଗୁଡିକ ନାମକୁ ମାତ୍ର ଚାଲିଛି। ଗ୍ରାମାଞ୍ଚଳରେ ପଶୁଚିକିତ୍ସା ପାଇଁ କେନ୍ଦ୍ର ଗୁଡିକ ପ୍ରତି ଗ୍ରାମ ପଞ୍ଚାୟତ ଗୁଡିକରେ ଗୃହ ପାଳିତ ପଶୁ ଓ ପକ୍ଷୀଙ୍କୁ ଉନ୍ନତ ଚିକିତ୍ସା ପ୍ରଦାନ ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚିକିତ୍ସା ପକ୍ଷରୁ ପ୍ରାଣୀ ସହାୟକ କେନ୍ଦ୍ର ମାନ ପ୍ରତିଷ୍ଠା କରାଯାଇଛି। ଲକ୍ଷଲକ୍ଷ ବ୍ୟୟରେ ପ୍ରାଣୀଧନ ନିରିକ୍ଷକଙ୍କ କର୍ଯ୍ୟାଳୟ ତଥା ପ୍ରାଣୀ ସହାୟକ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରଗୁଡିକ ପରିଚାଳନା ପାଇଁ ଆବଶ୍ୟକୀୟ ଉପକରଣ, ଔଷଧ ଆଦି ଯୋଗାଇ ଦିଆଯାଇଥାଏ ଦାୟିତ୍ୱରେ ଥିବା ପ୍ରାଣୀଧନ ନିରିକ୍ଷକଙ୍କୁ ଔଷଧ ଉପକରଣ ଯୋଗାଇ ଦିଆଯାଉଥିବା ନେଇ ବ୍ଲକ ଭେଟନାରି ଅଫିସରଙ୍କୁ ପଚାରିବା ପାଇଁ ଗଲା ବେଳେ ଅଫିସଗେଟ ମାନଙ୍କରେ ରହି ତଥ୍ୟ ସୂଚନା କାହାଠାରୁ ପାଇବୁ ଏବଂ ତାଲା ଝୁଲୁଥିଲେ ମଧ ବିଭିଓଙ୍କ ସହିତ ତାଙ୍କ ମୋବାଇଲ ନୋମ୍ବରରେ ଯୋଗାଯୋଗ କରିଥିଲେ ମଧ କୌଣସି ମତେ ଫୋନ ରିସିଭ ନଥିବାରୁ ଆମ ସୋରଡା ପ୍ରତିନିଧିଙ୍କ ଠାରେ ଲୋକଙ୍କ ଅଭିଯୋଗ କ୍ରମେ ପ୍ରତିନିଧି, ବିଭିଓ ଓ ସୋରଡା ସହର ବାଇପ୍ରରେ ଥିବା ପ୍ରାଣୀଧନ ନିରିକ୍ଷକଙ୍କୁ ଯୋଗାଯୋଗ କରିଥିଲେ ମଧ କୌଣସି ଉତ୍ତର ମିଳିନଥିଲା। ବଡ ଗେଟରେ ତାଲା ଝୁଲୁଥିବା ଜଣା ପଡିବା ପରେ ଲୋକଙ୍କ ଅଭିଯୋଗ କ୍ରମେ ବିଭିଓଙ୍କୁ ଯୋଗାଯୋଗ କରିପାରି ବଡଗଡ, ସୋରଡା ସମେତ ସୋରଡା ବ୍ଲକରେ ଥିବା ପ୍ରତି ଗ୍ରାମପଞ୍ଚାୟତରେ ପ୍ରାଣୀ ସହାୟକ କେନ୍ଦ୍ର ମାନଙ୍କରେ ମଧ ବର୍ଷବର୍ଷ ଧରି ଦେଖା ମିଳୁ ନଥିବା ପ୍ରାଣୀଧନ ନିରିକ୍ଷକମାନେ ନାମକୁ ମାତ୍ର କେନ୍ଦ୍ରରେ ପରିଚାଳନା ଦାୟିତ୍ୱ କାଗଜ ପତ୍ରରେ ଚଳାଇ ନାନା ଦୁର୍ନୀତି କରିଚାଲିଛନ୍ତି। ତେଣେ ଏସଡିଭିଓ କିମ୍ବା ସିଡିଭିଓଙ୍କ ପରିଦର୍ଶନ ନାହିଁ କି କାର୍ଯ୍ୟ କରିବାରେ ସହଯୋଗ ନଥିବାରୁ ସୋରଡା ସହର ସମେତ ବ୍ଲକର ବିଭିନ୍ନ ଗ୍ରାମରେ ଗୃହପାଳିତ ପଶୁପକ୍ଷୀଙ୍କୁ ଚିକିତ୍ସାରେ ବାଧା ଉପୁଜୁଛି। ପଶୁପକ୍ଷୀମାନଙ୍କୁ ଅଧିକ ଚିକିତ୍ସା ପାଇଁ ପ୍ରାଣୀମିତ୍ରମାନଙ୍କୁ ମଧ ମିଶନଶକ୍ତି ବିଭାଗ ଦ୍ୱାରା ପ୍ରତି ପଞ୍ଚାୟତରେ ଏବଂ ନିଯୁକ୍ତି ଦିଆଯାଇଥିବା ବେଳେ ତାହାମଧ କାଗଜପତ୍ରରେ ଚାଲିଛି। ସେମାନଙ୍କ ଦେଖାନାହିଁ କି ପଶୁପକ୍ଷୀମାନଙ୍କ ଚିକିତ୍ସା ପ୍ରତି ଧ୍ୟାନ ମଧ ଦେଉନଥିବା ଏକ ତଦନ୍ତରୁ ଜଣାପଡିଛି। ସହରବାସୀ ଓ ବ୍ଲକର ଗ୍ରାମାଞ୍ଚଳବାସୀ ଓ ଚାଷୀମାନେ ପଶୁମାନଙ୍କ ଚିକିତ୍ସା ପାଇଁ ସୁବିଧା ପାଉ ନଥିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଆମ୍ବୁଲାନ୍ସ ମଧ ଯୋଗାଇ ଦିଆଯାଇଛି କିନ୍ତୁ ଏହା କାହା ସ୍ୱାର୍ଥରେ କାମରେ ଲାଗୁଛି ତାହା ତଦନ୍ତ ସାପେକ୍ଷ। ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ନକଲି ପ୍ରାଣୀଧନ ନିରିକ୍ଷକ ଭାବେ ଷ୍ଟାଫମାନେ ବିଭିଓ, ଏସଡିଭିଓଙ୍କ ନାମରେ ଦୁଷ୍କିକରି ସେମାନଙ୍କ ଦ୍ୱାରା କାର୍ଯ୍ୟ କରୁଥିବାରୁ ବେଳେବେଳେ ଚିକିତ୍ସା କରି ପଶୁପକ୍ଷୀଙ୍କ ମୃତ୍ୟୁ ଘଟୁଥିବା ନଜର ରହିଛି। ଏଇଥିପାଇଁ ପ୍ରାଣୀସହାୟକ କେନ୍ଦ୍ରମାନଙ୍କରେ ବର୍ଷ ବର୍ଷ ଧରି ତାଲାପଡ଼ୁଥିବା ଏକ ମୁଖ୍ୟ କାରଣ ହୋଇଛି ଏବଂ କେନ୍ଦ୍ର ଖୋଲାଯାଉ ନଥିବାରୁ ଏବଂ ଅଭିଯୋଗକଲେ ହରିଜନ୍ ଶୁଣିବାକୁ କିଏ ନଥିବାରୁ ମାମଲାଗୁଡ଼ିକ ଅଫିସ କାଗଜପତ୍ରରେ ଚାଲିଥିବା ଏବଂ ଏକଦୁଇ ଦୁର୍ନୀତିରେ କେହି ପାଇଁ ଥିବାରୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଅଟକଳ ତଦନ୍ତ କଲେ ଏହି ଅଫିସରେ ଅବାଧରେ ଚାଲିଥିବା ଦୁର୍ନୀତି ପଦାରେ ପଡିବ ବୋଲି ସୋରଡା ପ୍ରେସକ୍ଲବର ଆଡଭାଇଜର ଆରାପଲି ସାରଥି ବିଭାଗିୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି କରିଛନ୍ତି।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ମାଲକାନାଗିରି, (ଭାସ୍କର ନ୍ୟୁଜ୍): ଗତକାଲି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟର ନୂତନ ସଭାଗୃହ ଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମାଲକାନଗିରି ଏସପି ବିନୋଦ ପାଟିଲ ହେତ୍, ପିଡି ନରେଶ ଶବର, ଚିତ୍ରକୋଣ୍ଡା ବିଡିଓ ପ୍ରିତା କୁମାର, ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା ଏବଂ ଜିଲ୍ଲାର ସମସ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳର ସମୁଦାୟ ୩୭ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିରେ ଚିତ୍ରକୋଣ୍ଡା ସଦର ମହକୁମାରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ମୁନ୍ଦାଏ ବିଶୁଦ୍ଧ ପିଇବା ପାଣି ପାଇଁ ଲୋକଙ୍କ ସ୍ୱପ୍ନ ହୋଇ ରହିଯାଇଛି। ଚିତ୍ରକୋଣ୍ଡା ସଦର ମହକୁମା ଚତୁର୍ପାର୍ଶ୍ୱରେ ସିଲେରୁ ନଦୀ ରହିଥିଲେ ସୁଦ୍ଧା ବିଶୁଦ୍ଧ ପାଣି ପାଇଁ ପ୍ରଶାସନ ପକ୍ଷରୁ ଆଜି ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା କରାଯାଇନାହିଁ। ଦୀର୍ଘ ୧୦ବର୍ଷ ହେବ ଚିତ୍ରକୋଣ୍ଡା ଦୁର୍ଗା ମନ୍ଦିର ନିକଟରେ ଆରଡବ୍ଲୁଏସ୍‌ଏସ୍ ପକ୍ଷରୁ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଲୋକଙ୍କୁ ମୁନ୍ଦାଏ ବିଶୁଦ୍ଧ ପିଇବା ପାଣି ମିଳିପାରୁ ନଥିବା ନେଇ ଚିତ୍ରକୋଣ୍ଡା ବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ପ୍ରତ୍ୟକ ଅଭିଯୋଗ ଶୁଣାଣି ଶିବିରରେ ଚିତ୍ରକୋଣ୍ଡାରେ ପାଣି ଓ ରାସ୍ତାଘାଟ ସମସ୍ୟା ନେଇ ଅଭିଯୋଗ କରାଯାଉଥିଲେ ସୁଦ୍ଧା ସମାଧାନ କରାଯାଉନାହିଁ। ତୁରନ୍ତ ପ୍ରଶାସନ ଏହିସବୁ ଅଭିଯୋଗ ଗୁଡ଼ିକର ସମାଧାନ କରିବାକୁ ଦାବି କରିଥିଲେ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଆଜି ମଧ୍ୟାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭା ଗୃହ ଠାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସହର ମଧ୍ୟରେ ବେପରୁଆ ଗାଡ଼ି ଚାଳନା, ସହର ମଧ୍ୟରେ ରାସ୍ତାରେ ପାର୍କିଂ ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି, ମଦ୍ୟପ ଚାଳକମାନଙ୍କ ଯାଞ୍ଚ, ଜାତୀୟ ରାଜପଥରେ ପ୍ରମୁଖ ଛକ ମାନଙ୍କରେ ସଠିକ ସୂଚନା ଫଳକ ଲଗାଯିବା, ଯାତ୍ରୀ ବାହୀ ବସଗୁଡ଼ିକରେ ପାନୀୟ ଜଳ ଏବଂ ଓ ଆର ଏସ ପାଉଡ଼ର ରଖିବା ନିଶ୍ଚିତ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରାରମ୍ଭରେ ରାସ୍ତା ଓ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବାକିଥିବା ୪ଟି ହାଇମାକ୍ସ ଲାଇଟ ସ୍ଥାପନ କାର୍ଯ୍ୟ ଆସନ୍ତା ୧୫ ଦିନରେ ସମ୍ପୂର୍ଣ୍ଣ ହେବ। ଅଣ୍ଡର ବାଇପାସ ନିର୍ମାଣ କାର୍ଯ୍ୟ, ବେଆଇନ ରାସ୍ତା କଟିଂ ବନ୍ଦ, ସମସ୍ତ ସ୍କୁଲ ସମ୍ମୁଖରେ ସାଇନେଜ ସ୍ଥାପନ, ରୋଡ୍ ସାଇନେଜ ସ୍ଥାପନ ସଂପର୍କରେ ଜାତୀୟ ରାଜପଥର କର୍ତ୍ତୃପକ୍ଷ ସୂଚନା ପ୍ରଦାନ କରିଥିଲେ।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦର ପଞ୍ଚାୟତର ପୂର୍ବତନ ସରପଞ୍ଚ କୃପାସିନ୍ଧୁ ଦାସଙ୍କର ମଙ୍ଗଳବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୭ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ସେ ୧୯୮୫ ରୁ ୧୯୯୦ମସିହା ପର୍ଯ୍ୟନ୍ତ ପଞ୍ଚାୟତରେ ସରପଞ୍ଚ ଭାବେ ରହି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିଥିବା ବେଳେ ଲୋକମାନଙ୍କର ସେବା କରିଥିଲେ। ସେ ଜଣେ ଶାନ୍ତ, ସରଳ, ଅମାୟିକ, ଧାର୍ମିକ ବ୍ୟକ୍ତି ଭାବରେ ପଞ୍ଚାୟତର ଲୋକମାନଙ୍କ ନିକଟରେ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ସରପଞ୍ଚ ପବିତ୍ର ମୋହନ ମଲିକ, ରମେଶ ରାଉତ, ସୁରେନ୍ଦ୍ର ନାୟକ, ମୂରଲୀଧର ମଲିକ, ବାଇଧର ମଲିକ, ରାମଚନ୍ଦ୍ର ଦାସ, ଦୀନବନ୍ଧୁ ମଲିଲ, ଚରଣ ମଲିକ, କାଳନ୍ଦି ମଲିକ, ପାର୍ଥସାରଥି ଦାସ, ମାନସ ଦାସ ପ୍ରମୁଖଙ୍କ ସହିତ ବହୁ ମାନଗନ୍ୟ ବ୍ୟକ୍ତି ଈଶ୍ୱରପୁର ସ୍ଥିତ ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସାନପୁଅ ଶରତ ଦାସଙ୍କ ସମେତ ଝିଅ, ଜ୍ୱାଇଁ, ପୁଅ, ବୋହୂ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ କଲ୍ଲୋଳ ଦାସ ମୁଖାଗ୍ନି ଦେଇଥିଲେ।

## 'ମନ୍ କି ବାତ୍'ରେ ସାମିଲ ହେଲେ ସାଂସଦ

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ନିର୍ବାଚନମଣ୍ଡଳୀର ରାଜନଗର ବ୍ଲକ ଡାଙ୍ଗମାଳ ମା' ଜୟଦୁର୍ଗା କଲ୍ୟାଣ ମଣ୍ଡପରେ ରବିବାର ଦିନ ବିଜେପି ପକ୍ଷରୁ ସୁଖ ଦୁଃଖର ସାଥୀ ସାଂସଦ ଶ୍ରୀଯୁକ୍ତ ବୈଜୟନ୍ତ ଜୟ ପଣ୍ଡା ଓ ନେତା, କର୍ମୀ, ତଥା ଲୋକମାନଙ୍କ ସହ୍‌ବିରାଟ ଶୋଭା ଯାତ୍ରାରେ ଯାଇ ଜଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କି ବାତ୍‌ର ୧୨୧ତମ ସଂସ୍କରଣ ଶୁଣୁଥିଲେ। ଏହି ଅବସରରେ ପହେଲଗାମ୍ ରମୃତକଙ୍କ ପାଇଁ ସମସ୍ତେ ନିରବ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ କେନ୍ଦ୍ରାପଡା ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠି, ବରିଷ୍ଠ ନେତା ସଞ୍ଜୟ ରଥ, ରାଜନଗର ନିର୍ବାଚନ ମଣ୍ଡଳୀର ନେତା ଲଳିତ ବେହେରା ଉପସ୍ଥିତ ଥିଲେ। ହେଲେ ଉପସ୍ଥିତ ଅତିଥିମାନେ ତାଙ୍କ ମତରେ କହିଥିଲେ ମନ୍ କି ବାତ୍ କେବଳ ଏକ ସଂଳାପ ନୁହେଁ, ଏହା ଏକ ଜନ ଆନ୍ଦୋଳନ। ଯାହା ଦେଶବାସୀଙ୍କ ଭାବନା, ସ୍ୱପ୍ନ ଓ ସଂକଳ୍ପକୁ ଦିଗ୍‌ଦର୍ଶନ ଦିଏ, ଏବଂ ଆମ ସମସ୍ତଙ୍କୁ ରାଷ୍ଟ୍ର ନିର୍ମାଣରେ ନିରନ୍ତର ପ୍ରେରଣା ଯୋଗାଇଥାଏ। ଏହି ଅବସରରେ ବରିଷ୍ଠ ବିଜେପି କର୍ମୀ ହୃଷୀକେଶ ବେହେରା, ବାଇଧର ପ୍ରଧାନ, ହରେକୃଷ୍ଣ ପତିଙ୍କୁ ସାଂସଦ ସମ୍ବର୍ଦ୍ଧିତ କରିଥିଲେ।

# ମାସ ମାସ ଧରି ବନ୍ଦ ରହୁଛି ଏରବଙ୍ଗ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ତହସିଲ ଅଧିନ ଏରବଙ୍ଗ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ମାସ ମାସ ଧରି ବନ୍ଦ ରହୁଥିବା ନେଇ ଉଠୁଛି ସାଂଘାତିକ ଅଭିଯୋଗ। ଘରପୋଡି ତଦନ୍ତ,ଜମିଜମା ସମସ୍ୟା ଠାରୁ ଆରମ୍ଭ କରି ବିଭିନ୍ନ ସାର୍ଟିଫିକେଟ୍ ପର୍ଯ୍ୟନ୍ତ ସାଧାରଣ ଲୋକମାନେ କାର୍ଯ୍ୟାଳୟକୁ ଆସୁଥିଲେ ସୁଦ୍ଧା ସବୁ ସମୟରେ ଗେଟ୍ ରେ ତାଲା ଝୁଲୁଥିବା ଦେଖୁଛନ୍ତି। ଏ ନେଇ ସେମାନେ ସମ୍ପୃକ୍ତ ରାଜସ୍ୱ ନୀରିକ୍ଷକଙ୍କ ସହିତ ଫୋନ୍ ଯୋଗାଯୋଗ କଲେ ଉତର ଆସୁଛି ମୁଁ ଫିଲ୍ଡ ରେ ଅଛି। ମାତ୍ର ସେ ଫିଲ୍ଡ କାର୍ଯ୍ୟ କେଉଁଠି ଚାଲିଛି ତାହାକୁ ନେଇ ସନ୍ଦେହରେ ସାଧାରଣ ଲୋକ। ସବୁଠାରୁ ଗୁରୁତ୍ୱପୂର୍ଣ ଭାବେ ଏହି କାର୍ଯ୍ୟାଳୟ ଟି ଗୋପ ତହସିଲ କାର୍ଯ୍ୟାଳୟ ଠାରୁ ମାତ୍ର ୧୦୦ ମିଟର ଦୂର ଏବଂ ଖୋଦ ତହସିଲଦାରଙ୍କ ବାସଭବନ ସମ୍ମୁଖରେ ଅବସ୍ଥିତ। ଏ ନେଇ ବାରମ୍ବାର ଅଭିଯୋଗ ଦେବା ସତ୍ତ୍ୱେ ମଧ ଗୋପ ତହସିଲଦାର ଏହାକୁ କର୍ଣପାତ କରୁନଥିବା ନେଇ ଅଭିଯୋଗ କରିଛନ୍ତି ବୀରତୁଙ୍ଗ ପଞ୍ଚାୟତର କୃଷ୍ଣଚନ୍ଦ୍ର ସ୍ୱାଇଁ ଓ ପ୍ରକାଶ ମହାରଣା। ଉକ୍ତ ପଂଚାୟତର ଚେଙ୍ଗେଇଲ ଗ୍ରାମର ମମତା ମଲ୍ଲିକ ଦୀର୍ଘ ଏକ ବର୍ଷ ହେବ ଘରପୋଡି ହୋଇଥିଲେ ସୁଦ୍ଧା ରିପୋର୍ଟ ଦେବାକୁ ତାଙ୍କୁ ୫୦ଥର ଦୌଡାଇଥିବା ନେଇ ମଧ ସେ ଅଭିଯୋଗ କରିଛନ୍ତି। ସେହିପରି ଭାବେ ଗିରିମା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜେନା ଅଭିଯୋଗ କରିଛନ୍ତି ଯେ ଗତ ୬ମାସ ତଳେ ସାପ କାମୁଡାରେ ତାଙ୍କ ପିତା ସୁବାଷ ଚନ୍ଦ୍ର ଜେନା ମୃତ୍ୟୁବରଣ କରିଥିଲେ ମାତ୍ର ୬ ମାସ କାଳ ଦୌଡି ଦୌଡି ଗତ ଦୁଇ ଦିନ ତଳେ ତଦନ୍ତ ରିପୋର୍ଟ ଦେଇଛନ୍ତି ରାଜସ୍ୱ ନୀରିକ୍ଷକ। ସେ ଆହୁରି ମଧ ଅଭିଯୋଗ କରିଛନ୍ତି ଯେ ଏରବଙ୍ଗ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟର ଦଲାଲ ନିରଞ୍ଜନ କାଣ୍ଡି ତାଙ୍କ ଠାରୁ ୧ହଜାର ଟଙ୍କା ଆରଆଇଙ୍କୁ ଦେବେ ବୋଲି ନେଇଥିଲେ ସୁଦ୍ଧା ତଦନ୍ତ ରିପୋର୍ଟ ଦେଲେ ନାହିଁ। ସାଧାରଣ ଲୋକମାନେ କିପରି ସମୟ ସୀମା ମଧରେ ସମସ୍ତ ସାର୍ଟିଫିକେଟ୍ ଓ ଜମିଜମା ସମସ୍ୟାର ତଦନ୍ତ ରିପୋର୍ଟ ପାଇବେ ତାହାକୁ ନେଇ ସରକାର ଗାଇଡ ଲାଇନ୍ ଜାରି କରିଛନ୍ତି ମାତ୍ର ସମ୍ପୃକ୍ତ ଅଧିକାରୀ ଏହାକୁ ଭୃକ୍ଷେପ କରୁନଥିବା ନେଇ ଉଠୁଛି ଅଭିଯୋଗ। ଅନ୍ୟପକ୍ଷରେ କାର୍ଯ୍ୟାଳୟ ସମୟରେ କାର୍ଯ୍ୟାଳୟର ଗେଟ୍‌ରେ ବାହାର ପାର୍ଶ୍ୱରୁ ତାଲା ଝୁଲୁଥିବା ଦେଖିବାକୁ ମିଳିଥିବା ବେଳେ ଭିତର ପାର୍ଶ୍ୱରେ ଦଲାଲମାନଙ୍କୁ ମଧ ଦେଖିବାକୁ ମିଳୁଛି। ଅଭିଯୋଗ ଉଠୁଛି ଯେ ଏହି ଦଲାଲ ଜଣକ କେଉଁଠି ଅସଲ ରାଜସ୍ୱ ନୀରିକ୍ଷକ। ଏ ନେଇ ଗୋପ ତହସିଲଦାର ଅନିଲ କୁମାର ମହାନ୍ତି ଙ୍କୁ ପଚାରିବାରେ ସେ କହିଛନ୍ତି ଯେ ମୋ ପାଖରେ ସେପରି କିଛି ଖବର ନାହିଁ ଯଦି ସେଠାରେ କେହି ଦଲାଲି କରୁଛନ୍ତି ତେବେ ମୁଁ ନିଶ୍ଚିତ ଭାବେ ସେମାନଙ୍କ ନାମରେ ଏତଲା ଦେବି। ଅନ୍ୟପକ୍ଷରେ ରାଜସ୍ୱ ନୀରିକ୍ଷକ ପୁଷ୍ପଲତା ନାୟକ ଙ୍କୁ ପଚାରିବାରେ ସେ ହାତରେ ମୁହଁ ଲୁଚାଇବା ସହିତ କିଛି କହିବାକୁ ମନା କରିଦେଇଥିଲେ। ପୁରୀ ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେବାକୁ ଗୋପ ବ୍ଲକ ଦୁର୍ନିତି ନିବାରଣ ମଞ୍ଚର ଆବାହକ ଗଙ୍ଗାଧର ପାଇକରାୟ ଦାବୀ କରିଛନ୍ତି।

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବ୍ୟକ୍ତିଙ୍କ ମୃତ୍ୟୁ ଘଟଣା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ସୟା ପଞ୍ଚାୟତ ଅଧୀନ ସୟା ପଲେଇସାହି ଗ୍ରାମର ଗୌରାଙ୍ଗ ପଲେଇ (୫୫)ଙ୍କର ଗତ ୧.୧୦.୧୬ ତାରିଖରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମୃତକଙ୍କ ପତ୍ନୀ ଶାନ୍ତିଲତା ପଲେଇ କ୍ଷତିପୂରଣ ଦାବିରେ ଭଦ୍ରକ ସିଭିଲ ଜଜ ସିନିୟର ଡିଭିଜନ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଆବେଦନକୁ ଗ୍ରହଣ କରି କେଶ ନଂ ଏମ.ଏସ. ୭/୨୦୧୮ରେ ମକଦ୍ଦମା ରୁଜୁ କରି ବିଚାର କରିଥିଲେ। କୋର୍ଟ ସମସ୍ତ ସାକ୍ଷୀମାନଙ୍କ ଠାରୁ ପ୍ରମାଣ ନେଇ ସାରିବା ପରେ ବିଦ୍ୟୁତ୍ ବିଭାଗକୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ମାର୍ଚ୍ଚ ୧୭ରେ କୋର୍ଟଙ୍କ ନିର୍ଦ୍ଦେଶରେ ୨ମାସ ମଧ୍ୟରେ ବିଦ୍ୟୁତ୍ ବିଭାଗ କ୍ଷତିପୂରଣ ନଦେଲେ ୬ଲକ୍ଷ ଟଙ୍କାର ୬ ପ୍ରତିଶତ ବାର୍ଷିକ ସୁଧ ଦେଇ କ୍ଷତିପୂରଣ ଦେବାକୁ ମଧ କୋର୍ଟର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର କୋର୍ଟଙ୍କ ନିର୍ଦ୍ଦେଶର ୧ମାସ ବିତି ଯାଇଥିଲେ ମଧ ମୃତକଙ୍କ ପରିବାର କ୍ଷତିପୂରଣ ପାଇ ପାରିନାହାନ୍ତି। ବିଦ୍ୟୁତ୍ ବିଭାଗ କ୍ଷତିପୂରଣ ଦେବାରେ ଅବହେଳା କରିଥିବାରୁ ମୃତକଙ୍କ ପରିବାର ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଯୋଗ୍ୟ ଯେ ୨୦୧୬ ମସିହା ଅକ୍ଟୋବର ୧ ତାରିକ ସକାଳ ୯ଟା ବେଳେ ଗୌରାଙ୍ଗ ପଲେଇ ନିଜ ଘରୁ ନିକଟସ୍ଥ ତାଙ୍କ ଚାଷ ଜମିକୁ ଯାଉଥିଲେ। ତାଙ୍କ ବିଲ ପାଖରେ ଯାଇଥିବା ୧୧କେଭି ବିଦ୍ୟୁତ ତାର ଝୁଲି ରହିଥିଲା। ଯାହାଫଳରେ ଗୌରାଙ୍ଗ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଏ ନେଇ ସେତେବେଳେ ତିହିଡ଼ି ଥାନାରେ ୩୯୭/୧୬ରେ ଏକ ମକଦ୍ଦମା ରୁଜୁ ହୋଇଥିଲା। ବିଦ୍ୟୁତ୍ ବିଭାଗ କୌଣସି କ୍ଷତିପୂରଣ ନଦେବାରୁ ମୃତକଙ୍କ ପତ୍ନୀ ଶାନ୍ତିଲତା କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହି ମକଦ୍ଦମା ଆଇନଜୀବୀ ଜଗତବନ୍ଧୁ ଅଗସ୍ତୀ ପରିଚାଳନା କରୁଥିବା ବେଳେ ଆଇନଜୀବୀ ଶୁଭଲକ୍ଷ୍ମୀ ପୋଥାଳ ଓ ପୂଜା ଦାସ ତାଙ୍କୁ ସହଯୋଗ କରୁଥିଲେ।

## ଗୋପୀନାଥ ଦେବଙ୍କ ମହୋତ୍ସବ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଜଲାର ପୂର ପଂଚାୟତ ଟୋଲା ଗୋପୀନାଥ ମହୋତ୍ସବ ଶହ ଭାଗବତ ଦେବ ଙ୍କ ପ୍ରତିଷ୍ଠା ଉତ୍ସବ ୬ଷ୍ଠ ସଂଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିଲିକା ରାଣୀ ପାଇକ ଆଖଡ଼ା ଖୋର୍ଦ୍ଧାର ଚିତ୍ତାକର୍ଷକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ,ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶ, ଅଶ୍ୱିନୀ ମହାପାତ୍ର, ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, ଆଦିତ୍ୟ ପାଣି, ତିହୁଡି ସମିତି ସଭ୍ୟ ଶଶିକାନ୍ତ ଲେଙ୍କା, ଡା. ଚିତ୍ତରଂଜନ ମିଶ୍ର ମଂଚାସୀନ ଥିଲେ। ପରିଶେଷରେ ଝରଣା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିଗାଡି ଜବତକଲା ଗୋବିନ୍ଦପୁର ପୋଲିସ୍

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାପଡ଼ା ବ୍ଲକ୍ ଗୋବିନ୍ଦ ପୁର ପୋଲିସ୍ ଏକ ବାଲି ବୋଝେଇ ଟ୍ରୋକ୍ଟର ଜବତ କରିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚିବାରୁ ଡ୍ରାଇଭର ଫେରାର ହୋଇଯାଇଛି। ପୋଲିସ୍ ବାଲି ବୋଝେଇ ଟ୍ରୋକ୍ଟର ଜବତ କରି ଥାନାରେ ରଖିଛି। ଗାଡ଼ିଟି ତିଥପଡା ନଦୀ କୂଳରୁ ବାଲି ଚୋରା ଚାଲାଣ କରାଯାଉଥିଲା। ଏଠାରେ ସୁଚନା ଯୋଗ୍ୟ ଗାଡ଼ିଟିର କୌଣସି କାଗଜ ପତ୍ର ନାହିଁ। ଏହା ସ୍ଥାନିୟ ଜଣେ ଲୋକପ୍ରତିନିଧିଙ୍କ ଗାଡ଼ି ଅଟେ।

## ଭିଜିଲାନ୍ସ ଜାଲରେ ଢେଙ୍କାନାଳ ଅବକାରୀ ଅଧିକ୍ଷକଗାଡିରୁ ୩ଲକ୍ଷ ଟଙ୍କା ଜବତ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଅବକାରୀ ଅଧିକ୍ଷକ କ୍ରିଷ୍ଣା ନାୟକ ଭିଜିଲାନ୍ସ ବିଭାଗ ହାତରେ ଧରି ପଡିଛନ୍ତି। ତାଙ୍କ ଗାଡ଼ିରୁ ଭିଜିଲାନ୍ସ ବିଭାଗ ୩ଲକ୍ଷ ଟଙ୍କା ଜବତ କରିଛି। ଶ୍ରୀମତୀ ନାୟକଙ୍କୁ ଭିଜିଲାନ୍ସ ବିଭାଗ କାର୍ଯ୍ୟାଳୟକୁ ନେଇ ତଦନ୍ତ ଜାରି ରହିଛି। ଏହାଛଡା ଢେଙ୍କାନାଳ ସହରସ୍ଥିତ ସରକାରୀ ବାସଭବନ,କଟକ ଜଗତପୁର ଘର,ଚୋଦାର ପୈତୃକ ଘର ଓ ମହିଷାପାଟ ସରକାରୀ କାର୍ଯ୍ୟାଳୟରେ ଚଢ଼ାଉ ଜାରି ରହିଛି।

# ଜିଲ୍ଲା କଂଗ୍ରେସର କାର୍ଯ୍ୟକାରୀ କମିଟି ବୈଠକ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କଜଳାସ୍ଥିତ ଜିଲ୍ଲା କଂଗ୍ରେସ ଭବନରେ ମଙ୍ଗଳବାର କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟିର "ଜୟବାପୁ ଜୟ ସମ୍ବିଧାନ" କାର୍ଯ୍ୟକ୍ରମକୁ କେନ୍ଦ୍ରାପଡା ଜିଲ୍ଲା ଓ ୯ଟି ବ୍ଲକରେ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ତଥା ଓଡିଶାର ସହ-ପ୍ରଭାରୀ ମହମ୍ମଦ ସାହେନବାଜ ଚୌଧୁରୀ ଯୋଗଦେଇ ଦଳୀୟ ସଂଗଠନକୁ ଅଧିକ ସୁଦୃଢ କରିବା ପାଇଁ ସମସ୍ତେ ଲାଗିପଡିବାକୁ ଉପସ୍ଥିତ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହିତ ସମସ୍ତ ଦଳୀୟ ନେତା ଓ କର୍ମୀମାନଙ୍କ ସହଯୋଗ ମିଳିଲେ ଆଗାମୀ ଦିନରେ କେନ୍ଦ୍ରାପଡା ଜିଲ୍ଲାରେ ସଂଗଠନ ମଜଭୁତ ହେବା ସହ ଦଳ ସରକାରକୁ ଆସିପାରିବ ବୋଲି ମହମ୍ମଦ ଚୌଧୁରୀ କହିଥିଲେ। ଜିଲ୍ଲାରେ ଅଖିଳ ଭାରତ କଂଗ୍ରେସ କମିଟିର "ଜୟବାପୁ ଜୟ ସମ୍ବିଧାନ" କାର୍ଯ୍ୟକ୍ରମକୁ ସଫଳତାର ସହିତ କାର୍ଯ୍ୟକାରୀ କରାଇବାକୁ ସେ ଉପସ୍ଥିତ ନେତା ଓ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସହ ପ୍ରଭାରୀ ମହମ୍ମଦ ଚୌଧୁରୀ ଜିଲ୍ଲାର ରାଜନୈତିକ ପରିସ୍ଥିତି ସମ୍ପର୍କରେ ଜଣ ଜଣ କରି ଦଳର ନେତା ଓ କର୍ମୀମାନଙ୍କ ସହ ଆଲୋଚନା କରିବା ସହ ମତାମତ ସଂଗ୍ରହ କରିଥିଲେ। କଂଗ୍ରେସ ଦଳରେ ବହୁ ମହିଳା ଓ ପୁରୁଷମାନେ ଅନ୍ୟଦଳ ଛାଡି ଯୋଗଦେଇଥିବା ବେଳେ ସେମାନଙ୍କୁ ଦଳୀୟ ଉ□ରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଏହି ସଭାରେ ଦଳର ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥସ୍ୱରୂପ ଦାଶ, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ୍, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ କୁମାର ମହାନ୍ତି, ଆଳିର କଂଗ୍ରେସ ବିଧାୟିକା ପ୍ରାର୍ଥୀ ଦେବସ୍ମିତା ଶର୍ମା, ପାଟକୁରାର ରତିକାନ୍ତ କାନୁନଗୋ, ରାଜନଗରର ଅଶୋକ ପ୍ରତିହାରୀ, ମହାକାଳ ପଡାର ବିଭ୍ରାଂଶୁଶେଖର ଲେଙ୍କା, ହଳଧର ସେଠୀ, ସମ୍ରାଟ ଜେନା, ବାବୁରାମ ଜେନା, ଭାଗିରଥୀ ଜେନା, ମହମ୍ମଦ ଆକବର ଅଲ୍ଲୀ, ଫକିର ଚରଣ ଖଟୁଆ, ସୟଦ ଅବଦୁଲ ସ□ାର, ସଞ୍ଜୟ ରାଉତ, ବସନ୍ତ ସେଠୀ, ହେମନ୍ତ ବିଶ୍ୱାଳ,ବିଧୁଭୂଷଣ ମହାପାତ୍ର, ମଳୟ ଦାସ, ସସ୍ମିତା ପଣ୍ଡା ପ୍ରମୁଖ ଶତାଧିକ ନେତା ଓ କର୍ମୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ କାଶ୍ମୀରର ପହେଲଗ୍ରାମରେ ଆତଙ୍କବାଦୀମାନଙ୍କ ଦ୍ୱାରା ନିହତ ବ୍ୟକ୍ତିବିଶେଷ ଓ ଆଳିର ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ବିୟୋଗରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

# ବୁଢା ଭାଗବତ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି




ଆଳି, (ଭାସ୍କର ନ୍ୟୁଜ): ଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନହୁଣି ଗ୍ରାମ ପଂଚାୟତ ମଦନ ମୋହନ ପାଟଣା ଗ୍ରାମରେଥିବା ବୁଢ଼ା ଭାଗବତ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ପଞ୍ଚାଦିନ ଧରି ମହା ସମାରୋହରେ ପାଳନ ଲାଗି ଗ୍ରାମବାସୀ ମାନେ ଲାଗି ପଡିଛନ୍ତି। ଆସନ୍ତା ୧ ତାରିଖ ଠାରୁ ୬ ତାରିଖ ପର୍ଯ୍ୟନ୍ତ ୬ଦିନ ବ୍ୟାପି ଅନୁଷ୍ଠିତ ହେବାକୁଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନ ଦେବଦାସୀ ଘୁଙ୍ଗୁର, କୁନି ପ୍ରତିଭାଙ୍କ ନୃତ୍ୟ ପରିବେଷଣ, ଦ୍ୱିତୀୟ ଦିନ ପ୍ରବଚନ ଓ ଧର୍ମ ପାରାୟଣ, ତୃତୀୟ ଦିନ, ରାଜ ଲକ୍ଷ୍ମୀଙ୍କ ଦ୍ୱାରା ପାଲା ପରିବେଷଣ, ଚତୁର୍ଥ ଦିନ ଶୁଭମ ଗ୍ରୁପ ଦ୍ୱାରା ଭଜନ ସନ୍ଧ୍ୟା, ପଞ୍ଚମ ଦିନ ନାମ ସଂକୀର୍ତ୍ତନ ଓ ହରିହାଟର ବ୍ୟବସ୍ଥା କରାଯାଇଛି ବୋଲି ବାର୍ଷିକ ଉତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଭୁଷୁଡି ପଡ଼ିଥିବା ଗାର୍ଡ଼ୱାଲସ୍ଥଳ ପରିଦର୍ଶନ କଲେ ବିଭାଗୀୟ ଅଧିକାରୀ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମପଂଚାୟତ ଅର୍ଜୁନ ମାହାରା ନିକଟରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଗାର୍ଡୱାଲ ଭୁଷୁଡିବା ଘଟଣାର ଆଜି ବିଭାଗୀୟ ଅଧିକାରୀ ତଦନ୍ତ କରିଛନ୍ତି। ଏହି ସମୟରେ ବିଭାଗୀୟ ଅଧିକାରୀଙ୍କ ଦାୟୀତ୍ୱ ହୀନତାକୁ ସ୍ଥାନୀୟ ଉତ୍ୟକ୍ତ ଲୋକେ ତୀବ୍ର ବିରୋଧ କରିଥିଲା ବେଳେ ସେପଟେ ବିଭାଗୀୟ ଅଧିକାରୀ ଠିକାଦାରଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ନିଶ୍ଚିନ୍ତକୋଇଲି-କାଜିହାଟ ଗ୍ରାମ୍ୟ ଉନ୍ନୟନ ରାସ୍ତା ରହିଛି। ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଅନ୍ତର୍ଭୂକ୍ତ କରାଯାଇଛି। ଦୀର୍ଘ ୪ବର୍ଷ ହେଲା ଠିକାଦାରଙ୍କ ମର୍ଜିରେ ଓ ମନ୍ଥର ଗତିରେ ଏହି ନିର୍ମାଣ କାର୍ଯ୍ୟ ଚାଲୁରହିଛି। ତେବେ ଠିକାଦାର ସ୍ଥାନୀୟ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା ୮କ ୨ଖ କେନାଲ ଭିତରେ ବେପରୁଆ ଭାବେ ଠିକାଦାର ଗାର୍ଡ ୱାଲ ନିର୍ମାଣ କରୁଥିଲେ। ତେବେ ଏହି ଗାର୍ଡୱାଲ ନିର୍ମାଣ ଅଟକଳ ଅନୁଯାଇ କରାଯାଉନଥିଲା ବେଳେ ଏଥିରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିଲା। ନିମ୍ନମାନର କାର୍ଯ୍ୟହେତୁ ଏହି ଗାର୍ଡୱାଲର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଥିଲା। ତେବେ ନିମ୍ନମାନର କାର୍ଯ୍ୟହେତୁ ଗତକାଲି ଏହି ଗାର୍ଡୱାଲ ଅଚାନକ ଭୁଷୁଡି ପଡିଥିଲା। ଏସମ୍ପର୍କରେ ଆଜି ଗଣ ମାଧ୍ୟମରେ ଏକ ଅନୁସନ୍ଧାନ ମୂଳକ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲା। ଆଜି ଗ୍ରାମ୍ୟ ଉନ୍ନୟନ ବିଭାଗ ଏସସି ସୁଧାକର ନାୟକଙ୍କ ନେତୃତ୍ୱରେ



ଏକ ପ୍ରତିନିଧି ଦଳ ଏହି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ବେଳେ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ଅଧିକାରୀମାନେ ବେଶ ହଟହଟାର ସମ୍ମୁଖିନ ହୋଇଥିଲେ। ଏପରିସ୍ଥଳେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଏହି ଗାର୍ଡୱାଲ ନିର୍ମାଣରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଯିବା ନିମନ୍ତେ ସ୍ଥାନୀୟ ଲୋକେ ଦୃଢ ଦାବି କରିଛନ୍ତି।



# ଆମ କଳାହାଣ୍ଡି



## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା(ଦିଶା)କମିଟି ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କମିଟିର ଅଧ୍ୟକ୍ଷ ତଥା କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ନର୍ଲା ବିଧାୟିକା ମନୋରମା ମହାନ୍ତି, ପୂର୍ବତନ ସାଂସଦ କଳାହାଣ୍ଡି ଅର୍କ କେଶରୀ ଦେଓ, କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ସଦର ବିଧାୟକଙ୍କ ପ୍ରତିନିଧି ଧନୁର୍ଜୟ ଗହୀର, ଧର୍ମଗଡ ବିଧାୟକ ସଦରଙ୍କ ପ୍ରତିନିଧି ହିମାଂଶୁ ପଣ୍ଡା, ଡିଏଫ୍ ଓ କଲାଇ ବନାନ୍, ଜିଲ୍ଲା ପ୍ଲାନିଂର ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳାଇଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ନିର୍ବାହୀଅଧିକାରୀ ଭବାନୀପାଟଣା ପୌରପାଳିକା,ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ, ସମସ୍ତ ବ୍ଲକର ଅଧ୍ୟକ୍ଷ ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସାଂସଦ ଶ୍ରୀମତୀ ଦେଓ ସମସ୍ତ ବିଭାଗୀୟ ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବୈଠକରେ ମୁଖ୍ୟତଃ ଏମ୍‌ଜିଏନ୍‌ଆର୍‌ଇଜିଏ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ନୂତନ ରାସନକାର୍ଡ ବଣ୍ଟନ, ଜାତୀୟ ଖାଦ୍ୟ ସୁରକ୍ଷା, ପ୍ରଧାନମନ୍ତ୍ରୀ ଉଜ୍ଜଳା, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା, ପ୍ରି ମାର୍ଟ୍ରିକ, ପୋଷ୍ଟ ମାର୍ଟ୍ରିକ୍ ସ୍କଲାରସିପ୍, ସ୍ୱଚ୍ଛ ଭାରତ ମିଶନ, ଜଳ ଜୀବନ ମିଶନ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ମାଣ ଶ୍ରମିକ, ମଧ୍ୟାହ୍ନଭୋଜନ, ଜଙ୍ଗଲ, ବିଦ୍ୟୁତ୍ ଯୋଗାଣ, ଅବକାରୀ, ସମଗ୍ର ଶିକ୍ଷା, ଶିଶୁ ସୁରକ୍ଷା, ମଧ୍ୟମ ଜଳସେଚନ ବିଭାଜନର, ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି ଇତ୍ୟାଦି ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ଅଗ୍ରଗତି ସଂପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲାର ଉନ୍ନତ ସ୍ୱାସ୍ଥ୍ୟ ସେବା ନିମନ୍ତେ ଖାଲିପଡିଥିବା ଆବଶ୍ୟକ ଡକ୍ଟର ପଦବୀ ପୂରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍କୁଲ ପାଖରେ ଥିବା ମଦ ଭାଟିକୁ ହଟାଇବା, ଅତି ବୟସ୍କ ଲୋକଙ୍କ ପେନସନ୍ ଦେବାର ସ୍ୱତନ୍ତ୍ର ସୁବିଧା କରିବା, ଅସମ୍ପୂର୍ଣ୍ଣ ଥିବା ଅଙ୍ଗନବାଡି କେନ୍ଦ୍ର, ସ୍ୱାସ୍ଥ୍ୟ ସେବାକେନ୍ଦ୍ର, ସ୍କୁଲ ଗୃହ,ରାସ୍ତାର ତୁରନ୍ତ ପୂର୍ଣ୍ଣ ନିର୍ମାଣ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ବ୍ଲକ୍ ଅଧ୍ୟକ୍ଷମାନେ ନିଜ ନିଜ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକକାର୍ଯ୍ୟ ଓ ରହିଥିବା ସମସ୍ୟାର ସମାଧାନ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ଦିଶା କମିଟିର ସଦସ୍ୟସଦସ୍ୟକ୍ଷ, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।,

## ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନହଲ ଠାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ବିଧାୟକ ଜୁନାଗଡ ଦିବ୍ୟଶଙ୍କର ମିଶ୍ର, ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ,ଅଧ୍ୟକ୍ଷ ଜିଲ୍ଲାପରିଷଦ ପୁଷ୍ପେନ୍ଦ୍ର ସିଂହଦେଓ, କେନ୍ଦ୍ର ସମବାୟ ବ୍ୟାଙ୍କ ଭବାନୀପାଟନା ସଭାପତି ଗିରୀଶ ଚନ୍ଦ୍ର ବେହେରା,ଏମ୍ ପି, କଳାହାଣ୍ଡିଙ୍କ ପ୍ରତିନିଧି ଜୟଶଙ୍କର ନାୟକ,ମୁଖ୍ୟବକ୍ତା ଭାବେ ଡକ୍ଟର ଉମେଶଚନ୍ଦ୍ର ଶତପଥି, ଉପନିବନ୍ଧକ ସମବାୟ ସମିତି ପ୍ରମୋଦ କୁମାର ସାହୁ, ଏଆର୍‌ସିଏସ୍, ମଧୁସୂଦନ ମେହେର, ସମବାୟ ବ୍ୟାଙ୍କ ନିର୍ବାହୀ ଅଧିକାରୀ ବନଲତା ଧଳ ପ୍ରମୁଖ ଯୋଗଦେଇ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ମଧୁବାବୁଙ୍କ ଫଟୋଚିତ୍ରରେ ମଧ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ର ଥିମ୍ 'ସଶକ୍ତ ସମବାୟ, ସୁଦୃଢ ସମାଜ, ସମୃଦ୍ଧ ଜୀବନ 'ଓଡିଶା ସମବାୟ ଆନ୍ଦୋଳନର କର୍ଣ୍ଣଧାର ମଧୁସୂଦନ ଦାସ ଙ୍କ ଭୂମିକା, ମଧୁବାବୁଙ୍କ ଆଦର୍ଶ ଜୀବନୀ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ କ୍ଷେତ୍ରରେ ଦଳ ମତ ନିର୍ବିଶେଷରେ ସମସ୍ତଙ୍କର ସହଯୋଗର ଆବଶ୍ୟକତା, ସମବାୟ ଆନ୍ଦୋଳନର ଭୂମିକା ସମ୍ପର୍କରେ ସମସ୍ତ ଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମବାୟ ସମିତି କାର୍ଯ୍ୟରେ ଉତ୍କର୍ଷତା ପ୍ରତିପାଦନ କରିଥିବା, କର୍ଲାମୁଣ୍ଡା ବ୍ଲକ ଜୋରା ଡବରା ପ୍ରାଥମିକ ସମବାୟ ସମିତି,କୋକସରା ବ୍ଲକର ଟେମରା ସମବାୟ ସମିତି, ଭବାନୀପାଟଣା ଓ ମଦନପୁର ରାମପୁର ସମବାୟ ସମିତିକୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଜିଲ୍ଲା ଉପନିବନ୍ଧକ ସମବାୟ ସମିତି ପ୍ରମୋଦ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅମଲାତନ୍ତ୍ରର ଅବସରପ୍ରାପ୍ତ ମୁଖ୍ୟ ରୂପକିଶୋର ଦଳାଇ ପରିଚାଳନା କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଉଦେସୃଙ୍ଗ ପଞ୍ଚାୟତ ଡଙ୍ଗରୀଗୁଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଶ୍ୱିନ କୁମାର ରାଉତଙ୍କୁ ସ୍କୁଲ୍ ପ୍ରାଙ୍ଗଣରେ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୀନା ଦାସ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଗଜେନ୍ଦ୍ର ନାଏକ, ଉଦେସୃଙ୍ଗ ସରପଞ୍ଚ ନାରାୟଣ ଆଗ୍ରିଆ, ସ୍କୁଲ ପରିଚାଳନା ସଭାପତି ହୃଷୀକେଶ ଅଗ୍ରୀଆ, ଯାଞ୍ଚ କମିଟିର ସଭାପତି କବି କେତନ ଭୋଇ,ସାମ୍ବାଦିକ ପଙ୍କଜ ସାହୁ, ସାମ୍ବାଦିକ ବ୍ରହ୍ମା ପ୍ରସାଦ କାଣ୍ଡ ମଞ୍ଚାସିନ ଥିଲେ। ସଭାଟିକୁ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ମୂରଲୀଧର ଅଗ୍ରୀଆ । ମଞ୍ଚାସୀନ ସମସ୍ତ ଅତିଥିଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିବା ପରେ ନିଜ ନିଜର ଅଭିଭାଷଣ ରଖିଥିଲେ। ଶ୍ରୀଯୁକ୍ତ ରାଉତଙ୍କୁ ମୁଖ୍ୟ ଅତିଥିଙ୍କ କର କମଳରେ ଉପଢୌକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ଅବସର କାଳୀନ ସଙ୍ଗୀତ ପରିବେଷଣ କରିଥିଲେ ସହ ଶିକ୍ଷକ ହରେକୃଷ୍ଣ ମାଝୀ। ଶ୍ରୀଯୁକ୍ତ ରାଉତ ୨୯ ବର୍ଷ ଧରି ଡଙ୍ଗରିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିବାପରେ ଅବସର ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଯେ ୩୦/୦୪/୨୦୨୫ ରେ ଆନୁଷ୍ଠାନିକ ଭାବେ ଅବସର ନେବେ। ଏକ ସଚ୍ଚୋଟ , ସମୟାନୁବର୍ତ୍ତ, ସୁଦକ୍ଷତା ସମ୍ପନ୍ନ ଶିକ୍ଷକ ଥିଲେ। ତାଙ୍କ ଶିକ୍ଷକତା ଜୀବନର ଅଭୁଲା ସ୍ମୃତି ର ଛାପ ଛାଡ଼ି ଯାଉଥିବାରୁ ଛାତ୍ର/ ଛାତ୍ରୀ, କମିଟି,ସହପାଠୀ ତଥା ଅଭିଭାବକ ମହଲରେ ଭାବ ବିହ୍ୱଳତା ଦେଖାଦେଇଥିଲା ।

## ଦୁର୍ଘଟଣାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଧର୍ମଗଡ ବ୍ଲକ ଚିଲିଚିଲା ଗ୍ରାମର କିଛି ଯୁବକ ଗତ କିଛି ଦିନ ତଳେ ତାମିଲନାଡୁ ରାଜ୍ୟ କାନଗେୟାମ ଥାନା ସ୍ଥିତ ଏକ ଘରୋଇ ସୁତା କମ୍ପାନୀକୁ କାମ ପାଇଁ ଯାଇଥିଲେ। ରବିବାର ଚିଲିଚିଲା ଗ୍ରାମର ହେମନ୍ତ ନାଏକ ରାସ୍ତା ପାରି ହେଉଥିବାବେଳେ ବେଳେ ଟିଏନ ୪୭ ଏଇ ୬୮୮୩ ନମ୍ବର ବିଶିଷ୍ଟ ଏକ କାର୍ ଆସି ଧକ୍କା ଦେଇଥିଲା। କାରଟି ଧକ୍କା ଦେବା ଫଳରେ



ଯୁବକ ଜଣକର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଘଟଣା ସ୍ଥଳକୁ ପୋଲିସ ପହଞ୍ଚି ଶବ ଜବତ କରିବା ସହ ସୋମବାର ଶବ ବ୍ୟବଚ୍ଛେଦ ପରେ ମୃତକର ଭାଇ ଜୀବନ୍ତ ନାଏକକୁ ଶବ ହସ୍ତାନ୍ତର କରିଥିଲେ। ମଙ୍ଗଳବାର ରାତ୍ରିରେ ଶବ ଗାଁକୁ ଫେରିବ ବୋଲି ସୂଚନା ମିଳିଛି। ତାଙ୍କର ମୃତ୍ୟୁରେ ସରପଞ୍ଚ ମନୋଜ କୁମାର ନାଏକ, ସମିତି ସଭ୍ୟା ଇନ୍ଦୁମତି ମାଝୀ, ଗାଁ ଝାଙ୍କର ତ୍ରିଭୁବନ ମାଝୀ, ଢଗ ନାଏକ, ସତ୍ୟବାନ ନାଏକ, ସୁବାଷ ଚନ୍ଦ୍ର ଧଙ୍ଗଡା ମାଝୀ, ସବ୍ୟସଚି ସାଗର, ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

### ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମଙ୍କ ଜନ୍ମ ଜୟନ୍ତୀ

## 'ପାଠ ପଢ଼ିବା ସହ ସଂସ୍କାରୀ ହେବା ଜରୁରି'

କୋକସରା, (ଭାସ୍କର ନ୍ୟୁଜ୍): କୋକସରା ବ୍ଲକ ବ୍ରାହ୍ମଣସେନା ପକ୍ଷରୁ ମଙ୍ଗଳବାର ଲଦୁଗାଁ ଜଗନ୍ନାଥ ମନ୍ଦିର ପରିସରରେ ଭଗବାନ ପର୍ଶୁରାମଙ୍କ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ଏହି କ୍ରମରେ ସ୍ଥାନୀୟ ମାଝୀପଡା ଶିବ ମନ୍ଦିର ନିକଟରୁ ଏକ ବିରାଟ ଶୋଭାଯାତ୍ରା ବାହାରି ହନୁମାନ ଛକ ଦେଇ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚି ଥିଲେ। ଏହାପରେ ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ ପାଳନ ଓ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜବାହରଲାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ମୁଖ୍ୟବକ୍ତା, କୋକସରା




ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ରାଧେଶ୍ୟାମ ଅଗ୍ରୱାଲ, ବ୍ଲକ ବ୍ରାହ୍ମଣ ସମାଜ ସଭାପତି ତ୍ରିନାଥ ଠାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଠ ପଢ଼ିବା ଯେତିକି ଜରୁରୀ ସଂସ୍କାରୀ ହେବା ମଧ୍ୟ ସେତିକି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏହି କ୍ରମରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ପୂଜାକାର୍ଯ୍ୟ, ସାମୁହିକ ଆରତୀ, ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକ ମାନଙ୍କ ଉଦ୍ଦେଶ୍ୟରେ ଶୋକସଭା ଆଦି କରାଯାଇଥିଲା। ବ୍ଲକ ସଭାପତି ଶ୍ରୀମନ୍ତ ପାଢୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଈଶ୍ୱରୀ ପ୍ରସାଦ ଅଗସ୍ତି ଓ ଗୋଦାବରୀଶ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବ୍ଲକ ସମ୍ପାଦକ ସଞ୍ଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଜିତେନ୍ଦ୍ର ପଣ୍ଡା, ଦାଶରଥି ବେହେରା, ଭୁବନେଶ୍ୱର ପୁରୋହିତ, ଭାରତ ଭୂଷଣ ଠାକୁର, ଶଶାଙ୍କ ମୌଳି ପାଢ଼ୀ, ଶ୍ରୀକାନ୍ତ ଶର୍ମା, ମନୋଜ ଶର୍ମା, ଅମୂଲ୍ୟ ଅଗସ୍ତି, ସତ୍ୟନାରାୟଣ ଠାକୁର, ମନୋରଞ୍ଜନ ପୁରୋହିତ ଲାଲୁ ପାଢ଼ୀ, ଜୟ ଶଙ୍କର ପାଠୀ, ରାଜୁ ଶର୍ମା, ଅମିତ ଶର୍ମା, ପ୍ରଜ୍ଞାବାହିନୀ ସଭାନେତ୍ରୀ ସୀମନ୍ତିନୀ ପଣ୍ଡା, ସମ୍ପାଦିକା ବିଷ୍ଣୁପ୍ରିୟା ଠାକୁର ସମେତ ବ୍ଲକର ବିଭିନ୍ନ ସ୍ଥାନରୁ ସମାଜର କର୍ମକର୍ତ୍ତା, ପ୍ରଜ୍ଞାବାହିନୀ ଓ ପର୍ଶୁରାମ ସୋନାର ଶତାଧିକ ସଦସ୍ୟ ଯୋଗଦେଇ ଥିଲେ।

## ବିଦ୍ୟୁତ୍ ସର୍ଟସର୍କିଟରୁ ଜଳିଗଲା ଟ୍ରକ୍

ଲାଞ୍ଜିଗଡ଼,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ନର୍ଲା ଥାନା ସିକେରକୁପା ଫାଣ୍ଡି ଅନ୍ତର୍ଗତ ଭବାନୀପାଟଣା-ରାୟଗଡା ୬ନଂ. ରାଜ୍ୟ ରାଜପଥ କିଡିଙ୍ଗ ଗ୍ରାମ ନିକଟରେ ସୋମବାର ଏକ ମାଲବାହୀ ଟ୍ରକ୍‌ରେ ବିଦ୍ୟୁତ୍ ସର୍ଟସର୍କିଟ ହୋଇ ନିଆଁ ଲାଗିଯାଇଥିଲା। ମହାରାଷ୍ଟ୍ର ନାଗପୁରରୁ ସିଜି୦୮ଏଏକ୍ସ-୧୮୨୭ନଂ. ବିଶିଷ୍ଟ ଟ୍ରକ୍ ଲାଞ୍ଜିଗଡ କାରଖାନାକୁ ଜେନେରେଟର ନେଇ ଆସୁଥିବା ବେଳେ ଏଭଳି ଘଟଣା ଘଟିଥିଲା। ନିଆଁ ଲାଗିବା ଦେଖି ଟ୍ରକ୍ ଚାଳକ ଓ ହେଲ୍‌ପର ଗାଡିରୁ ବାହାରିଯାଇ ଜୀବନ ବଞ୍ଚାଇଥିଲେ। ଖବରପାଇ ନର୍ଲା, ଭବାନୀପାଟଣା ଓ ଲାଞ୍ଜିଗଡ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫାଣ୍ଡି ଅଧିକାରୀ ମୀନକେତନ ଶବର ଓ ଏସ୍‌ଆଇ ବିଶ୍ୱନାଥ ମହଲା ସହ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

## ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଧ୍ରୁବଚରଣ ଚରଣ ମୁଦୁଲି ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ, ଏସ୍‌ପି ନାଗରାଜ ଦେବେରକୋଣ୍ଡା, ତହସିଲଦାର ନିରୋଜ କୁମାର ଭତ୍ରା, ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ହିତାଧିକାରୀଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ବ୍ଲକର ସମସ୍ତ ଲାଇନ ବିଭାଗ, ଜେଇ, ଏଏଇ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଦେବେନ୍ଦ୍ର କୁମାର ମହାନନ୍ଦ, ଜିପିଡିଓ ତ୍ରିଲୋଚନ ନାଏକ, ବିଏସ୍‌ଏସ୍‌ଓ ସୁନାରାମ ସୋରେନ, ବ୍ଲକ ଯୋଗାଣ ଅଧିକାରୀ ବିଭୂ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା




ଧର୍ମଗଡ଼ (ଭାସ୍କର ନ୍ୟୁଜ): ଭାବବିହ୍ୱଳ ପରିବେଶ। ସମସ୍ତଙ୍କ ଆଖିରେ ଲୁହ। ପ୍ରିୟ ଗୁରୁଙ୍କ ବିଦାୟ ସତେ ଯେମିତି ଛାତ୍ରଛାତ୍ରୀ ଓ ଗ୍ରାମବାସୀ ତଥା ସହ ଶିକ୍ଷକଙ୍କୁ ବ୍ୟଥିତ କରିଛି। କେବଳ ସେ ଜଣେ ଗୁରୁ ନଥିଲେ ଉପଦେଷ୍ଟା ପ୍ରେରଣାଦାୟକ ତଥା ମାର୍ଗ ଦର୍ଶକ ଭାବେ ଗାଁ ର ଛାତ୍ରଛାତ୍ରୀଙ୍କ ଦିଗଦର୍ଶକ ରହିଥିଲେ। ମଙ୍ଗଳବାର ସେ ଅବସର ଗ୍ରହଣ କରିଛନ୍ତି। ଏପରିପ୍ରେକ୍ଷୀରେ ବିଦ୍ୟାଳୟ ପ୍ରାଙ୍ଗଣେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷକ ସଂଘ ସଂଗଠକ ପଦ୍ମଲୋଚନ ନାଏକ , ମୁଖ୍ୟବକ୍ତା -ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା, ଧର୍ମଗଡ଼ ବ୍ଲକ ଶିକ୍ଷକ ସଂଘ ସଭାପତି କ୍ଷେତ୍ର ମୋହନ ମାଝୀ ସମ୍ପାଦକ ଆଶିଷ ପ୍ରଧାନୀ , ବିଦ୍ୟାଳୟ ପ୍ରତିଷ୍ଠାତା ଚନ୍ଦ୍ରଧ୍ୱଜ ଭକ୍ତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମାଆ ବାଗଦେବୀ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପୂଜାର୍ଚ୍ଚନା କରାଯାଇଥିଲା। ୧୯୮୭ମସିହାରେ ଧର୍ମଗଡ଼ ବ୍ଲକ କଦଲିମୁଣ୍ଡା ଠାରେ ଗାଁ ଲୋକଙ୍କ ପ୍ରଚେଷ୍ଟା ରେ ନିତ୍ୟା ନନ୍ଦ ଭକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସାହୁ ସୁଦୂର ନୟାଗଡ଼ରୁ ଆସି ୧୯୯୨ ମସିହାରେ ବିଦ୍ୟାଳୟ ରେ ଯୋଗ ଦେଇଥିଲେ। ସେ ଯୋଗ ଦେବା ପରେ ବିନା ପ୍ରୋତ୍ସାହରେ ମଧ୍ୟ ଅହରହ ଛାତ୍ରଛାତ୍ରୀ ପାଠ ପଢେଇବାରେ କେବେ ବି ଅବହେଳା କରି ନ ଥିଲେ। ଏହି ବେସରକାରୀ ବିଦ୍ୟାଳୟ ତିଷ୍ଠି ରହିବାରେ ତାଙ୍କର ପ୍ରମୁଖ ଭୂମିକା ଥିବା ଗ୍ରାମବାସୀ ପ୍ରକାଶ କରନ୍ତି। ବିଦ୍ୟାଳୟଟି ଗତ ୨୦୦୪ମସିହାରେ ସରକାରୀ ମାନ୍ୟତା ପାଇଥିଲା। ଦୀର୍ଘ ବର୍ଷ ଧରି ଶ୍ରୀ ସାହୁ ଏହି ବିଦ୍ୟାଳୟ ରହି ଛାତ୍ରଛାତ୍ରୀ ତଥା ଗ୍ରାମବାସୀଙ୍କ ପ୍ରିୟ ପାଲଟିଛନ୍ତି। ତାଙ୍କୁ କାର୍ଯ୍ୟକ୍ରମରେ ପୁଷ୍ପଗୁଚ୍ଛ ଉପଢୌକନ ଦେଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦାୟ ବେଳେ ସେ ଭାବ ବିହ୍ୱଳ ହୋଇ ପଡ଼ିଥିଲେ --ଆଖିରୁ ଲୁହ ଏପରି କି କଣ୍ଠରୁଦ୍ଧ ହୋଇପଡିଥିଲେ। ଅବସର କାଳୀନ ସମ୍ବର୍ଦ୍ଧନା ସଭା କୁ ଶିକ୍ଷକ ଅର୍ଜୁନ ଗୋପାଳ ପରିଚାଳନା କରିଥିବାବେଳେ ପୂର୍ବତନ ସରପଞ୍ଚ ସୁବାସ ବୋଡ଼କିଆ ଶିକ୍ଷକ ଅନିରୁଦ୍ଧ ଗୋପାଳ, ଚମ୍ପେଶ୍ୱର ବୋଡ଼କିଆ,ହେରମ୍ବସେନାପତି ପ୍ରମୁଖ ସହଯୋଗ କରିଥିଲେ।

## ଅଧାରେ ଅଟକିଛି ଡ୍ରେନେଜ୍ ପେଭର ବ୍ଲକ୍ ରାସ୍ତା କାମ

ଧର୍ମଗଡ (ଭାସ୍କର ନ୍ୟୁଜ): ପୁଣି ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗର ଅବହେଳା ପ୍ରଦର୍ଶନ ନମୁନା ଲୋକଲୋଚନ ଆସିଛି। ବିଭାଗର ଅବହେଳା ଯୋଗୁଁ ନାହିଁଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ତାର ନଗ୍ନଚିତ୍ର ଖୁଦ ଧର୍ମଗଡ ଏନଏସି ୱାର୍ଡ ନଂ ୧-ଭୀମଖୋଜ ପଡାରେ ଦେଖିବାକୁ ମିଳିଛି। ଏହି ୱାର୍ଡରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଡ୍ରେନେଜ ଓ ପେଭର ବ୍ଲକ ରାସ୍ତା କାମ ଦୀର୍ଘଦିନରୁ ଆରମ୍ଭ ହୋଇଛି। ହେଲେ ଅଧାରୁ ଅଟକି ରହିଛି କାମ। ଗତ କାଲ ବୈଶାଖୀ ବର୍ଷାରେ ଆଣ୍ଠୁଏ ପାଣିରେ ଲୋକେ ଯିବା ଆସିବା କରିବା ଦୃଶ୍ୟ ଦେଖିବାକୁ ମିଳିଛି। ଏବେ ବି କାମ ଅଧା ରହିଥିବା ବେଳେ କାଦୁଅ ସାଙ୍ଗକୁ ପାଣି ଜମି ରହିଛି। ଗୋଟାଏ ପଟେ ନିମ୍ନମାନ କାମକୁ ଅନ୍ୟପଟେ ବିଭାଗର ଅବହେଳା ଯୋଗୁ ଅସୁବିଧା ସମ୍ମୁଖୀନ ହୋଉଥିବା ଲୋକେ ଅଭିଯୋଗ କରିଛନ୍ତି। ମାସ ମାସ ଧରି କିପରି କାହିଁକି କାମ ଶେଷ ହୋଇପାରୁନି ବୋଲି ପ୍ରଶ୍ନ କରିଛନ୍ତି। ବଡ଼ ବିସ୍ମୟ ବିଷୟ କାର୍ଯ୍ୟ ଆରମ୍ଭରେ ଲୋକ ଜାଣିବା ପାଇଁ ତାର ବିବରଣୀ ସୂଚନା ଫଳକ ଟଙ୍ଗା ଯିବା ନିୟମ ଥିଲେ ହେଁ ଏଠାରେ ବ୍ୟତିକ୍ରମ ଦେଖା ଯାଇଛି। ନା ରହିଛି ସୂଚନା ଫଳକ ନା ଟଙ୍ଗା ଯାଇଛି କାର୍ଯ୍ୟର ବିବରଣୀ। ତେବେ ଏହି



ଡ୍ରେନେଜ ଓ ପେଭର ବ୍ଲକରାସ୍ତା କାମ ପାଇଁ ୫୦ଲକ୍ଷ ଟଙ୍କା ସରକାରୀ ବ୍ୟୟବରାଦ ଥିବା ଲୋକଙ୍କ ଭିତରେ ଆଲୋଚନା ହେଉଛି। କାମ ନିମ୍ନମାନର ହେଉଥିବା ବେଳେ ଅନ୍ୟପଟେ ଠିକାଦାର ଓ ବିଭାଗର ବେପରୁଆ ନୀତି ସ୍ପଷ୍ଟ ପ୍ରତିପାଦିତ କରୁଛି କି କୋଉଠି ନା କୋଉଠି ଦୁର୍ନୀତି ଗନ୍ଧ ରହିଥିବା ଚର୍ଚ୍ଚା ହେଉଛି। ବର୍ତ୍ତମାନ କାମକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଉଛି। ତୁରନ୍ତ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ୱାର୍ଡବାସୀ ଚେତାବନୀ ଦେଇଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ରାଜେଶ ମଣ୍ଡଳାଙ୍କୁ ପଚାରିବାରୁ ରାସ୍ତା ଡିସପୁଟ ରହିଥିବା ଯୋଗୁ ସମସ୍ୟା ଉଠିଛି ଖୁବ ଶୀଘ୍ର ଧର୍ମଗଡ ତହସିଲଦାର ଆସି ଚିହ୍ନଟ କରିବେ ଓ କାମ ଚାଲିବ ବୋଲି ପ୍ରକାଶ କରିଛନ୍ତି।

**ବିଭାଗର ଅବହେଳା !**

## ରାଶିଫଳ

ବୁଧବାର, ୩୦ ଏପ୍ରିଲ ୨୦୨୫



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ । ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ । ତୁମର ଖାଦ୍ୟର ଯତ୍ନ ନିଅ । କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ । ଆୟ ବୃଦ୍ଧି ପାଇବ । ପ୍ରେମ ଜୀବନ ପାଇଁ ଦିନଟି ଅନୁକୂଳ ହେବ।




**ବୃଷ:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। ଆଜି ଆପଣ କାର୍ଯ୍ୟ ସଂପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ ।



**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ ।




**କର୍କଟ:** ଆଜି ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ । ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ । ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ।



**ସିଂହ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ । ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ । ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ । ଘରୋଇ ଜୀବନରେ ସମସ୍ୟା ହୋଇପାରେ ।




**କନ୍ୟା:** ଖର୍ଚ୍ଚ ବୃଦ୍ଧି ପାଇବ । ଆୟ ସ୍ୱାଭାବିକ ହେବ । ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ । ଘରୋଇ ଜୀବନରେ ସାବଧାନ ରୁହନ୍ତୁ । ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ ।



**ତୁଳା:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ। ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । କାର୍ଯ୍ୟରେ ସଫଳତା ମିଳିବ । ପାରିବାରିକ ଜୀବନ ଖୁସି ହେବ । ଘରୋଇ ଜୀବନରେ ସୁଖ ମିଳିବ । ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ । ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ । ଅଧ୍ୟୟନରେ ଅସୁବିଧା ହେବ । ଆଜି ତୁମର ସ୍ୱାସ୍ଥ୍ୟ ଭଲ ରହିବ।




**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ। ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ ।




**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବେ ଆପଣଙ୍କ ବ୍ୟବସାୟରେ ଲାଭ ହେବ । କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ । ତୁମେ ଖୁସି ହେବ । ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ । ଆପଣ ଅନ୍ୟମାନଙ୍କ ସ୍ୱାର୍ଥ ବିଷୟରେ ଚିନ୍ତା କରିପାରିବେ ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଆୟ ବୃଦ୍ଧି ପାଇବ । ଖର୍ଚ୍ଚ ହ୍ରାସ ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ । ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ । ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ୍ୟ ବହୁତ ଖୁସି ସମୟ ପାଇବେ । କାର୍ଯ୍ୟ ସହିତ କଠିନ ପରିଶ୍ରମ କରିବାକୁ ଧ୍ୟାନ ଦେବାକୁ ପଡିବ ।



**ମୀନ:** ଆଜି କେତେକ ସମସ୍ୟା ଆସିପାରେ । ଭାଗ୍ୟ ଉପରେ ନିର୍ଭର କର ନାହିଁ । କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ । ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ । ସ୍ୱାସ୍ଥ୍ୟ ଭଲ ହେବ । ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ ।



ଫୋନ୍‌ରେ ଯୋଗାଯୋଗ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯